# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୩୧/୨୦୨୧ (୧୬ ପୃଷ୍ଠା) | Sambalpur, Tuesday, August 31/2021 | ★★

୧୭ଶ ଭାଗ ୨୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ମୀରାଙ୍କ ପାଇଁ ଚିନ୍ତିତ ଶାହିଦ**

ସ୍ତ୍ରୀ ମୀରାଙ୍କ ସ୍ୱାସ୍ଥ୍ୟ ଓ ସ୍କିନ୍ ପାଇଁ ଚିନ୍ତିତ ବଲିଉଡ୍ ଅଭିନେତା ଶାହିଦ୍ କପୁର ଇନ୍ଷ୍ଟାରେ ହେଲ୍‌ଥ ଟିପ୍ସ ମେସେଜ୍ କରୁଛନ୍ତି ।

୧୪

୧୫

**ଷ୍ଟୁଆର୍ଟ ବିନ୍ନିଙ୍କ ଅବସର**

ଅଲରାଉଣ୍ଡର ଷ୍ଟୁଆର୍ଟ ବିନ୍ନି ସୋମବାର ପ୍ରଥମ ଶ୍ରେଣୀ ଓ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି।



# ପାପୋଛ ଉପରେ ଦୁର୍ନୀତି

ହରିୟାଣାର କର୍ନାଲରେ ୨୮ ଅଗଷ୍ଟରେ ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟରଙ୍କ ନେତୃତ୍ୱରେ ଭାଜପା ବୈଠକ ଅନୁଷ୍ଠିତ ହେଉଥିବାରୁ ତାହାକୁ ବିରୋଧ କରି କୃଷକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟୋଲ୍ ପ୍ଲାଜା ନିକଟରେ ଚାଷୀଙ୍କୁ ଘଉଡ଼ାଇବା ସକାଶେ ପୋଲିସ ଲାଠି ଚାଳନା କରିବାରୁ କେତେକ ଚାଷୀ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ସୁଶୀଲ କାଜଲଙ୍କ ସେହିଦିନ ରାତିରେ ମୃତ୍ୟୁ ଘଟିଯାଇଛି। ତେବେ କର୍ନାଲର ସବ୍-ଡିଭିଜନାଲ୍ ମାଜିଷ୍ଟ୍ରେଟ୍ (ଏସ୍‌ଡିଏମ୍) ଆୟୁଷ ସିହ୍ନାଙ୍କ ବିବାଦୀୟ ନିର୍ଦ୍ଦେଶ ସଂକ୍ରାନ୍ତ ଭିଡିଓ ଭାଇରାଲ ଘଟଣା ଏବେ ଦେଶବ୍ୟାପୀ ଅନ୍ୟତମ ଆଲୋଚନାର ବିଷୟବସ୍ତୁ ପାଲଟିଛି। ଏହି ଆଇଏଏସ୍ ଅଫିସର ବିକ୍ଷୋଭ କରୁଥିବା ଚାଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଇ ଉପସ୍ଥିତ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ ଯେ, କୌଣସି କୃଷକ ଯେଭଳି ବାରିକେଡ୍ ଅତିକ୍ରମ ନ କରିବେ ସେହି ଦିଗରେ ସୁନିଶ୍ଚିତ କରିବେ। ଯଦି କେହି ବାରିକେଡ୍ ଅତିକ୍ରମ କରନ୍ତି, ତାହା ହେଲେ ସେମାନଙ୍କ ମୁଣ୍ଡ ଫାଟିଥିବା ଦରକାର। ଅର୍ଥାତ୍ ଚାଷୀଙ୍କ ମୁଣ୍ଡରେ ନିର୍ଘାତ ପ୍ରହାର ହେବା ସେ ଦେଖିବାକୁ ଚାହାନ୍ତି ବୋଲି କହିଥିଲେ। ଆୟୁଷଙ୍କ ନିର୍ଦ୍ଦେଶ ମୁତାବକ ତାହା କରାଯାଇଥିଲା। ଏସ୍‌ଡିଏମ୍ ଦେଇଥିବା ନିର୍ଦ୍ଦେଶ ସଂକ୍ରାନ୍ତ ଭିଡିଓ ଭାଇରାଲ ହେବା ପରେ ତାଙ୍କ ଅଶୋଭନୀୟ ବ୍ୟବହାରକୁ ନେଇ ଚାରିଆଡ଼େ ସମାଲୋଚନା କରାଯାଉଛି। ଏହି ପରିପ୍ରେକ୍ଷୀରେ ହରିୟାଣା ଉପମୁଖ୍ୟମନ୍ତ୍ରୀ ତଥା ଜନନାୟକ ଜନତା ପାର୍ଟି (ଜେଜେପି) ସଭାପତି ଦୁଷ୍ମନ୍ତ ଚୌତାଲା କହିଛନ୍ତି ଯେ, ସମ୍ପୃକ୍ତ ଅଫିସରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଖଟ୍ଟର କହିଛନ୍ତି, ବିକ୍ଷୋଭକାରୀଙ୍କୁ ନିୟନ୍ତ୍ରଣ କରିବା ଲାଗି ଆୟୁଷଙ୍କ ଶବ୍ଦ ଉଚ୍ଚାରଣ ଠିକ୍ ନ ଥିଲା, ତଥାପି ଆଇନ ଶୃଙ୍ଖଳା ବଜାୟ ରଖିବା ଲାଗି ଏଭଳି କରିବାକୁ ପଡ଼ିଥିଲା। ସେହିଭଳି ଜିଲା ମାଜିଷ୍ଟ୍ରେଟ ନିଶାନ୍ତ ଯାଦବ ଏସ୍‌ଡିଏମ୍ ଆୟୁଷ ଯେଉଁଭଳି ଢଙ୍ଗରେ ନିର୍ଦ୍ଦେଶ ଦେଇଛନ୍ତି ସେଥିଲାଗି ଦୁଃଖ ପ୍ରକାଶ କରିଛନ୍ତି। ଏଥିସହିତ କହିଛନ୍ତି, ଆୟୁଷ ଜଣେ ନିଷ୍ଠାବାନ୍ ଅଫିସର।

ଏଠି ମନେରଖିବାକୁ ହେବ ଯେ, ଏସ୍‌ଡିଏମ୍ ଆୟୁଷ ସିହ୍ନାଙ୍କ ନିର୍ଦ୍ଦେଶ କୌଣସି ଭାବେ ଏକ ବିରାଟ ବ୍ୟତିକ୍ରମ ଭାବିବା ଅନୁଚିତ। ଦେଶବ୍ୟାପୀ କାର୍ଯ୍ୟରତ ଥିବା ଅଧିକାଂଶ ଆଇଏଏସ୍ ଓ ଆଇପିଏସ୍ ଅଫିସର ଏହିଭଳି ମନୋଭାବ ପୋଷଣ କରି ସାଧାରଣ ନାଗରିକଙ୍କ ସହିତ ବ୍ୟବହାର କରିଥାନ୍ତି। ଏହି ଦୁଇ କ୍ୟାଡରଙ୍କ ସହଯୋଗ ବିନା ଭାରତବର୍ଷରେ ଦୁର୍ନୀତି ଘଟାଇବା ଅସମ୍ଭବ ହୋଇପଡ଼ିବ। ପରାଧୀନ ଭାରତକୁ ଶୋଷିତ କରି ରଖିବା ପାଇଁ ବ୍ରିଟିଶ୍ ଶାସକମାନେ ଏହିଭଳି ଦୁଇଟି ଗୋଷ୍ଠୀ ସୃଷ୍ଟି କରିଥିଲେ। ୧୯୪୭ରେ ମିଳିଥିବା ସ୍ୱାଧୀନତା ଦେଶରେ କେବଳ ରାଜନୈତିକ ପରିବର୍ତ୍ତନ ଆଣିଦେଇଥିଲା। ଗୋରାଙ୍କ ଜାଗାରେ ଭାରତୀୟଙ୍କୁ ସଂସଦ ଭିତରେ ଦେଖିବାକୁ ମିଳିଲା। ଅନ୍ୟପଟେ ପ୍ରଶାସନିକ ସ୍ତରରେ ଆଭିମୁଖ୍ୟ ଓ ମାନସିକତାରେ କୌଣସି ପରିବର୍ତ୍ତନ ଘଟିଲା ନାହିଁ। ଡେରାଡୁନ୍‌ସ୍ଥିତ ପ୍ରଶିକ୍ଷଣ କେନ୍ଦ୍ରରେ ସବୁ ଆଇଏଏସ୍ ଓ ଆଇପିଏସ୍ ଅଫିସର ଶିକ୍ଷା ନେଇଥାନ୍ତି। ସେଠାରେ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ଯାହା ଶିଖାଯାଇଛି ସେଥିରୁ ସାଧାରଣ ନାଗରିକଙ୍କୁ ସମ୍ମାନ ଦେବାର ଶିକ୍ଷା ଦିଆଯାଏ ନାହିଁ। ଅର୍ଥାତ୍ କରଦାତାଙ୍କ ଅର୍ଥରେ ଦରମା ପାଉଥିବା ଏହି ଗୋଷ୍ଠୀଙ୍କୁ କରଦାତାଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ ସେହି ପ୍ରଶିକ୍ଷଣର ଏକ ଅକୁହା ଅଙ୍ଗ ଭାବେ ମନେହୁଏ।

ଆଇନ ଶୃଙ୍ଖଳା ସ୍ଥିତି ବଜାୟ ରଖିବା ଲାଗି ବିକ୍ଷୋଭକାରୀଙ୍କ ଉପରେ ବିଭିନ୍ନ ଢଙ୍ଗରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ। କିନ୍ତୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବ୍ୟକ୍ତି ଲୋକଙ୍କ ମୁଣ୍ଡ ଫଟାଇବା ପାଇଁ ନିର୍ଦ୍ଦେଶ ଦେବା ଅତ୍ୟନ୍ତ ନିନ୍ଦନୀୟ। ଆଜିର ସମୟରେ ଦେଖାଯାଉଛି ପଦବୀ ପାଇବା ପୂର୍ବରୁ ଜଣେ ବ୍ୟକ୍ତି ନମ୍ର ସ୍ୱଭାବର ହୋଇଥାଆନ୍ତି। କିନ୍ତୁ ଯେତେବେଳେ ପଦବୀ ମିଳୁଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ଅହଂକାରୀ ପାଲଟି ଯାଉଛନ୍ତି। ଏହିଭଳି ଗୁଣ ସର୍ବଭାରତୀୟ ସେବାର ଅଧିକାରୀଙ୍କ କ୍ଷେତ୍ରରେ ବହୁମାତ୍ରାରେ ଦେଖିବାକୁ ମିଳୁଛି। ଏହାର ପ୍ରମୁଖ କାରଣ ହେଉଛି ଔପନିବେଶିକ ମାନସିକତା। ସାହେବ ଢଙ୍ଗରେ ଆଦବକାଇଦା ଅନୁସରଣ କରି ଲୋକଙ୍କ ଉପରେ ଅତ୍ୟାଚାର କରିବାରେ ଏମାନେ ଆନନ୍ଦ ପାଇଥାଆନ୍ତି। ଆଶ୍ଚର୍ଯ୍ୟର କଥା ଯେ, ଭାରତ ଭଳି ଗଣତାନ୍ତ୍ରିକ ଦେଶରେ ଏଭଳି ଚରିତ୍ର ପ୍ରଦର୍ଶନକୁ ଜନସାଧାରଣ ମୁଣ୍ଡପାତି ସହି ନେଉଛନ୍ତି। ଆୟୁଷଙ୍କ କଥା ଦେଖିଲେ ସେ କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ସର୍ବଭାରତୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯେଉଁ ସଂସ୍ଥା ତାଙ୍କୁ ନିଯୁକ୍ତି ଦେଇଛି ତାହାର ନାମକୁ ବୁଝିଲେ ଅଧିକାରୀମାନେ ଲୋକ ସେବା ଦିଗରେ ବ୍ରତୀ ହେବା କଥା। କିନ୍ତୁ ଦେଖାଯାଉଛି ଅନେକେ ସୁବିଧା ଓ ପଦୋନ୍ନତି ପାଇବା ଆଶାରେ ମନମୁଖୀ ଶାସକ ପାଲଟି ଯାଉଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଖଟ୍ଟରଙ୍କ ମନ୍ତବ୍ୟକୁ ଦେଖିଲେ ସ୍ପଷ୍ଟ ବୁଝାପଡୁଛି ଯେ, ରାଜନେତାମାନଙ୍କର ଦୁର୍ବଳ ଚରିତ୍ର ଯୋଗୁ ଅଫିସରଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳତା ବୃଦ୍ଧି ପାଉଛି। ସେଥିପାଇଁ ଆୟୁଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦୂରର କଥା ହରିୟାଣାର ମୁଖ୍ୟମନ୍ତ୍ରୀ ତାଙ୍କୁ ପ୍ରଶଂସା କରିଛନ୍ତି।

ଆଜିର ଭାରତରେ ଦିଲ୍ଲୀରୁ ଆରମ୍ଭକରି ରାଜ୍ୟ ସରକାର ପର୍ଯ୍ୟନ୍ତ ସବୁଠି ଅମଲାତନ୍ତ୍ରୀଙ୍କ ପ୍ରାଦୁର୍ଭାବ ରହୁଥିବାରୁ ଜନସାଧାରଣ ଏହି ଅଧିକାରୀମାନଙ୍କୁ ପ୍ରକୃତ ଶାସକ ଭାବେ ଧରିନେଲେଣି। ଏଥିଯୋଗୁ ରାଜନେତାଙ୍କ ଭୂମିକା ଦିନକୁ ଦିନ ଗୌଣ ହେବାରେ ଲାଗିଲାଣି। ଫଳରେ ବିଧାନପାଳିକା ଯାହାକି ଲୋକଙ୍କ ମତକୁ ପ୍ରଶାସନରେ ପ୍ରକାଶ କରିବା କଥା ତାହା ଏବେ ଗୁରୁତ୍ୱ ହରାଉଛି। ସାଧାରଣରେ ଦେଖାଯାଉଛି ଯେ, ବିଧାୟକ ଓ ସାଂସଦମାନେ ମନ୍ତ୍ରୀଙ୍କ ଅପେକ୍ଷା ଉପଜିଲାପାଳଙ୍କଠାରୁ ଆରମ୍ଭକରି କ୍ୟାବିନେଟ୍ ସଚିବଙ୍କୁ ଓଳଗି କରିବାକୁ ପସନ୍ଦ କରୁଛନ୍ତି। ସେହିଭଳି ନିଜ କାର୍ଯ୍ୟ ହାସଲ ପାଇଁ ବଡ଼ ଶିଳ୍ପପତିମାନେ ମଧ୍ୟ ଏହି ଅଫିସରଙ୍କ ଦ୍ୱାରସ୍ଥ ହେଉଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ଭାରତବର୍ଷରେ ଅଫିସରଙ୍କ ଦ୍ୱାରସ୍ଥ ହେଲେ ନିଜର କାର୍ଯ୍ୟ ହାସଲ ହୋଇପାରୁଛି। ଦୁର୍ନୀତି ମଧ୍ୟ ତାଙ୍କରି ପ୍ରବେଶ ଦ୍ୱାରର ପାପୋଛ ଉପରେ ଶୋଇଛି।

**ତଥାଗତ ସତପଥୀ**

# ଭାରତ ପାଇଁ ସ୍ୱର୍ଣ୍ଣିମ ଦିବସ

***ଟୋକିଓଠାରେ ଅନୁଷ୍ଠିତ ପାରାଲିମ୍ପିକ୍ସରେ ଭାରତୀୟ ଖେଳାଳି ସୋମବାର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଦିନକରେ ଦୁଇଟି ସ୍ୱର୍ଣ୍ଣ ସହ ୨ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମହିଳା ଶୁଟର ଅବନି ଲେଖରା ପ୍ରଥମ ଭାରତୀୟ ମହିଳା ଭାବେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଜାଭେଲିନ୍ ଥ୍ରୋରେ ସୁମିତ୍ ଆଣ୍ଟିଲ ସ୍ୱର୍ଣ୍ଣ ପାଇ ବିଶ୍ୱରେକର୍ଡର ଅଧିକାରୀ ହୋଇଛନ୍ତି।***

## ଟୋକିଓ ପାରାଲିମ୍ପିକ୍ସରେ ଦିନକରେ ୫ ପଦକ

- **ଅବନୀ, ସୁମିତଙ୍କୁ ସ୍ୱର୍ଣ୍ଣ**
- **ଦେବେନ୍ଦ୍ର, ଯୋଗେଶଙ୍କୁ ରୌପ୍ୟ**
- **ସୁନ୍ଦର ସିଂ ଗୁର୍ଜରଙ୍କୁ ବ୍ରୋଞ୍ଜ**

**ଟୋକିଓ, ୩୦।୮**

ଟୋକିଓ ପାରାଲିମ୍ପିକ୍ସରେ ସୋମବାର ଭାରତକୁ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ସହ ଭାରତ ୫ଟି ପଦକ ମିଳିଛି। ମୋଟ ଉପରେ ଭାରତ ଏପର୍ଯ୍ୟନ୍ତ ୭ଟି ପଦକ ହାସଲ କରି ପାରାଲିମ୍ପିକ୍ସ ଇତିହାସରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ମହିଳା ଶୁଟର ଅବନୀ ଲେଖରା ଓ ଜାଭେଲିନ ଥ୍ରୋୟର ସୁମିତ ଆଣ୍ଟିଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ସେହିପରି ଅଭିଜ୍ଞ ଜାଭେଲିନ ଥ୍ରୋୟର ଦେବେନ୍ଦ୍ର ଝାଝାରିଆ ଓ ଡିସ୍‌କସ ଥ୍ରୋୟର ଯୋଗେଶ କାଥୁନିୟା ରୌପ୍ୟ ପଦକ ଜିତିଛନ୍ତି। ଅନ୍ୟତମ ଜାଭେଲିନ ଥ୍ରୋୟର ସୁନ୍ଦର ସିଂ ଗୁର୍ଜର ବ୍ରୋଞ୍ଜ ପଦକ ଜିତିଛନ୍ତି। ପାରାଲିମ୍ପିକ୍ସରେ ଗୋଟିଏ ଦିନରେ ଭାରତ ପୂର୍ବରୁ ଏଭଳି ସଫଳତା ହାସଲ କରି ନ ଥିଲା। ଏହାପୂର୍ବରୁ ୨୦୧୬ ରିଓ ଓ ୧୯୮୪ ନ୍ୟୁୟର୍କ ସିଟି ପାରାଲିମ୍ପିକ୍ସରେ ଭାରତ ୪ଟି ଲେଖାଏ ପଦକ ହାସଲ କରିଥିଲା। ପଦକ ତାଲିକାରେ ଭାରତ ଉପରକୁ ଉଠି ୨୬ତମ ସ୍ଥାନ ଅଧିକାର କରିଛି। ତେବେ ଏହି ସଫଳତା ମଧ୍ୟରେ ଭାରତକୁ ଏକ ଶକ୍ତ ଧକ୍କା ମଧ୍ୟ ଲାଗିଛି। ରବିବାର ଡିସକସ୍‌ରେ ବ୍ରୋଞ୍ଜ ହାସଲ କରିଥିବା ବିନୋଦ କୁମାରଙ୍କଠାରୁ ପଦକକୁ କାଢି ନିଆଯାଇଛି। ସେ ଏଫ୍୫୨ ବର୍ଗରେ ବ୍ରୋଞ୍ଜ ଜିତିଥିଲେ। ତାଙ୍କ ପଦକକୁ ଅମାନ୍ୟ ଘୋଷିତ କରାଯାଇଛି। ଡିଜାବିଲିଟି କ୍ଲାସିଫିକେଶନରେ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯିବା ପରେ ଏହି ନିଷ୍ପତ୍ତି ନିଆଯାଇଛି।

ସୁମିତ ଏଫ୍୬୪ ବର୍ଗରେ ବିଶ୍ୱରେକର୍ଡ ସୃଷ୍ଟି କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଫାଇନାଲରେ ୬୮.୫୫ ମିଟର ଜାଭେଲିନ ଥ୍ରୋ କରି ଇତିହାସ ସୃଷ୍ଟି କରିଛନ୍ତି। ସେହିପରି ୧୯ ବର୍ଷୀୟା ଅବନୀ ପାରାଲିମ୍ପିକ୍ ଇତିହାସରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏପର୍ଯ୍ୟନ୍ତ ପାରାଲିମ୍ପିକ୍ସରେ କୌଣସି ମହିଳା ଶୁଟିଂ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରି ନ ଥିଲେ। ସେ ଆର-୨ ମହିଳା ୧୦ ମିଟର ଏୟାର ରାଇଫଲ ଷ୍ଟାଣ୍ଡିଂ ଏସ୍‌ଏଚ୍‌ଆଇ ଇଭେଣ୍ଟ ଫାଇନାଲରେ ୨୪୯.୬ ପଏଣ୍ଟ ସ୍କୋର କରି ଏହି ଐତିହାସିକ ସଫଳତା ହାସଲ କରିଛନ୍ତି। ପୂର୍ବରୁ ୨ଥର ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅଭିଜ୍ଞ ଜାଭେଲିନ ଥ୍ରୋୟର ☞ପୃଷ୍ଠା-୪



ଅବନୀ ଲେଖରା



ସୁମିତ ଆଣ୍ଟିଲ

# ଆକାଶରୁ ଆକ୍ରମଣ ନିଷ୍ଫଳ କଲା ଆମେରିକା

**କାବୁଲ, ୩୦।୮**

ଆଫଗାନିସ୍ତାନରୁ ଆମେରିକୀୟ ଓ ଏହାର ଆଫଗାନ୍ ସହଯୋଗୀଙ୍କୁ ଉଦ୍ଧାର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଥିବାବେଳେ ଆତଙ୍କବାଦୀ ଗୋଷ୍ଠୀ ଏଥିରେ ବାଧା ଉପୁଜାଇବାକୁ ଚେଷ୍ଟା ଚଳାଇଛନ୍ତି। ହମିଦ୍ କାର୍‌ଜାଇ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଗତ ୨୬ ତାରିଖ ଆତ୍ମଘାତୀ ବିସ୍ଫୋରଣରେ ୧୩ ଆମେରିକୀୟ ସୈନ୍ୟ ନିହତ ହେବା ପରେ ଆମେରିକା ଟାର୍ଗେଟରେ ରହିଛି ଆତଙ୍କବାଦୀ ସଙ୍ଗଠନ ଆଇଏସ୍-ଖୋରାସାନ୍। ପ୍ରତିଶୋଧ ପାଇଁ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଚେତାବନୀ ସତ୍ତ୍ୱେ ଆମେରିକା କାର୍ଯ୍ୟକୁ ସହଜ ନ କରିବା ଉଦ୍ୟମରେ କାବୁଲ ଏୟାରପୋର୍ଟକୁ ପୁଣି ଟାର୍ଗେଟ କରିଛି ଆଇଏସ୍‌ଆଇଏସ୍। ରବିବାର ଆତଙ୍କବାଦୀଙ୍କ ଆକ୍ରମଣ ଯୋଜନା ପଣ୍ଡ ହେବା ପରେ ସୋମବାର ମଧ୍ୟ ବିମାନବନ୍ଦରକୁ ରକ୍ତରଞ୍ଜିତ କରିବାକୁ ଯୋଜନା ହୋଇଥିଲା। ତେବେ ଆମେରିକାର ଆଣ୍ଟି ମିଶାଇଲ ଡିଫେନ୍ସ ସିଷ୍ଟମ ଏହାକୁ ନିଷ୍ଫଳ କରିଛି।

 କାବୁଲ ବିମାନବନ୍ଦରକୁ ଟାର୍ଗେଟ କରି ସୋମବାର ସେଠାକୁ ୫ଟି ରକେଟ୍ ଛଡ଼ାଯାଇଥିଲା। ହେଲେ ଏୟାରପୋର୍ଟରେ ଲାଗିଥିବା ଆମେରିକାର ଆଣ୍ଟି-ମିଶାଇଲ ଡିଫେନ୍ସ ସିଷ୍ଟମ୍ ସେଗୁଡ଼ିକୁ ମାରି ଖସାଇଛି। ସହରର ଉତ୍ତର ଭାଗରୁ ଏହି ରକେଟଗୁଡିକ ଛଡ଼ାଯାଇଥିବା ଆଫଗାନିସ୍ତାନର ପୂର୍ବତନ ସରକାରରେ କାର୍ଯ୍ୟ କରୁଥିବା ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି। ☞ପୃଷ୍ଠା-୪



କାବୁଲ ବିମାନବନ୍ଦର ନିକଟରେ ରକେଟ ଖସି ଏକ ଗାଡ଼ି ଜଳିଯାଉଛି।

**କାବୁଲ ଏୟାରପୋର୍ଟକୁ ରକେଟ୍ ଛାଡ଼ିଥିଲା ଆଇଏସ୍**

# ସଂକ୍ରମଣ ହାର ୧% ତଳକୁ ଖସିଲା

**ଭୁବନେଶ୍ୱର, ୩୦।୮ (ବ୍ୟୁରୋ)**

**ଚିନ୍ତା ବଢ଼ାଇଲା ଦେବଗଡ଼**



ରାଜ୍ୟରେ କରୋନା ସଂକ୍ରମଣ ହାର ୧% ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ୬୪,୯୯୧ ନମୁନା ପରୀକ୍ଷା କରାଯାଇଥିବା ବେଳେ ୬୦୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ସଂକ୍ରମଣ ହାର ୦.୯୪% ରହିଛି। ସେପଟେ ଦେବଗଡ଼ ଜିଲା ଚିନ୍ତା ବଢ଼ାଇଦେଇଛି। ଦ୍ୱିତୀୟ ଲହର ପିକ୍‌ରେ ଥିବାବେଳେ ଏହି ଜିଲାରେ ସର୍ବନିମ୍ନ ଆକ୍ରାନ୍ତ ଚିହ୍ନଟ ହେଉଥିଲେ। କିନ୍ତୁ ଗତ କିଛିଦିନ ହେବ ଏଠାରେ ଅଧିକ ଆକ୍ରାନ୍ତ ଚିହ୍ନଟ ହେଉଥିବାରୁ ସଂକ୍ରମଣ ହାର ବଢ଼ିଯାଇଛି। ଏହି ଜିଲାରେ ବର୍ତ୍ତମାନ ରାଜ୍ୟର ସର୍ବାଧିକ ସଂକ୍ରମଣ ହାର ୩.୨୪% ରହିଛି। ଖୋର୍ଦ୍ଧା ଜିଲାରେ ସଂକ୍ରମଣ ହାର ୨.୧% ରହିଥିବାବେଳେ କଟକ ୧.୯%, ଢେଙ୍କାନାଳ ୧.୪%, ମୟୂରଭଞ୍ଜ ଓ ବୌଦ୍ଧରେ ୧.୨%, ଜଗତ୍‌ସିଂହପୁର ଓ ଯାଜପୁରରେ ୧.୧% ଓ ସୁନ୍ଦରଗଡ଼ରେ ୧% ରହିଛି।

ଅପରପକ୍ଷେ ଦୈନିକ ସଂକ୍ରମଣରେ ପିଲାଙ୍କ ସଂଖ୍ୟା ଶହେ ତଳକୁ ଖସିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୯୭ଜଣ ୧୮ ବର୍ଷରୁ କମ୍ ବୟସର ଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସୂଚନା ଦେଇଛି। ତେବେ ୨୬ ଜିଲାରୁ ଚିହ୍ନଟ ହୋଇଥିବା ୬୦୯ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୦୯ଜଣ ରହିଥିବାବେଳେ କଟକରୁ ୭୧ ଏବଂ ବାକି ସବୁ ଜିଲାରୁ ଆକ୍ରାନ୍ତଙ୍କ ସଂଖ୍ୟା ୫୦ ତଳକୁ ରହିଛି। ଫଳରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୦,୦୭,୧୧୨ରେ ପହଞ୍ଚିଛି। ସେହିପରି ରାଜ୍ୟରେ ଆଉ ୬୭ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ କଟକରୁ ସର୍ବାଧିକ ୨୦ଜଣ ରହିଛନ୍ତି। ☞ପୃଷ୍ଠା-୪

# ଛିଣ୍ଡୁନି ଆଖଡ଼ାଶାଳୀ ବନ୍ଦର ଝମେଲା

***କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ାର ଆଖଡ଼ାଶାଳୀଠାରେ ମହାନଦୀ ମୁହାଣରେ ନଦୀଭିତ୍ତିକ ବନ୍ଦର ନିର୍ମାଣ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିସାରିଛନ୍ତି। ଘୋଷଣା ହେବାର ୩ ବର୍ଷ ବିତି ଯାଇଥିଲେ ମଧ୍ୟ ବନ୍ଦର ନିର୍ମାଣ ପାଇଁ ହେବାକୁ ଥିବା ବୁଝାମଣା ପତ୍ର (ଏମ୍‌ଓୟୁ) ଲାଗି ବାଟ ଫିଟି ପାରୁନାହିଁ। ରାଜସ୍ୱ ଧାର୍ଯ୍ୟକୁ ନେଇ ପାରାଦୀପ ପୋର୍ଟ ଟ୍ରଷ୍ଟ (ପିପିଟି) ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସହମତି ହୋଇ ପାରୁନାହିଁ।***

- **ଘୁଞ୍ଚି ଘୁଞ୍ଚି ଯାଉଛି ଏମ୍‌ଓୟୁ**
- **୨ ମାସ ସମୟ ନେଲେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ**
- **ନଭେମ୍ବରରେ ହୋଇପାରେ ଏମ୍‌ଓୟୁ**
- **୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ**

**ଭୁବନେଶ୍ୱର, ୩୦।୮ (ବ୍ୟୁରୋ)**

ଆଖଡ଼ାଶାଳୀ ନଦୀଭିତ୍ତିକ ବନ୍ଦର ପାଇଁ ନିକଟରେ ପିପିଟି ଓ ରାଜ୍ୟ ସରକାରଙ୍କ ମଧ୍ୟରେ କଥାବାର୍ତ୍ତା ହୋଇଥିଲା। ସେହିସମୟରେ ବନ୍ଦର ପଣ୍ୟକାରବାର ଉପରେ ରାଜ୍ୟ ସରକାର ୫ରୁ ୧୨% ପର୍ଯ୍ୟନ୍ତ ରୟାଲ୍‌ଟି ଦାବି କରିଥିଲେ। ହେଲେ ବନ୍ଦର ଚଳାଇବା ଦାୟିତ୍ୱ ନେଇଥିବା ଘରୋଇ ସଂସ୍ଥା ଯାହା ପଇଠ କରିବ ସେହି ଆଧାରରେ ରୟାଲ୍‌ଟି ଦେବାକୁ ପିପିଟି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଉଛି। ଏହାଦ୍ୱାରା ରାଜ୍ୟର ବହୁକୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇପାରେ। ଫଳରେ ରାଜ୍ୟ ସରକାର ଏହି ପ୍ରସ୍ତାବ ଉପରେ ରାଜି ହେଉନାହାନ୍ତି। ଏ ଦିଗରେ ତୁରନ୍ତ ନିଷ୍ପତ୍ତି ନେବାକୁ ପିପିଟିକୁ ରାଜ୍ୟ ସରକାର କହିଥିବା ବାଣିଜ୍ୟ ଓ ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କଠାରୁ ଜଣାପଡ଼ିଛି। ଆସନ୍ତା ୨ ମାସ ମଧ୍ୟରେ ପିପିଟି ଏ ନେଇ ଚୂଡ଼ାନ୍ତ ପ୍ରସ୍ତାବ ଦେବ। ତା' ପରେ ଆସନ୍ତା ନଭେମ୍ବର ଶେଷ ସୁଦ୍ଧା ଏମ୍‌ଓୟୁ ସ୍ୱାକ୍ଷର ହୋଇପାରେ ବୋଲି ସୂଚନା ମିଳିଛି।

ଆଖଡ଼ାଶାଳୀରେ ନଦୀଭିତ୍ତିକ ବନ୍ଦରକୁ ସରକାରୀ ଘରୋଇ ଭାଗୀଦାରି (ପିପିପି) ମାଧ୍ୟମରେ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ୪ଟି ଘରୋଇ ସଂସ୍ଥା ☞ପୃଷ୍ଠା-୪



ପ୍ରସ୍ତାବିତ ଆଖଡ଼ାଶାଳୀ ବନ୍ଦର ସ୍ଥାନ।

# ଟ୍ରେନ୍ ଧକ୍କାରେ ୩ ଶ୍ରମିକ ମୃତ

**ବ୍ରହ୍ମପୁର ଅଫିସ/ଗୋପାଳପୁର (ଡି.ଏନ.ଏ.) ୩୦।୮**

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଧୀନ ହଳଦିଆପଦର ଗ୍ରାମ ନିକଟ ରେଳ ଫାଟକଠାରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ରେଳ ଧାରଣାରେ ଚାଲି ଚାଲି ଯାଉଥିବା ୩ ଶ୍ରମିକଙ୍କ ଟ୍ରେନ୍ ଧକ୍କାରେ ମୃତ୍ୟୁ ଘଟିଛି। ସେମାନେ ହେଲେ ଛତିଶଗଡ଼ ରାଜ୍ୟ ବିଳାସପୁର ଜିଲା ଅନ୍ତର୍ଗତ ବେଦପ୍ରସାଦ ଗ୍ରାମର ଲଖନୋ କେଓଟ୍ଟା, ତାଙ୍କ ପୁଅ ଜଗେଶ୍ୱର କେଓଟ୍ଟା ଓ ଅନ୍ୟ ଜଣେ ଶ୍ରମିକ ଲୋକେଶ୍ୱର କେଓଟ୍ଟା। ସୌଭାଗ୍ୟବଶତଃ ଆଉ ୪ ଜଣ ଶ୍ରମିକ ବର୍ତ୍ତି ଯାଇଛନ୍ତି। ଖବରପାଇ ସୋମବାର ବ୍ରହ୍ମପୁର ଜିଆର୍‌ପି ଓ ଆର୍‌ପିଏଫ୍ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଜିଆର୍‌ପି ୩ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ☞ପୃଷ୍ଠା-୪

# ଦିନକ ପରେ ବିଧାନସଭା

**ଭୁବନେଶ୍ୱର, ୩୦।୮ (ବ୍ୟୁରୋ)**

**ଆଜି ବିଧାୟକ ଦଳ ବୈଠକ**

ସେପ୍ଟେମ୍ବର ୧ ତାରିଖରୁ ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ସରକାରଙ୍କୁ ଘେରିବା ପାଇଁ ବିରୋଧୀ ଭାଜପା ଓ କଂଗ୍ରେସ ରଣନୀତି ପ୍ରସ୍ତୁତ କରିଛନ୍ତି। ବିରୋଧୀ ଦଳଙ୍କୁ ମୁକାବିଲା କରିବା ପାଇଁ ସରକାରୀ ଦଳ ମଧ୍ୟ ପ୍ରସ୍ତୁତ ରହିଛି । ଚଳିତ ଅଧିବେଶନ ମାତ୍ର ୮ ଦିନ ଚାଲିବ। ଏହି ସ୍ୱଳ୍ପକାଳୀନ ଅଧିବେଶନରେ ବିରୋଧୀଙ୍କ ହାତରେ ପ୍ରସଙ୍ଗ ଅନେକ ରହିଛି। ତେବେ ବିରୋଧୀ କେଉଁ ପ୍ରସଙ୍ଗକୁ ଗୁରୁତ୍ୱ ଦେବେ ତାହା ମଙ୍ଗଳବାର ହେବାକୁ ଥିବା ବିଧାୟକ ଦଳ ବୈଠକ ପରେ ହିଁ ଜଣାପଡ଼ିବ।

ରାଜ୍ୟରେ କରୋନା ମହାମାରୀ ପରିଚାଳନାଠାରୁ ଆରମ୍ଭ ☞ପୃଷ୍ଠା-୪



ମନିଲଣ୍ଡରିଂ ମାମଲାର ସାକ୍ଷୀ ଭାବେ ବଲିଉଡ୍ ଅଭିନେତ୍ରୀ ଜାକ୍‌ଲିନ ଫର୍ନାଣ୍ଡିଜ୍‌ଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଜେରା କରିଛି। ବହୁକୋଟି ଟଙ୍କା ବଟି ଆଦାୟ ରାକେଟ ଉପରେ ଇଡି ତଦନ୍ତ ଚଳାଇଛି। ଉକ୍ତ ର୍‍ୟାକେଟ ଚଳାଉଥିବା ସୁକେଶ ଚନ୍ଦ୍ରଶେଖର ନିର୍ବାଚନ କମିଶନ ସହ ସମ୍ପୃକ୍ତ ଏକ ଉତ୍କୋଚ ମାମଲାରେ ଅଭିଯୁକ୍ତ ଅଛନ୍ତି। ଜାକ୍‌ଲିନ ଅଭିଯୁକ୍ତ ହୋଇ ନ ଥିଲେ ମଧ୍ୟ ଠକ ସୁକେଶଙ୍କ ବିରୋଧରେ ଚାଲିଥିବା ମାମଲାରେ ସାକ୍ଷୀ ଥିବାରୁ ତାଙ୍କୁ ଜେରାର ସମ୍ମୁଖୀନ ହେବାକୁ ପଡ଼ିଛି।

# ଆଫଗାନ୍ ମାଟିରେ ଆମେରିକାର ଶେଷ ଦିନ

**ଆଫଗାନିସ୍ତାନରେ ଦୁଇ ଦଶକର ଲମ୍ବା ଯୁଦ୍ଧ ଶେଷ କରିଛି ଆମେରିକା। ଅଗଷ୍ଟ ୩୧ ଡେଡ୍‌ଲାଇନ ପରେ ଆଫଗାନିସ୍ତାନ ମାଟିକୁ ନିଜ ଅକ୍ତିଆରରେ ଆଉ ରଖିପାରିବେନି ଆମେରିକା ସୈନ୍ୟ। ହେଲେ ବିଡ଼ମ୍ବନାର କଥା ଯେ, ଯେଉଁ ତାଲିବାନ୍‌କୁ ହରାଇବା ପାଇଁ ୱାଶିଂଟନ୍ ୨୦ ବର୍ଷ ହେଲା ନିଜର ସବୁ ସାମର୍ଥ୍ୟ ଲଗାଇଥିଲା ଯୁଦ୍ଧ ଶେଷ ବେଳକୁ ତା'ରି ସହ ବୁଝାମଣା କରିଛି। ବିଶ୍ୱର ସୁପରପାୱାର କୁହାଯାଉଥିବା ଆମେରିକା ନିକଟରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଉନ୍ନତ ତାଲିମପ୍ରାପ୍ତ ସେନା, ସବୁଠାରୁ ଆଧୁନିକ ଟେକ୍ନୋଲୋଜି ଥିବା ସତ୍ତ୍ୱେ ତାଲିବାନ୍‌କୁ କାହିଁକି ମାତ୍ ଦେଇପାରିଲାନି ତାହାକୁ ନେଇ ସୃଷ୍ଟି ହୋଇଛି ବିରାଟ ପ୍ରଶ୍ନବାଚୀ।**

କାବୁଲ/ୱାଶିଂଟନ୍, ୩୦।୮



- ଲଢ଼େଇ ଜାରି ରହିବ:ଆମେରିକା
- ଏୟାରପୋର୍ଟ ନିୟନ୍ତ୍ରଣକୁ ନେବ ତାଲିବାନ୍
- ବହୁ ସଂଖ୍ୟାରେ ତାଲିବାନୀ ଲଢୁଆ ମୁତୟନ

ଅଗଷ୍ଟ ୩୧ ପରେ ଆଫଗାନିସ୍ତାନ ମାଟିରେ ଆଉ ଦେଖିବାକୁ ମିଳିବେନି ସଶସ୍ତ୍ର ଆମେରିକୀୟ ସୈନ୍ୟ। ତାଲିବାନ୍ ଗୋଷ୍ଠୀ ଆଫଗାନିସ୍ତାନକୁ ନିଜ ଅକ୍ତିଆରକୁ ନେବା ପରେ ଆମେରିକା ନେତୃତ୍ୱାଧୀନ ନାଟୋ ସାମରିକ ମେଣ୍ଟର ସେନା ପ୍ରତ୍ୟାହାର କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଆମେରିକା ନିଜ ନାଗରିକଙ୍କ ସମେତ ଆଫଗାନ୍ ସହଯୋଗୀଙ୍କୁ ମଧ୍ୟ ଆଫଗାନିସ୍ତାନରୁ ଉଦ୍ଧାର କରିସାରିଥିବା କହିଛି। ଉଦ୍ଧାର କାମ ପାଇଁ କାବୁଲ ବିମାନବନ୍ଦରକୁ ଆମେରିକା ନିଜ କବ୍‌ଜାରେ ରଖିଥିବାବେଳେ ଅଗଷ୍ଟ ୩୧ ଡେଡ୍‌ଲାଇନ ପରେ ତାଲିବାନ୍ ତାହାକୁ ନିୟନ୍ତ୍ରଣକୁ ଆଣିବାକୁ ବହୁ ସଂଖ୍ୟାରେ ତାଲିବାନୀ ଲଢୁଆଙ୍କୁ ମୁତୟନ କରିଛି।

ଗତ ୨୪ ଘଣ୍ଟାରେ ଯୁଦ୍ଧକାଳୀନ ଭିତ୍ତିରେ ଆମେରିକା ଏହାର ତିନି ଶହ ନାଗରିକଙ୍କ ସମେତ ପ୍ରାୟ ୨ ହଜାର ଲୋକଙ୍କୁ ଉଦ୍ଧାର କରିଛି। ଅଗଷ୍ଟ ୧୫ରେ ତାଲିବାନ୍ କାବୁଲ ଦଖଲ କରିବା ପରଠାରୁ ଆମେରିକା ପ୍ରାୟ ୧ ଲକ୍ଷ ୧୩ ହଜାର ୫ ଶହ ଜଣଙ୍କୁ ଆଫଗାନିସ୍ତାନରୁ ଇଭାକ୍ୟୁଏଟ କରିଛି। ଧାର୍ଯ୍ୟ ସମୟ ପୂର୍ବରୁ ଆମେରିକୀୟ ସୈନ୍ୟ ସଫଳତାର ସହ ଉଦ୍ଧାର କାର୍ଯ୍ୟ ଶେଷ କରିଥିବା ଆମେରିକା ଜାତୀୟ ସୁରକ୍ଷା ପରାମର୍ଶଦାତା ଜାକି ସୁଲିଭାନ କହିଛନ୍ତି। ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର ପରେ ଆଫଗାନିସ୍ତାନରେ ଆମେରିକା ଦୂତାବାସ ରହିବ ନାହିଁ ବୋଲି ଜୋ ବାଇଡେନ୍‌ଙ୍କ ପ୍ରଶାସନ ନିଷ୍ପତ୍ତି ନେଇଛି। ତେବେ ଆଫଗାନିସ୍ତାନ ଛାଡ଼ିବା ପୂର୍ବରୁ ଆମେରିକା କାର୍ଯ୍ୟରେ ବାଧା ଉପୁଜାଇଥିବା ଏବଂ ୧୩ ସୈନ୍ୟଙ୍କ ବଳିଦାନର କାରଣ ପାଲଟିଥିବା ଆତଙ୍କବାଦୀ ସଙ୍ଗଠନ ଆଇଏସ୍‌-ଖୋରାସାନ୍‌କୁ ଛଡ଼ାଯିବ ନାହିଁ ବୋଲି ବାଇଡେନ୍ ଶପଥ ନେଇଛନ୍ତି। ଆଫଗାନିସ୍ତାନ ମାଟିରେ ବିନା ଉପସ୍ଥିତିରେ ମଧ୍ୟ ଆମେରିକା ଆତଙ୍କବାଦୀଙ୍କ ଉପରେ ଆକ୍ରମଣ କରିବାକୁ ସକ୍ଷମ। ଆଗକୁ ଏହି ଲଢ଼େଇ ଜାରି ରହିବ ବୋଲି ସୁଲିଭାନ୍ କହିଛନ୍ତି।

ସେପଟେ ଆଫଗାନିସ୍ତାନରେ ଶାନ୍ତି ସ୍ଥାପନ ସହ ଗଣତନ୍ତ୍ର ପ୍ରତିଷ୍ଠାର ପ୍ରତିଶ୍ରୁତି ଦେଇ ଆମେରିକା ସୈନ୍ୟ ମୁତୟନ କରିଥିଲା। କିନ୍ତୁ ଆଫଗାନିସ୍ତାନ ସେନାକୁ ସଶକ୍ତ କରିବା ଏବଂ ସେଠାରେ ନାଗରିକ ସରକାରର ସ୍ଥାୟିତ୍ୱକୁ ସୁନିଶ୍ଚିତ ନ କରି ସୈନ୍ୟ ପ୍ରତ୍ୟାହାର ନିଷ୍ପତ୍ତିକୁ ବିଶ୍ୱ ନେତା ସମାଲୋଚନା କରିଥିଲେ। ଶାସନରୁ ହଟାଇଥିବା ତାଲିବାନ୍ ହାତରେ ପୁଣି କ୍ଷମତା ଦେଇ ଆମେରିକା ଆଫଗାନିସ୍ତାନବାସୀଙ୍କ ସହ ପ୍ରତାରଣା କରିଛି ବୋଲି କୁହାଯାଉଛି। ଏପରିକି ନିଜ ପ୍ରତିଶ୍ରୁତି ଆମେରିକା ରଖି ନ ଥିବା ଚର୍ଚ୍ଚା ହେଉଥିବାବେଳେ ଏହାକୁ ଖଣ୍ଡନ କରିଛି ଆମେରିକା। ତାଲିବାନ୍ ହାତକୁ ଆଫଗାନିସ୍ତାନ ଯିବା ପଛରେ ସମ୍ପୂର୍ଣ୍ଣ ଭାବେ ସେଠାକାର ସରକାର ଦାୟୀ ବୋଲି କହି ଆମେରିକା ନିଜ ହାତ ଝାଡ଼ି ଦେଇଛି। ସ୍ଥାୟୀ ସରକାର ନୁହେଁ ବରଂ ସେଠାରେ ଅଲକାଏଦା ଆତଙ୍କବାଦୀଙ୍କୁ ସମୂଳେ ଧ୍ୱଂସ କରିବାକୁ ଆମେରିକା ସୈନ୍ୟ ଆଫଗାନିସ୍ତାନରେ ମୁତୟନ ଥିଲେ ବୋଲି ଆମେରିକା ସଫେଇ ଦେଇଛି।

## ଡ୍ରୋନ୍ ଷ୍ଟ୍ରାଇକ୍‌ରେ ମରିଛନ୍ତି ୧୦ ନାଗରିକ



କାବୁଲ, ୩୦।୮

କାବୁଲ ବିମାନବନ୍ଦରରେ ଆଇଏସ୍-ଖୋରାସାନ୍‌ର ବିସ୍ଫୋରଣ ଉଦ୍ୟମ ପଣ୍ଡ କରିବାକୁ ଯାଇ ରବିବାର ଆମେରିକା କରିଥିବା ଡ୍ରୋନ୍ ଷ୍ଟ୍ରାଇକ୍‌ରେ ୧୦ ଆଫ୍‌ଗାନ୍‌ଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ବର୍ଷୀୟା ଶିଶୁଙ୍କଠାରୁ ଆରମ୍ଭ କରି ୪୦ ବର୍ଷ ବୟସର ନାଗରିକ ରହିଛନ୍ତି। ଆକ୍ରମଣରେ ଗୋଟିଏ ପରିବାରର ୧୦ ଜଣ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୬ ଶିଶୁ ରହିଥିବା ମୃତକ ପରିବାରର ଜଣେ ମହିଳା କହିଛନ୍ତି। ଆମେରିକାର ଏହି ଆକ୍ରମଣକୁ ତାଲିବାନ୍ ନିନ୍ଦା କରିଛି। ତାଲିବାନ୍ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍ କହିଛନ୍ତି, ଆଫଗାନିସ୍ତାନରେ ବିଦେଶୀ ଶକ୍ତି ଆକ୍ରମଣ କରିବା ବେଆଇନ। ଯଦି ସେଭଳି କୌଣସି ବିପଦ ସମ୍ପର୍କରେ ଆମେରିକା ନିକଟରେ ସୂଚନା ଥିଲା ତେବେ ତାଲିବାନ୍‌କୁ ଏ ନେଇ ଆଗୁଆ ଜଣାଯିବା ଉଚିତ ଥିଲା।

### ମୁଖ୍ୟ ବିନ୍ଦୁ

- ୨୦୦୧ ସେପ୍ଟେମ୍ବର ୧୧ରେ ଆମେରିକାର ୱାର୍ଲ୍ଡ ଟ୍ରେଡ୍ ସେଣ୍ଟରରେ ଅଲକାଏଦା ଆତଙ୍କବାଦୀଙ୍କ ଆକ୍ରମଣ। ଏଥିରେ ପ୍ରାୟ ୩ ହଜାର ଲୋକଙ୍କ ମୃତ୍ୟୁ।
- ଆକ୍ରମଣ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଓସାମା ବିନ୍ ଲାଡେନ୍‌ଙ୍କୁ ହତ୍ୟା ପାଇଁ ଆମେରିକାର ଅଭିଯାନ।
- ଆଫଗାନିସ୍ତାନରେ ଲାଡେନଙ୍କୁ ଶରଣ ଦେଇଥିଲା ଶାସନରେ ଥିବା ତାଲିବାନ।
- ସେପ୍ଟେମ୍ବର ୧୧ର ମାସେ ପରେ ଅଲକାଏଦା ଓ ତାଲିବାନ୍‌କୁ ହରାଇବାକୁ ଆମେରିକାର ଆକ୍ରମଣ। ଶାସନରୁ ତାଲିବାନ୍ ବିଦା।
- ଆଫଗାନିସ୍ତାନରେ ଆମେରିକା ସୈନ୍ୟ ମୁତୟନ।
- ୨୦୦୪ରେ ଆଫଗାନିସ୍ତାନରେ ଆମେରିକା ସମର୍ଥନରେ ସରକାର ଗଠନ ଏବଂ କଠୋର ତାଲିବାନୀ ଶାସନରୁ ନାଗରିକଙ୍କୁ ମୁକ୍ତି।
- ୨୦୧୧ ମେ ୧୧ରେ ପାକିସ୍ତାନରେ ଲାଡେନ୍‌ଙ୍କୁ ହତ୍ୟା କଲା ଆମେରିକା।
- ତାଲିବାନ୍ ପକ୍ଷରୁ ଆଫଗାନିସ୍ତାନରେ ଆତଙ୍କବାଦୀ ଆକ୍ରମଣ ଜାରି।
- ୨୦ ବର୍ଷରେ ଆମେରିକାର ୧ ଟ୍ରିଲିୟନ ଡଲାର ଖର୍ଚ୍ଚ। ୨୩ ଶହରୁ ଊର୍ଦ୍ଧ୍ୱ ଆମେରିକୀୟ ସୈନ୍ୟଙ୍କ ମୃତ୍ୟୁ।
- ସୈନ୍ୟ ପ୍ରତ୍ୟାହାର ପାଇଁ ୨୦୨୦ରେ ଦୋହାରେ ତାଲିବାନ୍ ସହ ଆମେରିକାର ଚୁକ୍ତି।
- ୨୦୨୧ ଅଗଷ୍ଟ ୧୫ରେ ତାଲିବାନ୍‌ର କାବୁଲ ଦଖଲ ପରେ ଆଫଗାନିସ୍ତାନରେ ଅସ୍ଥିରତା। ରାଷ୍ଟ୍ରପତି ଅଶ୍ରଫ ଗନିଙ୍କ ଦେଶ ଛାଡ଼ି ପଳାୟନ।
- ଅଗଷ୍ଟ ୨୬ରେ କାବୁଲ ବିମାନବନ୍ଦରରେ ଆଇଏସ୍-କେର ଆତ୍ମଘାତୀ ଆକ୍ରମଣ। ୧୩ ଆମେରିକୀୟ ସୈନ୍ୟଙ୍କ ସମେତ ପ୍ରାୟ ୨ ଶହ ଜଣଙ୍କ ମୃତ୍ୟୁ।
- ଏୟାରପୋର୍ଟ ଆକ୍ରମଣ ଷଡ଼ଯନ୍ତ୍ରକାରୀଙ୍କଠାରୁ ପ୍ରତିଶୋଧ ପାଇଁ ଆମେରିକାର ପ୍ରତି ଆକ୍ରମଣ।

### ସଂକ୍ଷେପରେ

## ତାଲିବାନ୍‌କୁ ସ୍ୱୀକୃତି ନ ମିଳିଲେ ଦ୍ୱିତୀୟ ୯/୧୧

ପାକିସ୍ତାନ ଏନ୍ଏସ୍ଏଙ୍କ ଚେତାବନୀ

**ଇସ୍‌ଲାମାବାଦ, ୩୦।୮:** ତାଲିବାନକୁ ଯଦି ପାଶ୍ଚାତ୍ୟ ଦେଶଗୁଡ଼ିକ ତୁରନ୍ତ ସ୍ୱୀକୃତି ନ ଦିଅନ୍ତି, ତେବେ ଦ୍ୱିତୀୟ ୯/୧୧ ସ୍ଥିତିର ସମ୍ମୁଖୀନ ହେବେ। ପାକିସ୍ତାନର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ମୋଇଦ୍ ୟୁସୁଫ୍ ଏକ ଅନ୍ତର୍ଜାତୀୟ ଖବରକାଗଜକୁ ସାକ୍ଷାତ୍‌କାର ଦେବା ଅବସରରେ ଏଭଳି ଚେତାବନୀ ଦେଇଛନ୍ତି। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିବାବେଳେ ରବିବାର ସେ କଥା ବଦଳାଇ ସାକ୍ଷାତ୍‌କାରକୁ ଠିକ୍ ଭାବେ ଉପସ୍ଥାପନ କରାଯାଇ ନ ଥିବା କହିଛନ୍ତି। ଖବରଦାତା କ୍ରିଷ୍ଟିନା ଲାମ୍ବଙ୍କ ସହ ତାଙ୍କର ସାକ୍ଷାତ୍‌କାର ଉପରେ ବ୍ରିଟିଶ ଖବରକାଗଜ ଦି ସନ୍‌ଡେ ଟାଇମ୍ସ ସ୍ପଷ୍ଟ କରୁ ଏବଂ ଭୁଲ୍ ଉପସ୍ଥାପନାକୁ ପ୍ରତ୍ୟାହାର କରିନେଉ ବୋଲି ମୋଇଦ୍ କହିଛନ୍ତି। ଅନ୍ୟପକ୍ଷରେ ଭୁଲ୍ ଉପସ୍ଥାପନା ନେଇ ମୋଇଦ୍‌ଙ୍କ ଅଭିଯୋଗକୁ ଲାମ୍ବ ଖଣ୍ଡନ କରିଛନ୍ତି। ସାକ୍ଷାତ୍‌କାରର ରେକର୍ଡ ରହିଥିବା ସେ କହିଛନ୍ତି।

## ଟିଏମ୍‌ସିରେ ଭାଜପା ବିଧାୟକ ତନ୍ମୟ ଘୋଷ



**କୋଲକାତା, ୩୦।୮:** ପଶ୍ଚିମବଙ୍ଗ ବାଙ୍କୁରା ଜିଲ୍ଲା ବିଷ୍ଣୁପୁର ଆସନର ଭାଜପା ବିଧାୟକ ତନ୍ମୟ ଘୋଷ ଦଳ ଛାଡ଼ି ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ସାମିଲ ହୋଇଛନ୍ତି। ଫଳରେ ପଶ୍ଚିମବଙ୍ଗ ବିଧାନସଭାରେ ଭାଜପା ସଦସ୍ୟ ସଂଖ୍ୟା ସୋମବାର ୭୩କୁ ହ୍ରାସ ପାଇଛି। ସେ ବିଧାୟକ ପଦରୁ ଇସ୍ତଫା ଦେବେ କି ବୋଲି ପ୍ରଶ୍ନ ଉପରେ ତନ୍ମୟ ସିଧାସଳଖ ଉତ୍ତର ଦେଇନାହାନ୍ତି। ସବୁକିଛି ନିୟମ ଅନୁଯାୟୀ ହେବ ବୋଲି ଶିକ୍ଷାମନ୍ତ୍ରୀ ବ୍ରତ୍ୟା ବସୁ କହିଛନ୍ତି। ଭାଜପାର ରାଷ୍ଟ୍ରୀୟ ଉପାଧକ୍ଷ ଥିବା ମୁକୁଲ ରାୟ ଦଳ ଛାଡ଼ି ଟିଏମ୍‌ସିରେ ଯୋଗଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଧାୟକ ପଦରୁ ଇସ୍ତଫା ଦେଇନାହାନ୍ତି।

## ଅଧିକ ସଂକ୍ରାମକ ସି.୧.୨ ଭାରିଆଣ୍ଟ

**ନୂଆଦିଲ୍ଲୀ, ୩୦।୮:** କରୋନା ଭୂତାଣୁର ଆଉ ଏକ ନୂଆ ଭାରିଆଣ୍ଟ ସି.୧.୨ ଦକ୍ଷିଣ ଆଫ୍ରିକା ଓ ଅନ୍ୟ କେତେକ ଦେଶରେ ଚିହ୍ନଟ ହୋଇଛି। ଏହା ଅଧିକ ସଂକ୍ରମକ ହେବା ସହ ଟିକା ଉକ୍ତ ଭାରିଆଣ୍ଟଠାରୁ ସୁରକ୍ଷା ଦେଇ ନ ପାରେ ବୋଲି ଏକ ଅଧ୍ୟୟନରେ କୁହାଯାଇଛି। ସି.୧.୨ ଭାରିଆଣ୍ଟ ଚଳିତ ବର୍ଷ ମେ'ରେ ଦକ୍ଷିଣ ଆଫ୍ରିକାରେ ଠାବ ହୋଇଥିବା ଜାତୀୟ ସଂକ୍ରାମକ ରୋଗ ପ୍ରତିଷ୍ଠାନ (ଏନ୍ଆଇସିଡି) ଏବଂ କ୍ୱାଜୁଲୁ-ନାଟାଲ ରିସର୍ଚ୍ଚ ଇନୋଭେଶନ ଆଣ୍ଡ ସିକ୍ୱେନ୍ସିଂ ପ୍ଲାଟ୍‌ଫର୍ମ (କେଆର୍‌ଆଇଏସ୍‌ପି)ର ବୈଜ୍ଞାନିକମାନେ କହିଛନ୍ତି। ଏହା ପରେ ଚାଇନା, କଙ୍ଗୋ, ମରିସସ୍, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପର୍ତ୍ତୁଗାଲ ଏବଂ ସୁଇଜରଲାଣ୍ଡରେ ଉକ୍ତ ଭାରିଆଣ୍ଟ ଦେଖାଯାଇଛି। ଅଗଷ୍ଟ ୨୪ରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ ଦକ୍ଷିଣ ଆଫ୍ରିକାରେ ପ୍ରତି ମାସରେ ସି.୧.୨ ଜିନୋମ୍ ସଂଖ୍ୟା ବଢ଼ିଚାଲିଛି। ମେ'ରେ ୦.୨ % ଜିନୋମ ସିକ୍ୱେନ୍ସ ହୋଇଥିବାବେଳେ ଏହା ଜୁନ୍ ବେଳକୁ ୧.୬% ଏବଂ ଜୁଲାଇରେ ୨%କୁ ବୃଦ୍ଧି ପାଇଥିଲା।

# ଭାରତ ସହ ସୁସମ୍ପର୍କ ଚାହେଁ ତାଲିବାନ୍

କାବୁଲ, ୩୦।୮



ଶେର୍ ମହମ୍ମଦ ଷ୍ଟାନିକଜାଇ

ଆଫଗାନିସ୍ତାନ ପାଇଁ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଦେଶ। ତେଣୁ ଭାରତ ସହ ବାଣିଜ୍ୟିକ କାରବାର ଏବଂ କୂଟନୈତିକ ସ୍ତରରେ ତାଲିବାନ୍ ଭଲ ସମ୍ପର୍କ ଚାହେଁ ବୋଲି କହିଛନ୍ତି ଏହାର ଉପମୁଖ୍ୟ ଶେର୍ ମହମ୍ମଦ ଷ୍ଟାନିକଜାଇ। ତାଲିବାନ୍ ପକ୍ଷରୁ ଭାରତ ପ୍ରତି କୌଣସି ବିପଦ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

ଦୋହାରୁ ଦେଇଥିବା ଏକ ସାକ୍ଷାତକାରରେ ଷ୍ଟାନିକଜାଇ କହିଛନ୍ତି, ତାଲିବାନ୍ ଭାରତ, ପାକିସ୍ତାନ, ତାଜିକିସ୍ତାନ, ଇରାନ୍ ସମେତ ସମସ୍ତ ପଡ଼ୋଶୀ ଦେଶ ସହ ସୁସମ୍ପର୍କ ରଖିବାକୁ ଚାହେଁ। ଆମେରିକା ଓ ନାଟୋ ସୈନ୍ୟ ଦୀର୍ଘ ୨୦ ବର୍ଷ ହେଲା ଆଫଗାନିସ୍ତାନରେ ରହିଥିଲେ। ତଥାପି ସେମାନଙ୍କ ସହ ମଧ୍ୟ ତାଲିବାନ୍ ଭଲ ସମ୍ପର୍କ ରଖିବ। ଆଫଗାନିସ୍ତାନର ପୁନଃନିର୍ମାଣରେ ଭାରତ, ଆମେରିକା ସମେତ ସମସ୍ତ ନାଟୋ ସଦସ୍ୟ ସାମିଲ ହେବା ଆବଶ୍ୟକ। ଭାରତ ସହ ତାଲିବାନ୍ ସାଂସ୍କୃତିକ ଓ ଅର୍ଥନୈତିକ ବନ୍ଧୁତା ଆଗକୁ ଜାରି ରଖିବାକୁ ଆଶାବାଦୀ। ଆଫଗାନିସ୍ତାନରେ ତାଲିବାନ୍ ଶାସନକୁ ଆସିବା ପରେ ପାକିସ୍ତାନ ସହ ମିଶି ଭାରତ ପ୍ରତି ବିପଦ ଆଶଙ୍କା ରହିଥିବାବେଳେ ଏହାକୁ ସେ ଖଣ୍ଡନ କରିଥିଲେ। ମିଡିଆରେ ଆସୁଥିବା ଏପରି ରିପୋର୍ଟ ସମ୍ପୂର୍ଣ୍ଣ ଭୁଲ। ଆଫଗାନିସ୍ତାନ ପକ୍ଷରୁ ଭାରତ ସମେତ କୌଣସି ପଡ଼ୋଶୀ ଦେଶ ପାଇଁ ବିପଦ ସୃଷ୍ଟି କରାଯାଇନାହିଁ ଏବଂ ଆଗକୁ ମଧ୍ୟ ଏହା ହେବନି। ତାଲିବାନ୍ ଏପରି ମାନସିକତା ରଖି ନାହିଁ କି ଏ ବାବଦରେ କୌଣସି ସଙ୍କେତ ଦିଆଯାଇନାହିଁ ବୋଲି ଷ୍ଟାନିକଜାଇ କହିଛନ୍ତି।

ଭାରତ-ପାକିସ୍ତାନ ସମ୍ପର୍କରେ ଷ୍ଟାନିକଜାଇ କହିଛନ୍ତି, ଦୀର୍ଘ ବର୍ଷରୁ ଏହି ଦୁଇ ଦେଶ ମଧ୍ୟରେ ରାଜନୈତିକ ଓ ଭୌଗୋଳିକ ବିବାଦ ରହିଛି। କିନ୍ତୁ ଏହି ଦୁଇ ଦେଶ ନିଜ ଆଭ୍ୟନ୍ତରୀଣ ମାମଲା ପାଇଁ ଆଫଗାନିସ୍ତାନକୁ ବ୍ୟବହାର କରିବେ ନାହିଁ ବୋଲି ଆଶା। ଆଫଗାନିସ୍ତାନକୁ ଆଉ ଯୁଦ୍ଧ ଭୂମି କରିବାକୁ ଦିଆଯିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ଆଫଗାନ୍ ହିନ୍ଦୁ ଓ ଶିଖ୍‌ଙ୍କ ନିଜ ଦେଶ। ସେମାନେ ଅନ୍ୟତ୍ର ଯିବା ଆବଶ୍ୟକ ନାହିଁ। ସେମାନଙ୍କ ପ୍ରତି କୌଣସି ବିପଦ ନାହିଁ। ଶିଖ ଓ ହିନ୍ଦୁମାନେ ଶାନ୍ତିରେ ନିଜ ଘରେ ରହିପାରିବେ ବୋଲି ଷ୍ଟାନିକଜାଇ ପ୍ରକାଶ କରିଛନ୍ତି। ଆଫଗାନିସ୍ତାନରେ ତାଲିବାନ୍ ଶାସନ ଆରମ୍ଭ ହେଲେ ଷ୍ଟାନିକଜାଇ ଏହାର ବହିର୍ବ୍ୟାପାର ମନ୍ତ୍ରୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ସେ ଡେରାଡୁନ୍ ସ୍ଥିତ ଭାରତୀୟ ସୈନ୍ୟ ଏକାଡେମୀରୁ ସାମରିକ ପ୍ରଶିକ୍ଷଣ ନେଇଥିଲେ।

## ଉତ୍ତରାଖଣ୍ଡରେ ଭୂସ୍ଖଳନ: ୭ ମୃତ

ଡେରାଡୁନ୍, ୩୦।୮



ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲ୍ଲାରେ ବାଦଲଫଟା ବର୍ଷା ସାଙ୍ଗକୁ ଭୂସ୍ଖଳନ ଯୋଗୁ ୭ ଜଣଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ଶିଳାଖଣ୍ଡ ଖସି ସେମାନଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଜୁମ୍ମା ଗ୍ରାମର ଜାମ୍ରି ଏବଂ ତାର୍‌କୋଟଠାରେ ଏହି ବିପର୍ଯ୍ୟୟ ଘଟିଛି। ୩ ଜଣଙ୍କ ମୃତଦେହ ମିଳିଥିବାବେଳେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସ୍‌ଡିଆର୍‌ଏଫ୍) ଟିମ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ପିଥୋରାଗଡ଼ ଜିଲାପାଳ ଆଶିଷ ଚୌହାନ କହିଛନ୍ତି। ତେବେ ପ୍ରବଳ ବର୍ଷା ଲାଗି ରହିଥିବାରୁ ଉଦ୍ଧାର କାର୍ଯ୍ୟ ଆଗେଇ ପାରିନାହିଁ।

## ଦଳିତ ଦମ୍ପତି, ଝିଅଙ୍କୁ ଗଛରେ ବାନ୍ଧି ମାଡ଼

**ପଞ୍ଜାବ ସରକାରଙ୍କୁ ଏନ୍‌ସିଏସ୍‌ସି ନୋଟିସ**

**ଚଣ୍ଡିଗଡ଼, ୩୦।୮:** ପଞ୍ଜାବର ଫାଜିଲ୍‌କା ଜିଲାରେ ଦଳିତ ଦମ୍ପତି ଓ ସେମାନଙ୍କ ଝିଅଙ୍କୁ ଗଛରେ ବାନ୍ଧି ନିର୍ଘାତ ମାଡ଼ ମରାଯାଇଛି। ଏଥିସହିତ ମାଆ ଓ ନାବାଳିକା ଝିଅଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣ ସମୟର ଭିଡିଓ ଭାଇରାଲ ହେବା ପରେ ଜାତୀୟ ଅନୁସୂଚିତ ଜାତି କମିଶନ (ଏନ୍‌ସିଏସ୍‌ସି)ର ଅଧ୍ୟକ୍ଷ ବିଜୟ ସାମ୍ପଲା ପଞ୍ଜାବ ସରକାରଙ୍କୁ ନୋଟିସ ଜାରି କରି ପୋଲିସ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଛନ୍ତି। ଗତ ୨୭ ତାରିଖରେ ଫାଜିଲ୍‌କା ଜିଲାର ଏକ ଗ୍ରାମରେ କେତେଜଣ ଲୋକ ଦଳିତ ଦମ୍ପତି ଓ ତାଙ୍କ ଝିଅଙ୍କୁ ଗଛରେ ବାନ୍ଧି ମାଡ଼ ମାରିଥିଲେ। ଏନେଇ ପଞ୍ଜାବର ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଫିରୋଜପୁର ଡିଭିଜନ କମିଶନର, ଫିରୋଜପୁର ରେଞ୍ଜ ପୋଲିସ ଆଇଜି, ଫିରୋଜପୁର ଜିଲା ଡେପୁଟି କମିଶନ ଏବଂ ଏସ୍‌ପିଙ୍କୁ ନୋଟିସ ଜାରି କରାଯାଇଛି।

## ରେଗେ ସଙ୍ଗୀତ ବିଶାରଦ ଲି ପେରିଙ୍କ ପରଲୋକ

କିଙ୍ଗଷ୍ଟନ, ୩୦।୮



ଜାମାଇକାରେ ୬୦ ଦଶକରେ ବିକଶିତ ଲୋକପ୍ରିୟ ସ୍ୱତନ୍ତ୍ର ସଙ୍ଗୀତ ଶୈଳୀ 'ରେଗେ'ର ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିଥିବା ଲି ସ୍କ୍ରାଚ୍ ପେରିଙ୍କର ୮୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଉତ୍ତର ଜାମାଇକାର ଲୁସିଆସ୍ଥିତ ଏକ ହସ୍ପିଟାଲରେ ରବିବାର ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ପରଲୋକରେ ଜାମାଇକା ପ୍ରଧାନମନ୍ତ୍ରୀ ଆଣ୍ଡ୍ରୁ ହାଲନେସ୍ ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ପେରିଙ୍କ ସାଧନା ବଳରେ ରେଗେ ସଙ୍ଗୀତ ସ୍ୱତନ୍ତ୍ର ପରିଚୟ ପାଇ ବିଶ୍ୱ ପ୍ରସିଦ୍ଧ ହୋଇଥିଲା। ପେରି ଜାମାଇକାର ଜଣେ ଅସାଧାରଣ ଓ ଶ୍ରେଷ୍ଠ କଳାକାର। କେଇଥ୍ ରିଚାର୍ଡ୍ସ ଏକଦା ତାଙ୍କୁ ସାଲଭାଡର ଡଲି ଅଫ୍ ମ୍ୟୁଜିକ୍ ଭାବେ ବର୍ଣ୍ଣନା କରିଥିଲେ। ସେ ଥିଲେ ରହସ୍ୟମୟ ଏବଂ ବିଶ୍ୱ ତାଙ୍କର ବାଦ୍ୟଯନ୍ତ୍ର ଥିଲା ବୋଲି କୁହାଯାଏ। ଜଣେ ଶ୍ରେଷ୍ଠ ପ୍ରଯୋଜକ ଓ ଗାୟକ ଭାବେ ସେ ବବ୍ ମାର୍ଲି, ୱେଲେର୍ସ, ଜୁନିୟର ମୁର୍ଭିନ ପ୍ରମୁଖ ବହୁ ଆର୍ଟିଷ୍ଟଙ୍କ ସହ କାର୍ଯ୍ୟ କରିଥିଲେ। ସଙ୍ଗୀତ ସାଙ୍ଗକୁ ଯୁବସୁଲଭ ତଥା ଅବ୍ୟବସ୍ଥିତ ପୋଷାକ ପରିପାଟୀ ପାଇଁ ସେ ଜଣାଶୁଣା ଥିଲେ। ସେ ନିଜ ସମ୍ପର୍କରେ ପୌରାଣିକ କାହାଣୀ କହିବା ସହ ନିଜକୁ ଅନ୍ୟ ଜଗତର ଏଲିଏନ୍ ବୋଲି ଦାବି କରୁଥିଲେ। ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ପେରିଙ୍କ ବିୟୋଗରେ ସଙ୍ଗୀତ ଜଗତ ଜଣେ ରହସ୍ୟମୟ ସ୍ରଷ୍ଟାଙ୍କୁ ହରାଇଲା ବୋଲି ଡିଜେ ଡାଭିଡ୍ ରୋଡିଗାନ୍ କହିଛନ୍ତି।

# ମୃତ୍ୟୁ କ୍ଷେତ୍ର ପାଲଟିଛି ଏଲ୍‌ଓସି

ପୁଣେ, ୩୦।୮



- ଏନ୍‌ଡିଏ ଅମଳରେ ଯାଇଛି ଅଧିକ ଜୀବନ
- ଉପା ସମୟରେ ଅପେକ୍ଷାକୃତ ସୁରକ୍ଷିତ ଥିଲା ସୀମା

ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଏବଂ ଅନ୍ତର୍ଜାତୀୟ ସୀମା ଯବାନ ଏବଂ ସାଧାରଣ ନାଗରିକଙ୍କ ମୃତ୍ୟୁ କ୍ଷେତ୍ରରେ ପରିଣତ ହୋଇଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସମୟରେ ସୀମାପାର ଗୁଳିମାଡ଼ରେ ଉଭୟ ପକ୍ଷରୁ ଅଧିକ ଜୀବନ ଯାଇଛି। ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ଆବେଦନ ବଳରେ ଏହି ସୂଚନା ହସ୍ତଗତ ହୋଇଛି। ପୁଣେର ସୂଚନା ଅଧିକାର କର୍ମୀ ପ୍ରଫୁଲ୍ଲ ସାରଦାଙ୍କ ପକ୍ଷରୁ ଏଲ୍‌ଓସିରେ ସୀମାପାର ଗୁଳିବିନିମୟ ଓ ମୃତାହତ ସଂଖ୍ୟା ସମ୍ପର୍କରେ ଉତ୍ତର ମଗାଯାଇଥିଲା। ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୦ରୁ ୨୦୨୧ ଫେବୃୟାରୀ ମଧ୍ୟରେ ଭାରତ-ପାକ୍ ସୀମାରେ ୧୪,୪୧୧ ଥର ସୀମାପାର ଗୁଳିବିନିମୟ ଘଟି ୨୬୭ ଜଣଙ୍କ ଜୀବନ ଯାଇଛି।

ଆର୍‌ଟିଆଇ ରିପୋର୍ଟ ଅନୁଯାୟୀ ୨୦୧୦ରୁ ୨୦୧୪ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ବେଳେ ମାତ୍ର ୧,୧୭୮ ଥର ସୀମାପାର ଗୁଳି ବିନିମୟ ହୋଇଥିଲା। ଅନ୍ୟପକ୍ଷରେ ୨୦୧୫ରୁ ୨୦୨୧ ଫେବୃୟାରୀ ଏନ୍‌ଡିଏ ସରକାର ସମୟରେ ୧୩,୨୩୫ ଥର ସୀମାପାର ଗୁଳିକାଣ୍ଡ ଘଟିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସିପିଆଇଓ ତଥା ନିର୍ଦ୍ଦେଶକ (ଏସ୍‌-ଜେକେ) ଦେଇଥିବା ଉତ୍ତର ଅନୁଯାୟୀ ୨୦୧୦ରୁ ୨୦୧୪ ମଧ୍ୟରେ ସୀମାରେ ୨୦ ସୈନ୍ୟଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୫ରୁ ୨୦୨୧ ଫେବୃୟାରୀ ମଧ୍ୟରେ ଯାଇଛି ୧୧୫ ଯବାନଙ୍କ ଜୀବନ। ଅର୍ଥାତ୍ ୭ ବର୍ଷରେ ସୈନ୍ୟ ମୃତ୍ୟୁସଂଖ୍ୟା ୬ ଗୁଣ ବଢ଼ିଛି। ଏହି ସମୟ ମଧ୍ୟରେ ମୋଟ ୧୨୯ ଜଣ ନିରୀହ ଲୋକ ସୀମାପାର ଗୁଳିରେ ଜୀବନ ଦେଇଛନ୍ତି। ସେଥିରୁ ଉପା ସରକାର ସମୟରେ (୨୦୧୦-୨୦୧୪) ୧୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପରବର୍ତ୍ତୀ ୭ ବର୍ଷରେ ୧୧ ଜଣଙ୍କ ଜୀବନ ଯାଇଛି।

ସେହିପରି ଆହତଙ୍କ ସଂଖ୍ୟା ମଧ୍ୟ ଏନ୍‌ଡିଏ ସରକାରଙ୍କ ସମୟରେ ବହୁତ ବେଶି। ଗତ ୧୧ ବର୍ଷ ମଧ୍ୟରେ ସୀମାରେ ୬୬୪ ଯବାନ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୦୧୦ରୁ ୨୦୧୪ ମଧ୍ୟରେ ୯୭ ଏବଂ ୨୦୧୫ରୁ ୨୦୨୧ ଫେବୃୟାରୀ ମଧ୍ୟରେ ୫୬୭ ଜଣ ଆହତ ହୋଇଥିବା ଜଣାପଡ଼ିଛି। ୨୦୧୦ରୁ ୨୦୧୪ ମଧ୍ୟରେ ୧୩୨ ସାଧାରଣ ନାଗରିକ ସୀମାପାର ଗୁଳିମାଡ଼ରେ ଆହତ ହୋଇଥିବାବେଳେ ପରବର୍ତ୍ତୀ ୭ ବର୍ଷ ଏନ୍‌ଡିଏ ସରକାର ସମୟରେ ୫୭୬ ଜଣ ଆହତ ହୋଇଛନ୍ତି।

ଆର୍‌ଟିଆଇ ସୂଚନା ଅନୁଯାୟୀ ଉପା ସରକାର ସମୟରେ ସୀମା ଅପେକ୍ଷାକୃତ ସୁରକ୍ଷିତ ଥିଲା। ସେହି ସମୟରେ ମୋଟ ୩୮ ଜଣଙ୍କ ମୃତ୍ୟୁ ହେବା ସହ ୨୨୯ ଜଣ ଆହତ ହୋଇଥିଲେ। ଅନ୍ୟପକ୍ଷରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ୭ ବର୍ଷ ମଧ୍ୟରେ ସୀମାପାର ଗୁଳିରେ ୨୨୦ ଜଣ ଯବାନ ଓ ସାଧାରଣ ନାଗରିକଙ୍କ ଜୀବନ ଯାଇଥିବାବେଳେ ୧,୧୪୩ ଜଣ ଆହତ ହୋଇଛନ୍ତି। ୨୦୧୫ରୁ ଭାରତ-ପାକ୍ ସୀମା ଉତ୍ତେଜନାପୂର୍ଣ୍ଣ ରହିଥିଲା। ୨୦୧୫ରେ ୪୦୫ ଥର ଗୁଳି ବିନିମୟ ହୋଇଥିବାବେଳେ ୨୦୧୬ରେ ୪୪୯ ଥର, ୨୦୧୭ରେ ୯୭୧ ଥର, ୨୦୧୮ରେ ୨,୧୪୦ ଥର, ୨୦୧୯ରେ ୩,୪୭୯ ଥର ଏବଂ ୨୦୨୦ରେ ୫,୧୩୩ ଥର ଉତ୍ତେଜନା ସୃଷ୍ଟି ହୋଇଥିଲା। ୨୦୨୧ର ପ୍ରଥମ ଦୁଇ ମାସରେ ୬୫୮ ଥର ଗୁଳି ବିନିମୟ ହୋଇଛି। ଏଥିରେ ୪ ଯବାନ ନିହତ ହେବା ସହ ୬ ଯବାନ ଓ ୨ ସାଧାରଣ ଲୋକ ଆହତ ହୋଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୧,୭୪,୮୩,୭୨୬ | ୪୫,୧୯,୦୫୯ | ୧୯,୪୪,୧୮,୭୭୨ |
| ଭାରତ | ୩,୨୭,୬୫,୪୧୮ | ୪,୩୮,୫୪୬ | ୩,୧୯,୪୯,୦୯୦ |
| ଓଡ଼ିଶା | ୧୦,୦୭,୧୧୨ | ୭୯୦୧(+୫୩) | ୯,୯୨,୪୭୩ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘର ପୁନର୍ଗଠନ

ଭୁବନେଶ୍ୱର, ୩୦।୮(ବ୍ୟୁରୋ): ସୋମବାର ଭୁବନେଶ୍ୱର ସାମ୍ବାଦିକ ଭବନଠାରେ ପୂର୍ବତନ ରାଜ୍ୟ କନିଷ୍ଠ ଶିକ୍ଷକ ସଂଘ ସଭାପତି ଶ୍ରୀକାନ୍ତ ବାରିକଙ୍କ ପୌରୋହିତ୍ୟରେ ଏକ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ସମସ୍ତ ଜିଲା କନିଷ୍ଠ ଶିକ୍ଷକ ସଂଘ ସଭାପତି ଓ ପ୍ରତିନିଧିଙ୍କ ଉପସ୍ଥିତିରେ ରାଜ୍ୟ କନିଷ୍ଠ ଶିକ୍ଷକ ସଂଘର ପୁନର୍ଗଠନ କରାଯାଇଛି। ସର୍ବସମ୍ମତିକ୍ରମେ ଅକ୍ଷୟ କୁମାର ପାଢ଼ୀ (ସଭାପତି), ନେତ୍ରାନନ୍ଦ ପ୍ରଧାନ (ସମ୍ପାଦକ), ଆଦିତ୍ୟ ନାରାୟଣ ସ୍ୱାଇଁ (ମହାସଚିବ), ଗୁଲଶନ ପଣ୍ଡା (କୋଷାଧକ୍ଷ), ରଶ୍ମିରଞ୍ଜନ ସାହୁ, ଆକାଶ ପଣ୍ଡା (ରାଜ୍ୟ ସଂଯୋଜକ), ସୂର୍ଯ୍ୟାଂଶୁ ସତ୍ୟପ୍ରଜ୍ଞ ଶତପଥୀ, ସୌମ୍ୟରଞ୍ଜନ ପ୍ରଧାନ, ରାକେଶ କୁମାର ପ୍ରଧାନ, ସୁଶାନ୍ତ କୁମାର ଜେନା (କାର୍ଯ୍ୟକାରୀ ସଭାପତି), ଭାଗ୍ୟବାନ ଝାଙ୍କର, ଶୁଭସ୍ମିତା ଷଡ଼ଙ୍ଗୀ, ବିକ୍ରମ ବେହେରା, ଅଭିଷେକ ପଣ୍ଡା (ଉପସଭାପତି), ରଶ୍ମିନାରାୟଣ ମଲ୍ଲିକ, ସଚିନ ସେଠ୍, ସଞ୍ଜୟ ବେହେରା, ସ୍ୱାତି ସାଗରିକା ତ୍ରିପାଠୀ, ଚନ୍ଦନ କୁମାର ବେହେରା (ଯୁଗ୍ମ ସମ୍ପାଦକ), ତିରୁପତି ମେହେର, କୋଦଣ୍ଡ ନାୟକ, ଦୁର୍ଗାପ୍ରସାଦ ଷଡ଼ଙ୍ଗୀ, ଶିବଶଙ୍କର ପଣ୍ଡା, ପିଣ୍ଟୁ କୁମାର ଭୋଇ, ଦେବପ୍ରସାଦ ସାହୁଙ୍କୁ (କାର୍ଯ୍ୟକାରୀ ସମ୍ପାଦକ) ଭାବେ ଚୟନ କରାଯାଇଛି। ଏ ନେଇ ସଂଘ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

### ବିଧାନସଭା ପ୍ରଥମ ପର୍ଯ୍ୟାୟ କୋଭିଡ୍ ଟେଷ୍ଟ: ୨ ପଜିଟିଭ୍

ଭୁବନେଶ୍ୱର,୩୦।୮(ବ୍ୟୁରୋ): ଆସନ୍ତା ସେପ୍ଟେମ୍ବର ପହିଲାରୁ ଷୋଡ଼ଶ ବିଧାନସଭାର ସପ୍ତମ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ଗତ ୨ ଦିନ ହେବ ବାଚସ୍ପତି, ଉପବାଚସ୍ପତି, ମନ୍ତ୍ରୀ, ବିଧାୟକ, ବିଧାନସଭା କର୍ମଚାରୀ, ବିଧାନସଭା ପରିସରକୁ ଆସିବାକୁ ଥିବା ବ୍ୟକ୍ତି, ସୁରକ୍ଷା କର୍ମୀ ଓ ଖବରଦାତାମାନଙ୍କର କୋଭିଡ୍ ଟେଷ୍ଟ କରାଯାଉଛି। ତେବେ ବିଧାନସଭାରେ ରବିବାର ହୋଇଥିବା ପ୍ରଥମ ପର୍ଯ୍ୟାୟ କୋଭିଡ୍ ଟେଷ୍ଟରେ ୨ ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ସେମାନେ ଗଣମାଧମର ପ୍ରତିନିଧି ବୋଲି ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ୫୨୦ ଜଣଙ୍କର କୋଭିଡ୍ ଟେଷ୍ଟ ହୋଇଥିଲା। ବାଚସ୍ପତି, ମନ୍ତ୍ରୀ ଓ ବିଧାୟକଙ୍କର ଆର୍‌ଟି-ପିସିଆର୍ ଟେଷ୍ଟ, ଆଣ୍ଟିଜେନ ଟେଷ୍ଟ ଓ ଆଣ୍ଟି ବଡି ଟେଷ୍ଟ ହୋଇଥିଲା ବେଳେ କର୍ମଚାରୀ ଓ ଖବରଦାତାଙ୍କର କେବଳ ଆର୍‌ଟି-ପିସିଆର୍ ପରୀକ୍ଷା କରାଯାଇଛି। ଏହି ପରୀକ୍ଷା ରିପୋର୍ଟ ଆସିଛି। ହେଲେ ଏହାକୁ ସାର୍ବଜନୀନ କରାଯାଇ ନାହିଁ। ଯେଉଁ ୨ଜଣଙ୍କର ରିପୋର୍ଟ ପଜିଟିଭ୍ ଆସିଛି ସେମାନଙ୍କୁ ବିଧାନସଭାକୁ ପ୍ରବେଶ ଅନୁମତି ମିଳି ନାହିଁ। ବାକି ୫୧୮ ଜଣଙ୍କୁ ପ୍ରବେଶ ଅନୁମତି ମିଳିଛି। ଅଗଷ୍ଟ ୨୯, ୩୦ ଓ ୩୧ରେ ଅନ୍ୟ ସଦସ୍ୟଙ୍କ ଟେଷ୍ଟ ପାଇଁ ଦିନ ଧାର୍ଯ୍ୟ ହୋଇଛି।

# 'ସ୍କୁଲ ରୂପାନ୍ତର ପିଲାଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିଛି'

ଭୁବନେଶ୍ୱର,୩୦।୮(ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଗଞ୍ଜାମ ଜିଲା ହିଞ୍ଜିଳି ଓ ଶେରଗଡ଼ ବ୍ଲକ୍‌ର ୧୦ ସ୍କୁଲ୍‌କୁ ଲୋକାର୍ପିତ କରୁଛନ୍ତି। ନିକଟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ।

**୫-ଟି ସ୍କୁଲ ରୂପାନ୍ତରୀକରଣର ଶେଷ ପର୍ଯ୍ୟାୟ**
- ହିଞ୍ଜିଳିର ସମସ୍ତ ୫୦ ରୂପାନ୍ତରିତ ସରକାରୀ ସ୍କୁଲ ଲୋକାର୍ପିତ
- ପିଲାମାନଙ୍କୁ ସଫଳ ହେବା ପାଇଁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

୫-ଟି କାର୍ଯ୍ୟକ୍ରମର ହିଞ୍ଜିଳିର ସମସ୍ତ ୫୦ଟି ରୂପାନ୍ତରିତ ସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ସୋମବାର ପଞ୍ଚମ ଓ ଶେଷ ପର୍ଯ୍ୟାୟରେ ସେ ଆଉ ୧୦ଟି ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ସବୁ ଛାତ୍ରୀଛାତ୍ରଙ୍କୁ ଜୀବନରେ ସଫଳ ହେବା ପାଇଁ ଶୁଭେଚ୍ଛା ଓ ଆଶୀର୍ବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ହିଞ୍ଜିଳି ଓ ଶେରଗଡ଼ରେ ୫ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ସହିତ କଥା ହୋଇଛନ୍ତି। ସେମାନଙ୍କ ମନୋଭାବକୁ ଲକ୍ଷ୍ୟ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି,ପିଲାମାନଙ୍କ ମଧ୍ୟରେ ଏ ରୂପାନ୍ତର କାର୍ଯ୍ୟକ୍ରମ ଦୃଢ଼ ଆତ୍ମବିଶ୍ୱାସ ସୃଷ୍ଟି କରିଛି। ଏହି ନୂଆ ପରିବେଶ ପିଲାମାନଙ୍କ ମନରେ ମଧ୍ୟ ଏକ ରୂପାନ୍ତର ଆଣିପାରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି। ଲୋକାର୍ପିତ ହୋଇଥିବା ବିଦ୍ୟାଳୟଗୁଡିକ ହେଲା ସତ୍ୟଭାମା ବିଦ୍ୟାପୀଠ,ବଡ଼ଖଣ୍ଡି, ମହାତ୍ମା ଗାନ୍ଧୀ ହାଇସ୍କୁଲ, ଶେରଗଡ, ଖରିଡ଼ା ହାଇସ୍କୁଲ, ଖରିଡ଼ା, ରାମଚନ୍ଦ୍ରପୁର ହାଇସ୍କୁଲ, ରାମଚନ୍ଦ୍ରପୁର, ଶେରଗଡ଼, ମକରଝୋଳ ହାଇସ୍କୁଲ, ମକରଝୋଳ, ବରମୁଣ୍ଡଳି ହାଇସ୍କୁଲ, ବରମୁଣ୍ଡଳି, କାଞ୍ଚିଆମା ହାଇସ୍କୁଲ, କାଞ୍ଚିଆମା, ତନହର, ବାଳିକା ହାଇସ୍କୁଲ, ପିଉଳ ପଞ୍ଚାୟତ, ବ୍ରାହ୍ମଣଛାଇ ହାଇସ୍କୁଲ, ବ୍ରାହ୍ମଣଛାଇ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପାକିଡି, ଶେରଗଡ଼ ପଞ୍ଚାୟତ। ପିଲାମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତୁମମାନଙ୍କ ଉପରେ ମୋର ପୂରା ଭରସା ଅଛି। ତୁମେମାନେ ଦିନେ ବଡ଼ହେବ ଓ ଭଲ କାମ କରି ଓଡ଼ିଆ ଜାତିର ଗୌରବ ବଢ଼ାଇବ, ଏ ବିଶ୍ୱାସ ଆମ ସମସ୍ତଙ୍କ ଭିତରେ ରହିଛି। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏ ରୂପାନ୍ତର କାର୍ଯ୍ୟକ୍ରମ ଶିକ୍ଷକମାନଙ୍କ ଦାୟିତ୍ୱ ବଢ଼ାଇଛି। ପିଲାମାନେ ଯେପରି ଏହି ରୂପାନ୍ତର ସୁଯୋଗର ଠିକ୍ ଉପଯୋଗ କରିପାରିବେ, ସେଥିପ୍ରତି ଧ୍ୟାନ ଦେବା ସହିତ ସେମାନଙ୍କୁ ଠିକ୍ ଭାବରେ ଗାଇଡ୍ କରିବାକୁ ମୁଖ୍ୟମନ୍ତ୍ରୀ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି। ନିଜ ନିଜ ସ୍କୁଲର ଫଳାଫଳକୁ ଶତପ୍ରତିଶତ କରିବାପାଇଁ ଶିକ୍ଷକମାନଙ୍କ ମଧ୍ୟରେ ପ୍ରତିଯୋଗିତା ହେଲେ, ସେ ଖୁସି ହେବେ ବୋଲି କହିଛନ୍ତି।

ଏହି ୫ ଦିନ କାର୍ଯ୍ୟକ୍ରମରେ ପିଲାମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ସେମାନଙ୍କ ମନର ଖୁସି ବ୍ୟକ୍ତ କରିଛନ୍ତି। ଭବିଷ୍ୟତରେ ତୁମେ କ'ଣ ହେବାକୁ ଚାହୁଁଛ ବୋଲି ମୁଖ୍ୟମନ୍ତ୍ରୀ ଯେତେବେଳେ ପଚାରିଥିଲେ, ସେମାନେ ସମସ୍ତେ କିଏ ଡାକ୍ତର, କିଏ ଇଞ୍ଜିନିୟର ତ କିଏ ଶିକ୍ଷକ, ଆଇଏଏସ୍, ଆଇପିଏସ୍ ଅଫିସର ଓ ସାମ୍ବାଦିକ ତଥା ବିଚାରପତି ହେବେ ବୋଲି କହିଥିଲେ। ସେମାନଙ୍କ ମନରେ ଆତ୍ମବିଶ୍ୱାସର ଝଲକ ଭରି ରହିଥିଲା। ଶେଷରେ ଜନସାଧାରଣ ରୂପାନ୍ତର ସ୍କୁଲଗୁଡ଼ିକର ଯତ୍ନ ନିଜ ସମ୍ପତ୍ତି ଭଳି ନେବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ମନ୍ତ୍ରିମଣ୍ଡଳର ସଦସ୍ୟ, ଏମ୍‌ପି, ବିଧାୟକମାନେ ସମସ୍ତେ ହିଞ୍ଜିଳିରେ ୫-ଟି ସ୍କୁଲ ଟ୍ରାନ୍ସଫର୍ମେଶନ ସମ୍ପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହାଦ୍ୱାରା ଓଡ଼ିଶାର ଭବିଷ୍ୟତ ପାଇଁ ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟି ହୋଇଛି ବୋଲି ସେମାନେ କହିଥିଲେ।

ଏହି ଅବସରରେ ୧୦ଟି ଯାକ ସ୍କୁଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରିମଣ୍ଡଳର ସଦସ୍ୟ, ବିଧାୟକ, ସରପଞ୍ଚ, ପଞ୍ଚାୟତ ସଦସ୍ୟ, ସ୍କୁଲର ପୁରାତନ ଛାତ୍ରୀଛାତ୍ର, ବର୍ତ୍ତମାନର ଛାତ୍ରୀଛାତ୍ର, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି )ଭି.କେ ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସେରୋ ସର୍ଭେରେ ପିଲାଙ୍କୁ ଗୁରୁତ୍ୱ

ଭୁବନେଶ୍ୱର, ୩୦।୮(ବ୍ୟୁରୋ)

- ୧,୬୪୪ ପିଲାଙ୍କ ନମୁନା ସଂଗ୍ରହ କରାଯିବ
- ଆଜିଠାରୁ ଭୁବନେଶ୍ୱରରେ ଦୁଇଦିନିଆ ସର୍ଭେ



ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର(ଆର୍‌ଏମ୍‌ଆର୍‌ସି) ପକ୍ଷରୁ ରାଜ୍ୟସ୍ତରୀୟ ସେରୋ ସର୍ଭେ ରବିବାରଠାରୁ ଆରମ୍ଭ ହୋଇଛି। ଏହି ସର୍ଭେରେ ପିଲାଙ୍କୁ ଗୁରୁତ୍ୱ ଦିଆଯାଉଛି। ପ୍ରଥମଥର ପାଇଁ ଏଥିରେ ୧୮ବର୍ଷରୁ କମ୍ ପିଲାଙ୍କୁ ସାମିଲ କରାଯାଇଛି। ଯେହେତୁ କିଛି ଶିକ୍ଷାନୁଷ୍ଠାନ ଖୋଲିଗଲାଣି ଓ ଆଗକୁ ମଧ୍ୟ ଆଉ କିଛି ଖୋଲିବାର ଅଛି, ତେଣୁ ଶିଶୁ ଏବଂ କିଶୋରଙ୍କ ଶରୀରରେ ଆଣ୍ଟିବଡି ସୃଷ୍ଟି ହୋଇଛି କି ନାହିଁ ଆକଳନ କରିବା ଗୁରୁତ୍ୱପୂର୍ଣ୍ଣ ହୋଇଛି। ସର୍ଭେରେ ୧୨ ଜିଲାରୁ ମୋଟ ୬,୬୮୦ ନମୁନା ସଂଗ୍ରହ ଲକ୍ଷ୍ୟ ରହିଥିବାବେଳେ ସେଥିମଧ୍ୟରୁ ୧,୨୦୦ ସ୍ୱାସ୍ଥ୍ୟ କର୍ମୀ ଓ ୫,୪୮୦ ଗୋଷ୍ଠୀରୁ ନମୁନା ନିଆଯିବ। ତେବେ ଏହି ୫,୪୮୦ ମଧ୍ୟରୁ ୧,୬୪୪ ନମୁନା ୬ରୁ ୧୭ ବର୍ଷ ବୟସର ପିଲାଙ୍କଠାରୁ ସଂଗ୍ରହ କରାଯିବ। ବାକି ୩,୮୩୬ ନମୁନା ବଡ଼ ଲୋକଙ୍କଠାରୁ ଅଣାଯିବ ବୋଲି ଆର୍‌ଏମ୍‌ଆର୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଏହି ସର୍ଭେ ପାଇଁ ୧୨ ଜିଲାକୁ ୧୩୭ଟି କ୍ଲଷ୍ଟରରେ ବିଭକ୍ତ କରାଯାଇଛି। ପ୍ରତି ଜୋନ୍‌ରେ ୬ଜଣିଆ ଟିମ୍ ସାମିଲ ଅଛନ୍ତି। ନମୁନା ସଂଗ୍ରହ ପରେ ତାକୁ ସୁରକ୍ଷିତ ଭାବେ ଆର୍‌ଏମ୍‌ଆର୍‌ସିକୁ ପଠାଯାଉଛି।

ସେହିଭଳି ସାଧାରଣ ଜନତା ଏବଂ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ମଧ୍ୟରେ କୋଭିଡ୍ ଟିକାକରଣର ଆକଳନ ମଧ୍ୟ ଏହି ସର୍ଭେ ମାଧ୍ୟମରେ କରାଯିବ। ଅନ୍ୟପଟେ ଭୁବନେଶ୍ୱରରେ ମଙ୍ଗଳବାର ଓ ବୁଧବାର ସେରୋ ସର୍ଭେ ହେବ। ଏହାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ କମିଶନର(ବିଏମ୍‌ସି) ପକ୍ଷରୁ ୱାର୍ଡ ନଂ.୮, ୧୫, ୩୨, ୪୧ ଓ ୬୩ ପାଇଁ ୫ଜଣ ନୋଡାଲ ଅଫିସର ନିଯୁକ୍ତ କରାଯାଇଛି। ଏଠାରେ ପିଲାଙ୍କଠାରୁ ଆରମ୍ଭ କରି ସବୁ ବର୍ଗର ଅତି କମ୍‌ରେ ୨୦୦ଜଣଙ୍କ ନମୁନା ସଂଗ୍ରହ କରାଯିବାକୁ କୁହାଯାଇଛି। ଏ ନେଇ ବିଏମ୍‌ସି ପକ୍ଷରୁ ସୋମବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

## ପାରାଲିମ୍ପିକ୍ସରେ ଭାରତକୁ ୫ ପଦକ




## ସୀମା ସୁରକ୍ଷା, ସୀମାନ୍ତ ଅଞ୍ଚଳ ବିକାଶ ପରିଷଦ ଗଠନ ଦାବି

ଭୁବନେଶ୍ୱର, ୩୦।୮ (ବ୍ୟୁରୋ)

ଦିନକୁ ଦିନ ଆମ ରାଜ୍ୟର ସୀମା ସମସ୍ୟା ଅଧିକରୁ ଅଧିକ ଜଟିଳ ହେଉଛି। ତେଣୁ ଚଳିତ ବିଧାନସଭାରେ ସୀମା ସୁରକ୍ଷା ସମ୍ପର୍କରେ ଆଲୋଚନା କରି ସୀମା ସୁରକ୍ଷା ପରିଷଦ ଓ ସୀମାନ୍ତ ଅଞ୍ଚଳ ବିକାଶ ପରିଷଦ ଗଠନ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେବାକୁ ଉତ୍କଳ ସମ୍ମିଳନୀ ଦାବି କରିଛି। ରାଜ୍ୟଗୁଡ଼ିକ ମଧ୍ୟରେ ଥିବା ସୀମା ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର 'ସୀମା ସୁରକ୍ଷା ପରିଷଦ' ଗଠନ କରନ୍ତୁ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ପୂର୍ବରୁ ବହୁବାର ଦାବି କରାଯାଇଛି। ଏବେ ସୀମା ସମସ୍ୟା ଜଟିଳ ହେବାକୁ ବସିଥିବାରୁ ବିଧାନସଭାରେ ଏକ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରିକେନ୍ଦ୍ରକୁଅନୁରୋଧ କରିବା ପାଇଁ ସମ୍ମିଳନୀ ପକ୍ଷରୁ କୁହାଯାଇଛି। ସେହିଭଳି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଢାଞ୍ଚାରେ ସୀମାନ୍ତ ଅଞ୍ଚଳର ବିକାଶ ପାଇଁ ଏକ ବିକାଶ ପରିଷଦ ଗଠନ କରି ରାଜ୍ୟ ସୀମାରେ ବସବାସ କରୁଥିବା ରାଜ୍ୟବାସୀଙ୍କ ଉନ୍ନତି ପାଇଁ କାମ କରିବାକୁ ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଜେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ସ୍ନାତକ ଛାତ୍ରୀଛାତ୍ରଙ୍କୁ ମାର୍କଶିଟ୍ ଦିଆଯାଉ

ଭୁବନେଶ୍ୱର, ୩୦।୮(ବ୍ୟୁରୋ)

**ନବୀନଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର**



ଓଡ଼ିଶାରେ ସ୍ନାତକ(ୟୁଜି) ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ପ୍ରୋଭିଜନାଲ ମାର୍କଶିଟ୍ ଶୀଘ୍ର ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ସୋମବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି।

ଧର୍ମେନ୍ଦ୍ର ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି, ଅଗଷ୍ଟ ୧ମ ଓ ୨ୟ ସପ୍ତାହରେ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ମାଧ୍ୟମରେ ୟୁଜି ୬ଷ୍ଠ ସେମିଷ୍ଟର ପରୀକ୍ଷା ଦେଇଥିଲେ। ଏହାର ଫଳାଫଳ ପ୍ରକାଶ ପାଇ ନ ଥିବାରୁ ଛାତ୍ରୀଛାତ୍ରମାନେ କଲେଜ ଏବଂ ଓଡ଼ିଶା ଶିକ୍ଷା ବିଭାଗ ଅଧିକାରୀଙ୍କ ଏନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାସତ୍ତ୍ୱେ ଏ ପର୍ଯ୍ୟନ୍ତ ସେମାନଙ୍କୁ ପ୍ରୋଭିଜନାଲ ମାର୍କଶିଟ୍ ଦିଆଯାଇନାହିଁ। ଅନେକ ବିଶ୍ୱବିଦ୍ୟାଳୟରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ପରୀକ୍ଷାଫଳ ପ୍ରକାଶ ପାଇବା ନେଇ ପରୀକ୍ଷାର୍ଥୀମାନେ ଆଶା ଆଶଙ୍କାରେ ରହିଛନ୍ତି। ପୂର୍ବରୁ ପ୍ରୋଭିଜନାଲ ମାର୍କଶିଟ୍ ମଧ୍ୟ ନ ମିଳିବା ଯୋଗୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା କରାଯାଉଛି। ପରୀକ୍ଷାଫଳ ପ୍ରକାଶ ପାଇ ନ ଥିବାରୁ ଅନେକ ଛାତ୍ରୀଛାତ୍ରମାନେ ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଭାରଥିଆର ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବାରୁ ବଞ୍ଚିତ ହୋଇଛନ୍ତି। ମୁମ୍ବାଇ ବିଶ୍ୱବିଦ୍ୟାଳୟ, କୁମାଁଉ ବିଶ୍ୱବିଦ୍ୟାଳୟ ଭଳି ଅନେକ ବିଶ୍ୱବିଦ୍ୟାଳୟରେ ଆଡମିସନ ତାରିଖ ନିକଟବର୍ତ୍ତୀ ହେଉଥିବାରୁ ଛାତ୍ରୀଛାତ୍ରମାନେ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି। ଏହାସହ ରାଜ୍ୟ ବାହାରେ ଅଫ୍‌ଲାଇନ ମାଧ୍ୟମରେ ହେଉଥିବା ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ହସ୍ତକ୍ଷେପ କରି ଛାତ୍ରୀଛାତ୍ରଙ୍କୁ ୬ଷ୍ଠ ସେମିଷ୍ଟର ପରୀକ୍ଷାଫଳର ଫାଇନାଲ କିମ୍ବା ପ୍ରୋଭିଜନାଲ ମାର୍କଶିଟ୍ ଦେବା ପାଇଁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। ପ୍ରୋଭିଜନାଲ ମାର୍କଶିଟ୍ ଦିଆଗଲେ ପରୀକ୍ଷାର୍ଥୀମାନେ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସୁଯୋଗ ପାଇପାରିବେ ବୋଲି ସେ ଉଲ୍ଲେଖ କରିଛନ୍ତି।

# ଅନନ୍ତ, କୁମ୍‌କୁମ୍ ପାଇଲେ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ'








ନାଟ୍ୟକାର ଅନନ୍ତ ମହାପାତ୍ର ଓ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ 'କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ସମ୍ମାନ' ପ୍ରଦାନ କରାଯାଉଛି। ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଓ ଅନ୍ୟମାନଙ୍କ ଗହଣରେ ୨୦୨୦ ପାଇଁ ସମ୍ମାନିତ ବ୍ୟକ୍ତିତ୍ୱ।

ଭୁବନେଶ୍ୱର, ୩୦।୮ (ବ୍ୟୁରୋ)

**୩୪ ଶିଳ୍ପୀଙ୍କୁ ସମ୍ମାନିତ କଲା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ**
- ଡ. ରଘୁନାଥ ସାହୁ ଓ ବନ୍ଦିତା ରାୟଙ୍କୁ 'ସୁନନ୍ଦା ସମ୍ମାନ'
- ବିନୋଦ କୁମାର ପଶାୟତ ଓ ଡ. ଅଲେଖ ଚନ୍ଦ୍ର ପଢ଼ିହାରୀଙ୍କୁ 'ସାରଦା ଗୀତିକବିତା ସମ୍ମାନ'

ଦୁଇବର୍ଷ ପାଇଁ ୩୪ଜଣ ଯଶସ୍ୱୀ ଶିଳ୍ପୀଙ୍କୁ ସମ୍ମାନିତ କଲା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ। ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ସମ୍ମାନ ପ୍ରଦାନ କରିଥିଲେ। ୨୦୧୯ ବର୍ଷ ପାଇଁ ବିଶିଷ୍ଟ ନାଟ୍ୟକାର ତଥା ମଞ୍ଚ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର ଓ ୨୦୨୦ ପାଇଁ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ସମ୍ମାନ' ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ୫ ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ସହିତ ଅଙ୍ଗବସ୍ତ୍ର, ପ୍ରଶସ୍ତିପତ୍ର ଓ ବୃକ୍ଷଚାରା ପ୍ରଦାନ କରାଯାଇଛି। ସେହିପରି ନୂତନ ଭାବେ ପ୍ରବର୍ତ୍ତିତ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ନିମନ୍ତେ ପଦ୍ମଶ୍ରୀ ଡ. ସୁନନ୍ଦା ପଟ୍ଟନାୟକଙ୍କ ସ୍ମୃତିରେ ୨୦୧୯ ବର୍ଷ ପାଇଁ ଡ. ରଘୁନାଥ ସାହୁ ଓ ୨୦୨୦ ପାଇଁ ବନ୍ଦିତା ରାୟଙ୍କୁ 'ସୁନନ୍ଦା ସମ୍ମାନ' ପ୍ରଦାନ କରାଯାଇଛି। ଏଥିସହିତ ଲବ୍ଧପ୍ରତିଷ୍ଠିତ ଗୀତିକାର ସ୍ୱର୍ଗତ ସାରଦା ପ୍ରସନ୍ନ ନାୟକଙ୍କ ସ୍ମୃତିରେ ପ୍ରବର୍ତ୍ତିତ 'ସାରଦା ଗୀତିକବିତା ସମ୍ମାନ' ବିନୋଦ କୁମାର ପଶାୟତ ଓ ଡ. ଅଲେଖ ଚନ୍ଦ୍ର ପଢ଼ିହାରୀଙ୍କୁ ମିଳିଛି । ସମ୍ମାନ ବାବଦକୁ ଅଢ଼େଇ ଲକ୍ଷ ଟଙ୍କାର ଅର୍ଥରାଶି ସମେତ ଅଙ୍ଗବସ୍ତ୍ର ଓ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଛି।

ଏହା ବ୍ୟତୀତ ୨୦୧୯ ବର୍ଷ ନିମନ୍ତେ ଅଭିନୟ ପାଇଁ ନବକିଶୋର ଆଚାର୍ଯ୍ୟ ଓ ମମତା ମହାନ୍ତି, ନାଟ୍ୟ ରଚନା ପାଇଁ ସୁଧାକର ନନ୍ଦ, ନିର୍ଦ୍ଦେଶନା ପାଇଁ ହରିହର ମିଶ୍ର, ମଞ୍ଚକଳା ପାଇଁ ପ୍ରଭାସ ଚନ୍ଦ୍ର ମିଶ୍ର, ଲୋକସଙ୍ଗୀତ ପାଇଁ ରାଧାଶ୍ୟାମ ସାହୁଶର୍ମା, ଲୋକବାଦ୍ୟ ପାଇଁ ଶଙ୍କର ପ୍ରଧାନ, ଲୋକନୃତ୍ୟ ପାଇଁ କାଳୁଚରଣ ସାହୁ, ଲୋକନାଟ୍ୟ ପାଇଁ କର୍ଣ୍ଣ ଗୌଡ଼, ଯନ୍ତ୍ର ସଙ୍ଗୀତରେ ଆନଦ୍ଧ ବାଦ୍ୟ (ମର୍ଦ୍ଦଳ) ପାଇଁ ଡ. ଜଗନ୍ନାଥ କୁଅଁର, ତାରବାଦ୍ୟ ପାଇଁ କୈଳାସ ଚନ୍ଦ୍ର ପାତ୍ର, ଓଡ଼ିଶୀ ନୃତ୍ୟରେ ରତିକାନ୍ତ ମହାପାତ୍ର, ଓଡ଼ିଶୀ କଣ୍ଠ ସଙ୍ଗୀତରେ ଚନ୍ଦ୍ରମଣି ଲେଙ୍କା, ସୁଗମ ସଙ୍ଗୀତ ପାଇଁ ତାନ୍‌ସେନ୍ ସିଂଙ୍କୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି।

୨୦୨୦ ନିମନ୍ତେ ଅଭିନୟ ପାଇଁ ସୁଶୀଳା ନାୟାର ଏବଂ ବିଜୟ କୁମାର ପଟ୍ଟନାୟକ, ନାଟ୍ୟ ରଚନା ପାଇଁ ଭାସ୍କର ଚନ୍ଦ୍ର ମହାପାତ୍ର, ନିର୍ଦ୍ଦେଶନା ପାଇଁ ସୁବୋଧ ପଟ୍ଟନାୟକ, ମଞ୍ଚକଳା ପାଇଁ ପ୍ରଭାତ ମହାରଣା, ଲୋକସଙ୍ଗୀତ ପାଇଁ ନବୀନ କିଶୋର କୁଅଁର, ଲୋକବାଦ୍ୟ ପାଇଁ କିଶୋର ଚନ୍ଦ୍ର ପ୍ରଧାନ, ଲୋକନୃତ୍ୟ ପାଇଁ ନାରାୟଣ ମହାରଣା, ଲୋକନାଟ୍ୟ ପାଇଁ ନିର୍ମଳ ଚନ୍ଦ୍ର ରାଉତ, ଯନ୍ତ୍ରସଙ୍ଗୀତରେ ଆନଦ୍ଧ ବାଦ୍ୟ(ତବଲା) ପାଇଁ ଶରତ କୁମାର ପାଣି ଓ ବଂଶୀ (ସୁଷିର ବାଦ୍ୟ) ପାଇଁ ନିତ୍ୟାନନ୍ଦ ମହାପାତ୍ର, ଓଡ଼ିଶୀ ନୃତ୍ୟରେ ଗଜେନ୍ଦ୍ର ପଣ୍ଡା, ଓଡ଼ିଶୀ କଣ୍ଠ ସଙ୍ଗୀତରେ ରଘୁନାଥ ପାତ୍ର ଓ ସୁଗମ ସଙ୍ଗୀତରେ ବିଭୁଧେନ୍ଦ୍ର ଦାସଙ୍କୁ ପୁରସ୍କୃତ କରାଯାଇଛି। ପ୍ରତ୍ୟେକଙ୍କୁ ୨ଲକ୍ଷ ଟଙ୍କାର ଅର୍ଥରାଶି ସହ ସମ୍ମାନ ପ୍ରଦାନ କରାଯାଇଛି।

ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ପାଣିଗ୍ରାହୀ କହିଲେ, ଖୁବ୍‌ଶୀଘ୍ର ଲୋକକଳା ଉପରେ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯିବ। ଓଡ଼ିଶୀ ସଙ୍ଗୀତର ଅଧିକ ପ୍ରଚାର ପ୍ରସାର ପାଇଁ ଧ୍ୟାନ ଦିଆଯିବ। ଏହାଦ୍ୱାରା କେନ୍ଦ୍ର ସରକାର ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବାକୁ ବାଧ୍ୟ ହେବେ। ଏଥିସହ ଓଡ଼ିଶାର କଳା, ସଂସ୍କୃତି, ସାହିତ୍ୟ ଏବଂ ଏକାଡେମୀର ପ୍ରଚାର ପ୍ରସାର ପାଇଁ ୪ ଏକାଡେମୀର ବାର୍ଷିକ କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବ। କାର୍ଯ୍ୟକ୍ରମରେ ବିଭାଗୀୟ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ, ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଏକାଡେମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି, ଉପସଭାପତି ମନ୍ମଥ କୁମାର ଶତପଥୀ, ସଚିବ ପ୍ରବୋଧ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଭବାନୀପାଟଣା ପ୍ରତିଭା ଅନୁଷ୍ଠାନର ବଜାଶାଳ ଓ ସୋନପୁର ଝୁମ୍‌କୁଝୁମାର ସାଂସ୍କୃତିକ କାର୍ଯ୍ୟକ୍ରମ, ଗଞ୍ଜାମର ରବୀନ୍ଦ୍ର ମହାନ୍ତି ଓ ସାଥୀଙ୍କ ଘଣ୍ଟବାଦ୍ୟ ଓ ରାଜେନ୍ଦ୍ର ଏବଂ ସାଥୀଙ୍କ ଶଂଖବାଦ୍ୟରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା।

## ନିରଞ୍ଜନଙ୍କୁ ବଡ଼ ଭାଇ କହି କଥା ବଦଳାଇଲେ ତାରା

ଭୁବନେଶ୍ୱର, ୩୦।୮(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ସିଧାସଳଖ ବିଷୋଦ୍‌ଗାର କରୁଥିବା ବିଧାୟକ ତାରାପ୍ରସାଦ ବାହିନୀପତି ନିଜ ମତ ପରିବର୍ତ୍ତନ କରିଛନ୍ତି। ନିରଞ୍ଜନଙ୍କୁ ବଡ଼ଭାଇ ବୋଲି ସମ୍ବୋଧନ କରିବା ସହ ପୁରୁଣା ସମସ୍ୟା ଦୂର ହୋଇଥିବା ତାରା କହିଛନ୍ତି। ମାତ୍ର ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଦଳର ଜାତୀୟ ନେତୃମଣ୍ଡଳୀ କୌଣସି ପ୍ରକାର ଅଭିଯୋଗ ଏବଂ ମତଭେଦ ଶୁଣିବା ଲାଗି ପ୍ରସ୍ତୁତ ନ ଥିବା ସିଧାସଳଖ ଜଣାଇ ଦେଇଛନ୍ତି। ଦଳରେ ଅସନ୍ତୁଷ୍ଟ ଥିଲେ ବାହାରିଯିବାକୁ ପ୍ରଭାରୀ ଏ. ଚେଲ୍ଲାକୁମାର ସିଧାସଳଖ ଜଣାଇଦେଇଛନ୍ତି।

**WALK IN INTERVIEW**

LEPRA Society is looking for qualified candidates for the following positions. Interested candidates are invited to come for the Walk in Interview with all relevant documents and original certificates. Details as per bellow:

| Position | Qualification | No. of Post vacancy | Date & place of interview |
|---|---|---|---|
| MIS Asst. | MCA/BCA/PGDCA | 1 | 8th September 2021 at MNC, Birmaharajpur, Dist.- Sonepur, Odisha, 767018 |
| Clinical Asst. | Graduate | 1 | |
| Tr. Clinical Assistant | +2 | 1 | |

**Women candidates are encouraged to apply.**
**LEPRA Society is an equal opportunity employer**
**Registration after 11 A.M. not to be entertained.**

**DAYANAND INSTITUTE**
Dhanupali, Sambalpur- 768005
Helpline- 9114338817, 9938895475, 9437158817
**ADMISSION NOTICE**
NTT- 1year regular and correspondence course
Eligibility- +2 & Above (Only Ladies)
B. Ed- NCTE Approved (2 years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .
M.A. IN YOGA- Affiliated Utkal University of Culture, BBSR
Eligibility- Any Graduate
Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.
OFFICE TIME 8AM TO 1PM
Please visit at – dayanandgroupofinstitution.co.in

**ଆଜିର ମନ୍ତବ୍ୟ**

“ଭାରତ ଆଲୋଚନା ମାଧ୍ୟମରେ ଚାଇନା ସହ ସୀମା ବିବାଦର ସମାଧାନ ଚାହେଁ, ଏଲ୍ଏସିରେ ଏକତରଫା କାର୍ଯ୍ୟାନୁଷ୍ଠାନକୁ ଅନୁମତି ଦେବ ନାହିଁ। **-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ...............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆସିବ ଗତି ଶକ୍ତି ମାଷ୍ଟର ପ୍ଲାନ୍

■ ବିନିଯୋଗ ହେବ ୧୦୦ ଲକ୍ଷ କୋଟି

■ ମଲ୍ଟି ମୋଡାଲ ସଂଯୋଗ ବ୍ୟବସ୍ଥା ତ୍ୱରାନ୍ୱିତ ହେବ

**ନୂଆଦିଲ୍ଲୀ,୩୦।୮**

ଭିତ୍ତିଭୂମି ଦୃଢ଼ୀକରଣ ଦ୍ୱାରା ସଂଯୋଗୀକରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ କେନ୍ଦ୍ର ସରକାର ଯୋଜନା ରଖିଛନ୍ତି। ଏଥିଲାଗି ଗତି ଶକ୍ତି ମାଷ୍ଟର ପ୍ଲାନ ସେପ୍ଟେମ୍ବରରେ ଶୁଭାରମ୍ଭ ହେବ। ଏଥିରେ ୧୦୦ ଲକ୍ଷ କୋଟି ଟଙ୍କା ବିନିଯୋଗ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଦେଶର ୧୨ଶହରୁ ଊର୍ଦ୍ଧ୍ୱ ଇଣ୍ଡଷ୍ଟ୍ରିଆଲ କ୍ଲଷ୍ଟର ସମେତ ୨ ପ୍ରତିରକ୍ଷା କରିଡରକୁ ସଂଯୋଗ ବ୍ୟବସ୍ଥା କରାଯିବ। ଉକ୍ତ ଯୋଜନା ଦ୍ୱାରା ମଲ୍ଟି ମୋଡାଲ ସଂଯୋଗ ଆହୁରି ଦୃଢ଼ୀକରଣ, ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଏବଂ ଲଜିଷ୍ଟିକ ଖର୍ଚ୍ଚ କମିବ ବୋଲି ଆଶା କରାଯାଉଛି। ପ୍ରକ୍ରିୟା ସହ ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ଏହି କ୍ଲଷ୍ଟରଗୁଡିକ ମଧ୍ୟରେ ଫୁଡ୍ ପ୍ରୋସେସିଂ ପାର୍କ, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆଇଟି, ଫାର୍ମାସ୍ୟୁଟିକାଲ ଏବଂ ମେଡିକାଲ ଡିଭାଇସ୍, ଫିସିଂ କ୍ଲଷ୍ଟର ଏବଂ ହାର୍ବର ରହିଛି। ଅର୍ଥନୈତିକ ଜୋନ୍‌ଗୁଡିକୁ ଗତି ସେ ଶକ୍ତି ଟ୍ୟାଗଲାଇନରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ। ବିଭିନ୍ନ ମନ୍ତ୍ରଣାଳୟର ବିଭିନ୍ନ ପ୍ରମୁଖ ଯୋଜନା ଯଥା- ଭାରତମାଳା, ସାଗରମାଳା, ଉଡାନ, ରେଳ ଭିତ୍ତିଭୂମି ସମ୍ପ୍ରସାରଣ, ଅନ୍ତର୍ଦେଶୀୟ ଜଳପଥ ଏବଂ ଭାରତ ନେଟ୍ ଭଳି ପ୍ରକଳ୍ପ ସାମିଲ ରହିବ। ଗତି ଶକ୍ତି ସ୍କିମ୍‌ରେ ୧୯୭ ଫୁଡ୍ ପ୍ରୋସେସିଂ ପାର୍କ ଆଗ୍ରୋ କ୍ଲଷ୍ଟର, ୨୦୨ ଫିସିଂ କ୍ଲଷ୍ଟର, ହାର୍ବର, ୨ ପ୍ରତିରକ୍ଷା କରିଡର, ୧୦୯ ଫାର୍ମା ଏବଂ ମେଡିକାଲ ଡିଭାଇସ କ୍ଲଷ୍ଟର ଏବଂ ୯୦ ଟେକ୍ସଟାଇଲ କ୍ଲଷ୍ଟର ଏବଂ ପାର୍କକୁ ସଂଯୋଗ ସୁବିଧା ପ୍ରଦାନ କରାଯିବ। ଭାରତରେ ଯୋଗାଣ ଚେନ୍ ଏବଂ ଲଜିଷ୍ଟିକ ଖର୍ଚ୍ଚ ସାଧାରଣତଃ ଉଚ୍ଚରେ ରହୁଛି। ଫଳରେ ଭାରତୀୟ ପ୍ରଡକ୍ଟଗୁଡିକ ବିଶ୍ୱବଜାର ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସକ୍ଷମ ହେଉନାହିଁ। ଭାରତର ସପ୍ଲାଇ ଚେନ୍ ଏବଂ ଲଜିଷ୍ଟିକ ଖର୍ଚ୍ଚ ମୋଟ ଜିଡିପିର ୧୪% ରହିଛି। ଏହା ବିଶ୍ୱ ସ୍ତରରେ ହାରାହାରି ପ୍ରାୟ ୮% ରହିଛି। ଦେଶର ଭିତ୍ତିଭୂମି ବିକାଶରେ ୧୦୦ଲକ୍ଷ କୋଟି ଟଙ୍କା ବିନିଯୋଗ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଗଷ୍ଟ ୧୫ ଅଭିଭାଷଣରେ କହିଥିଲେ। ଜରୁରିକାଳୀନ ଭିତ୍ତିଭୂମି ବିକାଶ ଦ୍ୱାରା ସାରା ଦେଶରେ ଲଜିଷ୍ଟିକ ଖର୍ଚ୍ଚ କମାଇବା ଦିଗରେ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିଥିବା ସେ ମତ ପ୍ରକାଶ କରିଥିଲେ। ବାଣିଜ୍ୟ ମନ୍ତ୍ରଣାଳୟର ଲଜିଷ୍ଟିକ ଡିଭିଜନ ପକ୍ଷରୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। ବିଭିନ୍ନ କାର୍ଯ୍ୟ ଦେଖାରଖା ଲାଗି କ୍ୟାବିନେଟ ସଚିବଙ୍କ ଅଧ୍ୟକ୍ଷତାରେ ସଚିବ ସ୍ତରୀୟ ଏକ କମିଟି ଗଠନ କରାଯାଇଛି।

## ବିରୋଧୀ ଦଳ ନେତାଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ବୁଝିଲେ ଲାଲ୍ ସିଂହ

**ଭୁବନେଶ୍ୱର, ୩୦।୮(ବ୍ୟୁରୋ)**

୨ ଦିନିଆ ଓଡିଶା ଗସ୍ତରେ ଆସିଥିବା ଭାଜପା ଅନୁସୁଚିତ ଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ଲାଲ୍ ସିଂହ ଆର୍ଯ୍ୟ ମେଡିକାଲରେ ଚିକିତ୍ସିତ ହେଉଥିବା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କୁ ଭେଟିଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି । ସେହିପରି କୋଭିଡ୍ ସଂକ୍ରମଣରେ ପ୍ରାଣ ହରାଇଥିବା ଦଳର ଅନୁସୁଚିତ ଜାତି ମୋର୍ଚ୍ଚାର ରାଜ୍ୟ ସମ୍ପାଦିକା ସ୍ୱର୍ଗତଃ ଶାନ୍ତିଲତା ସେଠୀଙ୍କ ବାସଭବନକୁ ଯାଇ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ଏହି ଅବସରରେ ମୋର୍ଚ୍ଚାର ରାଜ୍ୟ ସଭାପତି ବିଭୁପ୍ରସାଦ ତରାଇ, ମୋର୍ଚ୍ଚାର ଓଡିଶା ପ୍ରଭାରୀ ଜୟ ପ୍ରକାଶ ସିଂହ ଭକ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ଭାରତ ପାଇଁ ସ୍ୱର୍ଣ୍ଣିମ...

ଦେବେନ୍ଦ୍ର ଝାଝାରିଆଙ୍କୁ ଏଥର ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡିଛି। ସେ ଏଫ୍‌୪୬ ବର୍ଗରେ ୬୪.୩୫ ମିଟର ଫିଙ୍ଗି ରୌପ୍ୟ ପଦକ ହାସଲ କରିଛନ୍ତି। ଅନ୍ୟପଟେ ଯୋଗେଶ କାଥୁନିୟା ଡିସ୍କସ୍ ଥ୍ରୋ'ର ଏଫ୍‌୫୬ କାଟେଗୋରିରେ ୪୪.୩୮ ମିଟର ଫିଙ୍ଗି ରୌପ୍ୟ ପଦକ ଜିତିଛନ୍ତି। ସେହିପରି ଅନ୍ୟତମ ଜାଭେଲିନ ଥ୍ରୋୟର ସୁନ୍ଦର ସିଂ ଗୁର୍ଜର ଏଫ୍‌୪୬ ବର୍ଗରେ ୬୪. ୦୧ ମିଟର ଫିଙ୍ଗି ବ୍ରୋଞ୍ଜ ପଦକ ଜିତିଛନ୍ତି। ପାରାଲିମ୍ପିକ୍ସରେ ଏଭଳି ସଫଳତା ଦେଶ ପାଇଁ ଗୌରବ ଆଣିଦେଇଛି। ରବିବାର ଭାବିନାବେନ ପଟେଲ ମହିଳା ଟେବୁଲ ଟେନିସରେ ଓ ହାଇଜମ୍ପରେ ନିଷାଦ କୁମାର ରୌପ୍ୟ ପଦକ ହାସଲ କରିଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉପ ରାଷ୍ଟ୍ରପତି ଭେଙ୍କାୟା ନାଇଡୁ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଅନ୍ୟମାନେ ପଦକ ବିଜେତା ପାରା ଆଥଲେଟମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତାରେ ପ୍ରତ୍ୟେକ ଭାରତୀୟ ଖୁସି ମନାଉଛନ୍ତି। ଆମ ଆଥଲେଟମାନେ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି।

### ଟ୍ରେନ୍ ଧକ୍କାରେ ...

ପଠାଇଛି। ଦୁର୍ଘଟଣାସ୍ଥଳରୁ ଏକ ମୋବାଇଲ ଫୋନ ମିଳିଛି।

ସୂଚନାନୁସାରେ, ୧୬ନଂ ଜାତୀୟ ରାଜପଥ ପୁଇଁତୋଳା ଛକଠାରୁ ଗିରିସୋଲା ପର୍ଯ୍ୟନ୍ତ ଉନ୍ନତୀକରଣ କାର୍ଯ୍ୟ ଚାଲୁରହିଛି। ଗୋଳନ୍ଥରା ଥାନା ଅନ୍ତର୍ଗତ ଅଟୋନଗର ନିକଟରେ ଓଭରବ୍ରିଜ୍ ନିର୍ମାଣ କରାଯାଉଛି। ଏହାର କିଛି ଅଂଶ ଭଞ୍ଜ କନଷ୍ଟ୍ରକଶ୍‌ନ କମ୍ପାନୀ କରୁଛି। ଛତିଶଗଡ଼ ବିଳାସପୁର ଅଞ୍ଚଳର କେତେଜଣ ଶ୍ରମିକ ଏହି କାର୍ଯ୍ୟ କରୁଛନ୍ତି। ତେବେ କନଷ୍ଟ୍ରକ୍ଶନ କମ୍ପାନୀ ମାଲିକ ଠିକ୍ ଭାବେ ମଜୁରି ଦେଉ ନ ଥିବାରୁ ବାଧ ହୋଇ ୭ ଶ୍ରମିକ ନିଜ ରାଜ୍ୟକୁ ଫେରିଯିବା ଲାଗି ରବିବାର ରାତି ପ୍ରାୟ ୧୨ଟାରେ ରେଳ ଧାରଣାରେ ଚାଲି ଚାଲି ବ୍ରହ୍ମପୁର ଯାଉଥିଲେ। ହଳଦିଆପଦର ଗ୍ରାମ ନିକଟ ଫାଟକଠାରେ ସେମାନଙ୍କ ପଛପଟୁ ବିଶାଖାପାଟଣା-ଟାଟାନଗର ସ୍ପେଶାଲ ଟ୍ରେନ୍ ଆସୁଥିବାରୁ ଗେଟ୍‌ମ୍ୟାନ ପାଟି କରିଥିଲେ। କିଛିକ୍ଷଣ ମଧ୍ୟରେ ଟ୍ରେନ୍ ଆସି ଧକ୍କା ଦେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଲା ବୋଲି ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଶ୍ରମିକ କହିଛନ୍ତି। ଏ ନେଇ ଜିଆର୍‌ପି ଥାନାରେ ନଂ. ୪୯/୨୧ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଅପରପକ୍ଷରେ କନଷ୍ଟ୍ରକ୍ଶନ କମ୍ପାନୀ ମାଲିକ ଶେଖର ଭଞ୍ଜ ଶ୍ରମିକମାନଙ୍କୁ ଠିକ୍ ସମୟରେ ମଜୁରି ଦିଆଯାଉଥିଲା ବୋଲି କହିଛନ୍ତି।

### ଆକାଶରୁ ଆକ୍ରମଣ ନିଷ୍ଫଳ ...

ରକେଟ ଛଡ଼ାଯିବାକୁ ନେଇ ଆଇଏସ୍‌ଆଇଏସ୍ ଗୋଷ୍ଠୀ ନିଜକୁ ଦାୟୀ କରିଛି। କତ୍ୟୁଶ ରକେଟ୍ ଦ୍ୱାରା ବିମାନବନ୍ଦରକୁ ଟାର୍ଗେଟ କରାଯାଇଥିବା ଏହି ଆତଙ୍କବାଦୀ ଗୋଷ୍ଠୀର ନାଶେର ନ୍ୟୁଜ୍ ଟେଲିଗ୍ରାମ ଚ୍ୟାନେଲରେ କହିଛି। ଆକ୍ରମଣ କରାଯାଇଥିବା ବାବଦରେ ହ୍ୱାଇଟ୍‌ହାଉସ୍ ପକ୍ଷରୁ ମଧ୍ୟ ସ୍ପଷ୍ଟ କରାଯାଇଛି। ସେଠାରେ ଉଦ୍ଧାର କାମ ଜାରି ରହିଥିବା ଆମେରିକା କହିଛି। ଏଥିରେ ମୃତାହତଙ୍କ ସମ୍ପର୍କରେ ସୂଚନା ମିଳିନାହିଁ। ସାମ୍ନାକୁ ଆସିଥିବା ଫଟୋ ଓ ଭିଡିଓରେ ଏୟାରପୋର୍ଟର ବିଭିନ୍ନ ସ୍ଥାନରେ ଧୂଆଁ ଉଠୁଥିବାର ଦେଖିବାକୁ ମିଳିଛି। କାବୁଲସ୍ଥିତ ଖ୍ୱାଜା ବୁଘ୍ରାର ଗୁଲାଇ ଅଞ୍ଚଳରେ ଏକାଧିକ ଆତ୍ମଘାତୀ ଆତଙ୍କବାଦୀ ଯାଉଥିବା ଗାଡ଼ିକୁ ଟାର୍ଗେଟ କରି ଆମେରିକା ରବିବାର ଡ୍ରୋନ୍ ଯୋଗେ ଆକ୍ରମଣ କରିଥିଲା। ଫଳରେ ଏକ ବଡ଼ଧରଣର ଆକ୍ରମଣ ଉଦ୍ୟମ ପଣ୍ଡ ହୋଇଥିଲା। ଏହି ଆକ୍ରମଣରେ ଏକାଧିକ ଶିଶୁଙ୍କ ସମେତ ପ୍ରାୟ ୧୦ ଆଫଗାନ୍ ନାଗରିକଙ୍କ ମୃତ୍ୟୁ ହୋଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି।

### ଦିନକ ପରେ ...

କରି ବେକାରି ସମସ୍ୟା, ଧାନର ଅଭାବୀ ବିକ୍ରି, ପାନୀୟ ଜଳ, ମରୁଡି, ଆଇନ ଶୃଙ୍ଖଳା, ସାର ଯୋଗାଣରେ ଅନିୟମିତତା, ବିଜୁଳି ଦର ବୃଦ୍ଧି, ଦରଦାମ ବୃଦ୍ଧି, ତୈଳ ଦୁର୍ନୀତି ଭଳି ଅନେକ ପ୍ରସଙ୍ଗକୁ ବିରୋଧୀ ଅସ୍ତ୍ର କରିବା ନେଇ ସୂଚନା ମିଳିଛି। ଅନ୍ୟ ପକ୍ଷରେ ମାହାଙ୍ଗା ଡବଲ ମର୍ଡର ଘଟଣାରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ ଏବଂ ପଞ୍ଚାୟତ ନିର୍ବାଚନରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଭଳି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ଅଡୁଆରେ ପକାଇବା ସମ୍ଭାବନା ରହିଛି। ଗତ ଅଧିବେଶନରେ ବିରୋଧୀ ଦଳ ଧାନର ଅଭାବୀ ବିକ୍ରି ଓ ଟୋକନ ସମସ୍ୟାକୁ ନେଇ ଗୃହକୁ ବହୁ ଦିନ ଧରି ଅଚଳ କରିରଖିଥିଲେ। ଅଧିବେଶନ ମାତ୍ର କମ୍ ଦିନ ଚାଲିବାକୁ ଥିବାରୁ ବିରୋଧୀ ହଙ୍ଗାମା କରି ସରକାରୀ ଦଳକୁ ସୁଯୋଗ ଦେବା ଅବସ୍ଥାରେ ନାହାନ୍ତି। ଗତ ଅଧିବେଶନରେ ବିରୋଧୀ ଦଳ ଗୋଟିଏ ପ୍ରସଙ୍ଗରେ ଏକମତ ହୋଇ ପାରି ନ ଥିଲେ। ଭାଜପା ଓ କଂଗ୍ରେସ ଅଲଗା ଅଲଗା ପ୍ରସଙ୍ଗକୁ ନେଇ ଗୃହକୁ ଅଚଳ କରିଥିଲେ। ମୌସୁମୀ ଅଧିବେଶନରେ ବିରୋଧୀ ଏକାଠି ହୋଇ ସରକାରଙ୍କୁ ଘେରିବେ ନା ଅଲାଗା ହୋଇ ବିରୋଧ କରିବେ ତାହା ସ୍ପଷ୍ଟ ହୋଇ ନାହିଁ। ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର, ଆଇନ ଶୃଙ୍ଖଳା, ବେକାରି, ପାନୀୟ ଜଳ ଯୋଗାଣ, ମରୁଡି ଆଦିକୁ ନେଇ କଂଗ୍ରେସ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିବା ନେଇ ସୂଚନା ଦେଇଛି। ଭାଜପା ପୌର ନିର୍ବାଚନ, ଚାଷୀ ସମସ୍ୟା, ମାହାଙ୍ଗା ଡବଲ ମର୍ଡରକୁ ନେଇ ସରକାରଙ୍କୁ ଅଡୁଆରେ ପକାଇବ ବୋଲି ଦଳୀୟ ମହଲରୁ ସୂଚନା ମିଳୁଛି। ଅନ୍ୟ ପକ୍ଷରେ ଶାସକ ଦଳ ପକ୍ଷରୁ କୁହାଯାଇଛି ଯେ ବିରୋଧୀ ଦଳ ପକ୍ଷରୁ ବିଧାନସଭା ନିୟମାବଳୀର ଗଣ୍ଡି ଭିତରେ ଯେତେ ସବୁ ପ୍ରସଙ୍ଗ ଅଣାଯିବ ସରକାର ସେ ସବୁର ଉତ୍ତର ରଖିବାକୁ ପ୍ରସ୍ତୁତ ଅଛନ୍ତି ।

ଅଧିବେଶନ ସେପ୍ଟେମ୍ବର ୯ ତାରିଖ ଯାଏ ଚାଲିବ । ୫ ତାରିଖ ରବିବାର ପାଇଁ ବିଧାନସଭା ଛୁଟି ରହିବ । ବିଧାନସଭା ଅଧିବେଶନକୁ ସୁରୁଖୁରୁରେ ଚଳାଇବାପାଇଁ ଇତି ମଧ୍ୟରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ଏବଂ ଏଥିରେ ବାଚସ୍ପତି ସବୁଦଳର ନେତାମାନଙ୍କ ସହଯୋଗ କାମନା କରିଛନ୍ତି ।

ଏହି ଅଧିବେଶନ କାଳରେ ପ୍ରମୁଖ ବିରୋଧୀ ଦଳ ଭାଜପାକୁ ମୁଲତବୀ ପ୍ରସ୍ତାବ ଆଣିବା ଲାଗି ୪ଦିନ ସମୟ ଦିଆଯାଉଥିବା ବେଳେ କଂଗ୍ରେସକୁ ୨ଦିନ ମିଳିଛି । ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଅସୁସ୍ଥ ଥିବାରୁ ଉପନେତା ବିଷ୍ଣୁ ଚରଣ ସେଠୀଙ୍କ ନେତୃତ୍ୱରେ ଭାଜପା ସରକାରଙ୍କୁ ଘେରିବା ନେଇ ସୂଚନା ମିଳିଛି। ଏହି ସ୍ୱଳ୍ପକାଳୀନ ଅଧିବେଶନ ବେଶ୍ ସରଗରମ ହେବ ବୋଲି ଅନୁମାନ କରାଯାଉଛି।

### ସଂକ୍ରମଣ ହାର ୧% ତଳକୁ ...

ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ୭,୯୦୧କୁ ବୃଦ୍ଧି ପାଇଛି। ସେହିଭଳି ସୋମବାର ଆଉ ୮୪୩ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୯,୯୨,୪୭୩କୁ ବୃଦ୍ଧି ପାଇଥିବାବେଳେ ୬,୬୮୫ଜଣ ସକ୍ରିୟ ରୋଗୀ ରହିଛନ୍ତି।

### ଛିଣ୍ଡୁନି ଆଖଡ଼ାଶାଳୀ...

ରିକ୍ୟୁଏଷ୍ଟ ଫର୍ ପ୍ରପୋଜାଲ(ଆର୍‌ଏଫ୍‌ପି) ଦେଇଥିଲେ। ମାତ୍ର ଉକ୍ତ ସଂସ୍ଥାଗୁଡ଼ିକ ଏମ୍‌ଓୟୁ ସ୍ୱାକ୍ଷର କରିବା ବଦଳରେ ସମୟ ଗଡ଼ାଇ ଚାଲିଥିଲେ। ଘରୋଇ ସଂସ୍ଥା ଆଗ୍ରହ ନ ଦେଖାଇବାରୁ ରାଜ୍ୟ ସରକାର ଏହି ବନ୍ଦରର ବିକାଶ କରିବାକୁ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟକୁ ଅନୁରୋଧ କରିଥିଲେ। ପାରାଦୀପ ପୋର୍ଟ ଟ୍ରଷ୍ଟ ଏହି ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ସେଥିପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମଧ୍ୟ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ୨୦୨୦ ଏପ୍ରିଲ ସୁଦ୍ଧା ଏମ୍‌ଓୟୁ ସ୍ୱାକ୍ଷର ହୋଇଥାଆନ୍ତା। ମାତ୍ର କରୋନା ମହାମାରୀ ଯୋଗୁ ଏମ୍‌ଓୟୁ ସ୍ୱାକ୍ଷର ପାଇଁ ରାସ୍ତା ବାହାରି ପାରି ନ ଥିଲା। ଦୁଇବର୍ଷ ପରେ ପୁଣି ଏ ନେଇ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ବନ୍ଦରର ବିକାଶ ପାଇଁ ପିପିଟି ୪ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବ। ଏଥିରେ ବାର୍ଷିକ ୪୫.୮୮ ନିୟୁତ ଟନ୍ ପଣ୍ୟ କାରବାର ହେବ ବୋଲି ଆକଳନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହି ବନ୍ଦର ପାଇଁ ୧୭୫ ହେକ୍ଟର ଜମିର ଆବଶ୍ୟକତା ରହିଛି। ପରବର୍ତ୍ତୀ ସମୟରେ ଏହାର କ୍ଷମତା ବୃଦ୍ଧି କରିବାକୁ ଆହୁରି ୧୩୦ ହେକ୍ଟର ଜମିର ଆବଶ୍ୟକତା ପଡ଼ିବ। ଏହି ବନ୍ଦରରୁ ପୂର୍ଣ୍ଣ କାରବାର ପାଇଁ ଜାତୀୟ ରଜାପଥ ନଂ. ୫୩ ଏବଂ ହରିଦାସପୁର- ପାରାଦୀପ ସହିତ ରେଳଲାଇନ ସଂଯୋଗ କରାଯିବ। ଏଥିରେ ପ୍ରାୟ ୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କେନ୍ଦ୍ର ସରକାର ରାଜି ହେବା ପରେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଏବଂ ପିପିଟି ଅଧ୍ୟକ୍ଷ ରିଙ୍କେଶ ରାୟଙ୍କ ସମେତ ଏକ ଉଚ୍ଚସ୍ତରୀୟ ଟିମ୍ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରିଥିଲେ। କେବଳ ଆଖଡ଼ାଶାଳୀ ନୁହେଁ, ୧୬ ବର୍ଷ ପରେ ମଧ୍ୟ ରାଜ୍ୟରେ ନୂଆ ବନ୍ଦର ବିକାଶ ନେଇ ସେପରି କିଛି ଆଖିଦୃଶିଆ ପ୍ରଗତି ହୋଇନାହିଁ। କେବଳ ପାରାଦୀପ ଓ ଧାମରା ବନ୍ଦରକୁ ଛାଡିଦେଲେ ଅନ୍ୟ ୧୩ ପ୍ରସ୍ତାବିତ ବନ୍ଦର କୋର୍ଟ କଚେରି ମାମଲା ଏବଂ ଘରୋଇ କମ୍ପାନୀଙ୍କ ଅନାଗ୍ରହ ଯୋଗୁ ଆଗେଇ ପାରୁନାହିଁ। ରାଜ୍ୟ ସରକାର ଘରୋଇ ଭାଗୀଦାରିରେ ପୁରୁଣା ଓ ନୂଆ ପ୍ରସ୍ତାବିତ ବନ୍ଦର ବିକାଶ କରିବାକୁ ୨୦୦୪ରେ ବନ୍ଦର ନୀତି କାର୍ଯ୍ୟକାରୀ କରିଥିଲେ। ଜଳପଥ ପରିବହନଠାରୁ ଆରମ୍ଭ କରି ଶିଳ୍ପ, ନୂତନ ବନ୍ଦର ଚିହ୍ନଟ, ବନ୍ଦରଭିତ୍ତିକ ଭିତ୍ତିଭୂମି ବିକାଶ ପାଇଁ ଏଥିରେ ବ୍ୟବସ୍ଥା ରହିଛି। ନୂତନ ବନ୍ଦର ପାଇଁ ଏକ ସାମୁଦ୍ରିକ (ମାରିଟାଇମ) ବୋର୍ଡ ଗଠନ କରାଯାଇଛି। ଏହି ବୋର୍ଡ ବନ୍ଦର ନିର୍ମାଣ ପାଇଁ ଜମି, ପାଣି, ବିଦ୍ୟୁତ୍ ଏବଂ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ କରିବା ପାଇଁ ସିଙ୍ଗଲୱିଣ୍ଡୋ ଭାବେ କାର୍ଯ୍ୟ କରିବ। ଏହାଛଡ଼ା ଏହି ବୋର୍ଡ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଥିବା ପରିବେଶ ମଞ୍ଜୁରୀ ଭଳି ବିଭିନ୍ନ ସମସ୍ୟାକୁ ଦୂର କରିବା କ୍ଷେତ୍ରରେ କାର୍ଯ୍ୟ କରିବ। ଏହାଦ୍ୱାରା ରାଜ୍ୟର ରପ୍ତାନି, ଆମଦାନୀ, ଜାତୀୟ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ କାରବାର ବୃଦ୍ଧି ପାଇବ। ରାଜ୍ୟରେ ଥିବା ବୃହତ୍ ଓ କ୍ଷୁଦ୍ର ବନ୍ଦରଗୁଡ଼ିକର ବିକାଶ କ୍ଷେତ୍ରରେ ଏହି ନୀତି କାର୍ଯ୍ୟ କରିବ। ଏହାଛଡ଼ା ଜାହାଜ ନିର୍ମାଣ, ମରାମତି କ୍ଷେତ୍ରରେ ମଧ୍ୟ ଏହି ନୀତି ସହାୟତା କରିବ। ପରିବହନ ବ୍ୟବସ୍ଥାର ବିକାଶ କରିବା ପାଇଁ ବନ୍ଦରଗୁଡ଼ିକ ସହିତ ନଦୀକୁ ସଂଯୋଗ କରିବା ଲକ୍ଷ୍ୟରେ ବନ୍ଦର ନୀତି କରାଯାଇଛି। ହେଲେ ଏହି ଲକ୍ଷ୍ୟ କେବଳ ଲକ୍ଷ୍ୟରେ ହିଁ ରହିଯାଇଛି। ଚିହ୍ନଟ ହୋଇଥିବା ପ୍ରସ୍ତାବିତ ବନ୍ଦର ବିକାଶ କରିବାକୁ ଘରୋଇ ସଂସ୍ଥା ଆଗ୍ରହ ଦେଖାଉନାହାନ୍ତି। ପାରାଦୀପ ଓ ଗୋପାଳପୁର ବନ୍ଦରକୁ ବାଦ୍‌ଦେଲେ ରାଜ୍ୟରେ ୧୩ଟି ପ୍ରସ୍ତାବିତ ବନ୍ଦର ଚିହ୍ନଟ କରାଯାଇଛି। ସେଗୁଡ଼ିକ ହେଲା ବାଲେଶ୍ୱର ଜିଲାର ବିଚିତ୍ରପୁର, ସୁବର୍ଣ୍ଣରେଖା ମୁହାଣ, ବାହବଲପୁର, ଚାନ୍ଦିପୁର, ଇଞ୍ଚୁଡି, ଭଦ୍ରକ ଜିଲାର ଚୂଡ଼ାମଣି, ଧାମରା, ଜଗତ୍‌ସିଂହପୁର ଜିଲାର ଜଟାଧାର ମୁହାଣ, ପୁରୀ ଜିଲାର ଅସ୍ତରଙ୍ଗ, ବାଲିହରଚଣ୍ଡୀ, ଗଞ୍ଜାମ ଜିଲାର ପାଲୁର, ବାହୁଦା ମୁହାଣ ଏବଂ କେନ୍ଦ୍ରାପଡ଼ା ଜିଲାର ଆଖଡ଼ାଶାଳୀ। ଏଥିମଧ୍ୟରୁ ବିଚିତ୍ରପୁର, ବାହାବଲପୁର, ଚାନ୍ଦିପୁର, ଜଟାଧାର, ବାଲିହରଚଣ୍ଡୀ, ପାଲୁର, ବାହୁଦା ଏବଂ ଇଞ୍ଚୁଡି ପ୍ରସ୍ତାବିତ ବନ୍ଦର କେବଳ ବିଜ୍ଞପ୍ତିରେ ସୀମିତ ହୋଇ ରହିଯାଇଛି। ଅନ୍ୟପକ୍ଷରେ ସୁବର୍ଣ୍ଣରେଖା ମୁହାଣ ବନ୍ଦର ପାଇଁ ୨୦୦୬ ଡିସେମ୍ବର ୧୮ରେ ଏକ ଘରୋଇ ସଂସ୍ଥା ସହ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଥିଲା। ଏହି ବନ୍ଦର ପାଇଁ ୨୬୨.୬୮୯ ଏକର ଜମି ଅଧିଗ୍ରହଣ ହୋଇଥିଲା। ହେଲେ ୧୪ ବର୍ଷ ପରେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ଚୂଡ଼ାମଣି ବନ୍ଦର ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ୍ ୨୦୦୧ ଅକ୍ଟୋବର ୨୨ରେ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। ତେବେ ପରବର୍ତ୍ତୀ ସମୟରେ ଏଥିରୁ ଓହରି ଯାଇଛି। ଧାମରା ବନ୍ଦର ପାଇଁ ଇଣ୍ଟରନ୍ୟାଶନାଲ ସି ପୋର୍ଟ ୧୯୯୭ରେ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହେବା ପରେ ଏହି ବନ୍ଦରର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ଚାଲୁରହିଛି। ଅସ୍ତରଙ୍ଗ ବନ୍ଦର ବିକାଶ ପାଇଁ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ସହ ୨୦୧୦ରେ ଚୁକ୍ତିପତ୍ର ସ୍ୱାକ୍ଷର କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। କେବଳ ଗୋପାଳପୁର ବନ୍ଦର ପୁନରୁଦ୍ଧାର କରାଯାଇ କାର୍ଯ୍ୟକ୍ଷମ କରାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମନ ଭଲ ନ ଥିବାରୁ ଆଜି ଗୁଡ଼ାଏ କଥା ଚିନ୍ତାକରି ମନକୁ ବିଷାକ୍ତ କରିପାରନ୍ତି। ଅସ୍ୱାଭାବିକ ଚିନ୍ତାଧାରା ସୃଷ୍ଟି କରି ଅର୍ଥ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ନିରୁତ୍ସାହିତ ରହିବେ। ଗୃହ, ଭୂମି, ଗାଡ଼ି ପ୍ରଭୃତିକୁ କେନ୍ଦ୍ରକରି କଳହ ସମ୍ଭାବନା ରହିଛି। ଅବଶ୍ୟ, ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରି ସୁଫଳ ପାଇପାରନ୍ତି।

**ବୃଷ** ଆଜି ସକାଳୁ ଜଣେ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟି କରିବ। ଘରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଫିସ୍‌କୁ ହଠାତ୍ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହେବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ମିଥୁନ** ଭୁଲ୍ ବୁଝାମଣା ହେତୁ ପାରିବାରିକ ଅସ୍ଥିରତା ଓ ଅଶାନ୍ତି ଲାଗିରହିବ। ପଡ଼ୋଶୀଙ୍କ ସହାୟତାରେ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବାକୁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବ୍ୟବସାୟ କ୍ଷେତ୍ରରେ କୌଣସି ଅସୁବିଧା ନ ହେଲେ ମଧ୍ୟ ମନ ଅସ୍ଥିର ରହିବ।

**କର୍କଟ** ଆଜି ଯେଉଁ କାମ କରିବେ ପ୍ରତିବଦଳରେ କିଛି ପାଇବେ ନାହିଁ। କର୍ମକ୍ଷେତ୍ରରେ ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତି ସାହାଯ୍ୟ କରିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ବନ୍ଧୁଙ୍କ ସହ ସାଧାରଣ ଯୁକ୍ତିତର୍କରୁ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**ସିଂହ** ଯେଉଁ କାମ ଗତକାଲିଠାରୁ କରିବାକୁ ବିଚାରିଥିଲେ ଆଜି ତାହା ବଦଳିଯାଇପାରେ। କିଛି ସାହାଯ୍ୟ କରିବାକୁ କହିଥିବା ବ୍ୟକ୍ତିଟି ନାସ୍ତିବାଣୀ ଶୁଣାଇବ। ନିକଟସ୍ଥ ବ୍ୟକ୍ତିମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ପ୍ରଶାସନ, ଆଇନ, ଅଦାଲତ, ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ ।

**କନ୍ୟା** ଆଜି ସକାଳୁ କୌଣସି ଅତୀତ ଘଟଣାକୁ ନେଇ ମନ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କର କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅବଶ୍ୟ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ତ ନିଶ୍ଚୟ ପାଇବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିପାରନ୍ତି।

**ତୁଳା** କର୍ମକ୍ଷେତ୍ରର ଅଧିକାଂଶ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ବ୍ୟବସାୟରେ ମନବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି ଲାଭବାନ୍ ହେବେ । କଚେରି ମାମଲା, ପ୍ରଶାସନିକ କ୍ଷେତ୍ର, ସାମ୍ବାଦିକତା ସକାଶେ ଚିନ୍ତା ବଢ଼ିପାରେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ସୂଚନା ରହିଛି ।

**ବିଛା** କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାଜନିତ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡ଼ିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ନ ପାଇ ମଧ୍ୟ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ସାଧାରଣ କଥାକୁ ଗୁରୁତ୍ୱ ଦେଇ ହରଡ଼ଘଣାରେ ପଡ଼ିପାରନ୍ତି।

**ଧନୁ** ପଡ଼ୋଶୀଙ୍କ ସହ ସାଧାରଣ କଥାରେ ଯୁକ୍ତିତର୍କ କଳହର ରୂପ ନେଇପାରେ। କାର୍ଯ୍ୟପଦ୍ଧତି ବଦଳାଇ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ ଲାଭ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରି ଭୁଲ୍ ସ୍ୱୀକାର କରିବାକୁ ବାଧ୍ୟ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ସ୍ଥିତି ମଧ୍ୟରେ ଚଳିବାକୁ ପଡ଼ିବ।

**ମକର** ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ଗୋପନ ରଖି ବନ୍ଧୁଙ୍କ ସହ ବାକ୍ୟାଳାପ କରି ସମାଲୋଚିତ ହୋଇପାରନ୍ତି। ପରିବହନ, ଶିଳ୍ପ, ନିର୍ମାଣ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ହେତୁ ଖୁସି ରହିପାରନ୍ତି। ବନ୍ଧୁଙ୍କଠାରୁ କିଛି ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଭାବନା ସୃଷ୍ଟି ହେବ। ବାରମ୍ବାର ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ।

**କୁମ୍ଭ** ଆଜିର କର୍ମକ୍ଷେତ୍ରରେ ଆପଣଙ୍କ ଦ୍ୱିରୁକ୍ତି ବନ୍ଧୁମାନଙ୍କ ମଧ୍ୟରେ ମୃଦୁ ଗୁଞ୍ଜରଣ ସୃଷ୍ଟି କରିପାରେ। ଆପଣଙ୍କ ନୂଆଁ କାମଟିରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କେତେକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ।

**ମୀନ** କର୍ମକ୍ଷେତ୍ରରେ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ ସମସ୍ୟା ସୃଷ୍ଟି ସୂଚନା ରହିଛି। ସାମାଜିକ ସ୍ତରରେ ପରର ଛିଦ୍ରକଥା ଶୁଣି ମନକୁ ବିଷାକ୍ତ କରି ପାରନ୍ତି। ନିଜ ଉଦାରତା ଗୁଣରୁ ଅନ୍ୟମାନଙ୍କୁ ଖୁସି କରିପାରନ୍ତି।


# classifieds Everyday 0674-2580101, 2549302













**SALE**

ହଂସପାଳ, ଅଟଳା, ପାହାଳ Duplex/ Simplex ଫ୍ଲାଟ୍ ସୁଲଭ ମୂଲ୍ୟରେ ଉପଲବ୍ଧ। 7855995233. D-71407

30' road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422. D-70879

କଟକ – ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ Commercial Hub Grand Bazar ସମ୍ମୁଖରୁ 1 K.M. ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 8249310759. D-70893

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21430

ଭୁବନେଶ୍ୱର ଚନ୍ଦକାରେ Nalanda ଓ BCCST College ପାଖରେ road, electricity, water ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ possession ଥାଇ ମିଳୁଛି। 9348870771, 9090543542. D-70889

Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118. D-70888

Construct your home with branded material. We provide plan approval, boring, vastu. 7789824989, 9040744989. D-70891




Fully furnished 2BHK flat in K&K Plaza beside Pantaloons, Patia on rent for family. Contact: 9437136565. D-21488

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Refreshments rejuvenation body massage therapy with experience therapists, Bhubaneswar. 9668374480. D-71143

Refreshing your mind, your body with tha best therapy at Lotus SPA. 8018891951. D-70474

Swarna SPA newly open positively health benefits with expert therapist. 9556978408. D-71139

Newly open SPA Offer @ 799/-, positively health benefits. Jaydevbihar. 7846814019. D-71408

Newly open full body massage Ladies and Gents. 8658471570, 8658994614. D-70473

Newly open Saikrupa Panchakarma Spa positively health benefits with Expert. 8984068077. D-21451

Monalisa massage Club: All types Body massage with hiprofile smart lady rooms service available. 9708545108. D-21491

Business opportunities for TMT Bar Angul, Dhenkanal, Nayagarh, Khordha. 6372804707. D-68280

**AFFIDAVIT**

I, Bismaya Kumar Baral, S/o- Bibhuti Bhusan Baral, R/o- Rahama has changed my name from Bismaya Kumar Barala to Bismaya Kumar Baral for all future purposes. D-21499

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ରାଜଧାନୀ ରାସ୍ତାରେ ଯୁବକଙ୍କୁ ହତ୍ୟା

ଭୁବନେଶ୍ୱର,୩୦।୮(ବ୍ୟୁରୋ)

ସାମାନ୍ୟ ବଚସାରୁ ବୀଭତ୍ସ ହତ୍ୟା। ରାଜଧାନୀ ରାସ୍ତାରେ ପୁଣି ରକ୍ତର ହୋଲି ଖେଳିଛନ୍ତି ଅପରାଧୀ। ରବିବାର ବିଳମ୍ବିତ ରାତିରେ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ରଘୁନାଥନଗରରେ ଘଟିଛି ଏହି ଲୋମଟାଙ୍କୁରା ଘଟଣା। ପରିବାର ଲୋକଙ୍କ ଆଖି ଆଗରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ସହ ଛୁରି ଭୁସି ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଛନ୍ତି ସ୍ଥାନୀୟ ଅଞ୍ଚଳର ସନାତନ ରାଉତରାୟ(୨୧)। ସୋମବାର ସକାଳେ ଜୋନ୍-୪ ଏସିପି ଭରତ ଚରଣ ସାହୁ ଓ ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ସାଇଣ୍ଟିଫିକ୍ ଟିମ୍ ଯାଞ୍ଚ ଓ ନମୁନା ସଂଗ୍ରହ କରିଛି। ଏଥିସହ ହତ୍ୟାରେ ବ୍ୟବହୃତ ଛୁରି ଓ ଅନ୍ୟ କେତେକ ସାମଗ୍ରୀକୁ ପୋଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଗୋଟିଏ ପରିବାରର ୨ ମହିଳାଙ୍କ ସମେତ ୬ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରଘୁନାଥନଗରରେ ରହୁଥିବା ରାଜା ପ୍ରଧାନ ଓରଫ ରବି(୧୯), ମିଥୁନ ସାହୁ(୨୫), ବାୟା ପ୍ରଧାନ ଓରଫ ବିଦେଶୀ(୪୦), ବାଳା ପ୍ରଧାନ(୩୮) ଓ ସୁଭଦ୍ରା ସାହୁ(୫୦)। ତେବେ ମୁଖ୍ୟ ଅଭିଯୁକ୍ତ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନାର ରାଜ୍ ଜୟସିଂ ଫେରାର ହୋଇଯାଇଛନ୍ତି। ତାଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ତାଙ୍କୁ ଧରିବାକୁ ପୋଲିସ ଚଢ଼ାଉ ଜାରି ରଖିଛି। ଏନେଇ ଥାନାରେ ଆଇପିସି ଦଫା ୩୦୨, ୩୪ରେ ମାମଲା (ନଂ.୪୫୩/୨୧) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।


ମୃତ ସନାତନ ରାଉତରାୟ

- ପରିବାର ଲୋକଙ୍କ ଆଗରେ ସନାତନଙ୍କ ଜୀବନ ଗଲା
- ଗୋଟିଏ ପରିବାରର ୬ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର
- ହତ୍ୟାରେ ବ୍ୟବହୃତ ଛୁରି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ

ପୋଲିସ ସୂଚନା ଅନୁଯାୟୀ, ରାତି ପ୍ରାୟ ୧୨ଟାରେ ମୁଖ୍ୟ ଅଭିଯୁକ୍ତ ଜୟସିଂ ରଘୁନାଥନଗରର ତାଙ୍କ ମାଉସୀ ଘରକୁ ସ୍କୁଟିରେ ଆସୁଥିଲେ। ଏହି ସମୟରେ ହତ୍ୟାର ଶିକାର ହୋଇଥିବା ସନାତନ ତାଙ୍କ ସାଙ୍ଗଙ୍କ ସହ ନିକଟ ଶନିମନ୍ଦିର ପାଖକୁ ଯାଉଥିବାବେଳେ ଜୟସିଂଙ୍କ ସ୍କୁଟି ତାଙ୍କ ଦେହରେ ମାଡ଼ ହୋଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କିଛି ସମୟ ବଚସା ହୋଇଥିଲା। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ଜୟସିଂ ସେଠାରୁ ଧମକ ଦେଇ ପଳାଇଥିଲେ। ରାତି ୧ଟାରେ ସନାତନ ରାସ୍ତାରେ ଯାଉଥିବା ଦେଖି ଜୟସିଂ ଓ ମାଉସୀଘର ଲୋକେ ଘେରିଯାଇ ଆକ୍ରମଣ କରିଥିଲେ। ସନାତନଙ୍କ ପରିବାର ଲୋକେ ଅଟକାଇବାକୁ ଆସୁଥିଲେ। ହେଲେ ୭ ଅଭିଯୁକ୍ତଙ୍କ ମଧ୍ୟରୁ ୩ଜଣ ସେମାନଙ୍କୁ ପ୍ରତିରୋଧ କରି ଆକ୍ରମଣ କରିଥିଲେ। ଏପଟେ ୨ ମହିଳା ଓ ଆଉଜଣେ ପୁରୁଷ ସନାତନଙ୍କ


ଜବତ ଛୁରି।

ହାତକୁ ଧରି କାବୁ କରିଥିବାବେଳେ ଜୟସିଂ ତାଙ୍କ ଛାତି ଓ ଶରୀରକୁ ବାରମ୍ବାର ଛୁରି ଭୁସି ଚାଲିଥିଲେ। କିଛି ସମୟ ପରେ ଅଭିଯୁକ୍ତମାନେ ଘଟଣାସ୍ଥଳ ଛାଡି ଦୌଡି ପଳାଇ ଯାଇଥିଲେ। ପରିବାର ଲୋକେ ସନାତନଙ୍କୁ ଏମ୍ସରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଅଭିଯୁକ୍ତଙ୍କୁ କାବୁକଲେ ଗାଁ ଲୋକେ

ଘଟଣା ପରେ ମୁଖ୍ୟ ଅଭିଯୁକ୍ତ ରାଜ୍ ଜୟସିଂ ରାତାରାତି ଫେରାର ହୋଇଯାଇଥିଲେ। ତେବେ ସନାତନଙ୍କ ମୃତ୍ୟୁ ଖବର ପାଇବା ପରେ ସମ୍ପୃକ୍ତ ଅନ୍ୟ ୬ ଅଭିଯୁକ୍ତ ମଧ୍ୟ ଘର ଛାଡି ଫେରାର ହୋଇଯିବାକୁ ଯୋଜନା କରିଥିଲେ। ସୋମବାର ସକାଳ ପ୍ରାୟ ୮ଟାରେ ସେମାନେ ଏକ କାରରେ ବସି ପଳାଉଥିବାବେଳେ ଗାଁ ଲୋକେ ଖବର ପାଇ ପାତ୍ରପଡା ରାସ୍ତାରେ ଅଟକାଇଥିଲେ। ପରେ ସେମାନଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ହତ୍ୟାକାଣ୍ଡ ଖବର ପାଇଥିଲେ ମଧ୍ୟ ସେଯାଏ ପୋଲିସ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ କରି ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି।


ହତ୍ୟାକାଣ୍ଡ ଘଟିଥିବା ସ୍ଥାନ।

### ହତ୍ୟାକାରୀଙ୍କୁ ଫାଶୀ ହେଉ: ମୃତକଙ୍କ ସ୍ତ୍ରୀ

ସନାତନ କିଛିବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଏକ ଦେଢ଼ବର୍ଷର ଶିଶୁକନ୍ୟା ଅଛି। ତେବେ ସ୍ୱାମୀଙ୍କୁ ହତ୍ୟା ପରେ ସ୍ତ୍ରୀ ବର୍ଷା ରାଉତରାୟ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ସେ କହିଛନ୍ତି, ତାଙ୍କ ସ୍ୱାମୀ ଚାଲିଗଲେ, ତାଙ୍କୁ କେହି ଫେରେଇ ଦେବ କି? ଛୋଟ ଛୁଆଟିର ଭବିଷ୍ୟତ କ'ଣ ହେବ? ଯେଉଁମାନେ ମୋ ସ୍ୱାମୀଙ୍କୁ ନୃଶଂସ ଭାବେ ହତ୍ୟା କରିଛନ୍ତି, ସେମାନଙ୍କୁ ଫାଶୀ ହେଉ।

### ନିଶା କାରବାରକୁ ବିରୋଧ କରୁଥିବାରୁ ଶତ୍ରୁତା ଥିଲା

ରଘୁନାଥନଗର ଗଳିରେ ଜୟସିଂଙ୍କ ମାଉସୀ ଘରର ଏକ ଷ୍ଟେଶନାରି ଦୋକାନ ନିକଟରେ ସନାତନଙ୍କର ଏକ ମୋବାଇଲ ଦୋକାନ ରହିଛି। ଉକ୍ତ ଷ୍ଟେଶନାରି ଦୋକାନରେ ନିଶାଦ୍ରବ୍ୟ ବିକ୍ରି ହେଉଥିବାରୁ ସନାତନ ଏହାକୁ ବିରୋଧ କରୁଥିଲେ, ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଜୟସିଂଙ୍କ ସହ ଝଗଡା ହୋଇଥିବା ମାଉସୀଘରର ଲୋକେ ଶୁଣିବା ପରେ ଭିତରେ କୁହୁଳୁଥିବା ନିଆଁ ଭୟଙ୍କର ରୂପ ନେଇଥିଲା। ସନାତନଙ୍କୁ ଜୀବନରୁ ମାରିଦେବାକୁ ଯୋଜନା କରିଥିଲେ।

## ସଂକ୍ଷେପରେ

### ମନୀଷାଙ୍କୁ ଶ୍ରେଷ୍ଠ ମେକ୍ଅପ୍ କଳାକାର ଟାଇଟଲ

#### ସୋନୁ ସୁଦ୍ଙ୍କଠାରୁ ଗ୍ରହଣ କଲେ ପୁରସ୍କାର



**ସମ୍ବଲପୁର,୩୦।୮(ବ୍ୟୁରୋ):** ସମ୍ବଲପୁର ଝିଅ ମନୀଷା ପଣ୍ଡା ଶ୍ରେଷ୍ଠ ମେକ୍ଅପ୍ କଳାକାର ଟାଇଟଲ ହାସଲ କରିଛନ୍ତି। ଗୋଆଠାରେ ଭିକୋନେଟ ଷ୍ଟାର ଇଭେଣ୍ଟ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ଭାଗ ନେଇ ମନିଶା ବିଜୟୀ ହୋଇଛନ୍ତି। ରବିବାର ଫାଇନାଲ ରାଉଣ୍ଡ ଅନୁଷ୍ଠିତ ହେବା ସହ ପୁରସ୍କାର ଦିଆଯାଇଥିଲା। ବଲିଉଡର ଚର୍ଚ୍ଚିତ ସିନେ କଳାକାରଙ୍କ ସହ ମନିଶା ସୋନୁ ସୁଦଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଦେଶର ମୋଟ ୬ଜଣ ଫାଇନାଲ ରାଉଣ୍ଡରେ ପହଞ୍ଚିଥିଲେ। ସମସ୍ତଙ୍କୁ ପଛରେ ପକାଇ ମନିଶା ବିଜୟୀ ହୋଇଥିଲେ। ଏହି ଖବର ପ୍ରକାଶ ପାଇବା ପରେ ମନିଶାଙ୍କ ପରିବାର ସହ ସମ୍ବଲପୁର ସହରରେ ଖୁସିର ଲହର ଖେଳିଯାଇଛି। ମନିଶା କୁଲତକାନୀ ନିବାସୀ ଜ୍ଞାନବଲ୍ଲଭ ପଣ୍ଡା ଓ ପ୍ରମିଳାଙ୍କ ସୁପୁତ୍ରୀ ଅଟନ୍ତି।

## ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ହତ୍ୟା

ପରଜଙ୍ଗ,୩୦।୮(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କନ୍ଦରସିଂହା ପଞ୍ଚାୟତ ବାରଘରିଆ ସାହିରେ ପୂର୍ବ ଶତ୍ରୁତାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ଗତ ୨୪ ତାରିଖରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିବା ବେଳେ ଗୁରୁତର ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ୨୮ ତାରିଖରେ ମୃତ୍ୟୁ ହୋଇଛି। ଉଭୟ ପକ୍ଷ ପରସ୍ପର ବିରୋଧରେ ଏତଲା ଦେବା ପରେ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏକ ଖତ ଗାଡ଼ିଆକୁ କେନ୍ଦ୍ରକରି ବାରଘରିଆ ସାହିର ଧୋବେଇ ପଧାନ ଓ ମୁଣ୍ଡପୋତା ପଧାନଙ୍କ ପରିବାର ମଧ୍ୟରେ ପୂର୍ବରୁ ଝଗଡ଼ା ଲାଗିଥିଲା। ୨୪ ତାରିଖରେ ଧୋବେଇଙ୍କ ଘର ସମ୍ମୁଖକୁ ଆସି ମୁଣ୍ଡପୋତାଙ୍କ ପରିବାର ଲୋକେ ଗାଳିଗୁଲଜ କରିଥିଲେ। ଧୋବେଇ ପ୍ରତିବାଦ କରିବାରୁ ମୁଣ୍ଡପୋତାଙ୍କ ଦୁଇ ପୁଅ ଅଭିମନ୍ୟୁ ଓ ମନୋଜ ଦୁଇଟି ବୋମା ପକାଇବା ସହ ଆକ୍ରମଣ କରିଥିଲେ। ସ୍ତ୍ରୀ ଉମା ଧୋବେଇଙ୍କୁ ଉଦ୍ଧାର କରିବା ପାଇଁ ଆସିବାରୁ ଅଭିମନ୍ୟୁ ଏକ କଟୁରିରେ ତାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରଜଙ୍ଗ, କାମାକ୍ଷାନଗର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଘରକୁ ଫେରିଥିବା ଉମାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ତାଙ୍କୁ ମଣ୍ଡାପାଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଉମାଙ୍କ ପରିବାର ଲୋକେ ଏତଲା ଦେବା ପରେ ମୁଣ୍ଡପୋତା, ସ୍ତ୍ରୀ ପ୍ରେମଲତା, ଦୁଇ ପୁଅ ଅଭିମନ୍ୟୁ ଓ ମନୋଜ, ଝିଅ ରଙ୍ଗବତୀ ଏବଂ ଜ୍ୱାଇଁ ବାଉରୀ ନାଏକଙ୍କ ନାମରେ ମାମଲା ରୁଜୁ କରିଛି।


ଜନ୍ମାଷ୍ଟମୀରେ ସୋମବାର ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ଥିବାରୁ ଶ୍ରଦ୍ଧାଳୁମାନେ ଅରୁଣ ସ୍ତମ୍ଭ ନିକଟରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରୁଛନ୍ତି।

## ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମନୀତି ସମ୍ପନ୍ନ

ପୁରୀ ଅଫିସ, ୩୦।୮

**ଆଜି ନନ୍ଦ ଉତ୍ସବ**
**ବିନା ଭକ୍ତରେ ଜନ୍ମାଷ୍ଟମୀ**

ଜନ୍ମାଷ୍ଟମୀ ଅବସରରେ ସୋମବାର ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ଧୂପ ବେଶରେ ମହାପ୍ରଭୁ ୬ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲେ। ଭଣ୍ଡାର ଦୁଆର ଆଗରେ ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ଜନ୍ମ ଭଦ୍ର ମଣ୍ଡଳ ଲେଖିଥିଲେ। ଚିତ୍ରକର ସେବକ ଦେଇଥିବା ଜନ୍ମପଟି ଓ ବଣିଆଙ୍କଠାରୁ ଆସିଥିବା ୯ ପାଖୁଡ଼ା ବିଶିଷ୍ଟ ରୁପା ପଦ୍ମକୁ ପୂଜାପଣ୍ଡା ମଣ୍ଡଳ ଉପରେ ରଖିଥିଲେ। ଏକ ସୁନା କୃଷ୍ଣମୂର୍ତ୍ତି ମଣ୍ଡଳ ଉପରେ ରଖାଯାଇ ୯ଟି ପଣ୍ଡିଭୋଗ ବଢ଼ାଯାଇଥିଲା। ପୂଜାପଣ୍ଡା ପଞ୍ଚଉପଚାର ପୂଜା ସାରିବା ପରେ ଦକ୍ଷିଣୀ ଘରୁ ମଦନମୋହନଙ୍କୁ ଆଣି ସିଂହାସନରେ ବିଜେ କରାଇଥିଲେ। ମୁଦିରସ୍ତ ମହାପ୍ରଭୁଙ୍କ ଧଣ୍ଡି ପ୍ରସାଦ ଆଜ୍ଞାମାଳ ଶ୍ରୀମଦନମୋହନଙ୍କୁ ଲାଗି କରାଇଥିଲେ। ମହାଜନ ସେବକମାନେ ଶ୍ରୀମଦନମୋହନଙ୍କୁ ଆଣି ଜନ୍ମଚକଡ଼ାରେ ବିଜେ କରାଇବା ପରେ ପୂଜାପଣ୍ଡା ଗର୍ଭଉଦକ କର୍ମ କରି ଶୀତଳ ଭୋଗ ଷୋଡ଼ଶ ଉପଚାରରେ ମଣୋହି କରିଥିଲେ। ଦୁଇଜଣ ମହାଜନ ସେବକ ଦେବକୀ ଓ ବସୁଦେବ ବେଶ ହୋଇ ଜନ୍ମ ଚକଡ଼ାରେ ଶ୍ରୀକୃଷ୍ଣ ଜନ୍ମ ନୀତି ସମ୍ପାଦନ କରିଥିଲେ। ପରେ ମୁଦିରସ୍ତ ପ୍ରସାଦ ଲାଗି କରାଇଥିଲେ। ପାଳିଆ ମହାସୁଆର ଦେଇଥିବା ଦୁଧ, ଲହୁଣି ଓ ଗଣ୍ଠୁସ ମସଲାକୁ ପୂଜାପଣ୍ଡା ସମର୍ପଣ କରି ମଣୋହି କରିଥିଲେ। ଦେବକୀ, ବସୁଦେବଙ୍କ ସହିତ ମହାଜନ ସେବକ ରୁପା ଥାଳିରେ କୃଷ୍ଣ (ମଦନମୋହନ)ଙ୍କୁ ବିଜେ କରାଇଥିଲେ। ଏହାପରେ ଜଗମୋହନ ଦେଇ ସରସ୍ୱତୀ ମନ୍ଦିର ସମ୍ମୁଖ ଯମୁନା ନଈ କୂଳକୁ ବିଜେ କରାଇବା ସମୟରେ ଠାକୁରଙ୍କ ଶିର ଉପରେ ସପ୍ତଫେଣୀ ବାସୁକୀ ରହିଥିଲେ। ନଦୀ କୂଳରେ ଉଗ୍ରସେନ ଭେଟ ନୀତି ହୋଇଥିଲା। ଠାକୁର ଘଣ୍ଟ, ଛତା, କାହାଳୀ ସହ ଯାଇ ନାଭିକଟା ମଣ୍ଡପର ଖଟଶେଯରେ ବିଜେ କରିଥିଲେ। ମହାଜନ ସେବକ ଦକ୍ଷିଣୀ ଘରୁ ରାମକୃଷ୍ଣଙ୍କୁ ଆଣି ଖଟଶେଯରେ ବିଜେ କରାଇଥିଲେ। ସେଠାରେ ଜନ୍ମନୀତି, ନାଭିକଟାଠାରୁ ଉପନୟନ ସଂସ୍କାର ପର୍ଯ୍ୟନ୍ତ କର୍ମମାନ ହୋଇଥିଲା। ମହାଜନ ସେବକ ଠାକୁରଙ୍କୁ ଜଗମୋହନରେ ଲାଗିଥିବା ଦୋଳିରେ ବିଜେ କରାଇଥିଲେ। ଏହାପରେ ବଡ଼ସିଂହାର ଭୋଗ ବଢି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା। ମଙ୍ଗଳବାର ନନ୍ଦ ଉତ୍ସବ ଅନୁଷ୍ଠିତ ହେବ। ଏଥିସହ ସକାଳ ୭ଟାରୁ କୋଭିଡ୍ ନିୟମ ମାନି ଭକ୍ତମାନେ ଶ୍ରୀମନ୍ଦିରରେ ଦାରୁଦିଅଁଙ୍କ ଦର୍ଶନ କରିପାରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## କାର୍-ବାଇକ୍ ଧକ୍କା, ୨ ମୃତ

**କଟକସଦର,୩୦।୮(ଡି.ଏନ୍.ଏ.):** କଟକ - ପାରାଦ୍ୱୀପ ରାସ୍ତାର ଫକୀରପଡ଼ାରେ ସୋମବାର ମଧ୍ୟାହ୍ନରେ ଏକ କାର୍ ସହ ଗୋଟିଏ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଜଣେ ମହିଳାଙ୍କ ସମେତ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ଜଇପୁର ଗ୍ରାମ ଶିବପ୍ରସାଦ ବାରିକ ଓ ସଙ୍ଗୀତ ଦେବୀ(୩୫)। ପୋଲିସ ସୂଚନା ଅନୁଯାୟୀ, ଶିବ ଏକ ବାଇକ୍ (ନଂ.ଓଡି ୨୧ ଏଫ୍ ୯୨୯୧)ରେ ପଡ଼ୋଶୀ ସଙ୍ଗୀତଙ୍କୁ ବସାଇ କଟକ ଅଭିମୁଖେ ଯାତ୍ରା କରୁଥିଲେ। ବିପରୀତ ଦିଗରୁ ଆସୁଥିବା (ନଂ.ଓଡି ୦୨ ଏଏନ୍ ୨୯୮୮) କାର୍‌ଟି ଆସୁଥିବାରୁ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଶିବ ଓ ସଙ୍ଗୀତ ଗୁରୁତର ଅବସ୍ଥାରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଏହି ସମୟରେ କାର୍‌ରେ ଥିବା ଲୋକେ ଗାଡ଼ି ଛାଡ଼ି ସେଠାରୁ ଫେରାର ହୋଇଯାଇଥିଲେ। ଅନ୍ୟପଟେ ଦୁର୍ଘଟଣା ପରେ ରାସ୍ତାରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ପୋଲିସ ପହଞ୍ଚି ଗୁରୁତରଦ୍ୱୟଙ୍କୁ କଟକ ବଡ଼ ମେଡିକାଲ ପଠାଇବା ସହ ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ଆହତଦ୍ୱୟଙ୍କ ମଧ୍ୟରୁ ଶିବଙ୍କୁ ମୃତ ଘୋଷଣା କରିଥିବା ବେଳେ ସଙ୍ଗୀତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

# ଗାଁ ମୁହାଁ ହେଉଛି ସମୁଦ୍ର

ବାଲିଆପାଳ,୩୦।୮(ସ୍ୱ.ପ୍ର)

ପ୍ରାକୃତିକ ପରିବର୍ତ୍ତନ ମଣିଷର ଦମ୍ଭକୁ ଭାଙ୍ଗି ଦେଉଛି। କେତେବେଳେ ବାତ୍ୟା ତା'ର ମହା କରାଳ ରୂପ ଦେଖାଇ ଘର ଦ୍ୱାର ଭାଙ୍ଗି ଜନ ଶୂନ୍ୟ କରିଦେଉଛି ତ କେତେବେଳେ ସମୁଦ୍ରରୁ ଲୁଣା ଜଳ ମାଡ଼ି ଆସି ନିତ୍ୟ ବ୍ୟବହାର୍ଯ୍ୟ ଉପକରଣ ଭସାଇ ନେଉଛି। ପୁଣି କେତେବେଳେ ସମୁଦ୍ର ଗାଁ ମୁହାଁ ହୋଇ ଲୋକଙ୍କୁ ଡରାଉଛି। ବାତ୍ୟା 'ୟାସ୍' ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଛି ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବିରାଇ ପଞ୍ଚାୟତର ସମୁଦ୍ର କୂଳିଆ ଗାଁ ଚାଉଳତି। ସମୁଦ୍ର ଢ଼େଉରେ ନଷ୍ଟ ହୋଇଯାଇଛି ଝାଉଁ ଜଙ୍ଗଲ ସହିତ ବହୁ ପୂର୍ବରୁ ରହିଥିବା ଲୁଣିବନ୍ଧ। ସମୁଦ୍ର ଗାଁ ମୁହାଁ ହେଉଥିବା ଦେଖି ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଜୀବନକୁ ବାଜି ଲଗାଇ ଜନ୍ମ ମାଟିରେ ପଡ଼ି ରହିଛନ୍ତି ସେମାନେ।

ଏହି ଗାଁରେ ୧୨୦ରୁ ଉର୍ଦ୍ଧ୍ୱ ଘର ଥିଲା ବେଳେ ହଜାରେରୁ ଅଧିକ ଲୋକ ବସବାସ କରନ୍ତି। ଚଳିତ ବର୍ଷ 'ୟାସ୍' ବାତ୍ୟା ସମଗ୍ର ଓଡ଼ିଶାବାସୀଙ୍କୁ ଆତଙ୍କିତ କରିଥିଲା ବେଳେ ସମୁଦ୍ରର ଉଚ୍ଚ ଜୁଆର ଯୋଗୁ ଧୋଇଯାଇଛି ଏହି ଗାଁର ବାତ୍ୟା ପ୍ରତିରୋଧକ ବିଶାଳ ଝାଉଁ ଜଙ୍ଗଲ। ଉପୁଡ଼ି ପଡ଼ିଛି ବଡ଼ବଡ଼ ଝାଉଁ ଗଛ। ଲୀନ ହୋଇ ଯାଇଛି ଗାଁକୁ ସୁରକ୍ଷା ଦେଉଥିବା ସମୁଦ୍ର ପ୍ରାଚୀର ଲୁଣିବନ୍ଧ। ତେଣୁ ଅନାୟସରେ ଗାଁ ମୁହାଁ ହେବାରେ ଲାଗିଛି ସମୁଦ୍ର। ପ୍ରାୟତଃ ୩ରୁ ୪ ଚେନ୍ ସମୁଦ୍ର ମାଡ଼ି ଆସିଛି ଗାଁ ଭିତରକୁ। ଫଳରେ ଚାଷ ଜମିରେ ମାଡ଼ି ଯାଇଛି ସମୁଦ୍ରର ଲୁଣି ପାଣି। ଗୃହ ପାଳିତ ପଶୁଙ୍କର ଚାରଣ ଭୂଇଁରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ସମୁଦ୍ରର ଗର୍ଜନ ଡ଼ରାଉଛି ଗାଁ ଲୋକଙ୍କୁ। ସୌନ୍ଦର୍ଯ୍ୟରେ ଭରପୁର ଚାଉଳତି ଗ୍ରାମ ସମୁଦ୍ର ଗର୍ଭରେ ଲୀନ ହୋଇଯିବା ଅଶଙ୍କାରେ ପ୍ରମାଦ ଗଣୁଛନ୍ତି ଗ୍ରାମବାସୀ। ଲହଡ଼ି ରୋକିବା ପାଇଁ ଖୁବ୍ ଶୀଘ୍ର ପଥର ପ୍ୟାକିଂ ସହିତ ପଥର ବନ୍ଧ କରିବାକୁ ଗ୍ରାମବାସୀ ସରକାରଙ୍କୁ ନିବେଦନ କରିଛନ୍ତି। ଲୁଣି ବନ୍ଧ କରାଯାଇ ଲହଡ଼ିକୁ ରୋକା ନ ଗଲେ ଖାଲି ଜମ୍ବିରାଇ ପଞ୍ଚାୟତର ଚାଉଳତି ଗାଁ ନୁହେଁ ଏହି ପଞ୍ଚାୟତର ୪/୫ଟି ଗାଁ ସହିତ କଷାଫଳ, ବୁଲଂ, ସାଉଡ଼ି, ନୂଆଗାଁ, ପଞ୍ଚପାଲି ପଞ୍ଚାୟତର କିଛି ଗାଁ ସମୁଦ୍ର ଗର୍ଭରେ ଲୀନ ହେବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି।

- ନଷ୍ଟ ହୋଇଯାଇଛି ଝାଉଁ ଜଙ୍ଗଲ, ଲୁଣି ବନ୍ଧ
- ଲହଡ଼ି ରୋକିବା ପାଇଁ ପଥର ବନ୍ଧ କରାଯାଉ


ସମୁଦ୍ର କୂଳିଆ ଗାଁ ଚାଉଳତି।

# ତେଲ ଟ୍ୟାଙ୍କରରେ ଆନ୍ଧ୍ରରୁ ଆସୁଥିଲା ଗଞ୍ଜେଇ


ଚୋରା ଚାଲାଣ ହେଉଥିବା ଗଞ୍ଜେଇ ଭର୍ତ୍ତି ଟ୍ୟାଙ୍କର ଜବତ।

ଭୁବନେଶ୍ୱର/ସମ୍ବଲପୁର, ୩୦।୮(ବ୍ୟୁରୋ)

ଧରା ନ ପଡ଼ିବାକୁ ନୂଆ କୌଶଳ ଆପଣାଉଛନ୍ତି ଗଞ୍ଜେଇ ମାଫିଆ। ଦିଲ୍ଲୀକୁ କୋରିଅରରେ ଗଞ୍ଜେଇ ଚାଲାଣବେଳେ କମିଶନରେଟ ପୋଲିସ ୨ ଆନ୍ତଃରାଜ୍ୟ ବେପାରିଙ୍କୁ ଶନିବାର ଗିରଫ କରିଥିଲା। ସୋମବାର ଆନ୍ଧ୍ରପ୍ରଦେଶରୁ ଓଡିଶାକୁ ତେଲ ଟ୍ୟାଙ୍କରରେ ଗଞ୍ଜେଇ ଚାଲାଣବେଳେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ( ଏନ୍‌ସିବି) ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ମହେଶତାଲା ଥାନା ଦୌଲତପୁରର ରାମ ସାଗର ସିଂ (୬୦) ଓ ସନ୍ତୋଷ ରାୟ (୨୮)। ଚାଲାଣରେ ବ୍ୟବହୃତ ଟ୍ୟାଙ୍କର ସହ ସେଥିରେ ଥିବା ୮ କୁଇଣ୍ଟାଲ ୫୦ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୮ କୋଟି ୫୦ ଲକ୍ଷ ଟଙ୍କା ହେବ। ଏନେଇ ଏନ୍‌ସିବି ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ପଚରାଉଚରା କରୁଛି। ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ଏନ୍‌ସିବି ଅଧିକ ଖୋଳତାଡ ଜାରି ରଖିଛି।

- ୮ କୋଟିର ଗଞ୍ଜେଇ ଜବତ, ୨ ଗିରଫ
- ଅଧିକ ତଦନ୍ତ କରୁଛି ଏନ୍‌ସିବି

ସୂଚନାଯୋଗ ଅନୁଯାୟୀ, ଅଭିଯୁକ୍ତଦ୍ୱୟ ଆନ୍ଧ୍ରର ବିଜୟନଗରମରୁ ତେଲ ଟ୍ୟାଙ୍କରରେ ଗଞ୍ଜେଇ ଭର୍ତ୍ତି କରି ରାଉରକେଲା ଆଣୁଥିଲେ। ଏନେଇ ଏନ୍‌ସିବି ବିଶେଷ ସୂତ୍ରରୁ ଖବର ପାଇଥିଲା। ଭୁବନେଶ୍ୱର ଜୋନ୍ ଏନ୍‌ସିବିର ଏକ ଟିମ୍ ରବିବାର ସନ୍ଧ୍ୟାରେ ସମ୍ବଲପୁରସ୍ଥିତ ଏନ୍‌ଏଚ୍-୫୩ର ଅଇଠାପାଲ୍ଲୀ ନିକଟରେ ଛକି ରହିଥିଲା। ଉକ୍ତ ଟ୍ୟାଙ୍କର ଆସିବା ମାତ୍ରେ ଏନ୍‌ସିବି ଟିମ୍ ଗାଡିକୁ ଅଟକାଇଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ଗାଡି ଛାଡ଼ି ଖସିଯିବାକୁ ଦୌଡିପଳାଇବାକୁ ଉଦ୍ୟମ କରୁଥିବାବେଳେ ଏନ୍‌ସିବିର କର୍ମଚାରୀମାନେ ସେମାନଙ୍କୁ କାବୁ କରିଦେଇଥିଲେ।

### ପୋଲିସ ଜାଣିପାରିଲା ନି କେମିତି

ଜାତୀୟ ରାଜପଥରେ ରାଜ୍ୟ ପୋଲିସ ପକ୍ଷରୁ ଯାଞ୍ଚ କଡାକଡି କରାଯାଉଛି। ଅଭିଯୁକ୍ତଦ୍ୱୟ ଆନ୍ଧ୍ରପ୍ରଦେଶରୁ ଟ୍ୟାଙ୍କରରେ ଗଞ୍ଜେଇ ଆଣି ସମ୍ବଲପୁରରେ ପହଞ୍ଚିଯାଇଥିଲେ। ଆଉକିଛି ଘଣ୍ଟାପରେ ରାଉରକେଲାର ଠିକଣା ଜାଗାରେ ପହଞ୍ଚାଇ ଦେଇଥାନ୍ତେ। ତେବେ ତେଲ ଟ୍ୟାଙ୍କରରେ ଏବେ ପରିମାଣର ଗଞ୍ଜେଇ ଆସୁଥିଲେ ମଧ୍ୟ ପୋଲିସ କେମିତି ଜାଣିପାରିଲା ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜାତୀୟ ରାଜପଥରେ ପେଟ୍ରୋଲିଂରେ ନିୟୋଜିତ ଥିବା କେତେଜଣ ପୋଲିସ କର୍ମଚାରୀ ଏଭଳି କାରବାରରେ ସମ୍ପୃକ୍ତ ଥିବା ଚର୍ଚ୍ଚା ହେଉଛି।

ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍‌ଭବ ହେବ। କିନ୍ତୁ ଅତିରଂଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ। ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ। ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ।। –ଶ୍ରୀଅରବିନ୍ଦ



# ସାହିତ୍ୟ: ପ୍ରବୃତ୍ତି, ବୃତ୍ତି ଓ ବ୍ରତ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ବୈଦିକ ଯୁଗରେ ପ୍ରବୃତ୍ତି ଅନୁସାରେ ବୃତ୍ତି ସ୍ଥିର ହୋଇ ବୃତ୍ତି ଅନୁଯାୟୀ ଚତୁର୍ବର୍ଣ୍ଣ ନିର୍ଦ୍ଧାରିତ ହେଉଥିଲା। ଯେଉଁମାନେ ଯଜ୍ଞାଦି କର୍ମ, ଈଶ୍ୱର ଉପାସନା, ଅଧ୍ୟୟନ ଓ ଅଧ୍ୟାପନାଦି କର୍ମ କରୁଥିଲେ, ସେମାନଙ୍କୁ ବ୍ରାହ୍ମଣ କୁହାଗଲା। ଯେଉଁମାନେ ଶୌର୍ଯ୍ୟ, ତେଜ ଓ ଧୈର୍ଯ୍ୟର ଅଧିକାରୀ ହୋଇ ପ୍ରଜାମାନଙ୍କୁ ରକ୍ଷା କରୁଥିଲେ, ସେମାନଙ୍କୁ କ୍ଷତ୍ରିୟ କୁହାଗଲା। କୃଷି, ଗୋପାଳନ ଓ ବାଣିଜ୍ୟ କର୍ମ କରୁଥିବା ଲୋକଙ୍କୁ ବୈଶ୍ୟ କୁହାଯାଇ ଅନ୍ୟମାନଙ୍କ ସେବା କରୁଥିବା ଲୋକଙ୍କୁ ଶୂଦ୍ର ଭାବରେ ନାମିତ କରାଗଲା। ମାତ୍ର କ୍ରମେ ବର୍ଣ୍ଣକୁ କୁହାଗଲା ଜାତି ଓ ବୃତ୍ତି ଅନୁସାରେ ଜାତି ନିର୍ଦ୍ଧାରିତ ନ ହୋଇ ଜନ୍ମ ଅନୁସାରେ ଜାତି ନିର୍ଦ୍ଧାରିତ ହେଲା। ଏ ଯାବତ୍ ଏହି ପ୍ରଥା ଚାଲିଛି। ଜଣେ ବ୍ରାହ୍ମଣ ଘରେ ଜନ୍ମ ହେଲେ ବ୍ରାହ୍ମଣ ଓ କ୍ଷତ୍ରିୟ ଘରେ ଜନ୍ମ ହେଲେ କ୍ଷତ୍ରିୟ ଭାବରେ ଚିହ୍ନିତ ହେଉଛି। ପୁନଶ୍ଚ ଯଦିଓ ଜାତି ରହିଲା, ବୃତ୍ତି ସହ ଏହାର କୌଣସି ସମ୍ପର୍କ ରହିଲା ନାହିଁ। କୁଟୁମ୍ବ ପୋଷିବା ପାଇଁ ଯିଏ ଯେଉଁ ବୃତ୍ତିକୁ ଚାହିଁଲା ତାକୁ ଅବଲମ୍ବନ କଲା। ଅନେକେ ପରିସ୍ଥିତି ଚାପରେ ନିଜର ପ୍ରବୃତ୍ତି ଅନୁସାରେ ବୃତ୍ତି ଅନୁସରଣ ନ କରି ପ୍ରବୃତ୍ତି ବିରୋଧୀ ଯେକୌଣସି ଅର୍ଥକରୀ ବୃତ୍ତିକୁ ଗ୍ରହଣ କରିନେଲେ। ଫଳରେ ସେମାନେ ବୃତ୍ତିକୁ ଯାନ୍ତ୍ରିକ ଭାବରେ ଅନୁସରଣ କଲେ ସିନା, ତାକୁ ବ୍ରତରେ ରୂପାନ୍ତରିତ କରିପାରିଲେ ନାହିଁ।

ଜୀବନକୁ ପୂର୍ଣ୍ଣତା ଦେବା ପାଇଁ ଜୀବନରେ ବୃତ୍ତି ଯେପରି ଦରକାର, ବ୍ରତ ମଧ୍ୟ ସେପରି ଦରକାର। ବିଶିଷ୍ଟ ଚିନ୍ତାନାୟକ ଚିତ୍ତରଞ୍ଜନ ଦାସଙ୍କ ମତରେ, ବ୍ରତ ନ ଥିଲେ ବୃତ୍ତିଗୁଡ଼ାକ ଆମକୁ ପ୍ରାୟ ସକଳ କ୍ଷେତ୍ରରେ ଗୋଟିଏ ଗୋଟିଏ ଭୃତ୍ୟରେ ହିଁ ପରିଣତ କରି ରଖିଥା'ନ୍ତି ଏବଂ ବ୍ରତକୁ ବୃତ୍ତି କରି ଗ୍ରହଣ କରି ନ ଥିଲେ ଆମ ବ୍ରତଗୁଡ଼ାକ ସତେଅବା ଅନେକତଃ ଗୋଟାଏ ଗୋଟାଏ ତୁଚ୍ଛା ଭାବପ୍ରବଣତାରେ ପରିଣତ ହୋଇଯା'ନ୍ତି। କୁମ୍ଭକାର ହାଣ୍ଡି ଗଢ଼େ। ଏହା ତା'ର ବୃତ୍ତି। ମାତ୍ର ସେ ଯଦି ଏହି କର୍ମକୁ ବ୍ରତ ଭାବରେ ଗ୍ରହଣ ନ କରେ, ସେ ଜଣେ ଭଲ କୁମ୍ଭକାର ହୋଇପାରିବ ନାହିଁ। ଯେଉଁ କାରିଗରମାନେ ପଥର ହେଉ ବା ମାଟି ହେଉ ନିଜ ବୃତ୍ତିରେ ମୂର୍ତ୍ତି ଗଢ଼ନ୍ତି ଓ ଲୋକଙ୍କୁ ମୁଗ୍ଧ କରନ୍ତି, ସେମାନେ ତାଙ୍କ ବୃତ୍ତିକୁ ବ୍ରତ ଭାବରେ ଗ୍ରହଣ କରିଥା'ନ୍ତି ବୋଲି ସିଦ୍ଧିଲାଭ କରିଥା'ନ୍ତି। ଠିକ୍ ସେପରି ବୁଣାକାରମାନେ ଆକର୍ଷଣୀୟ ଲୁଗା ବୁଣନ୍ତି। ଏହା ତାଙ୍କ ବୃତ୍ତିର ବାହାଦୁରି ନୁହେଁ, ବ୍ରତର ବାହାଦୁରି। ସାହିତ୍ୟକୁ ସାହିତ୍ୟିକର ବୃତ୍ତି କହିବା ନା ବ୍ରତ ଏହା ଏକ ବଡ଼ ପ୍ରଶ୍ନ। ଗଙ୍ଗାଧର ମେହେର ବୁଣାକାର ଥିଲେ ଓ କବି ଥିଲେ। ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ତନ୍ତଚର୍ଚ୍ଚା ଓ ଗ୍ରନ୍ଥ ଚର୍ଚ୍ଚା ଏକ ସମୟରେ ସମାହିତ କରୁଥିଲେ। ସେ ତନ୍ତଚାଳନା କଲାବେଳେ ସଂସ୍କୃତ ଓ ଓଡ଼ିଆ କାବ୍ୟମାନଙ୍କରୁ କଣ୍ଠସ୍ଥ ଲଳିତ ପଦମାନ ଆବୃତ୍ତି କରି ବଡ଼ ଆମୋଦ ଅନୁଭବ କରୁଥିଲେ। ସେ ଆପଣାର ବୃତ୍ତି ଓ ବ୍ରତ ଭିତରେ ଦୁଇଖଣ୍ଡରେ ବିଭକ୍ତ ହୋଇ ରହି ନ ଥିଲେ। ଅବଶ୍ୟ ପରବର୍ତ୍ତୀ ସମୟରେ ସେ ବୃତ୍ତି ପରିବର୍ତ୍ତନ କରି ଜମିଦାର ନୃପରାଜ ସିଂହଙ୍କ ପାଖରେ ଅମିନ ଭାବରେ ଯୋଗଦେଇ ତାଙ୍କ କାର୍ଯ୍ୟକୁ ନିଷ୍ଠା ସହ ସମ୍ପାଦନ କରିଥିଲେ। ସାହିତ୍ୟକୁ ବୃତ୍ତି କରି ସଂସାରରେ କେହି ଜନ୍ମ ହୁଏ ନାହିଁ। ସାହିତ୍ୟିକର ପୁଅ ଯେ ସାହିତ୍ୟିକ ହେବ କେହି ଦୃଢ଼ ଭାବରେ କହିପାରିବ ନାହିଁ। ସାହିତ୍ୟ ହେଉ ବା ଯେକୌଣସି କଳା ହେଉ, ତାକୁ ବ୍ରତ ଭାବରେ ଗ୍ରହଣ କରିବାକୁ ହୁଏ। ସାହିତ୍ୟ ଲାଗି ସାହିତ୍ୟିକ ବଞ୍ଚେ ଓ କଳା ପାଇଁ କଳାକାର ବଞ୍ଚେ। ବୃତ୍ତିର ଜଗତରେ ସେ ନିଃସ୍ୱ ହୋଇଯାଇପାରେ, ତଥାପି ସେ ଆପଣାର ଧନରେ ଧନୀ ହୋଇ ରହେ।

ଲିଓନାର୍ଡୋ ଦା ଭିନ୍‌ସି ମୋନାଲିସାଙ୍କ ଚିତ୍ର ଆଙ୍କିବାରେ ମଜ୍ଜି ରହିଥା'ନ୍ତି। କିମ୍ବଦନ୍ତୀ କହେ, ସେହି ଭଦ୍ର ମହିଳା ପ୍ରତିଦିନ ଆସି ଶିଳ୍ପୀଙ୍କ ପାଖରେ ବସୁଥିଲେ। ସେ ଯେପରି ତାଙ୍କ ମୃଦୁ ହସରୁ ବିରତ ନ ହେବେ, ସେଥିପାଇଁ ପଛଭୂମିରେ ମଧୁର ସଙ୍ଗୀତ ବାଦନର ବ୍ୟବସ୍ଥା କରାଯାଇଥିଲା। ମହିଳାଙ୍କ ମୁହଁ ବିରସ ଦେଖାଗଲେ ହାସ୍ୟକର ଭଙ୍ଗୀ ଫେରାଇ ଆଣିବା ପାଇଁ ବିଦୂଷକମାନେ ନିଯୁକ୍ତ ହୋଇଥିଲେ। ଶିଳ୍ପୀଙ୍କର ସେହି ମୋନାଲିସା ଛବିଟି ଅସମ୍ପୂର୍ଣ୍ଣ ଥିବାବେଳେ ହଠାତ୍ ଦିନେ ପହଞ୍ଚିଲେ ରାଜା ଫ୍ରାନ୍‌ସିସ୍। ସେତେବେଳକୁ ମୋନାଲିସାଙ୍କ ମୃତ୍ୟୁ ହୋଇ ସାରିଥିଲା। ମୋନାଲିସାଙ୍କ ଲାସ୍ୟମୟୀ ଓ ହାସ୍ୟମୟୀ ଚିତ୍ରକୁ ଦେଖି ରାଜା ଅଭିଭୂତ ହୋଇଗଲେ। ସେ ଛବିଟିକୁ କିଣି ନେବା ପାଇଁ ଚାହିଁଲେ ଓ ଚାରିହଜାର କ୍ରାଉନ୍ ମୂଲ୍ୟ ଯାଚିଲେ। ମାତ୍ର ଶିଳ୍ପୀ ଆତୁର ଆଖିରେ ରାଜାଙ୍କ ଆଡ଼କୁ ଚାହିଁଥା'ନ୍ତି। ସେ କହିବାକୁ ଚାହୁଁଥା'ନ୍ତି ଯେ, ମୋନାଲିସାଙ୍କ ଛବିଟିକୁ ସେ ନିଜ ପାଖରେ ରଖିବାକୁ ଚାହାନ୍ତି। କୌଣସି ମୂଲ୍ୟର ବିନିମୟରେ ମଧ୍ୟ ସେ ତାକୁ ହାତଛଡ଼ା କରିବାକୁ ଚାହୁଁ ନ ଥା'ନ୍ତି। ମାତ୍ର ଭୟରେ ସେ ରାଜାଙ୍କୁ କିଛି କହି ନ ପାରି ନୀରବ ରହିଲେ। ପରଦିନ ରାଜ କର୍ମଚାରୀ ସେହି ଛବିଟିକୁ ସେଠାରୁ ନେଇଯିବେ କହି ରାଜା ଚାଲିଗଲେ। ମାତ୍ର ଲିଓନାର୍ଡୋଙ୍କୁ ସାରା ରାତି ନିଦ ହେଲା ନାହିଁ। ରାତି ଅଧରେ ସେ ରାଜ ଦରବାରକୁ ଆସି ରାଜାଙ୍କୁ ସାକ୍ଷାତ୍ କଲେ। ସେ ତାଙ୍କୁ କାତର ଭାବରେ କହିଲେ, ମହାରାଜ! ସେହି ଛବି ବିନା ମୁଁ ବଞ୍ଚିପାରିବି ନାହିଁ। ମୁଁ ମରିବା ପର୍ଯ୍ୟନ୍ତ ଛବିଟି ମୋ ପାଖରେ ଥାଉ। ମୋର ଏତିକି ଅନୁରୋଧ। ପାଖରେ ଛିଡ଼ା ହୋଇଥିବା ରାଜାଙ୍କ ଭଉଣୀ କହିଲେ, 'ମହାରାଜ! ସେ ଏବେ ବି ମୋନାଲିସାଙ୍କୁ ଭଲ ପାଉଛନ୍ତି। ତାଙ୍କ ଅନୁରୋଧ ଦୟାକରି ରକ୍ଷା କରନ୍ତୁ।' ରାଜା କହିଲେ, 'କିନ୍ତୁ ମୋନାଲିସାଙ୍କର ତ କେବେଠୁ ମୃତ୍ୟୁ ହୋଇସାରିଲାଣି।' ଭଉଣୀ କହିଲେ, 'ଜଣେ ମରିଗଲା ପରେ ମଧ୍ୟ ଲୋକେ କ'ଣ ତାକୁ ଭଲ ପାଉନାହାନ୍ତି? ଶିଳ୍ପୀଙ୍କ ସ୍ମୃତି ତାଙ୍କରି ପାଖରେ ରହୁ।' ଉଦାର ରାଜା ବୁଝିଲେ ଓ ଶିଳ୍ପୀଙ୍କ ଅନୁରୋଧ ରକ୍ଷା କଲେ। ଶିଳ୍ପୀ ଲିଓନାର୍ଡୋଙ୍କ ବୃତ୍ତି ଥିଲା ଚିତ୍ର ଆଙ୍କିବା। ମାତ୍ର ସେ ତାଙ୍କ ବୃତ୍ତିକୁ ବ୍ରତରେ ପରିଣତ କରିଦେଇଥିଲେ। ସେଥିପାଇଁ ତ ମୋନାଲିସା ଛବିଟି ସେତେବେଳେ ସର୍ବଶ୍ରେଷ୍ଠ ଛବି ଭାବରେ ସ୍ୱୀକୃତି ପାଇଥିଲା। ବୃତ୍ତି ଅନୁସାରେ ଚିତ୍ର ଆଙ୍କି ସେ ଚିତ୍ରକୁ ଏକ ପଣ୍ୟଦ୍ରବ୍ୟ ଭାବରେ ଦେଖି ନ ଥିଲେ। ତାଙ୍କ ସଂସାର ଥିଲା ଅନ୍ତରଙ୍ଗ ହେବାର ସଂସାର, ଶ୍ରଦ୍ଧାର ସଂସାର। ତାଙ୍କ ବୃତ୍ତି ଥିଲା ଏକ ବ୍ରତ।

ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ, ବୃତ୍ତି ପ୍ରବୃତ୍ତିଜନିତ ନ ହେଲେ ତାହା ବ୍ରତରେ ପରିଣତ ହୋଇପାରେ ନାହିଁ। ଆର୍ଥର କେନନ୍ ଡୟେଲ ଏଡିନ୍‌ବର୍ଗ ମେଡିକାଲ କଲେଜରୁ ଡାକ୍ତରୀ ପାସ୍ କଲେ ଓ ଚିକିତ୍ସା ଆରମ୍ଭ କଲେ। ମାତ୍ର ସେହି ବୃତ୍ତିରେ ସେ ବେଶିଦିନ ରହିପାରିଲେ ନାହିଁ। କାରଣ ତାହା ତାଙ୍କର ପ୍ରବୃତ୍ତି ନ ଥିଲା। ତାଙ୍କର ଥିଲା ସୃଜନଶୀଳ ପ୍ରତିଭା। ଲେଖିଲେ ଅନେକ ଉପନ୍ୟାସ ଓ କାହାଣୀ। ତାଙ୍କର ଗୋଇନ୍ଦା ଉପନ୍ୟାସରେ ସେରଲକ୍ ହୋମ୍‌ସ ଏକ ବହୁଜନାଦୃତ ଚରିତ୍ର। ସେ ସ୍ୱୀକୃତ ହେଲେ ଜଣେ ବିଶିଷ୍ଟ ଔପନ୍ୟାସିକ ଭାବରେ। ସମରସେଟ୍ ମମ୍ ଥିଲେ ଆଉ ଜଣେ ଡାକ୍ତର। ସେ ଶେଷବର୍ଷର ଡାକ୍ତରୀ ଛାତ୍ର ଥିବାବେଳେ ଲେଖିଲେ 'ଲିଜା ଅଫ୍ ଲ୍ୟାମବେଥ୍'। ଏହି ପ୍ରଥମ ଉପନ୍ୟାସର ଅପୂର୍ବ ସଫଳତା ପରେ ସେ ଡାକ୍ତରୀ ବୃତ୍ତି ଛାଡ଼ିଦେଲେ। ଷ୍ଟେଥୋସ୍କୋପ୍‌କୁ ଅବସର ଦେଇ ଧରିଲେ କଲମ। ସୃଷ୍ଟି ହେଲା ଏ ମ୍ୟାନ୍ ଅଫ୍ ଅନର, ଅଫ୍ ହ୍ୟୁମାନ୍ ବଣ୍ଡେଜ୍, ଲେଡି ଫ୍ରେଡେରିକ୍ ଓ ଅନେକ ଉଲ୍ଲେଖନୀୟ କୃତି। ଆଉ ଜଣେ ଡାକ୍ତର ହେଲେ ଯୋଶେଫ୍ କ୍ରୋନିନ୍। ଗ୍ଲାସ୍‌ଗୋ ବିଶ୍ୱବିଦ୍ୟାଳୟରୁ ଚିକିତ୍ସା ବିଜ୍ଞାନରେ ସର୍ବୋଚ୍ଚ ଡିଗ୍ରୀ ଲାଭ କରି ମଧ୍ୟ ସେ ଚିକିତ୍ସାକୁ ବୃତ୍ତି ଭାବରେ ବେଶିଦିନ ଅନୁସରଣ କରିପାରିଲେ ନାହିଁ। କାରଣ ତାଙ୍କର ପ୍ରବୃତ୍ତି ଥିଲା ଭିନ୍ନ। ତାଙ୍କର ସୃଜନଶୀଳ ପ୍ରତିଭା ସ୍ୱତଃପ୍ରବୃତ୍ତ ଭାବରେ ଆତ୍ମପ୍ରକାଶ କଲା। ତାଙ୍କର ଉପନ୍ୟାସଗୁଡ଼ିକରେ ଯଥା ଦି ଗ୍ରୀନ୍‌ୟର୍‌ସ, ଦି ଜୁଦାଶ ଟ୍ରି, ହ୍ୟାଟାରସ କ୍ୟାସଲ ଇତ୍ୟାଦି। ତାଙ୍କ ପ୍ରବୃତ୍ତିକୁ ସେ ବ୍ରତରେ ପରିଣତ କରି ଚିକିତ୍ସା ବୃତ୍ତିରୁ ଦୂରେଇ ଗଲେ।

ଅତୀତରେ ଅନେକ ପଣ୍ଡିତ କାବ୍ୟ କବିତା ଲେଖି ରାଜାଙ୍କ ପାଖରୁ ଅର୍ଥ, ପୁରସ୍କାର ଓ ଉପାଧି ଗ୍ରହଣ କରୁଥିଲେ। ସାହିତ୍ୟ ସୃଷ୍ଟି କରିବା ସେମାନଙ୍କ ପାଇଁ ଏକ ବୃତ୍ତି ଥିଲା। ଅବଶ୍ୟ ଆଜିକାଲି ରାଜା ନ ଥିଲେ ମଧ୍ୟ ଏହି ଧାରା ଏକ ଭିନ୍ନ ରୂପରେ ପ୍ରଚଳିତ ହୋଇଛି। ସାହିତ୍ୟ ଏକାଡେମୀ ଓ ଅନେକ ବେସରକାରୀ ସଂସ୍ଥା ସାହିତ୍ୟ ପାଇଁ ମୋଟା ଅର୍ଥଯୁକ୍ତ ପୁରସ୍କାର ଓ ସମ୍ମାନ ଦେଉଛନ୍ତି। ଏବେ ପ୍ରବୃତ୍ତି ନ ଥାଇ, ସୃଜନଶୀଳ ପ୍ରତିଭା ନ ଥାଇ ମଧ୍ୟ କିଛି ଲେଖକ ଏ ସବୁ ହାତେଇବା ପାଇଁ ଲେଖନୀ ଚାଳନା କରୁଛନ୍ତି। ସେମାନଙ୍କ ପାଇଁ ସାହିତ୍ୟ ସୃଷ୍ଟି କରିବା ଏକ ବୃତ୍ତି ହୋଇଛି। ମାତ୍ର ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କ ଭାଷାରେ, ''ସାହିତ୍ୟ ହେଉଛି ବସ୍ତୁତଃ ଏକ ବ୍ରତ। ସାହିତ୍ୟ କେତେ ମଣିଷକୁ ଯୁଗେ ଯୁଗେ ବୃତ୍ତିର ଜଗତରେ କେତେ ପ୍ରକାରେ ନିଃସ୍ୱ ଏବଂ ନିଃଦ୍ରବ୍ୟ କରି ରଖିଛି। କେତେ ସିଂହାସନଚାରୀଙ୍କ ଦୃଷ୍ଟିରୁ ଦୂରରେ ରଖିଛି, କେତେ ସଫଳତା ତଥା ସ୍ୱୀକୃତିର ଦ୍ୱାରରୁ ସେମାନଙ୍କୁ ଦୂରେଇ ରଖିଛି। ସାହିତ୍ୟିକ ତଥାପି ବଞ୍ଚିଛି। ବାହାରକୁ ନିଃସ୍ୱ ହୋଇ ରହିଥିଲେ ମଧ୍ୟ ସେ ଆପଣାର ଧନରେ ତଥାପି ଧନୀ ହୋଇ ରହିଛି।'' ଏହା ସମ୍ଭବ ହୋଇଛି ଯେତେବେଳେ ସାହିତ୍ୟିକ ନିଜ ସୃଜନଶୀଳ ପ୍ରବୃତ୍ତିକୁ ବୃତ୍ତି ଭାବରେ ଗ୍ରହଣ କରି ତାକୁ ବ୍ରତରେ ପରିଣତ କରିଛି।

ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼
ମୋ:୯୪୩୭୩୨୯୨୬୩

## ଟେଲିଫୋନ୍‌ର ମଜା ଶହେ କୋଶରୁ...



ଶେଖ୍ ଫରିଦ୍‌ଉଦ୍ଦିନ

ପିଲାମାନଙ୍କ ଛବି ବହିରେ ଲେଖାଥିଲା 'ଟେଲିଫୋନ୍‌ର ମଜା, ଶହେ କୋଶରୁ ଆଇ ସାଥିରେ କଥା ହେଉଛି ଅଜା...'। ଆଜି ସମୟର ଅଜାମାନେ ସ୍ମାର୍ଟଫୋନ୍‌ରେ ଆଇ ସହ ସୁଖଦୁଃଖ ହୋଇପାରୁଛନ୍ତି। କରୋନା ବିଭୀଷିକା ଟେଲିଫୋନ୍‌ର ବ୍ୟବହାରକୁ ଦ୍ୱିଗୁଣିତ କରିଦେଇଛି। ୧୯୧୮ରେ ଜର୍ମାନ ରୋଡୱେଜ୍ ତରଫରୁ ବର୍ଲିନରୁ ଯୋସେନ ମଧ୍ୟରେ ଚାଲୁଥିବା ମିଲିଟାରୀ ଟ୍ରେନ୍‌ଗୁଡ଼ିକରେ ୱେରଲେସ ଫୋନ୍ ଆରମ୍ଭ ହୋଇଥିଲା। ୧୯୨୪ରେ ବର୍ଲିନ୍‌ରୁ ହାମ୍‌ବର୍ଗ ମଧ୍ୟରେ ଚାଲିଥିବା ଯାତ୍ରୀବାହୀ ଟ୍ରେନ୍‌ରେ ମଧ୍ୟ ତାରବିହୀନ ଫୋନ୍ ଆରମ୍ଭ କରାଯାଇଥିଲା। ବେତାର ଫୋନ୍ ଭାବେ ହ୍ୟାଣ୍ଡହେଲ୍‌ଡ ରେଡିଓ ଟ୍ରାନ୍ସିଭରସ୍ ୧୯୪୦ ଯାଏ ବ୍ୟବହାର କରାଯାଉଥିଲା। ଆମେରିକାର ଫେଲଲ୍ୟାବ୍ ୧୭ ଜୁନ୍ ୧୯୪୬ରେ ମୋବାଇଲ ଫୋନ୍ ସେବା ଆରମ୍ଭ କରିଥିବାର ଜଣାଯାଏ। ମସ୍କୋର ଜଣେ ଇଞ୍ଜିନିୟର ଲିଓନିଡ୍ କୁପ୍ରିୟାନୋଭିକ୍ ୧୯୫୭ରୁ ୧୯୬୧ ମଧ୍ୟରେ ପକେଟ ସାଇଜ୍ କମ୍ୟୁନିକେଶନ ରେଡିଓ ନିର୍ମାଣ ସହିତ ପରୀକ୍ଷାନିରୀକ୍ଷା ଆରମ୍ଭ କରିଥିଲେ। ମୋଟୋରୋଲା କମ୍ପାନୀର ଇଞ୍ଜିନିୟର ମାର୍ଟିନ କୁପରଙ୍କୁ ସେଲ୍ ଫୋନ୍‌ର ଜନକ ବୋଲି କୁହାଯାଏ। ଏପ୍ରିଲ ୧୯୭୩ରେ କୁପର୍ ଗୋଟେ ମୋବାଇଲ ସେଟ୍ ଯୋଗେ ପ୍ରଥମେ କଥାବାର୍ତ୍ତା ହୋଇଥିଲେ। ଜର୍ମାନୀ, ଆମେରିକା, ରୁଷିଆ ଆଦି ଦେଶ ତୁଳନାରେ ଭାରତକୁ ବହୁ ପରେ ମୋବାଇଲ ସେବା ଆସିଥିଲା। ୧୯୯୪ରେ ପ୍ରଥମଥର ପାଇଁ ଆମ ଦେଶରେ ବେସରକାରୀ ସଂସ୍ଥାଗୁଡ଼ିକୁ ସେଲୁଲାର ଓ ରେଡିଓ ପେଜିଂ ସେବା ପାଇଁ ଅନୁମତି ମିଳିଥିଲା। ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ଚେନ୍ନାଇରେ ସ୍ପେକ୍ଟ୍ରମ ନିଲାମ କରାଯାଇଥିଲା। ୧୯୯୫ରେ କୋଲକାତାରେ ପ୍ରଥମେ ମୋଦି ଟେଲଷ୍ଟ୍ରା କମ୍ପାନୀ ମୋବାଇଲ ନେଟୱର୍କ ସ୍ଥାପନ କରିଥିଲା। ସେହିବର୍ଷ ଜୁଲାଇ ୩୧ରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଜ୍ୟୋତିବସୁ ମୋବାଇଲ ଫୋନ ମାଧ୍ୟମରେ କେନ୍ଦ୍ର ଟେଲିକମ୍ ମନ୍ତ୍ରୀ ସୁଖରାମଙ୍କ ସହିତ କଥା ହୋଇଥିଲେ। ଏହାକୁ ଆମ ଦେଶର ପ୍ରଥମ ଫୋନ୍ କଲ୍ ବୋଲି କୁହାଯାଏ। ଦୂରସଞ୍ଚାର ସେବାର ନିୟନ୍ତ୍ରଣ ପାଇଁ ୧୯୯୭ରେ ଟେଲିକମ୍ ରେଗୁଲେଟରି ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ) ଗଠନ କରାଗଲା। ୧୯୯୯ରେ ସରକାର ନୂଆନୀତି ଆଣିବା ଫଳରେ ଅପରେଟର ସଂସ୍ଥା ସରକାରଙ୍କ ସହିତ ରାଜସ୍ୱ ଭାଗ ବାଣ୍ଟ କରିବାର ନିୟମ ରହିଲା। ଦିନେ ଲୋକଙ୍କୁ ଗୋଟେ ମିନିଟ କଥା ହେବାକୁ ଚବିଶ ଟଙ୍କା ଗଣିବାକୁ ପଡୁଥିବାବେଳେ ଆଜି ବିଶ୍ୱରେ ସବୁଠୁ ଶସ୍ତାରେ ଭାରତୀୟମାନେ ମୋବାଇଲ ଫୋନ୍‌ରେ କଥା ହୋଇପାରୁଛନ୍ତି। ୨୦୦୧ ବେଳକୁ ଫିକ୍ସଡ୍ ଲାଇନ ସେବା ଯୋଗାଉଥିବା ସଂସ୍ଥାଗୁଡ଼ିକୁ ମଧ୍ୟ ମୋବାଇଲ ସେବା ପାଇଁ ଅନୁମତି ମିଳିଗଲା।

ସ୍ମାର୍ଟଫୋନ୍ ମାଧ୍ୟମରେ ମନୋରଞ୍ଜନ, ଟିକେଟ ବୁକିଂ, ଖାଦ୍ୟପେୟ ଅର୍ଡର, ନିତିଦିନିଆ ସାମଗ୍ରୀ କିଣାବିକା, ସ୍ୱାସ୍ଥ୍ୟ ପରୀକ୍ଷା, ପାଠପଢ଼ା, ପାଣିପାଗ ସୂଚନା, ଖବରକାଗଜ ଓ ବହି ପଢ଼ିବା, ଟିଭି, ସିନେମା ତଥା ଜ୍ଞାନବିଜ୍ଞାନର ସବୁ ପ୍ରକାର ତଥ୍ୟ ଓ ସୁବିଧା ମିଳୁଛି। ପ୍ରତିଦିନ ନୂଆ ପ୍ରକାର ଆପ୍ଲିକେଶନ ନିର୍ମିତ ହେଉଛି। ମୋବାଇଲ ସେବାରେ ୨ଜି, ୩ଜି ଏବଂ ୪ଜି ଆଦି ଟେକ୍ନୋଲୋଜି ବ୍ୟବହୃତ ହୋଇଥାଏ। ତେବେ ଜି'ର ଅର୍ଥ ଜେନେରେଶନ। ଗୋଟେ ଜେନେରେଶନରୁ ଆଉ ଗୋଟେ ଜେନେରେଶନକୁ ଗଲାବେଳେ ମୋବାଇଲ ଫୋନରେ ଅଧିକ ଉନ୍ନତ ଏବଂ ଆଧୁନିକ ଜ୍ଞାନକୌଶଳ ବ୍ୟବହୃତ ହେଉଛି। ଏବେ ଭାରତରେ ୪ଜି ମୋବାଇଲ ଫୋନ୍ ବହୁଳ ମାତ୍ରାରେ ବ୍ୟବହୃତ ହେଉଛି। ୫ଜି ଟେକ୍ନୋଲୋଜି କାର୍ଯ୍ୟକ୍ଷମ ହେବାକୁ ଯାଉଛି।

ଫାର୍ଷ୍ଟ ଜେନେରେଶନ-୧-ଜି ମୋବାଇଲ ନେଟୱର୍କରେ ଆନାଲଗ୍ ଟେକ୍ନୋଲୋଜି ବ୍ୟବହୃତ। ଏଥିରେ କେବଳ କଥାବାର୍ତ୍ତା ହୋଇପାରିବାର ସୁବିଧା ଥିଲା। ୨-ଜି ସେବାରେ କଥାବାର୍ତ୍ତା, ମେସେଜ୍ ତଥା ସୀମିତ ଡାଟା ପଠାଇବାର ସୁବିଧା ଉପଲବ୍ଧ। ୧୯୯୦ରେ ଏହା ଆରମ୍ଭ ହୋଇଥିଲା। ଏଥିରେ ଡାଟା ପ୍ରେରଣର ବେଗ ବହୁତ କମ୍ ରହୁଥିଲା। ୩-ଜିରେ ଇଣ୍ଟରନେଟ ସ୍ପିଡ ବଢ଼ିବା ସହିତ ଡାଟା ଡାଉନ୍‌ଲୋଡ୍ କରିବା ସୁବିଧାଜନକ ହେଲା। ଏହି ପିଢ଼ିର ଫୋନ୍‌ରେ ଏଚ୍‌ଏସ୍‌ପିଏ (ହାଇସ୍ପିଡ୍ ପ୍ୟାକେଟ ଆସେସ୍) ଟେକ୍ନୋଲୋଜି ଦ୍ୱାରା ଡାଉନ୍‌ଲିଙ୍କ ସ୍ପିଡ ୧୪.୪ ଏମ୍‌ବିପିଏସ୍ (ମେଗା ବାଇଟ୍ ପର ସେକେଣ୍ଡ) ଏବଂ ଅପଲିଙ୍କ୍ ସ୍ପିଡ ୫.୭୬ ଏମ୍‌ବିପିଏସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇଲା। ୪-ଜି ରେ ଏଲ୍‌ଟିଇ (ଲଙ୍ଗ୍ ଟର୍ମ ଇଭୋଲ୍ୟୁଶନ) ଟେକ୍ନୋଲୋଜି ବ୍ୟବହୃତ। ୪-ଜିରେ ୩-ଜି ଅପେକ୍ଷା ଇଣ୍ଟରନେଟ୍ ସ୍ପିଡ ବହୁଗୁଣିତ ହେଲା। ଏପରି କି ଡାଉନ୍ ଲିଙ୍କ ସ୍ପିଡ୍ ୩୦୦ ଏମ୍‌ବିପିଏସ୍ ପର୍ଯ୍ୟନ୍ତ ବଢ଼ିଗଲା। ୫-ଜି ମୋବାଇଲ ଫୋନ୍‌ର ବ୍ୟବହାର ଏ ପର୍ଯ୍ୟନ୍ତ ଭାରତରେ ଆରମ୍ଭ ହୋଇନାହିଁ। କିନ୍ତୁ ରିଲାଏନ୍ସ ଜିଓ କମ୍ପାନୀ କହିଛି ଯେ, ସରକାର ସ୍ପେକ୍ଟ୍ରମ ଯୋଗାଇ ଦେଲା ମାତ୍ରକେ ୫-ଜି ସେବା ଆରମ୍ଭ କରିବ। ଏଥିପାଇଁ କମ୍ପାନୀ ନିଜକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରି ରଖିଛି। ଏଥିରେ ନିଉ ରେଡିଓ ଏନ୍‌ଆର ଟେକ୍ନୋଲୋଜିର ଉପଯୋଗ କରାଯାଇଥାଏ। ଡାଉନଲୋଡିଂ ସ୍ପିଡ ସେକେଣ୍ଡ ପ୍ରତି ୧୦ଜିବି ପର୍ଯ୍ୟନ୍ତ ରହିପାରିବ।

ଦକ୍ଷିଣ କୋରିଆରେ ଏପ୍ରିଲ ୨୦୧୯ରେ ୫-ଜି ମୋବାଇଲ ନେଟୱର୍କ ଆରମ୍ଭ କରାଯାଇଥିଲା। ୨୦୧୯-୨୦ର ଅର୍ଥନୈତିକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଦେଶରେ ୯୧.୯% ଲୋକ ମୋବାଇଲ ଫୋନ୍ ବ୍ୟବହାର କରୁଥିବା ବେଳେ ଓଡ଼ିଶାରେ ୭୯.୫୮%ରେ ସୀମିତ ରହିଛି।

ଦୂରସଞ୍ଚାର ଭବନ, ଲିଙ୍କରୋଡ୍, କଟକ
ମୋ:୯୪୩୭୦୦୪୮୮୮

## ଏଇ ଭାରତରେ

ଖୁସି ରହିବା ପାଇଁ ପାଠ ପଢ଼ିବାକୁ ହେବ। ଏମିତି କଥା ଶୁଣି ବିଶ୍ୱାସ ହେଉନାହିଁ କି! ହେଲେ ଏବେ ଏମିତି ଏକ ସ୍ୱତନ୍ତ୍ର ଧରଣର ପାଠ୍ୟକ୍ରମ ପ୍ରଚଳନ ହୋଇଛି ଆମ ଦେଶର ରାଜଧାନୀ ଦିଲ୍ଲୀରେ। ରାଜ୍ୟର ୧୫ଟି ଜିଲାରେ ପ୍ରଥମେ ଏହି ପାଠ୍ୟକ୍ରମକୁ ଶିକ୍ଷା ବ୍ୟବସ୍ଥାରେ ସାମିଲ କରାଯାଇଛି। ଧୀରେ ଧୀରେ ଏହାକୁ ଅନ୍ୟ ଜିଲାରେ ଲାଗୁ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ତେବେ ଖୁସି ରହିବା ପାଇଁ ପାଠ ଶିଖେଇବାକୁ ଏବେ ସୁଦ୍ଧା ୫ଜଣ ଶିକ୍ଷକଙ୍କୁ ନିଯୁକ୍ତି ବି ମିଳି ସାରିଛି। ପିଲାଙ୍କୁ ଖୁସିରେ ରଖିବା ପାଇଁ ଶିକ୍ଷକମାନେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ କରିବାକୁ ତାଲିମ ପାଇଛନ୍ତି। ଖୁସି ରହିବା ପାଠ (ହାପିନେସ୍)ରେ ପିଲାଙ୍କୁ ଖୁସିରେ ରଖିବା ପାଇଁ କ'ଣ ସବୁ କରିବାକୁ ହେବ ସେନେଇ ବୁଝାଇବାକୁ ପଡ଼ିବ। ତେଣୁ ଏହି ପାଠ୍ୟକ୍ରମରେ ବିଶ୍ୱାସ, ସମ୍ମାନ, ସ୍ନେହ ମମତା ଓ ଭଲପାଇବା ଆଦି ବିଭିନ୍ନ ବିଷୟକୁ ସାମିଲ କରାଯାଇଛି। ଏହି ପାଠ୍ୟକ୍ରମ ମାଧ୍ୟମରେ ପିଲାଙ୍କର ସକାରାତ୍ମକ ଭାବନା ବିକାଶ କରିବା ସହିତ ସେମାନଙ୍କର ବିବେକ ବୁଦ୍ଧିକୁ ଜାଗ୍ରତ କରାଯାଇପାରିବ ବୋଲି ବିଶ୍ୱାସ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୩୧ ଅଗଷ୍ଟ ୧୯୯୬

- ୧୯୭୫ ମସିହାର ରକ୍ତାକ୍ତ ସାମରିକ ବିଦ୍ରୋହରେ ସଂପୃକ୍ତ ୧୩ ଜଣ ନେତାଙ୍କୁ ଗିରଫ କରାଯିବାକୁ ବାଂଲାଦେଶର ଏକ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।
- ୧୯୮୪ ଶିଖ ବିରୋଧୀ ଦଙ୍ଗା ମାମଲାରେ ବରିଷ୍ଠ କଂଗ୍ରେସ ନେତା ଏଚ୍.କେ.ଏଲ୍. ଭଗତଙ୍କ ବିରୋଧରେ ହୋଇଥିବା ନରହତ୍ୟା ଅପରାଧ ଅଭିଯୋଗକୁ ଦିଲ୍ଲୀ ହାଇକୋର୍ଟ କାଏମ ରଖିଛନ୍ତି।
- ସ୍ୱାଧୀନତା ସଂଗ୍ରାମୀ ତଥା ଜ୍ଞାନମଣ୍ଡଳ ପ୍ରଣେତା ସ୍ୱର୍ଗତ ବିନୋଦ କାନୁନଗୋଙ୍କ ଧର୍ମପତ୍ନୀ ଶଶିବାଳା କାନୁନ୍‌ଗୋଙ୍କ ୮୦ ବର୍ଷ ବୟସରେ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | | 3 | | |
| | 9 | | | | 1 | | | |
| | | | 3 | | | 1 | 9 | |
| | 2 | 6 | | | 9 | | 4 | |
| | | | | 4 | 2 | | | |
| | 5 | | | | | 8 | 7 | |
| 8 | | | | | 4 | | | |
| | | | | | 8 | 2 | | |
| 4 | | 7 | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 8 | 2 | 6 | 4 | 9 | 1 | 3 |
| 1 | 6 | 9 | 3 | 8 | 5 | 4 | 2 | 7 |
| 3 | 4 | 2 | 7 | 1 | 9 | 8 | 6 | 5 |
| 6 | 3 | 1 | 9 | 5 | 2 | 7 | 8 | 4 |
| 4 | 2 | 7 | 8 | 3 | 1 | 5 | 9 | 6 |
| 8 | 9 | 5 | 4 | 7 | 6 | 1 | 3 | 2 |
| 5 | 8 | 4 | 6 | 9 | 3 | 2 | 7 | 1 |
| 9 | 1 | 6 | 5 | 2 | 7 | 3 | 4 | 8 |
| 2 | 7 | 3 | 1 | 4 | 8 | 6 | 5 | 9 |

ଗତକାଲିର ଉତ୍ତର

# ଶିଶୁଙ୍କ ପାଇଁ ସମ୍ଭାବ୍ୟ ବିପଦ



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ଭାରତରେ କରୋନା ସଂକ୍ରମଣର ତୃତୀୟ ଲହର ଆରମ୍ଭ ହୋଇଯିବା ନେଇ ଏକ ସୂଚନା ମିଳୁଛି। ତେବେ ବଡ଼କଥା ହେଉଛି, ଏଥିରେ ଶିଶୁମାନଙ୍କ ପାଇଁ ଅଧିକ ବିପଦ ରହିଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ଅନୁଷ୍ଠାନର ରିପୋର୍ଟ ଅନୁଯାୟୀ, ତୃତୀୟ ଲହର ଶିଶୁଙ୍କୁ ସଂକ୍ରମିତ କରିବ। ଶିଶୁ ଚିକିତ୍ସା ପାଇଁ ଦେଶରେ ଆବଶ୍ୟକ ପ୍ରସ୍ତୁତି ହୋଇନାହିଁ। ବିଶେଷଜ୍ଞଙ୍କ ମତରେ, ପିଲାମାନଙ୍କ ପାଇଁ ଏହି ବିପଦ ରହୁଥିବାରୁ ଅଭିଭାବକଙ୍କ ଭିତରେ ଏକ ପ୍ରକାର ଭୟ ଖେଳାଇ ଦେଇଛି। ତୃତୀୟ ଲହରରେ ଶିଶୁମାନେ ଅଧିକ ପ୍ରଭାବିତ ହେବା ନେଇ ବିଶେଷକିଛି ପ୍ରମାଣ ନ ଥିଲେ ମଧ୍ୟ ଶିଶୁମାନଙ୍କୁ ଟିକା ଦିଆଯାଇନଥିବାରୁ ଏହା ଚିନ୍ତାର କାରଣ। ଅଧିକାଂଶ ଶିଶୁଙ୍କ ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବାରୁ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକା ଦିଆଯିବା ଉଚିତ। କରୋନାର ତୃତୀୟ ଲହରରୁ ଶିଶୁଙ୍କୁ ସୁରକ୍ଷିତ ରଖିବା ଲାଗି ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଶିଶୁଙ୍କୁ ଯଥାସମ୍ଭବ ଶୀଘ୍ର ଟିକାକରଣ କରାଇବାକୁ ବିଶେଷଜ୍ଞ କମିଟି ପରାମର୍ଶ ଦେଇଛି। ପରାମର୍ଶ ଆଧାରରେ ସରକାର ଶିଶୁଙ୍କ ଟିକାକରଣ ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛନ୍ତି। ଶିଶୁଙ୍କ ଟିକାକରଣ କ୍ଷେତ୍ରରେ ଗୁରୁତର ରୋଗରେ ଆକ୍ରାନ୍ତଙ୍କୁ ପ୍ରାଥମିକତା ଦିଆଯିବ ବୋଲି ସରକାରଙ୍କ ଜାତୀୟ ଟିକାକରଣ ସମ୍ପର୍କିତ ବୈଷୟିକ କମିଟି ଏନ୍‌ଟିଏଜିଆଇର ମୁଖ୍ୟ ଏନ୍‌କେ ଆରୋରା କହିଛନ୍ତି। ସେ କହିଛନ୍ତି ଯେ, ୧୨ ବର୍ଷରୁ ଅଧିକ ବୟସର ପିଲାଙ୍କ ଟିକାକରଣ ନିମନ୍ତେ କେବଳ ଗୋଟିଏ ମାତ୍ର ଟିକା ଜାଇକୋଭ୍-ଡିକୁ ସରକାର ଅନୁମୋଦନ କରିଛନ୍ତି। ଜାଇଡସ୍ କାଡିଲା ଦ୍ୱାରା ପ୍ରସ୍ତୁତ ଏହି ଟିକାକୁ ଗତ ସପ୍ତାହରେ ଜରୁରୀ ବ୍ୟାବହାରିକ ଅନୁମତି ମିଳିଛି। ତେବେ ସେପ୍ଟେମ୍ବର ଓ ଅକ୍ଟୋବରରେ ଭାରତ ବାୟୋଟେକ୍‌ର ଶିଶୁଙ୍କ ଲାଗି ଉଦ୍ଦିଷ୍ଟ ଟିକାକୁ ଅନୁମତି ମିଳିବାର ସମ୍ଭାବନା ରହିଛି। କରୋନା ଟିକା ଗବେଷଣା ଓ ପରୀକ୍ଷାରେ ସାମିଲ ସ୍ୱେଚ୍ଛାସେବୀଙ୍କୁ କୃତଜ୍ଞତା ପୂର୍ବକ ପ୍ରମାଣପତ୍ର ଦିଆଯିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭୀୟ ସୋମବାର କହିଛନ୍ତି। ସେରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର କୋଭିଶିଲ୍ଡ ଓ ଭାରତ ବାୟୋଟେକ୍‌ର କୋଭାକ୍ସିନ ଟିକା ପରୀକ୍ଷାରେ ସାମିଲ ସ୍ୱେଚ୍ଛାସେବୀଙ୍କୁ କୋ-ୱିନ୍ ପୋର୍ଟାଲ ମାଧ୍ୟମରେ ଡିଜିଟାଲ ପ୍ରମାଣପତ୍ର ଦିଆଯିବ ବୋଲି ସେ କହିଛନ୍ତି। ଦେଶର ଟିକା ପରୀକ୍ଷା ଓ ଗବେଷଣାରେ ସହଯୋଗ ଏବଂ ଅବଦାନ ପାଇଁ ସେମାନଙ୍କୁ ସରକାର ଧନ୍ୟବାଦ ଦେଇଛନ୍ତି।

କମିଟି କହିଛି ଯେ, ତୃତୀୟ ଲହରକୁ ମୁକାବିଲା କରିବା ନିମନ୍ତେ ଡାକ୍ତରଖାନା, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଭେଣ୍ଟିଲେଟର, ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଯନ୍ତ୍ରାଂଶର ବ୍ୟବସ୍ଥା କରାଯିବା ଦରକାର। ସମ୍ପ୍ରତି କରୋନା ମହାମାରୀକୁ ନେଇ ଅନେକ ସଂସ୍ଥା ପକ୍ଷରୁ ବିଭିନ୍ନ ଅନୁଧ୍ୟାନ ଚାଲିଥିବାବେଳେ ସେ ସବୁକୁ ଆଧାର କରି କମିଟି ଏପରି ପୂର୍ବାନୁମାନ କରିଛି। ତୃତୀୟ ଲହରରେ ଶିଶୁମାନେ ଅଧିକ ସଂକ୍ରମଣ ହେବା ନେଇ ଯେଉଁ ପୂର୍ବାନୁମାନ କରାଯାଉଛି, ତା'ର କୌଣସି ପ୍ରତ୍ୟକ୍ଷ କାରଣ କମିଟି ଉପସ୍ଥାପନ କରିନାହିଁ। ତେବେ ଶିଶୁମାନେ କରୋନା ଟିକା ପାଇ ନ ଥିବାରୁ ସେମାନଙ୍କ ସଂକ୍ରମଣ ନେଇ ଆଶଙ୍କା କରାଯାଇଛି। ଅନେକ ସ୍ୱାସ୍ଥ୍ୟ ବିଶେଷଜ୍ଞ ମଧ୍ୟ ଶିଶୁଙ୍କ ସଂକ୍ରମଣ ନେଇ ଆଶଙ୍କା ବ୍ୟକ୍ତ କରିଛନ୍ତି। ତେବେ ଭାରତୀୟ ଶିଶୁରୋଗ ପ୍ରତିଷ୍ଠାନ କହିଛି ଯେ, କରୋନାର ଡେଲ୍‌ଟା ପ୍ଲସ୍ ପ୍ରଜାତି ଭୂତାଣୁ ଶିଶୁଙ୍କୁ ଅଧିକ ସଂକ୍ରମଣ କରିବାର କୌଣସି ଡାକ୍ତରୀ ପ୍ରମାଣ ନାହିଁ। ଅନ୍ୟ ଏକ ତଥ୍ୟ ଅନୁଯାୟୀ ଶିଶୁଙ୍କ ସଂକ୍ରମଣ ନେଇ ଏପରି ଭୟଭୀତ କରା ନ ଗଲେ ୧୮ ବର୍ଷରୁ କମ୍ ବୟସର ପିଲାଙ୍କୁ ଟିକାକରଣ କରାଯିବା ବିଳମ୍ବିତ ହୋଇଯିବ। ତେଣୁ ତୃତୀୟ ଲହରକୁ ମୁକାବିଲା ପାଇଁ ଶିଶୁଙ୍କ ଟିକାକରଣ ଉପରେ ମଧ୍ୟ ଉକ୍ତ ବିଶେଷଜ୍ଞ କମିଟି ଗୁରୁତ୍ୱ ଦେଇଛି। ସେହିପରି ଯେଉଁଠାରେ ବିଦ୍ୟାଳୟ ସବୁ ଖୋଲା ଯାଇଛି, ସେଠାରେ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କୁ ନିଶ୍ଚିତ ଟିକା ଦିଆଯିବା ଦରକାର। ନିକଟରେ ହୋଇଥିବା ଏକ ଅନୁଧ୍ୟାନ ଆଧାରରେ କମିଟି କହିଛି ଯେ, ତୃତୀୟ ଲହର ଶିଖର ଛୁଇଁବା ସମୟରେ ଦୈନିକ ସଂକ୍ରମଣ ସଂଖ୍ୟା ୬ ଲକ୍ଷ ରହିବ। ଦେଶରେ ଯଦି ଟିକାକରଣ ହାର ବୃଦ୍ଧି ନ ପାଏ, ତେବେ ସଂକ୍ରମଣ ବୃଦ୍ଧି ପାଇବ। ବର୍ତ୍ତମାନ ଟିକାକରଣ ହାର ୩.୨% ରହିଛି। ତୃତୀୟ ଲହରରେ ଡେଲ୍‌ଟା ପ୍ଲସ୍ ପ୍ରଜାତି ଯୋଗୁ ବିଶେଷ ସଂକ୍ରମିତ ହେବ। କରୋନାର ତୃତୀୟ ଲହରରେ ଶିଶୁଙ୍କ ସଂକ୍ରମଣ ନେଇ ଆଶଙ୍କା କରାଯାଉଥିବାବେଳେ ଏବେ ଦେଶର ବିଭିନ୍ନ ରାଜ୍ୟରେ ଶିଶୁମାନେ ସଂକ୍ରମିତ ହେବାରେ ଲାଗିଛନ୍ତି। ୧୧ଟି ରାଜ୍ୟରେ ପ୍ରାୟ ଶତାଧିକ ଶିଶୁ ସଂକ୍ରମିତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କରୋନାର ତୃତୀୟ ଲହରରେ ଅଧିକ ସଂଖ୍ୟକ ଶିଶୁଙ୍କ ସହିତ ଅନ୍ୟ ବର୍ଗର ଲୋକେ ମଧ୍ୟ ସଂକ୍ରମିତ ହେବେ। ସଂକ୍ରମଣ ସଂଖ୍ୟା ଅଧିକ ରହିଲେ ମଧ୍ୟ ଏହି ଲହରରେ ବିଶେଷ ଜୀବନହାନି ଘଟିବ ନାହିଁ ବୋଲି କୁହାଯାଇଛି। କାରଣ ଦେଶରେ ଟିକାକରଣ ଅଭିଯାନ ଚାଲିବା ସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆସିଛି।

ନିକଟରେ ଜାତୀୟ ଗଣମାଧ୍ୟମ ଇକୋନୋମିକ୍ ଟାଇମ୍ସରେ ପ୍ରକାଶିତ ଖବର ଅନୁସାରେ, ଦେଶରେ ଏବେ ୧୬.୫୦ କୋଟି ହେଉଛନ୍ତି ୧୨ ବର୍ଷରୁ କମ୍ ବୟସର ପିଲା। ଏମାନଙ୍କ ମଧ୍ୟରୁ ଯଦି ୨୦ ପ୍ରତିଶତ ସଂକ୍ରମିତ ହେବେ ଓ ୫ ପ୍ରତିଶତ ଗୁରୁତର ହେବେ, ତେବେ ଆମକୁ ସର୍ବନିମ୍ନ ୧.୬୫ ଲକ୍ଷ ପେଡିଆଟ୍ରିକ୍ ଆଇସିୟୁ ବେଡ୍ ଆବଶ୍ୟକ ପଡ଼ିବ। କିନ୍ତୁ ବର୍ତ୍ତମାନ ଆମ ନିକଟରେ ବୟସ୍କଙ୍କ ପାଇଁ ୯୦ ହଜାର ଆଇସିୟୁ ବେଡ୍ ଏବଂ ପିଲାଙ୍କ ପାଇଁ ୨ ହଜାରରୁ କମ୍ ବେଡ୍ ରହିଛି। ପ୍ରଥମ ଲହରରେ ୨ରୁ ୩% ପିଲା ସଂକ୍ରମିତ ହୋଇ ଥିବାବେଳେ ଦ୍ୱିତୀୟ ଲହରରେ ୧୨ରୁ ୧୫% ସଂକ୍ରମିତ ହେଉଛନ୍ତି। ତେବେ ଅଧିକ ଗୁରୁତର ହେଉନାହାନ୍ତି। ପ୍ରାୟ ୯୫% ଭଲ ହୋଇ ଯାଉଛନ୍ତି। ପିଲାଙ୍କ ମୃତ୍ୟୁହାର ମଧ୍ୟ କମ୍ ରହିଛି। ଏବେ ଯେଉଁ ହାରରେ ସଂକ୍ରମିତଙ୍କ ସଂଖ୍ୟା ବଢୁଛି ତାହା ଯଦି ଜାରି ରହିବ, ତା'ହେଲେ ଆଗକୁ ନିଶ୍ଚିତ ଭାବେ ମୃତ୍ୟୁସଂଖ୍ୟା ବଢ଼ିବ। ତୃତୀୟ ଲହରରେ ପିଲାଙ୍କଠାରେ କେଉଁ ଭଳି ଲକ୍ଷଣ ଦେଖାଯିବ ତାହା ମଧ୍ୟ ଗୁରୁତ୍ୱ ବହନ କରେ। ଆଇସିଏମ୍‌ଆରର ତଥ୍ୟାନୁସାରେ ଦେଶରେ ୦ରୁ ୧୦ ବର୍ଷ ମଧ୍ୟରେ ୩.୩% ଓ ୧୦ରୁ ୨୦ ବର୍ଷ ମଧ୍ୟରେ ୮.୩% ପିଲା କରୋନାରେ ଆକ୍ରାନ୍ତ ହୋଇଛନ୍ତି। କହିବାକୁ ଗଲେ ଏଯାବତ୍ ମୋଟ ସଂକ୍ରମିତଙ୍କ ମଧ୍ୟରେ ୧୧ରୁ ୧୨% ହେଉଛନ୍ତି ପିଲା। କରୋନା ନିମିତ୍ତ ପିଲାମାନଙ୍କ ଏହି ସମସ୍ୟା ପାଇଁ ଧୈର୍ଯ୍ୟହରା ନ ହୋଇ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ସମସ୍ତ ସହଯୋଗ କରନ୍ତୁ, ଯାହାଫଳରେ ଆପଣଙ୍କ ପିଲାଟି ସୁରକ୍ଷିତ ରହିବ।

ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ
ମୋ: ୯୪୩୭୧୨୪୦୭୪

## ପାଠକ ଶ୍ରେଷ୍ଠ ବିଚାରକ

### ସାବରମତି ଆଶ୍ରମର ମୌଳିକତା ନଷ୍ଟ କରା ନ ଯାଉ

ମହାଶୟ,

ଗୁଜରାଟର ଅହମ୍ମଦାବାଦଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ସାବରମତି ଆଶ୍ରମକୁ ବିଶ୍ୱସ୍ତରୀୟ ଡିଜାଇନ୍‌ରେ ପୁନଃ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ଯୋଜନାକୁ ଦେଶବ୍ୟାପୀ ବିରୋଧ ହେବା ସ୍ୱାଭାବିକ। ଏହି ଆଶ୍ରମର ମୌଳିକତାକୁ ନଷ୍ଟ ନ କରିବା ପାଇଁ ଦେଶର ଶତାଧିକ ବିଶିଷ୍ଟ ବ୍ୟକ୍ତି ଆପତ୍ତି ଉଠାଇଛନ୍ତି। ଏହାକୁ ଯଥାର୍ଥ ଦର୍ଶାଇ ଦେଶବ୍ୟାପୀ ବିରୋଧ ମଧ୍ୟ ଆରମ୍ଭ ହୋଇଛି। ଗାନ୍ଧିଜୀ ଜୀବନ ବିତାଇଥିବା ଏହି ଆଶ୍ରମକୁ ତା'ର ମୌଳିକ ଅବସ୍ଥାରେ ଗାନ୍ଧୀ ସ୍ମୃତିଭାବେ ରଖାଯାଇଛି। ସେଠାକୁ ପ୍ରତ୍ୟେକ ବର୍ଷ ଦେଶ ଓ ବିଦେଶର ସଂଖ୍ୟାଧିକ ନାଗରିକ ଦେଖିବାପାଇଁ ଯାଇଥାଆନ୍ତି। ଏପରିକି ସେଠାରେ ଗାନ୍ଧିଜୀ କିପରି ରହୁଥିଲେ ତାଙ୍କ ଆଶ୍ରମ କିପରି ଥିଲା, ଅନ୍ୟମାନଙ୍କ ପାଇଁ ସେଠାରେ କି ବ୍ୟବସ୍ଥା ଥିଲା ସେ ସମ୍ପର୍କରେ ଜ୍ଞାନ ଆହରଣ କରୁଥିଲେ। କେବଳ ସେତିକି ନୁହେଁ, ବିଦେଶ ରାଷ୍ଟ୍ରର ମୁଖ୍ୟମାନେ ଭାରତ ଗସ୍ତରେ ଆସିଲେ ଗାନ୍ଧୀ ଆଶ୍ରମ ଦେଖିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। ମାତ୍ର ଏହି ଆଶ୍ରମର ମୌଳିକତା ରକ୍ଷା ପାଇଁ କେନ୍ଦ୍ର ସରକାର ଚେଷ୍ଟା ନ କରି ଓଲଟା ଏହାର ମୌଳିକତାକୁ ନଷ୍ଟ କରିବା ପାଇଁ ଯୋଜନା କରିବା ଦୁର୍ଭାଗ୍ୟଜନକ। ଏଣୁ ଏହି ଆଶ୍ରମର ମୌଳିକତାକୁ ନଷ୍ଟ କରା ନ ଯିବା ପାଇଁ କେନ୍ଦ୍ର ସରକାର ସଚେତନ ହେବା ଉଚିତ।

–ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ ଟାଉନ୍

### ଚିରନ୍ତନୀ

''ଆଶାର ଆଲୋକେ ତେଣୁ
ଜୀବନର ମହାଦୀପ ଜାଳି
''ସହଜ ସମ୍ମୁଖ ପଥେ
ପଦ ଦୁଇ ନିଅ ବେଗେ ଚାଳି। –(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜାତୀୟ କ୍ରୀଡ଼ା ଦିବସ ପାଳିତ

ଭବାନୀପାଟଣା,(ଡି.ଏନ.ଏ.): କଳାହାଣ୍ଡି କ୍ରୀଡା ସଂସ୍ଥା ପକ୍ଷରୁ ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ୍ ସବାପତି ଜଗମୋହନ ପଟ୍ଟନାୟକ ଯୋଗଦେଇଥିଲେ। ଏହିଅବସରରେ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗୀତା ସକାଶେ ଜିଲାସ୍ତରୀୟ ସିନିୟର ଦଳ ପାଇଁ ସ୍କଟ୍ ସିଲେକ୍ସନ୍ କରାଯାଇଥିଲା। ଗିନିଜ୍ ବୁକ ଅଫ୍ ୱାଲଡ୍ ରେକର୍ଡ କରିଥିବା କିକ୍ ବକ୍ସର ସତ୍ୟପିର ପ୍ରଧାନ ଓ ଗୁରୁ ସୁଧୀର ଚନ୍ଦ୍ର ଛତ୍ରିଆଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଯୁଗ୍ମ ସମ୍ପାଦକ ସୁନୀଲ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାଳି ପଟ୍ଟନାୟକ, ମହେନ୍ଦ୍ର ପଣ୍ଡା, ପଙ୍କଜ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଦୁର୍ଘଟଣାରେ ଛତିଶଗଡ଼ କନଷ୍ଟେବଳ ମୃତ

ନୂଆପଡ଼ା ଅଫିସ,୩୦।୮: ନୂଆପଡା ଜିଲା କୋମନା ଥାନା ଅନ୍ତର୍ଗତ ହରିପୁର ଗାଁ ନିକଟରେ ଭାରସାମ୍ୟ ହରାଇ ୩୫୩ ନମ୍ବର ଜାତୀୟ ରାଜପଥ ଏକ ବ୍ରିଜରୁ ୨୦ ଫୁଟ ତଳକୁ ଖସିପଡି ଛତିଶଗଡ ପୋଲିସର ଜଣେ କନଷ୍ଟେବଳଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତିଶଗଡ ପୋଲିସର କନଷ୍ଟେବଳ ଦେବ ନାରାୟଣ ସିଦାର (୩୪)। ପ୍ରକାଶ ଯେ, ନାରାୟଣ ଛତିଶଗଡର ଦେଭୋଗ ସିନାପାଲିରେ କନଷ୍ଟେବଳ ଭାବେ କାର୍ଯ୍ୟରତ ଥିଲେ। ସେ ଛୁଟିରେ ନିଜ ଗାଁ ଛତିଶଗଡ ମହାସମୁନ୍ଦ ଜିଲା ଢାବାଖାରକୁ ଏକ ବାଇକ୍ (ସିଜି୦୬ଜିଏଲ-୨୫୮୫) ଯୋଗେ ଫେରୁଥିଲେ। କୋମନା ଥାନା ହରିପୁରଠାରେ ଭାରସାମ୍ୟ ହରାଇ ବ୍ରିଜ ଉପରେ ପିଟି ହୋଇ ୨୦ ଫୁଟ ତଳକୁ ଖସିପଡି ଥିଲେ। କୋମନା ଅଗ୍ନିଶମ ବିଭାଗ ଖବର ପାଇ ଘଟଣାସ୍ଥଳରୁ ଉଦ୍ଧାର କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କୋମନା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୫୪/୨୧) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଆଇଆଇସି ଜ୍ୟୋତି ରଞ୍ଜନ ଗୌଡ ସୂଚନା ଦେଇଛନ୍ତି।

## କବି ଭବାନୀ ଶଙ୍କର ନିଆଲ ସମ୍ବର୍ଦ୍ଧିତ



କେସିଙ୍ଗା,୩୦।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ଭବାନୀପାଟଣା ସହରର ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ପ୍ରସିଦ୍ଧ କବି ଡ଼. ଭବାନୀ ଶଙ୍କର ନିଆଲଙ୍କୁ ଲାଞ୍ଜିଗଡ ବେଦାନ୍ତ ପକ୍ଷରୁ ସମ୍ମାନିତ କରାଯାଇଛି। ନିଆଲଙ୍କ କବିତା ଅନ୍ତର୍ଜାତୀୟସ୍ତରରେ ୧୮ଟି ଭାଷାରେ ଅନୁମଦିତ ହୋଇଛି। ଲୋକପ୍ରିୟତା ଶୀର୍ଷରେ ପହଞ୍ଚିଥିବାରୁ ତାଙ୍କ ନିକଟକୁ ଅନେକ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିବାରେ ଲାଗିଛି। ଲାଞ୍ଜିଗଡସ୍ଥିତ ବେଦାନ୍ତ କମ୍ପାନୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରାଯାଇଛି। ଏହି ଅବସରରେ ବେଦାନ୍ତ କମ୍ପାନୀ ସିଏସଆର ମୁଖ୍ୟ ନିଳାଦ୍ରୀ ଭୂଷଣ ପାଢ଼ୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରି କବିଙ୍କୁ ଉତ୍ସାହିତ କରିଥିଲେ। ସେହିଭଳି ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଜି.ଜି ପାଲ କବିଙ୍କୁ ସମ୍ବର୍ଦ୍ଧନା କରିଥିଲେ। ସୁରକ୍ଷା ମୁଖ୍ୟ ସନ୍ଦୀପ ମହାପାତ୍ର, ଚିନ୍ମୟ ଷଡ଼ଙ୍ଗୀ, ମନିଷ, କମ୍ପାନୀର ସମସ୍ତ କର୍ମଚାରୀ ଯୋଗଦେଇ କବିଙ୍କ କୃତିତ୍ୱକୁ ସମ୍ମାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜିଗଡ ପଞ୍ଚାୟତ ସମିତି ଅଧକ୍ଷ ଇଂ. ଫକୀର ମୋହନ ମାଝି ଯୋଗଦେଇ ସମସ୍ତ ଅତିଥି ଓ କବିଙ୍କୁ କୃତଜ୍ଞତା ଜଣାଇଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ତ୍ରୀଙ୍କ ପରଲୋକ



ନୂଆପଡ଼ା ଅଫିସ,୩୦।୮: ନୂଆପଡା ଜିଲା କୋମନା ବ୍ଲକ ତରବୋଡ ଗାଁର ସ୍ୱାଧୀନ ସଂଗ୍ରାମୀ ଅହମଦ ଭାଇ ଆଜାଦଙ୍କ ସ୍ତ୍ରୀ ଜୈନବ ବାଇ ଆଜାଦ (୯୨)ଙ୍କ ବିୟୋଗ ଘଟିଛି। ରବିବାର ସନ୍ଧ୍ୟାରେ ତରବୋଡସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ଗତ କିଛି ଦିନ ହେଲା ସେ ଅସୁସ୍ଥ ଥିଲେ। ସୋମବାର ଇସଲାମ ରୀତିନୀତିରେ ତରବୋଡସ୍ଥିତ କବରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱାଧୀନ ସଂଗ୍ରାମରେ ତରବୋଡର ଅହମଦଙ୍କ ଅତୁଳନୀୟ ଅବଦାନ ରହିଥିବା ବେଳେ ସାଲିହା ଗୁଳିକାଣ୍ଡରେ ପ୍ରମୁଖ ଭୂମିକା ନିଭାଇ ଥିଲେ। ଜୈନବ ବାଇ ଜଣେ ପରୋପକାରୀ, ଧର୍ମାବଲମ୍ବୀ, ଶାନ୍ତ, ସରଳ ବ୍ୟକ୍ତି ଥିଲେ। ସେ ମୁସଲିମ ଧର୍ମର ହୋଇଥିଲେ ମଧ୍ୟ ହିନ୍ଦୁ ପରମ୍ପରା ଅନୁସାରେ ରହି ହିନ୍ଦୁ ପର୍ବପର୍ବାଣୀ ଯୋଗଦେଉଥିଲେ। ତାଙ୍କ ବିୟୋଗରେ ଅଞ୍ଚଳ ତଥା ଜିଲାରେ ଶୋକର ଛାୟା ଖେଳିଯାଇଛି।

# ପୁଣି ୩ ଗିରଫ, ୫ ଫେରାର

**ଗଣବଳାତ୍କାର, ଘରପୋଡ଼ି ମାମଲା**

ବରଗଡ଼ ଅଫିସ୍,୩୦।୮

ବରଗଡ଼ ଜିଲା ଗାଇସିଲେଟ ଥାନା ଅଞ୍ଚଳରେ ଦଳିତ (ଅନୁସୂଚୀତ ଜାତି) ବର୍ଗର ମହିଳାଙ୍କୁ ଗଣବଳାତ୍କାର ଓ ଘରପୋଡ଼ି ମାମଲାରେ ପୋଲିସ ପୁଣି ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏହିଥାନା ଅନ୍ତର୍ଗତ କୁଦୁଲା ଗ୍ରାମର ବଷ୍ଟି ଓରଫ ଉମାକାନ୍ତ ସାହୁ(୩୬), ପ୍ରେମାନନ୍ଦ ସାହୁ(୪୦) ଏବଂ ଶ୍ୟାମ ସାହୁ(୩୫)। ଏହା ପୂର୍ବରୁ ପୋଲିସ ୪ ଅଭିଯୁକ୍ତ ନିହାର ଓରଫ ବିରେନ ସାହୁ(୨୦), ମୁନୁ ପଣ୍ଡା(୩୨), ଖେଡୁ ଓରଫ କମ୍ପଧର ସାହୁ(୬୨) ଏବଂ ଠୁଲି ଓରଫ ତାରାକାନ୍ତ ସାହୁ(୪୨)ଙ୍କୁ ଗିରଫ କରିଥିଲା। ଏହି ମାମଲାରେ ୧୨ଜଣ ସମ୍ପୃକ୍ତ ଥିବାବେଳେ ପୋଲିସ ଏପର୍ଯ୍ୟନ୍ତ ୭ଜଣଙ୍କୁ ଗିରଫ କରିଛି। ଅନ୍ୟ ୫ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଗିରଫ କରିବା ପାଇଁ ତନାଘନା ଚାଲିଥିବା ପୋଲିସ କହିଛି। ଅନ୍ୟପଟେ ଏହି ଘଟଣାକୁ ନେଇ ଆନ୍ଦୋଳନ ତେଜି ଉଠିଛି। ଦଳିତ ସଙ୍ଗଠନଗୁଡ଼ିକ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୩ତାରିଖରେ ଓଡ଼ିଶା ସାମାଜିକ ସଙ୍ଗଠନ ମିଳିତ ମଞ୍ଚ ପକ୍ଷରୁ ବିଶାଳ ପଦଯାତ୍ରା ସହିତ ବରଗଡ଼ ଜିଲାପାଳ ଓ ଏସ୍‌ପି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ରବିବାର ତୋରାରେ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଫେରାର ଅଭିଯୁକ୍ତଙ୍କୁ ଗିରଫ ତଥା ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଏଭଳି ପ୍ରତିବାଦ ଆନ୍ଦୋଳନକୁ ଓହ୍ଲାଉଥିବା ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶଥାଉକି, ଗତ ୧୧ତାରିଖ ସନ୍ଧ୍ୟାରେ ଗାଇସିଲେଟ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗଣବଳାତ୍କାର ସହିତ ତାଙ୍କ ଘର ପୋଡ଼ାଜଳା କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡ଼ିତା ଗତ ୧୨ତାରିଖରେ ଥାନାରେ ଏତଲା ଦେଇଥିବାବେଳେ ଅଭିଯୁକ୍ତଙ୍କୁ ଗିରଫରେ ବିଳମ୍ବ ଯୋଗୁ ଅସନ୍ତୋଷ ବଢ଼ି ଚାଲିଛି । ଅପରପକ୍ଷେ ପୀଡ଼ିତାଙ୍କୁ ବୁର୍ଲା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

## ଗର୍ଭବତୀ ସ୍ତ୍ରୀଙ୍କ ଗଳା କାଟି ହତ୍ୟା ଉଦ୍ୟମ, ସ୍ୱାମୀ ଫେରାର



ପ୍ରକାଶିନୀଙ୍କୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି।

କେସିଙ୍ଗା/ପଲମ, ୩୦।୮(ଡି.ଏନ.ଏ.)

ମାମୁ ଘର ବୁଲାଇ ନେବା କହି ଜଙ୍ଗଲରେ ସାଙ୍ଗ ସହ ମିଶି ସ୍ତ୍ରୀର ଗଳା କାଟି ହତ୍ୟା ଉଦ୍ୟମ କରିଥିଲେ ସ୍ୱାମୀ। ଅଚେତ ହୋଇ ଯିବାରୁ ଛାଡ଼ି ଚାଲି ଆସିଲେ। ସୋମବାର ଏଭଳି ଅଭାବନୀୟ ଘଟଣା ଘଟିଛି କଳାହାଣ୍ଡି ଜିଲା ନର୍ଲା ବ୍ଲକ ଧରାମାଲ ଗ୍ରାମରେ। ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନ୍ତର୍ଗତ ବାଇଦାର ନୂଆପାଲି ଗ୍ରାମର ନିହାର ସାହାନି (୨୩) ନାମକ ଯୁବକ ଉକ୍ତ ଗ୍ରାମର ପ୍ରକାଶିନୀ ସାହାଡ଼ି (୨୨)ଙ୍କୁ ଗତବର୍ଷ ପ୍ରେମ ବିବାହ କରିଥିଲେ। ପ୍ରକାଶିନୀଙ୍କୁ ମାମୁ ଘର ବୁଲାଇ ନେବା କହି ରବିବାର ନେଇ ଆସିଥିଲେ। ସାଙ୍ଗରେ ନିହାରଙ୍କ ବନ୍ଧୁ ମଧ୍ୟ ଥିଲେ। ସନ୍ଧ୍ୟାରେ ପ୍ରକାଶିନୀଙ୍କୁ ଜଙ୍ଗଲକୁ ଡାକି ନେଇ ଗଳାକାଟି ଦେଇଥିଲେ। ଚେତାଶୂନ୍ୟ ହେବାରୁ ଉଭୟ ତାଙ୍କୁ ସେଠାରେ ଛାଡି ଫେରାର ହୋଇଯାଇଥିଲେ। ପ୍ରକାଶିନୀ ଜଙ୍ଗଲ ନିକଟରେ ଥିବ ଏକ କୁଡ଼ିଆ ଘରେ ରାତ୍ରି କଟାଇ ଥିଲେ। ସୋମବାର ସକାଳେ ଜମି ମାଲିକ କ୍ଷେତକୁ ଯାଇ ତାଙ୍କୁ ଦେଖିଥିଲେ। ଏ ନେଇ ପଲମ ଫାଣ୍ଡିକୁ ଖବର ଦେଇଥିଲେ। ପଲମ ଫାଣ୍ଡି ଅଧିକାରୀ ଖବର ପାଇ କେସିଙ୍ଗା ପୋଲିସକୁ ଜଣାଇବାରୁ ଘଟଣାସ୍ଥଳରେ କେସିଙ୍ଗା ପୋଲିସ ପହଞ୍ଚି ଥିଲା। ପରେ ତାଙ୍କୁ ଚିକିତ୍ସା ପାଇଁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଚିକିତ୍ସା କରିବା ପରେ ସେ ୭ ମାସର ଗର୍ଭବତୀ ଥିବା ଜଣାପଡ଼ିଛି। ପ୍ରକାଶିନୀ ଗୁରୁତର ହେବାରୁ ଭବାନୀପାଟଣାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ କେସିଙ୍ଗା ଥାନରେ ଏକ ମାମଲା (ନଂ. ୩୧୯/୨୧) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ମୁଣ୍ଡାପଡ଼ାବାସୀଙ୍କୁ ଉଚ୍ଛେଦ ଉଦ୍ୟମ



ଉଚ୍ଛେଦ ପ୍ରତିବାଦରେ ଉପଜିଲାପାଳଙ୍କ ଅଫିସକୁ ଆସିଥିବା ମୁଣ୍ଡାପଡ଼ାବାସୀ ।

ବରଗଡ଼ ଅଫିସ୍,୩୦।୮

ବରଗଡ଼ ଜିଲା ଅତାବିରା ବ୍ଲକ ପାହାଡ଼ଶ୍ରୀଗିଡ଼ା ମୁଣ୍ଡାପଡ଼ା ଅଧିବାସୀଙ୍କୁ ଉଚ୍ଛେଦ ପାଇଁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ମୁଣ୍ଡାପଡ଼ାବାସୀ ସ୍ଥାନୀୟ ପୋଲିସର ଦୃଷ୍ଟି ଆକର୍ଷଣ କରିଥିବାବେଳେ ବରଗଡ଼ ଉପଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ପୁରୁଷ ପୁରୁଷ ଧରି ମୁଣ୍ଡାପଡ଼ା ବସ୍ତିରେ ବସତି ସ୍ଥାପନ କରି ହିତାଧିକାରୀମାନେ ସରକାରଙ୍କ ଗୃହ ନିର୍ମାଣ ଯୋଜନାରେ ଘର ପାଇଛନ୍ତି। ମାତ୍ର ଜଣେ ଲୋକ ସେଠାକୁ ଆସି ବାରମ୍ବାର ମୁଣ୍ଡାପଡ଼ାବାସୀଙ୍କୁ ସେହି ଜାଗା ଛାଡ଼ିବାକୁ ଧମକଚମକ ଦେଉଥିବା ଅଭିଯୋଗ ହୋଇଛି । ନିରୀହ ଗରିବ ଲୋକ ହୋଇଥିବାରୁ ସମ୍ପୃକ୍ତ ଲୋକ ସେଠାରୁ ବଳପୂର୍ବକ ହଟାଇବାକୁ ଉଦ୍ୟମ କରୁଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ମୁଣ୍ଡାପଡ଼ାବାସୀ ଗୁହାରୀ କରିଛନ୍ତି । ବୁଧୁ ମୁଣ୍ଡା, ଶୁକ୍ରୁ ମୁଣ୍ଡାଙ୍କ ସମେତ ପଡ଼ାବାସୀ ପ୍ରମୁଖ ଏଭଳି ଅଭିଯୋଗ ନେଇ ଉପଜିଲାପାଳଙ୍କ ଅଫିସକୁ ଆସିଥିଲେ ।

## ଜେଲଗଲେ ନକଲି ଚାଷୀ

ଟିଟିଲାଗଡ଼, ୩୦।୮(ଡି.ଏନ.ଏ)

ପ୍ରକୃତ ଚାଷୀଙ୍କ ବଦଳରେ ନକଲି ଚାଷୀ ଫସଲ ବୀମା କରୁଛନ୍ତି। ଏଭଳି ଏକ ମାମଲାରେ ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ପୋଲିସ ନୂଆପଡା ଜିଲା ଖରିଆର ଥାନା ବଙ୍କାପୁର ଗ୍ରାମର ନିମାଇଁ ବେହେରାଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଟିଟିଲାଗଡ ଉପକାରାଗାରକୁ ପଠାଇ ଦିଆଯାଇଛି। ଟିଟିଲାଗଡ ବ୍ଲକ ଘଣ୍ଟବାହାଲି ଗ୍ରାମର ଚାଷୀ ଲଳିତ ବେହେରାଙ୍କ ସମେତ ତାଙ୍କ ପରିବାରର ତିନି ଭାଇଙ୍କ ପ୍ରାୟ ୫ଏକର ଚାଷ ଜମିର ଫସଲ ବୀମା କରିବାକୁ ଯାଇଥିବା ବେଳେ ଅନ୍ୟ କେହି ଜଣେ ତାଙ୍କ ଜମିରେ ବୀମା କରିନେଇଥିବା ଗ୍ରାହକ ସେବା କେନ୍ଦ୍ର(ସିଏସସି) ପରିଚାଳକ କହିଥିଲେ। ଫସଲ ବୀମା କରିବା ଅବଧି ୩୧ଜୁଲାଇ ଯାଏ ଥିବା ବେଳେ ଲଳିତ ଟିଟିଲାଗଡ ବ୍ଲକ କୃଷି ଅଧିକାରୀ ଏବଂ ଟିଟିଲାଗଡ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଗତ ଜୁଲାଇ ୧୭ତାରିଖରେ



ଅଭିଯୁକ୍ତ ନିମାଇଁ ବେହେରା

ପୋଲିସ ଦଫା ୪୨୦, ୪୬୭, ୪୬୮, ୪୧୯ରେ ଏକ ମାମଲା ରୁଜୁ କରି ନିମାଇଁ ବେହେରାଙ୍କୁ ଗିରଫ କରିଥିଲା। ସୂଚନା ମୁତାବକ ନିମାଇଁ ଭୁଲେଖାରୁ ଚାଷୀ ଲଳିତଙ୍କ ଜମି ସତ୍ୱ ଅଧିକାର ପ୍ରମାଣ ପତ୍ର ଡାଉନଲୋଡ କରିଥିଲେ। ନିଜକୁ ଲଳିତଙ୍କ ଭଣଜା ଦର୍ଶାଇ ଏକ ଘୋଷଣାନାମା ଜରିଆରେ ତାଙ୍କ ଜମିର ଫସଲ ବୀମା କରିଥିଲେ। ନିଜ ପାସବୁକ ନମ୍ବର ବି ଦାଖଲ କରିଥିଲେ। ଘଟଣା ନେଇ ଜିଲା ପୋଲିସ ଅଧିକ୍ଷକ ନୀତିନ କୁଲଶକରଙ୍କ ନିର୍ଦ୍ଦେଶରେ ଟିଟିଲାଗଡ ଥାନା ଅଧିକାରୀ ରଞ୍ଜନ ବରିହାଙ୍କ ଖୋଳତାଡ କରି ଖରିଆର ପୋଲିସ ସହାୟତାରେ ଅଭିଯୁକ୍ତଙ୍କୁ ଧରିଥିଲା।

# କୁଶଳେଶ୍ୱର ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ ବୈଠକ

ସୋନପୁର,୩୦।୮(ନି.ପ୍ର.)

ସୋନପୁର ବ୍ଲକ ଡୁଙ୍ଗୁରିପାଲି ସ୍ଥିତ କୁଶଳେଶ୍ୱର ହାଇସ୍କୁଲରେ ମୋ ସ୍କୁଲ ଅଭିଯାନର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଚ୍ୟୁତ ଛତର ବୈଠକରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଶିକ୍ଷକ ବାବୁଲାଲ ସାହୁ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍କୁଲର ଉନ୍ନତି ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସୋନପୁର ବିଡ଼ିଓ ସୌମ୍ୟରଞ୍ଜନ ସ୍ୱାଇଁ



ବୈଠକରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

ଓ ମୋ ସ୍କୁଲ ଅଭିଯାନ ସଭାପତି ତଥା ବିଶିମୁଣ୍ଡା ସରପଞ୍ଚ ମଧୁସୂଦନ ଓତା ଉପସ୍ଥିତ ଥିଲେ। ଶିକ୍ଷକ ଅମ୍ବୁଜ ବିହାରୀ ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଦୁର୍ଗାପୂଜ ପାଇଁ ମାଟି ସଂଗ୍ରହ



ମୃତ୍ତିକା ସଂଗ୍ରହ ସ୍ଥଳରେ ପୂଜାର୍ଚ୍ଚନା ଚାଲିଛି ।

ଲୋଇସିଂହା,୩୦।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମ ଦୁର୍ଗାପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ପାଇଁ ମୃତ୍ତିକା ସଂଗ୍ରହ କାର୍ଯ୍ୟ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଜନ୍ମାଷ୍ଟମୀ ତିଥିରେ ଶୁଭଲଗ୍ନରେ ଗୋପାଳପୁର ଚଣ୍ଡିସରରୁ ମୃତ୍ତିକା ସଂଗ୍ରହ କାର୍ଯ୍ୟକ୍ରମ ସମାପନ ହୋଇଛି । ଏହି ଅବସରରେ ପଣ୍ଡିତ ଗୌରିଶଙ୍କର ମିଶ୍ର ପୂଜାର୍ଚ୍ଚନା କରିଥିବାବେଳେ ସଚିଦାନନ୍ଦ ଷଡଙ୍ଗୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସଭାପତି ଶୁଭମ କରନ, ଉପସଭାପତି କର୍ଣ୍ଣରାଜ ସା, ଅନ୍ୟ କର୍ମକର୍ତ୍ତାଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଅଧ୍ୟାପକ ସାଇବର ଠକେଇର ଶିକାର

କୋକସରା,୩୦।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଯୁକ୍ତ ୩ କଲେଜର ଅର୍ଥନୀତି ଅଧ୍ୟାପକ ସୁବ୍ରତ କୁମାର ବେହେରା ସାଇବର ଠକେଇର ଶିକାର ହୋଇଛନ୍ତି। ଏ ନେଇ ସେ ସୋମବାର କୋକସରା ଥାନାରେ ଅଭିଯୋଗ କରିଛନ୍ତି। ରବିବାର ରାତିରେ ଅଧ୍ୟାପକ ବେହେରାଙ୍କ ମୋବାଇଲକୁ ଏକ କଲ ଆସିଥିଲା। ସେ ଫୋନ ଉଠାଇବା ପରେ ଆପଣଙ୍କ ବିଏସଏନଏଲ କେୱାଇସି ଅପଡେଟ କରନ୍ତୁ ନଚେତ ଏହା ବନ୍ଦ ହୋଇଯିବ ବୋଲି କଲ କରିଥିବା ବ୍ୟକ୍ତି କହିଥିଲେ। ପ୍ଲେଷ୍ଟୋରରୁ ବିଏସଏନଏଲ କେୱାଇସି କ୍ୱିକ ସର୍ଭିସ ଆପ ଡାଉନଲୋଡ଼ କରିବାକୁ କହିଥିଲେ। ମୋବାଇଲ ସେବା ବନ୍ଦ ହେବ ଭାବି ଅଧ୍ୟାପକ ସେହି ଆପକୁ ଡାଉନଲୋଡ଼ କରିବା ମାତ୍ରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫୦ ହଜାର ଟଙ୍କା ଟ୍ରାନ୍ସଫର ହୋଇଥିବା ମ୍ୟାସେଜ ଆସିଥିଲା। ପରେ ସେହି ନମ୍ବରକୁ ଅଧ୍ୟାପକ କଲ କରିଥିଲେ ମଧ୍ୟ ସେ କଲ ରିସିଭ୍ କରି ନ ଥିଲେ। ଏହା ପରେ ଅଧ୍ୟାପକ ସାଇବର ଠକେର ଶିକାର ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇଙ୍କୁ ପଚାରିବାରୁ ସାଇବର ବିଭାଗ ଦ୍ୱାରା ତଦନ୍ତ ଜାରି ରହିଥିବା କହିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୧୭୭/୨୧) ରୁଜୁ ହୋଇଛି।

**ଦୁଗ୍ଧ ଚାଷୀ ପ୍ରଶିକ୍ଷଣ ଶିବିର**

# ଅଧିକ ଉତ୍ପାଦନ ଉପରେ ଗୁରୁତ୍ୱ

ବାଉଁଶୁଣୀ, ୩୦।୮(ଡି.ଏନ୍.ଏ.)

ବୌଦ୍ଧ ବ୍ଲକ ମୁଣ୍ଡପଡା ପଞ୍ଚାୟତ ଅନ୍ତର୍ଗତ କମିରା ଦୁଗ୍ଧ ସମବାୟ ସମିତିର ଗୋ ଚାଷୀମାନଙ୍କୁ ନେଇ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଉଁଶୁଣୀ ପ୍ରାଣୀ ଚିକିତ୍ସକ ଡା. ପ୍ରିୟବ୍ରତ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଏହି ଦୁଇ ଦିନିଆ ଶିବିରରେ ୨୦ ଗୋଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ପ୍ରଥମ ଦିବସରେ ଜିଲା ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡା. ହୃଷିକେଶ ବେହେରା ଓ ଜିଲା ପ୍ରଶିକ୍ଷଣ ଅଧିକାରୀ ଡା ସଂଘମିତ୍ରା ପ୍ରମାଣିକ ଯୋଗଦେଇ ଗାଈର ଯତ୍ନ, ଲାଳନ ପାଳନ, କୃତ୍ରିମ ପ୍ରଜନନ, ଗୋ ଖାଦ୍ୟ ପରିଚାଳନା ଓ



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଗୋଚାଷୀଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

ସବୁଜ ଘାସ ଚାଷ ସହିତ ବିଭିନ୍ନ ବିଭାଗୀୟ ଯୋଜନା ଉପରେ ଆଲୋକପାତ କରିଥିଲେ। ଶିବିରର ଦ୍ୱିତୀୟ ଦିବସରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା ଅମିତାଭ ପଣ୍ଡା ଓ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା ପ୍ରଫୁଲ୍ଲ କୁମାର ନାୟକ ଯୋଗଦେଇ ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ଓ ରୋଗ ପରିଚାଳନା ଟିକାକରଣ ଉପରେ ପ୍ରଶିକ୍ଷଣ ଦେବା ସହିତ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଶେଷରେ ଶିବିରରେ ଯୋଗ ଦେଇଥିବା ୨୦ଜଣ ଚାଷୀ ମୁଖ୍ୟ ଅତିଥି ଡା ଅମିତାଭ ପଣ୍ଡାଙ୍କଠାରୁ ମାନପତ୍ର ଗ୍ରହଣ କରିଥିଲେ। ସ୍ଥାନୀୟ ଦଧିବାମନ ଦୁଗ୍ଧ ସମବାୟ ସମିତିର ସମ୍ପାଦକ ସୁଶାନ୍ତ ବାଘ ଧନ୍ୟବାଦ ଅର୍ପଣ କରିଥିଲେ। ମୁଣ୍ଡାପଡ଼ା ପ୍ରାଣୀଧନ ନିରୀକ୍ଷକ ସୌଭାଗ୍ୟ ପ୍ରଧାନ ଶିବିର ପରିଚାଳନା କରିଥିଲେ।

**ମହାନଦୀ କୋଲଫିଲ୍ଡସ ଲିମିଟେଡ୍ MCL**
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5069

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in
No.VI-28(09)/Serifed/2021-22/744 Dt.27.08.2021

**CORRIGENDUM NOTICE**

**Corrigendum to Bid Identification No :- VI-28(09)/SERIFED/2021-22/813/Dt.13.07.2021**

Online Tender for the work **"Construction, Interior and Exterior Decoration of Multistoried Mega Showroom of Boyanika"** at Bargarh could not be available in e-procurement portal due to some technical reasons. The tender will be available in e-portal from **06.09.2021** upto **5.00 PM** on **29.09.2021** and will be opened at **11.30 AM** on **30.09.2021**.

Sd/-
MANAGING DIRECTOR

OFFICE OF THE DISTRICT MANAGER
**ODISHA STATE CIVIL SUPPLIES CORPORATION LTD. (OSCSC)**
PURI DISTRICT
Phone : 06752-222228, District Web site : www.puri.nic.in

Tender No. 2658 Date : 27.08.2021

District Manager, Odisha State Civil Supplies Corporation Ltd., Puri (District) invites re-tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of (i) Level-I Transport Contractor for transportation of foodgrains from FSD, FCI to RRCs. |
| 2 | Availability of bid document in the portal | From **02.09.2021** (Date) |
| 3 | Last Date / Time for receipt of bids in the portal | Dt.**09.09.2021** up to **04.00 PM** |
| 4 | Date/Time of Opening of Technical bid | Dt.**13.09.2021** at **11.30 AM** |
| 5 | Name and address of Officer Inviting Tender | **District Manager**, OSCSC Ltd., Puri District |

Tender Documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/-
District Manager,
O.S.C.S.C. Ltd., Puri

**କଟକ ମହାନଗର ନିଗମ**
ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୧ ପାଳନ
ଅବସରରେ ନଗରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
No.C-845:-

**କଟକ ସହରର ସଚେତନ ନାଗରିକମାନଙ୍କୁ ନିବେଦନ**

- ଯଦି ଆପଣଙ୍କ ନିକଟରେ କିମ୍ବା ଆଖପାଖ ସ୍ଥାନରେ କୌଣସି ବ୍ୟକ୍ତି ଜ୍ୱର, କାଶ କିମ୍ବା ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି, ତେବେ ତୁରନ୍ତ କଟକ ମହାନଗର ନିଗମ ନିୟନ୍ତ୍ରଣ କକ୍ଷ ଫୋନ୍ ନଂ.- ୭୦୭୭୭୭୫୫୫୫ରେ ଯୋଗାଯୋଗ କରନ୍ତୁ।
- ଏଡିସ୍ ମଶା ଦ୍ୱାରା ଡେଙ୍ଗୁ ରୋଗ ସଂକ୍ରମିତ ହୋଇଥାଏ। ଏହି ମଶା ଦିନବେଳା କାମୁଡେ । ଜ୍ୱର ସହିତ ହାଡ଼ ଓ ଗଣ୍ଠି ବିନ୍ଧାହୁଏ ଓ କେତେକଙ୍କ ଶରୀରରେ ଲାଲ୍ ହୋଇ ଫଳିଯାଏ। ଏପରି ଲକ୍ଷଣ ଦେଖାଗଲେ ନିକଟରେ ଥିବା ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କୁ ପରାମର୍ଶ କରନ୍ତୁ। ଏଡିସ୍ ମଶା ବଂଶ ବୃଦ୍ଧି ହେବାର ମୁଖ୍ୟ ସ୍ଥାନ ଘର ସମ୍ମୁଖରେ ପଡିଥିବା ମାଠିଆ, କଟା ପଇଡ଼ ଏବଂ ଟାୟାର ରଖାଯାଇଥିବା ସ୍ଥାନରେ ବର୍ଷାପାଣି ଜମିରହିବା ଦ୍ୱାରା ଏହି ମଶା ବଂଶର ବୃଦ୍ଧି ହୋଇଥାଏ। ତେଣୁ ଏହି ସବୁ ସ୍ଥାନରେ ପାଣି ଜମିବାକୁ ଦିଅନ୍ତୁ ନାହିଁ।
- କଟକ ମହାଗର ନିଗମ କଟକ ସହରର ସଚେତନ ନାଗରିକମାନଙ୍କର ସକ୍ରିୟ ସହଯୋଗ ନେଇ ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତା ମାଧ୍ୟମରେ ଏକ ବିକାଶମୁଖୀ ବୃହତ୍ତର କଟକ ନିର୍ମାଣ କରିବା ପାଇଁ ସଂକଳ୍ପବଦ୍ଧ। ଏଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ଜନସାଧାରଣଙ୍କର ସହଯୋଗ ଏକାନ୍ତ କାମ୍ୟ।
- ନିଗମର ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନ ପରିସର ପରିଷ୍କାର ରଖିବା ସହ ରାସ୍ତା କଡ଼ରେ କିମ୍ବା ଖାଲି ଜାଗାରେ କୌଣସି ବର୍ଜ୍ୟବସ୍ତୁ ପକାନ୍ତୁ ନାହିଁ ଏବଂ ଏଥିପାଇଁ ପାଖରେ ଥିବା ଡଷ୍ଟବିନ୍ କିମ୍ବା ମଇଳା ପଡ଼ିବା ସ୍ଥାନ ବ୍ୟବହାର କରି ସ୍ୱାସ୍ଥ୍ୟ, ପରିମଳ ଓ ପରିବେଶ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରନ୍ତୁ।
- ନିଗମ ଦ୍ୱାରା ସହର ମଧ୍ୟରେ ପଲିଥିନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଥିବା ଦୃଷ୍ଟିରୁ, ଏହାର ବିକଳ୍ପକୁ ବ୍ୟବହାର କରିବା ପାଇଁ ବଦ୍ଧପରିକର ହୋଇ, ପଲିଥିନ୍‌କୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବା ନିମନ୍ତେ ସମସ୍ତ ସହଯୋଗ ପ୍ରଦାନ କରନ୍ତୁ।

ଶ୍ରୀମତୀ ଅନନ୍ୟା ଦାସ, ଭା.ପ୍ର.ସେ
ଆୟୁକ୍ତ

ଶ୍ରୀଯୁକ୍ତ ଅନିଲ କୁମାର ସାମଲ, ଭା.ପ୍ର.ସେ
ପ୍ରଶାସକ

OIPR-13031/11/0024/2122

## ଖପ୍ରାଖୋଲରେ ବିଜେଡିର ମିଶ୍ରଣ ପର୍ବ

ଖପ୍ରାଖୋଲ, (ଡି.ଏନ.ଏ.)- ବଲାଙ୍ଗୀର ଜିଲା ଖପ୍ରାଖୋଲ ବିଜେଡି କାର୍ଯ୍ୟାଳଠାରେ ସୋମବାର ପାଟଣାଗଡ ବିଧାୟକ ସରୋଜ ମେହେରଙ୍କ ଉପସ୍ଥିତିରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମିଶ୍ରଣ କାର୍ଯ୍ୟକ୍ରମରେ କରୁଆଁଝର ସରପଞ୍ଚ ବିଜୟ ଝିଲକ୍ଷ୍ମୀ ବାଗଙ୍କ ସହ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ । ଏହି ଅବସରରେ ବିଜେଡି ଜିଲା ସମ୍ପାଦକ ପବିତ୍ର ପଟେଲ, ବ୍ଲକ ସଭାପତି ରମେଶ ପଧାନ, ବିଧାୟକ ନୋମିନି ପଞ୍ଚୁଦେବ ସାହୁ , ବ୍ଲକ ଯୁବ ବିଜେଡି ସଭାପତି ବେଲେରା ସିଂ ମେହେର, ଦିବାକର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।



## ସଂକ୍ଷେପରେ

### ଶ୍ରମିକଙ୍କ ଦାବି ମୁତାବକ କାମ ମିଳୁନି

ଲୋଇସିଂହା, ୩୦।୮(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କୁ ଡିମାଣ୍ଡ ମୁତାବକ କାମ ମିଳୁନାହିଁ। ଅପରପକ୍ଷରେ ଯେଉଁମାନେ ବି କାମ କରିଛନ୍ତି ସେମାନଙ୍କୁ ପ୍ରାପ୍ୟ ପ୍ରଦାନରେ ବିଳମ୍ବ କରାଯାଉଛି। ପଞ୍ଚାୟତ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୫ ଲକ୍ଷ ବ୍ୟୟ ଅଟକଳରେ କୁଶମେଲରୁ ଫଂଟାବାଲାକୁ ମାଟିରାସ୍ତା କାମ ହାତକୁ ନିଆଯାଇଛି । ଏଠାରେ କାମ କରିବାକୁ କୁଶମେଲର ଖଗେଶ୍ୱର ନାଗ, ସୁରୁ ନାଗ, ଜତିକା ନାଗ, ରାଘବ ନାଗ, ସଇକ ନାଗ, ଯଦୁ ତାଣ୍ଡି ଓ ଦିଲୀପ କୁମ୍ଭାର ପ୍ରମୁଖ କାମ ପାଇ ଆବେଦନ କରିଛନ୍ତି। ହେଲେ ସେମାନଙ୍କୁ ଏଠାରେ କାମ ନ ଯୋଗାଇ ଗାଁଠାରୁ ୪ କିମି ଦୂର ଜାମୁଟିଆକୁ କାମ କରିଯିବାକୁ ବାଧ୍ୟ କରାଯାଉଛି। ଅପରପକ୍ଷେ କୁଶମେଲ-ଭଇରୀକୁଦା ନାଳା ରାସ୍ତାରେ ୫ ଲକ୍ଷ ବ୍ୟୟ ଅଟକଳରେ କାମ ହୋଇଛି। ଏଠାରେ ୭୦ଜଣ ଶ୍ରମିକ କାମ କରିଛନ୍ତି। କାମ କରିବାର ୨୦ ଦିନ ବିତି ଯାଇଥିଲେ ସୁଦ୍ଧା ସେମାନଙ୍କୁ ପ୍ରାପ୍ୟ ମିଳିନାହିଁ । ଏ ନେଇ ଏବିଡିଓ ବିଜୟ କୁମାର ହୋତାଙ୍କୁ ପଚାରିବାରୁ ଶ୍ରମିକଙ୍କ ଅଭିଯୋଗ ଉପରେ ବ୍ଲକ ପ୍ରଶାସନ ଅବଗତ ଅଛି । ସେମାନଙ୍କୁ କାମ ଦେବା ପାଇଁ ପିଇଓ, ଜିଆରଏସଙ୍କୁ ତାଗିଦ୍ କରାଯାଉଛି । ବିଳମ୍ବ ହେଲେ ମଧ୍ୟ ଶ୍ରମିକ ପାଉଣା ପାଇବେ ବୋଲି ସେ କହିଛନ୍ତି ।

### ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ

ନୂଆପଡ଼ା ଅଫିସ,୩୦।୮: ନୂଆପଡା ସଦର ମହକୁମାସ୍ଥିତ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟଠାରେ ରବିବାର ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ନୂଆପଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ସଭାପତିତ୍ୱ କରିଥିଲେ। ଗ୍ରାମାଞ୍ଚଳରେ ଲୁଚାୟିତ ପ୍ରତିଭାମାନଙ୍କୁ ଖୋଜି ବାହାର କରି ବ୍ଲକରେ କ୍ରୀଡାର ବିକାଶ ପାଇଁ ମିଳିତ ହୋଇ କାର୍ଯ୍ୟ କରିବାକୁ ଖେଳ ଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ। ଅଞ୍ଚଳର ଜଣାଶୁଣା ଫୁଟବଲ ଖେଳାଳି ଯୌବନ ସଲମା ସଫଳ କ୍ରୀଡାବିତ ଭାବେ ଛାତ୍ରୀଛାତ୍ରମାନଙ୍କୁ ଗଢି ତୋଳିବା ପାଇଁ ପରାମର୍ଶ ଦେଇଥିଲେ। କବାଡିରେ ଉତ୍କର୍ଷତା ଲାଭ କରି ପ୍ରୋକବାଡି ପାଇଁ ଯୋଗ୍ୟ ବିବେଚିତ ମାଗୁରପାଣି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛାତ୍ର ଜିତେନ୍ଦ୍ର ରାଉତଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା କରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ନୂଆପଡା ବ୍ଲକରେ ଚାରା ରୋପଣରେ ସଫଳ କରିଥିବାରୁ ଖେଳ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା।

### ଗାୟତ୍ରୀ ପରିବାର ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ

କୋକସରା,୩୦।୮(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଗାୟତ୍ରୀ ପରିବାର ପକ୍ଷରୁ ରବିବାର ଜନ୍ମାଷ୍ଟମୀ ଅବସରରେ କୋକସରା ଯୁକ୍ତ ୨ କଲେଜ ପରିସରରେ ରାଚା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ପରିବାର ଓ ପ୍ରଜ୍ଞାପିଠ ଟ୍ରଷ୍ଟ କୋକସରା ପ୍ରୟାସରେ ୩୫୦ ତରୁପୁତ୍ର ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ସମନ୍ୱୟ ସମିତି ସଂଯୋଜକ ବାସୁଦେବ ଯୋଶୀ, ତରୁପୁତ୍ର ଯଜ୍ଞ ପରିଚାଳନା କରିଥିଲେ। ଗାୟତ୍ରୀ ପରିବାରର ସକ୍ରିୟ ସଦସ୍ୟ ଯୁଗଳ କିଶୋର ହଂସ, ଯୁଗେଶ୍ୱର ନେଗି, କୁରୁକ୍ଷେତ୍ର ଶବର, ସହଦେବ ନେଗି, ବିଶ୍ୱମ୍ବର ଶବର, ନାରାୟଣ ପଟ୍ଟନାୟକ, ସନ୍ତୋଷ ହଂସ, ଧବଳେଶ୍ୱର ଗହୀର, ହେମାଲତା ନାଏକ ପ୍ରମୁଖ ଗାୟତ୍ରୀ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

### ଜୀବନ ବିନ୍ଦୁ: ୪୧ ୟୁନିଟ୍ ରକ୍ତ ସଂଗ୍ରହ

ପାଇକମାଳ, ୩୦।୮(ଡି.ଏନ.ଏ): ବିଜେଡିର ଓଡିଶା ମୋ ପରିବାର ପକ୍ଷରୁ ପାଇକମାଳ ବ୍ଲକ ଟେମରୀ ଗ୍ରାମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ ଜିଲା ଜୀବନବିନ୍ଦୁର ସଂଯୋଜକ ଗୌରହରି ମିଶ୍ର ଏବଂ ଯୁବନେତା ଭୋଜରାଜ ସିଂ ବରିହା ମିଳିତ ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଶିବିରରେ ୪୧ଜଣ ରକ୍ତଦାନ କରିଥିଲେ। ପଦ୍ମପୁର ଏନଏସି ପୂର୍ବତନ ଅଧକ୍ଷ ପ୍ରିତମ ମେହେର, ପାଇକମାଳ ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ, ବିଜ ଛାତ୍ର ଜନତା ଦଳର ସଭାପତି ରବିନାରାୟଣ ସାହୁ, ବିଜୁ ଯୁବ ଜନତା ଦଳ ସଭାପତି ଗୌତମ ସିଂ, ପାଇକମାଳ ବିଜେଡି ସଭାପତି ରାଜେନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଡାକ୍ତର ସେବାବ୍ରତ ମେହେର ଏବଂ ଆଶାକର୍ମୀ ଅନ୍ନପୂର୍ଣ୍ଣା ବାରିକ, ଗୀତାଞ୍ଜଳି ଠାକୁର ରକ୍ତଦାତାଙ୍କ କୋଭିଡ୍ ପରୀକ୍ଷା କରାଇବା ପରେ ରକ୍ତଦାନ କରାଯାଇଥିଲା। ପଦ୍ମପୁର ଉପଖଣ୍ଡ ସରକାରୀ ଚିକିତ୍ସାଳୟ ରକ୍ତଭଣ୍ଡାର ଇନ୍‌ଚାର୍ଜ ସଂଗ୍ରାମ କେଶରୀ ମହନ୍ତ ଓ ତାଙ୍କ ଟିମ୍ ରକ୍ତ ସଂଗ୍ରହ କରିଥିଲେ। ଭୋଜରାଜ ସିଂ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ବର୍ଷ ହେଲା ରକ୍ତ ସଂରକ୍ଷଣ କେନ୍ଦ୍ର ବନ୍ଦ

ଜୁନାଗଡ,୩୦।୮(ଡି.ଏନ.ଏ.)



ଜୁନାଗଡ ରକ୍ତ ସଂରକ୍ଷଣ କେନ୍ଦ୍ର ବନ୍ଦ ହୋଇପଡିଛି।

- ତାଲିମପ୍ରାପ୍ତ ଡାକ୍ତର, ଲାବରେଟରି ଟେକ୍ନିସିଆନ ଅଭାବ
- ଗର୍ଭବତୀ, ଦୁର୍ଘଟଣାଜନିତ ବ୍ୟକ୍ତି ଭୋଗୁଛନ୍ତି ଅସୁବିଧା
- ରକ୍ତ ପାଇଁ ଯିବାକୁ ପଡୁଛି ୨୦ରୁ ୩୦ କି.ମି.

ଜରୁରୀକାଳୀନ ସମୟରେ ଦୁର୍ଘଟଣାଜନିତ ବ୍ୟକ୍ତି ଓ ଗର୍ଭବତୀଙ୍କୁ ରକ୍ତ ଯୋଗାଇବା ପାଇଁ କଳାହାଣ୍ଡି ଜିଲା ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ୨୦୧୧ରେ ରକ୍ତ ସଂରକ୍ଷଣ କେନ୍ଦ୍ର ସ୍ଥାପନ କରାଯାଇଥିଲା । ହେଲେ ଗତ ୨ ବର୍ଷ ହେଲା ତାଲିମପ୍ରାପ୍ତ ଡାକ୍ତର ଓ ଲାବରେଟରି ଟେକ୍ନିସିଆନ (ଏଲ୍‌ଟି) ଅଭାବରୁ ବନ୍ଦ ହୋଇ ପଡିରହିଛି। ଫଳରେ କେନ୍ଦ୍ରରେ ଏବେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଦୁର୍ଘଟଣା ଜନିତବ୍ୟକ୍ତି ଓ ଗର୍ଭବତୀମାନେ ରକ୍ତ ଅଭାବ ଯୋଗୁ ୨୫ କି.ମି. ଦୂର ଭବାନୀପାଟଣା ଓ ୨୦ କି.ମି. ଦୂର ଧର୍ମଗଡ ବ୍ଲଡ ବ୍ୟାଙ୍କ ଉପରେ ନିର୍ଭର କରିବାକୁ ପଡୁଛି। ଏହି ସମୟରେ ସେମାନେ ନାନଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨ ବର୍ଷ ଧରି ତାଲିମପ୍ରାପ୍ତ ଡାକ୍ତର ଓ ଟେକ୍ନିସିଆନ ଅଭାବରୁ ବନ୍ଦ ରହିଥିଲେ ମଧ ସ୍ୱାସ୍ଥ୍ୟ ବିଭାଗ ତଥା ସ୍ଥାନୀୟ ଲୋକ ପ୍ରତିନିଧି କାହାରି ଦୃଷ୍ଟି ନ ପଡିବା ସାଧାରଣରେ ଆଶ୍ଚର୍ଯ୍ୟର ବିଷୟ। ଏପରି କି ଏହା ଜିଲାର ଏକମାତ୍ର ରକ୍ତ ସଂରକ୍ଷଣ କେନ୍ଦ୍ର ହୋଇଥିବା ବେଳେ ଏହାର ଅବସ୍ଥା ଏପରି ହେବା ସ୍ୱାସ୍ଥ୍ୟ ବିଭାଗ ଓ ସ୍ଥାନୀୟ ରାଜନେତାଙ୍କ ଅପରାଗତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରତାପ ବେହେରାଙ୍କୁ ପଚାରିବାରୁ କରୋନା ପାଇଁ ତାଲିମପ୍ରାପ୍ତ ଏଲଟି ଅଭାବ ରହିଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ଶୀଘ୍ର ସେଠାରେ ଏଲଟି ଦେଇ କାର୍ଯ୍ୟକ୍ଷମ କରାଯିବ ବୋଲି କହିଥିଲେ।

## ମରୁଡ଼ି କବଳରେ ଦେଓଗାଁ ବ୍ଲକ

ଦେଓଗାଁ, ୩୦।୮(ଡି.ଏନ.ଏ.)

- ଫସଲ ବୀମାରୁ ଚାଷୀ ବଞ୍ଚିତ
- ୪୦ ପ୍ରତିଶତ ଜମିରେ ହୋଇନି ଚାଷ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି । ଅଦ୍ୟାବଧି ୪୦ରୁ ୫୦ ପ୍ରତିଶତ ଅଣଜଳସେଚିତ ଚାଷଜମିରେ ବେଉଷଣ ହୋଇପାରି ନାହିଁ। ଖରିଫ ଧାନଚାଷ ପାଇଁ ଜମିକୁ ଆଗୁଆ ପ୍ରସ୍ତୁତ କରିଥିବା ବେଳେ ନିଅଣ୍ଟିଆ ବର୍ଷା ଯୋଗୁ ବେଉଷଣ କାର୍ଯ୍ୟ ଅଟକିଯାଇଥିଲା । ଏବେ ବ୍ଲକର ପ୍ରାୟ ୪୦ ପ୍ରତିଶତ ଜମିରେ ଧାନଚାଷ ଆଦୌ ହୋଇ ନ ଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି । ଆଉ ଯେତିକି ଚାଷ ଜମିରେ ବେଉଷଣ ସରିଛି ଏବେ ନିଅଣ୍ଟିଆ ବର୍ଷାଯୋଗୁ ଧାନଗଛ ମରିବାକୁ ବସିଲାଣି । ଚାଷୀଙ୍କ କହିବାନୁସାରେ ଯେଉଁ ଜମିରେ ଫସଲ ବଞ୍ଚିଛି, ବିଳମ୍ବିତ ବର୍ଷା ପରେ ଅମଳ ବହୁମାତ୍ରାରେ ହ୍ରାସପାଇବ । ଏଣୁ ଚଳିତବର୍ଷ ଏଠାକାର ଚାଷୀ କ୍ଷତିଗ୍ରସ୍ତ ହେବା ନିଶ୍ଚିତ । ଏଣୁ ଦେଓଗାଁ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରି ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଚାଷୀ ମହଲରେ ଦାବି ହେଉଛି। ଅନ୍ୟପକ୍ଷେ ଚଳିତବର୍ଷ ପ୍ରଧାନମନ୍ତ୍ରୀ ଫସଲ ବୀମା କରାଇବାରୁ ଅନେକ ଚାଷୀ ବଞ୍ଚିତ ରହିଥିବା ଅଭିଯୋଗ ହେଉଛି । ଗୌରଗୋଠ, ଅର୍ଜୁନପୁର, ବଡବାହାଲ, କୁଲୁତାପଡା, ଗୁଡଖାପଲା ଅଞ୍ଚଳରେ ମେଗା ଉଠାଜଳସେଚନ ପ୍ରକଳ୍ପ ଯୋଗୁ ଚାଷକାମ ଆଗେଇଛି। ତେବେ ସାଲେପାଲି ପଞ୍ଚାୟତରୁ ଆରମ୍ଭ କରି ଜରାସିଂହା, ଉଡାର, ଦେଓଗାଁ, ଗାଇବାହାଲ, କୁତୁର୍ଲା, ବନ୍ଧପଡା, ସିଂହାମୁଣ୍ଡା, ରାମଚନ୍ଦ୍ରପୁର, ଲଣ୍ଡାପଥର ସିକୁଆଁ, ସାରସମାଲ ଅଞ୍ଚଳରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି ।

## ଯାଦବ ସମାଜ ବୁଦ୍ଧିଜୀବୀ ମଞ୍ଚ ଉଦ୍‌ଘାଟିତ



ରାଜ୍ୟ ଯାଦବ ବୁଦ୍ଧିଜୀବୀ ମଞ୍ଚ ଉଦ୍‌ଘାଟନୀ ସଭାରେ ଉପସ୍ଥିତ ଅତିଥି।

ବଲାଙ୍ଗୀର ଅଫିସ, ୩୦।୮

ବଲାଙ୍ଗୀର ଯାଦବ ଭବନଠାରେ ରାଜ୍ୟ ଯାଦବ ବୁଦ୍ଧିଜୀବୀ ମଞ୍ଚ ସୋମବାର ଉଦ୍‌ଘାଟିତ ହୋଇଛି। ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି, ନୂଆପଡା ଜିଲାର ଶତାଧିକ ଯାଦବ, ବୁଦ୍ଧିଜୀବୀଙ୍କୁ ନେଇ ଜିଲା ଯାଦବ ମହାସଭା ସମ୍ପାଦକ ପ୍ରଦୀପ ସେଲମାଙ୍କ ନେତୃତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ପୂର୍ବତନ ସହକାରୀ ଯନ୍ତ୍ରୀ ଜଳ ସମ୍ପଦ ବିଭାଗ ବୀରରାଜ ବାଗ, ସମ୍ମାନିତ ଅତିଥି ଜିଲା ଯାଦବ ମହାସଭାର ଛବିଳ ବର୍ଗତ୍ତି, ପୌରାଞ୍ଚଳ ସଭାପତି ପଙ୍କଜ ସେଲମା, ସୁବର୍ଣ୍ଣପୁର ଜିଲା ଯାଦବ ସମାଜ ସଭାପତି ତପନ ଜୁଏଡ, ନୂଆପଡା ଯାଦବ ସମାଜ ସଭାପତି ସନ୍ତୋଷ ନିହାଲ ମଞ୍ଚାସୀନ ଥିଲେ । ଯାଦବ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ଏବଂ ଅର୍ଥନୈତିକ ବିକାଶ କ୍ଷେତ୍ରରେ ବୁଦ୍ଧିଜୀବୀ ଏବଂ ବିଶେଷଜ୍ଞଙ୍କ ଦାୟିତ୍ୱ ଉପରେ ଆଲୋଚନା ହୋଇଥିଲା। ବୀରେନ୍ଦ୍ର ବନଛୋର ସଭା ସଂଯୋଜନା କରିଥିଲେ। ସଭାରେ ଯାଦବ ବୁଦ୍ଧିଜୀବୀ ମଞ୍ଚ, ଓଡିଶା ରାଜ୍ୟ କାର୍ଯ୍ୟକାରିଣୀ କମିଟି ମନୋନୀତ ସଭ୍ୟମାନଙ୍କ ନାମ ଘୋଷଣା ହୋଇଥିଲା। କାର୍ଯ୍ୟକାରୀ ସଭାପତି ଭାବେ ରଞ୍ଜିତ ଛତର, ତପନ ଜୁଆଡି, ଦ୍ୱାରିକା ବାଗ, ଉପସଭାପତି ନୀଳକଣ୍ଠ ବର୍ଗତ୍ତି, ପବିତ୍ର ହଂସା, ଧୀରେନ୍ଦ୍ର କୁମାର ବନଛୋର, କୀର୍ତ୍ତିଚନ୍ଦ୍ର ଗଉଡ ସମ୍ପାଦକ, ସୁଧାଂଶୁ ଶେଖର ନାଗ କୋଷାଧ୍ୟକ୍ଷ ଓ ମନବୋଧ ଭୋଇ, ବସନ୍ତ ମହାକୁର, ତ୍ରିନାଥ ପୁଞ୍ଜି କାର୍ଯ୍ୟକାରୀ ସଭ୍ୟ ମନୋନୀତ ହୋଇଥିଲେ। ପ୍ରଶାନ୍ତ ମହାକୁରଙ୍କୁ ଗଣମାଧ୍ୟମ ପ୍ରତିନିଧି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମଞ୍ଚର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ଜିଲା ପାଇଁ ଗଠିତ ବୁଦ୍ଧିଜୀବୀ କମିଟି ଘୋଷଣା କରାଯାଇଥିଲା। ଭଗବାନ ବର୍ଗତ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ରଣେଶ୍ୱର ରାମଚଣ୍ଡୀ ମନ୍ଦିରର ଗର୍ଭମୁଦ ଉତ୍ସବ

ବରଗଡ଼ ଅଫିସ/ଅମ୍ବାଭୋନା,୩୦।୮

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକର କଣ୍ଡିପାଲିସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିରର ଗର୍ଭମୁଦ ଉତ୍ସବ ସୋମବାର ଜନ୍ମାଷ୍ଟମୀ ତିଥିରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଛି। କୁଳ ପୁରୋହିତଙ୍କ ମନ୍ତ୍ରପାଠ ସହିତ ଦେବୀ ରାମଚଣ୍ଡୀଙ୍କୁ ପୂଜା ଆରାଧନା କରି ମନ୍ଦିର ଗର୍ଭଗୃହରେ ମୁଦ ସମ୍ପନ୍ନ ହୋଇଥିଲା। ଅମ୍ବାଭୋନା କୁଲତା ସମାଜର ଆହ୍ୱାନକ୍ରମେ ସୁରେଶ ଚନ୍ଦ୍ର ପ୍ରଧାନ, କୀର୍ତ୍ତିଚନ୍ଦ୍ର ଦୁଆନ, ଚନ୍ଦ୍ରଭାନୁ ପାତ୍ର, ମିତ୍ରଭାନୁ ପ୍ରଧାନ, ଦୀପକ ସିଂ ପ୍ରମୁଖ ସସ୍ତ୍ରୀକ ପୂଜା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଅମ୍ବାଭୋନା କୁଲତା ସମାଜ ସଭାପତି ସୁରେଶ ଚନ୍ଦ୍ର ପ୍ରଧାନ, ସମ୍ପାଦକ ହୃଷିକେଶ ପ୍ରଧାନ, କୋଷାଧ୍ୟକ୍ଷ ଗୌରାଙ୍ଗ ପ୍ରଧାନ, ଭଟଲି ଜୋନ ଜିଲା ପରିଷଦ ସଭ୍ୟ ନିତ୍ୟାନନ୍ଦ ପ୍ରଧାନ, ଗଣତନ୍ତ୍ର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ନୀଳ କୁମାରୀ ପଟେଲ, ଉପାଧ୍ୟକ୍ଷ ଠାକୁରରାମ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ସାରର ଅଭାବୀ ନେଇ ବିଜେଡିର ଜରୁରୀ ବୈଠକ


ବୈଠକରେ ଉପସ୍ଥିତ ବିଜେଡି ନେତା ଓ କର୍ମୀମାନେ।

ନୂଆପଡ଼ା ଅଫିସ,୩୦।୮

**୧ରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା**

ନୂଆପଡା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟଠାରେ ସୋମବାର ସାରର ଅଭାବୀ ନେଇ ବିଜେଡି ନେତା ଓ କର୍ମୀଙ୍କ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆପଡା ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର ଢୋଲକିଆଙ୍କ ଆହ୍ୱାନକ୍ରମେ ବିଜେଡି ଜିଲା ସଭାପତି ମନୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ରାସାୟନିକ ସାରର ଘୋର ଅଭାବ ଦେଖାଦେଇଛି। କେନ୍ଦ୍ର ସରକାର ରାଜ୍ୟର ଚାଷୀଙ୍କୁ ସାର ଯୋଗାଇବାରେ ବିଫଳ ହୋଇଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସରକାରଙ୍କ ଚାଷୀ ମାରଣା ନୀତିକୁ ବିରୋଧ କରି ନୂଆପଡା ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପାଇଁ ନିଷ୍ପତ୍ତି ନିଆଯାଇଛି। ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ଅବନୀ ରଞ୍ଜନ ଯୋଶୀ, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁ ପ୍ରତାପ ସିଂ ମାଝି, ଯୁବ ବିଜେଡି ଜିଲା ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଜିଲା ସାଧାରଣ ସମ୍ପାଦକ କାଳିଆ ପ୍ରଧାନ, ସମ୍ପାଦକ ସୁଧୀର ମିଶ୍ର, ଉପ ସଭାପତି ସିତୁ ବୋଧନକର, ନୂଆପଡା ଏନଏସି ସଭାପତି ମହେଶ ନିଆଲ, ବ୍ଲକ ସଭାପତି ରମାକାନ୍ତ ଠାକୁର, ସୋସିଆଲ ମେଡିଆ କୋର୍ଡିନେଟର ଅଜୟ ଗହୀର ପ୍ରମୁଖ ଉପସ୍ଥିତ ରହିଥିଲେ ।

## ପ୍ରତିଷ୍ଠା ଦିବସରେ ଚାରାରୋପଣ


ଅତିଥିମାନେ ଜିଲା ସାମ୍ବାଦିକ ସଂଘ ପତାକା ଉତ୍ତୋଳନ କରୁଛନ୍ତି।

ବଲାଙ୍ଗୀର ଅଫିସ, ୩୦।୮

ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘର ୬୦ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ସାମ୍ବାଦିକ ଭବନଠାରେ ସୋମବାର ଅନୁଷ୍ଠିତ ହୋଇଥିଲା । ସଂଘ ସଭାପତି ହରିନାରାୟଣ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଏସ୍‌ଡିପିଓ ତୋଫାନ ବାଗ, ପୌରନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଅତିଥିଭାବେ ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ଲାଗୁରୀ ସଂଘର ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସାମ୍ବାଦିକ ଭବନ ପରିସରରେ ଚାରାରୋପଣ କରାଯାଇଥିଲା। ସଂଘ ପ୍ରତିଷ୍ଠାତା ସଭାପତି ସତ୍ୟନାରାୟଣ ବେହେରାଙ୍କ ୮୪ତମ ଜନ୍ମଦିନକୁ ସୋମବାର ଏଠାରେ କେକ୍ କାଟି ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ବଳରାମ ମିଶ୍ର, ଉପସଭାପତି ଆନନ୍ଦ ଚନ୍ଦ୍ର ସାହୁ, ସାଙ୍ଗଠନିକ ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର, ସମ୍ପାଦକ ରଞ୍ଜିତ ବେହେରା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦାଶିବ ସରାଫ, ବଂଶୀଧର ସେଠ, ଗୋପବନ୍ଧୁ ଶତପଥୀ, ସୋମନାଥ ଆଚାର୍ଯ୍ୟ, ସୁଧୀର କୁମାର ପଣ୍ଡା, ନବୀନ ପଶାୟତ, ଅଭୟ ତ୍ରିପାଠୀ, ବୀରେନ୍ଦ୍ର ଝାଙ୍କର, ଶିଶିରକାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଡ୍ରାଇଭର ମହାସଂଘ ସମାବେଶ

ବରଗଡ଼ ଅଫିସ୍,୩୦।୮

ବରଗଡ଼ ସହର ଉପକଣ୍ଠ ଗୁଡ଼େଶିରା ମାର୍କେଟ ୟାର୍ଡ଼ ପରିସରରେ ରବିବାର ଓଡ଼ିଶା ଡ୍ରାଇଭର ମହାସଂଘ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ରାଜ୍ୟର ବିଭିନ୍ନ ଜିଲାର ଡ୍ରାଇଭର ସଂଘ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଡ୍ରାଇଭରଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ଡ୍ରାଇଭରଙ୍କୁ କରୋନା ଯୋଦ୍ଧା ମାନ୍ୟତା ପ୍ରଦାନ, କୋଭିଡ୍ ସହାୟତା ନେଇ ଆଲୋଚନା ହୋଇଥିଲା। ଏହାସହିତ ଏକ ରକ୍ତଦାନ ଶିବିର ହୋଇଥିଲା। ବରଗଡ଼ ସଦର ଥାନାଧିକାରୀ ବିରଳ ଚନ୍ଦ୍ର ସହିସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଓଡ଼ିଶା ଡ୍ରାଇଭର ମହାସଂଘ ରାଜ୍ୟ ଉପସଭାପତି ସୁମନ ଅଲଗିଆ, ସହ ସମ୍ପାଦକ ଘନଶ୍ୟାମ ବେହେରା, କୋଷାଧ୍ୟକ୍ଷ ଆଦିତ୍ୟ ବେହେରା, ବରଗଡ଼ ଜିଲା ସଭାପତି ନିଳାମ୍ବର ଶାହା ପ୍ରମୁଖ ଯୋଗ ଦେଇଥିଲେ ।

## ଜିଲାସ୍ତରୀୟ ଆକାଂକ୍ଷା ଉତ୍ସବ ପାଳିତ

ଭବାନୀପାଟଣା,୩୦।୮(ଡି.ଏନ.ଏ.)



ଆକାଂକ୍ଷା ଉତ୍ସବରେ ଜଣେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

ଭବାନୀପାଟଣାସ୍ଥିତ ଏକ ହୋଟେଲଠାରେ ରବିବାର ଜିଲାସ୍ତରୀୟ ଆକାଂକ୍ଷା ଉତ୍ସବ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଜିଲାର ବିକାଶକୁ ନେଇ ଆକାଂକ୍ଷା କାର୍ଯ୍ୟକ୍ରମ ଜରିଆରେ ଆଲୋଚନା ହୋଇଥିଲା। ଏଥିରେ ଅନ୍‌ଲାଇନ୍ ଶିକ୍ଷାର ଉନ୍ନତି, ଆଇଟି ପାର୍କ, ସଡକ ଓ ରେଳପଥର ବିକାଶ, ଦକ୍ଷତା ବୃଦ୍ଧି, କଳା ଓ ସଂସ୍କୃତିର ବିକାଶ ପାଇଁ ଉନ୍ନତ ଭିତ୍ତିଭୂମିର ଆବଶ୍ୟକତା, ମହିଳାମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ବିବେଚନା କରି ସେମାନଙ୍କ ସର୍ବାଙ୍ଗିର ଉନ୍ନତିର ପରିକଳ୍ପନା, ହାତୀ ନଦୀର ବିକାଶ, ଅର୍ଥନୈତିକ ବିକାଶ ଇତ୍ୟାଦି ପ୍ରତି ସବିଶେଷ ଆଲୋଚନା ହୋଇଥିଲା। ଆକାଂକ୍ଷାର ପ୍ରତିଫଳନ ଘଟିଲେ କଳାହାଣ୍ଡି ନିଶ୍ଚିତ ରୂପେ ରାଜ୍ୟ ତଥା ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାରୀ କରି ପାରିବ ବୋଲି ଉତ୍ସବର ଅଧକ୍ଷ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର କହିଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ ଶତପଥୀ, ପ୍ରଗତୀ କଲେଜ ଅଧକ୍ଷ ଇଂ. ଅଜୟ ପଣ୍ଡା, ପ୍ରଦୀପ ଡି. ମାଝି, ଡା. ନିହାରେନ୍ଦ୍ର ପଣ୍ଡା, ସବିତା ପଟ୍ଟନାୟକ, ଉମାଶଙ୍କର କର, ସତ୍ୟନାରାୟଣ ମହାପାତ୍ର, ଜଗମୋହନ ପଟ୍ଟନାୟକ, ସତ୍ୟନାରାୟଣ ମୁଣ୍ଡଛିନା, ରାମଚନ୍ଦ୍ର ମହାପାତ୍ର, ଦିପ୍ତୀ ପ୍ରହରାଜ, ସତ୍ୟ ପଟ୍ଟନାୟକ ଏବଂ ସାରଦା ପଟେଲ ପ୍ରମୁଖ ଭିନ୍ନ ଭିନ୍ନ ଦିଗ ଉପରେ ନିଜର ମତ ଉପସ୍ଥିତ ଥିଲେ । ଆକାଂକ୍ଷା କାର୍ଯ୍ୟକ୍ରମକୁ ଅବୁଦ୍‌ଲ୍ କାଦିର ଆବାହକ ଥିବା ବେଳେ, ଡା. ଅଜୟ ମିଶ୍ର ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଅଦିତ୍ୟ ନନ୍ଦ, ରାଜ୍ୟ ଯୁବ ଉପସଭାପତି ମଣ୍ଟୁ ନାଏକ, ଛାତ୍ର କଂଗ୍ରେସର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜୀବ ଶତପଥୀ, ଦୀନେଶ ବର୍ଗାର୍ତ୍ତୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଅବିନାଶ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ

ବୌଦ୍ଧ, ୩୦।୮(ସ୍ୱ.ପ୍ର.)

ଜନ୍ମାଷ୍ଟମୀରେ ବୌଦ୍ଧ ଜିଲା ଭାଜପା ପକ୍ଷରୁ ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ ନେତା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସର ସ୍ମୃତିଚାରଣ କରାଯାଇଛି । ଜିଲା ଭାଜପା କାର୍ଯ୍ୟାଳୟଠାରେ ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିରାଡମ୍ବର କାର୍ଯ୍ୟକ୍ରମରେ ସ୍ୱାମୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହିତ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ସ୍ୱାମୀଜୀଙ୍କ ବଳିଦାନ ସମସ୍ତ ହିନ୍ଦୁ ସମାଜ ସର୍ବଦା ମନେ ରଖିବେ ବୋଲି ଏହି ଅବସରରେ ମତପ୍ରକାଶ ପାଇଥିଲା । ଏହି ଅବସରରେ ଦଳର ବରିଷ୍ଠ ନେତା ମାଗୁଣି ଗାଇଗୌରିଆ, ଜିଲା ଯୁବମୋର୍ଚ୍ଚା ସଭାପତି ଅଟଳ କୁମାର ପ୍ରଧାନ, ପ୍ରେମାନନ୍ଦ ମିଶ୍ର, ତାପସ କୁମାର ପଟ୍ଟନାୟକ, ପଙ୍କଜ ବାରିକ୍, ଆଶିଷ ସାହୁ ଓ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



ବଳିଦାନ ଦିବସ ପାଳନ କରାଯାଉଛି।

## ସଂଗଠନରେ ଯୁବବର୍ଗଙ୍କୁ ସାମିଲ ଆହ୍ୱାନ

ବଲାଙ୍ଗୀର ଅଫିସ,୩୦।୮


ତୈଳିକ ସମାଜ ଜିଲା କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥି।

**ତୈଳିକ ବୈଶ୍ୟ ସମାଜ କାର୍ଯ୍ୟକାରିଣୀ ବୈଠକ**

ବଲାଙ୍ଗୀର ହରିହର ଧର୍ମଶାଳରେଠାରେ ଜିଲା ତୈଳିକ ସମାଜର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ଉମାକାନ୍ତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କଳାହାଣ୍ଡି ଜିଲା ପରିଷଦ ଅଧକ୍ଷା ନମିତାରାଣୀ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ବ୍ୟବସାୟୀ ଯୋଗେନ୍ଦ୍ର ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଜିଲା ସାଙ୍ଗଠନିକ ସମ୍ପାଦକ ବିକାଶ ରଞ୍ଜନ ସାହୁ ସଭା ପରିଚାଳନା କରିଥିଲେ । ଜିଲା ସମ୍ପାଦକ ପ୍ରଦୀପ ସାହୁ ବାର୍ଷିକ ବିବରଣୀ ପାଠ କରିବା ସହ ସମାଜରେ ଯୁବବର୍ଗଙ୍କୁ ସାମିଲ କରିବା ପାଇଁ ଆହ୍ୱାନ ଜଣାଇଥିଲେ । କୋଷାଧକ୍ଷ ମହେନ୍ଦ୍ର ସାହୁ ବାର୍ଷିକ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ । ନଗର କମିଟି ସଭାପତି ରେବତୀକାନ୍ତ ସାହୁ ପାଣ୍ଠି ବୃଦ୍ଧି ପାଇଁ ନୂତନ ପ୍ରସ୍ତାବ ଆଗତ କରିଥିଲେ। ଏଥିରେ ବଲାଙ୍ଗୀର ଜିଲାର ୧୪ଟି ବ୍ଲକ ତଥା ନଗର ସଭାପତି, ସମ୍ପାଦକ ଏବଂ ବ୍ଲକ ପ୍ରତିନିଧି ନିଜସ୍ୱ ମତ ଦେଇଥିଲେ । ନୂତନ ଭାବେ ଗଠିତ ମହିଳା କମିଟି ସଭ୍ୟା ମହେଶ୍ୱତା ସାହୁ ଏବଂ ସ୍ୱିଟି ସାହୁ ମତ ରଖିଥିଲେ । ଅନୁପ ସାହୁ, ତେଲି ମେଟ୍ରୋମୋନି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବରିଷ୍ଠ ଉପଦେଷ୍ଟା ପର୍ଶୁରାମ ସାହୁ, ହିମାଂଶୁ ସାହୁ ଏବଂ ଯୋଗେଶ୍ୱର ସାହୁ ଉପସ୍ଥିତ ଥିଲେ ।

## ତରବୋଡରେ ଜନ୍ମାଷ୍ଟମୀ ପାଳିତ

ନୂଆପଡ଼ା ଅଫିସ: ନୂଆପଡା ଜିଲା କୋମନା ବ୍ଲକ ତରବୋଡ ଯାଦବ ଭବନ ନିକଟସ୍ଥ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ସୋମବାର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ତରବୋଡ ଆଠ ଆଞ୍ଚଳିକ ଯାଦବ ସମାଜ କେନ୍ଦ୍ରର ଯାଦବମାନେ ଯୋଗଦେଇ ବଡଆଡମ୍ବର ସହିତ ଜନ୍ମାଷ୍ଟମୀ ପାଳନ କରି ଗାଈ ଗୋରୁଙ୍କୁ ଖେଚେଡି ଖାଇବାକୁ ଦେଇଥିଲେ। ତରବୋଡ ଆଞ୍ଚଳିକ ଯାଦବ ସମାଜ ସଭାପତି କାର୍ତ୍ତିକ କାଣ୍ଡ, ଲାଲମନ ଖର୍ସେଲ, ଖରତ ହଂସ, ଅର୍ଜ୍ଜୁନ କଠାର, ଭୋଜନ ହଂସ, କେଶବ ହଂସ, ଦୟା ସାଗର ହଂସ, ବିରଚନ ବନଛୋର, ମେଶ କଟା ପ୍ରମୁଖ ପୂଜା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ହତାଶ କର୍ମୀଙ୍କ ମନୋବଳ ବଢ଼ାଇବାକୁ ମାମୁଲି ପ୍ରସଙ୍ଗ ଉଠାଉଛି ଭାଜପା: ବିଜେଡି

ଭୁବନେଶ୍ୱର,୩୦।୮ (ବ୍ୟୁରୋ): ଗୋଟିଏ ପରେ ଗୋଟିଏ ନିର୍ବାଚନ ହାରିବା ପରେ ସମସ୍ତ ଭାଜପା କର୍ମୀ ନିରୁତ୍ସାହିତ ହୋଇପଡିଛନ୍ତି । ଏଣୁ କର୍ମୀମାନଙ୍କୁ ଉତ୍ସାହିତ କରିବା ପାଇଁ ଭାଜପା ପ୍ରୟାସ ଆରମ୍ଭ କରିଛି। ସ୍ମାର୍ଟ ସିଟି ଉପରେ ଭାଜପା ସଭାପତି ସମୀର ମହାନ୍ତି ଯେପରି ମନ୍ତବ୍ୟ ରଖିଛନ୍ତି, ଏହା କେବଳ ଗଣମାଧ୍ୟମ ଆଗରେ ନିଜକୁ ବଞ୍ଚାଇ ରଖିବା ପାଇଁ ଓ କର୍ମୀଙ୍କୁ ଉତ୍ସାହିତ କରିବା ଲାଗି ବୋଲି ବିଜେଡି ମୁଖପାତ୍ର ଲେଲିନ ମହାନ୍ତି କହିଛନ୍ତି। ସୋମବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଲେଲିନ କହିଛନ୍ତି ଯେ ଭାଜପା କଥାରେ କୌଣସି ବାସ୍ତବତା ନାହିଁ। ଭୁବନେଶ୍ୱର ସ୍ମାର୍ଟ ସିଟି ଅନ୍ୟ ଭାଜପା ଶାସିତ ସ୍ମାର୍ଟ ସିଟି ତୁଳନାରେ ବେଶ୍ ଭଲ ପରିଚାଳିତ। ଓଡ଼ିଶା ଭାଜପା ଏ ଦିଗରେ ଆତ୍ମ ନିରୀକ୍ଷଣ କରିବା ଉଚିତ ବୋଲି ସେ କହିଛନ୍ତି।

### ମରୁଡ଼ି ମୁକାବିଲା ପାଇଁ ଚାଷୀଙ୍କ ସମୀକ୍ଷା ବୈଠକ

ନୂଆପଡ଼ା ଅଫିସ,୩୦।୮: ନୂଆପଡା ଜିଲା କୋମନା ବ୍ଲକରେ ସ୍ୱାଭାବିକ ବର୍ଷାଠାରୁ କମ ବୃଷ୍ଟିପାତ ହୋଇଥିବାରୁ ରୁଆ, ବେଉଷଣ କାର୍ଯ୍ୟ ହୋଇ ପାରିନାହିଁ। ଜମିରେ ଧାନ ଗଛ ମରିବାରେ ବସିଲାଣି । ଜମି ଫାଟି ଆଁ କଲାଣି। ଫଳରେ ଚାଷୀ ଜମିରେ ଗାଈ, ବଳଦ ଚରିବା ଲାଗି ଛାଡ଼ି ଦେଉଥିବା ଆରମ୍ଭ କରି ଦେଇଛି। ଏହି ପରିପ୍ରେକ୍ଷୀରେ କୋମନା ବ୍ଲକ ଜଟଗଡ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜାଟଗଡ, ସୋରିପଡା, ବାବେଘାଟି, ଭରୁଆମୁଣ୍ଡା, ଘାଟିପଡା, ବେହାରାପଡା ଆଦି ଗାଁର ଚାଷୀମାନଙ୍କ ମରରୁଡି ମୁକାବିଲା ପାଇଁ ଏକ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ସରପଞ୍ଚ ଦିବ୍ୟକାନ୍ତି ଜଗତ ସଭାପତିତ୍ୱ କରିଥିଲେ। ମରୁଡି ପରିସ୍ଥିତିରେ ମଧ୍ୟ ସରକାର ମରୁଡି ଘୋଷଣା କରୁନାହାନ୍ତି କିମ୍ବା ବୀମା ପଞ୍ଜୀକରଣର ଅବଧି ବଢାଉ ନାହାନ୍ତି। ଏହାର ପ୍ରତିବାଦରେ ଆସନ୍ତା ୩୧ ତାରିଖରେ ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂ, ଜିଲା କୃଷି ଅଧିକାରୀ, କୋମନା ତହସିଲଦାରଙ୍କୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ପାଇଁ ଏକ ଦାବିପତ୍ର ଦେବା ଲାଗି ନିଷ୍ପତ୍ତି ନିଆଯାଇଛି। ଏହି ଆଲୋଚନାରେ ମୋହନ ମାଝି, ପଦ୍ମନ ପ୍ରଧାନ, ନରହାରି ମାଝି, ମନୁ ସାହୁ, ଦେବାର୍ଚ୍ଚନ ମାଝି, ପୀତାମ୍ବାର ଗଡତିଆ, ମୋଟା ମାଝି, ଶଙ୍କର ହଂସ, ରବୀନ୍ଦ୍ର ମାଝି, ରହତୁ ନାଗ, ଲବଙ୍ଗ ମାଝି, ବିଜଲାଲ ସାହୁ, କୈଳାସ ମାଝି, ଘନଶ୍ୟାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ୨୦୦ ଦିବ୍ୟାଙ୍ଗଙ୍କୁ ରାଶନ, ସୁରକ୍ଷା କିଟ୍ ପ୍ରଦାନ

ଭବାନୀପାଟଣା,୩୦।୮ (ଡି.ଏନ.ଏ.): କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଭବାନୀପାଟଣା ୟୁପିଏଚ୍‌ସିରେ ଅକ୍ସଫାମ ଇଣ୍ଡିଆ ସଞ୍ଜୀବନୀ ଯୋଜନାରେ ୨୦୦ ଦିବ୍ୟାଙ୍ଗଙ୍କୁ ରାଶନ ସାମଗ୍ରୀ ସହ ସୁରକ୍ଷା କିଟ୍ ପ୍ରଦାନ କରାଯାଇଛି। ଅନୁଷ୍ଠାନ ସଭାପତି ସୁଶାନ୍ତ ମହାପାତ୍ର ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରତାପ ବେହେରା ମୁଖ୍ୟଅତିଥି ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଏଡିପିଏଚ୍‌ଓ ଡା. ନିହାର ରଞ୍ଜନ ପଣ୍ଡା, ଡିପିଏମ୍ ଅବନୀ ରଞ୍ଜନ ମହାପାତ୍ର, ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜୟନ୍ତ ବେହେରା, ଶିକ୍ଷାବିତ୍ ଡା. ଅଜୟ ମିଶ୍ର, ସାମାଜିକ କର୍ମୀ ଅବଦୁଲ କାଦିର ଯୋଗ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଅକ୍ଷୟ ଦାସ ଧନ୍ୟବାଦ ଦେଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଭବାନୀପାଟଣା,୩୦।୮ (ଡି.ଏନ.ଏ.): କଳାହାଣ୍ଡି ବିଶ୍ୱବିଦ୍ୟାଳୟ ତଥା ସରକାରୀ କଲେଜରୁ ଯୁକ୍ତ ୨ରେ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରୀଛାତ୍ରଙ୍କୁ ସେହି କଲେଜରେ ହିଁ ଯୁକ୍ତ ୩ ଡିଗ୍ରୀ ପଢିବାକୁ ସୁଯୋଗ ଦିଆଯିବାକୁ ଦାବି କରାଯାଇଛି। ଏ ନେଇ କଳାହାଣ୍ଡି ଉମ୍ଦ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ପିଲାଙ୍କ ମାଟ୍ରିକ୍ ପରୀକ୍ଷା ଅଧାରେ ହିଁ ପିଲାଙ୍କୁ ଯୁକ୍ତ ୨ରେ ମଧ ସମାନ ମାର୍କ ଦିଆଯାଇଛି। ମାର୍କ ଆଧାରରେ ଭବାନୀପାଟଣା ସରକାରୀ କଲେଜରେ ଯୁକ୍ତ ୩ରେ ଦାଖଲ ଦିଆଯାଉଥିବାରୁ ସେହି ପିଲାଙ୍କୁ ପଢିବାରୁ ବଞ୍ଚିତ ହେବା ଆଶଙ୍କା ରହିଛି। ଏହି କ୍ଷେତ୍ରରେ ପିଲାଙ୍କୁ ନିଜ କଲେଜରେ ପଢିବାକୁ ପ୍ରାଥମିକତା ଦିଆଯାଇ ସୁଯୋଗ ମିଳୁ ବୋଲି ଉମ୍ଦ ସମାଜର ନାଦରାଜ ନାଏକ ଓ ଅନ୍ୟ କର୍ମକର୍ତ୍ତା ଦାବି କରିଛନ୍ତି ।

# ପ୍ରକଳ୍ପ ନିର୍ମାଣରେ ଗୁଣବତ୍ତାକୁ ଉପେକ୍ଷା

**ମେଗା ପାଇପ ଜଳଯୋଗାଣ**

- ୧୬,୬୭୬ କୋଟି ଟଙ୍କାର ୯୦ ପ୍ରକଳ୍ପ
- ଅଣଓଡ଼ିଆ ଠିକାସଂସ୍ଥା ଦ୍ୱାରା ଚାଲିଛି କାମ

ଯାଜପୁର ଅଫିସ,୩୦।୮

ରାଜ୍ୟରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୬,୬୭୬ କୋଟି ଟଙ୍କାର ୯୦ ମେଗା ପାଇପ ଜଳ ଯୋଗାଣ (ପିଡବ୍ଲ୍ୟୁଏସ୍) ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୬ଟି ଯୋଜନାରେ ଚାଲିଛି। ସେଥିମଧ୍ୟରୁ ଯାଜପୁର ଜିଲାରେ ୮ ପ୍ରକଳ୍ପ ରହିଛି। ୩ୟ ଓ ୪ର୍ଥ ପର୍ଯ୍ୟାୟରେ ୧୮,୪୯୮ କୋଟି ଟଙ୍କାର ୧୨୫ ପ୍ରକଳ୍ପକୁ ମଞ୍ଜୁରୀ ମିଳିସାରିଛି। ଏହି କ୍ରମରେ ସମୁଦାୟ ୩୫ ହଜାର କୋଟି ଟଙ୍କାର ୨୧୫ ପ୍ରକଳ୍ପ ରାଜ୍ୟବାସୀଙ୍କ ପାନୀୟ ଜଳ ସମସ୍ୟା ଦୂର କରିବ ବୋଲି ସରକାର ଆଶା ବାନ୍ଧିଛନ୍ତି। ତେବେ କେତେକ ପ୍ରକଳ୍ପ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ଦ୍ୱାରା ୨୦୧୬ରୁ ରାଜ୍ୟ ବାହାରର ଠିକାସଂସ୍ଥାମାନଙ୍କ ସହ ଚୁକ୍ତି ହୋଇଥିଲେ ହେଁ ତାହା ଏଯାଏ ଲୋକଙ୍କ କାମରେ ଆସିପାରିନାହିଁ। ଅନ୍ୟପକ୍ଷରେ ପୂର୍ବରୁ କେତେକ ପ୍ରକଳ୍ପରେ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ହେଉଥିବା ନେଇ ଇଞ୍ଜିନିୟର୍ସ ଅଥରିଟି ପକ୍ଷରୁ ଚିହ୍ନଟ ହୋଇଥିଲା। ଅଣଓଡ଼ିଆ ଠିକାଦାରମାନଙ୍କୁ ଆଖିବୁଜି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ବିଶ୍ୱାସ କରି ନେଉଥିବାରୁ ପ୍ରାୟ ୩୫ ହଜାର କୋଟି ଟଙ୍କାର ମେଗା ପ୍ରକଳ୍ପର ଦୀର୍ଘସ୍ଥାୟୀ ନେଇ ସାଧାରଣରେ ସଂଶୟ ସୃଷ୍ଟି ହୋଇଛି।

ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠିରେ ଅନୁଗୋଳ ଜିଲାର ତାଳଚେର, କଣିହା ଓ ଛେଣ୍ଡିପଦା ଅଞ୍ଚଳ ପାଇଁ ୨, ଝାରସୁଗୁଡା ଜିଲାର ଲଖନପୁର, ଝାରସୁଗୁଡା, କିରିମିରା, ଲଇକେରା ଓ କୋଲାବିରା ବ୍ଲକ ଅଞ୍ଚଳ ଲାଗି ୨ ଏବଂ କେନ୍ଦୁଝର ଜିଲାର ସାହାରପଡା, ଘଷିପୁରା, ଆନନ୍ଦପୁର ଅଞ୍ଚଳ ନିମନ୍ତେ ୩ ଏଭଳି ଭାବେ ୭ ପ୍ରକଳ୍ପ ପାଇଁ ୧୫୫୩ କୋଟି ଟଙ୍କା ମଞ୍ଜୁର ହୋଇଛି। ଖଣି ସମ୍ବନ୍ଧୀୟ କାର୍ଯ୍ୟକଳାପ ହେତୁ ଜଙ୍ଗଲ ତଥା ପରିବେଶରେ ହୋଇଥିବା କ୍ଷତିର ପୁନରୁଦ୍ଧାର ପାଇଁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ଓଏମ୍‌ବିଏଡିସି(ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ) ଗଠନ ହୋଇଛି। ଏହି ଯୋଜନାରେ ୪୮୩୧ କୋଟି ଟଙ୍କାର ୨୦ ପ୍ରକଳ୍ପ ନିର୍ମାଣ କେନ୍ଦୁଝର, ଯାଜପୁର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲାରେ ଚାଲିଛି। ୪ର୍ଥ ରାଜ୍ୟ ଅର୍ଥ କମିଶନ ପାଣ୍ଠିରେ ୭୦୭ କୋଟି ଟଙ୍କାର ୭ ପ୍ରକଳ୍ପ ନିର୍ମାଣ ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, କେନ୍ଦୁଝର, ପୁରୀ, କଟକ ଓ ଜଗତ୍‌ସିଂହପୁର ହେଉଛି। ଏହିସବୁ ପ୍ରକଳ୍ପ ପାଇଁ ୨୦୧୬ରୁ ଚୁକ୍ତି ହୋଇଥିଲେ ହେଁ ସେଥିରୁ ଏଯାଏ ଜଳଯୋଗାଣ ଠିକ ଭାବେ ହୋଇପାରିନାହିଁ। ବସୁଧା ଯୋଜନାରେ ପୁରୀ, ଗଞ୍ଜାମ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଢେଙ୍କାନାଳ, ବୌଦ୍ଧ ଓ ନୟାଗଡ଼ ଜିଲାରେ ୨୦୪୬ କୋଟି ଟଙ୍କାର ୮ ପ୍ରକଳ୍ପ ନିର୍ମାଣ ହେଉଛି। ରୁରାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫଣ୍ଡ (ଆର୍‌ଆଇଡିଏଫ୍)ରେ ନୂଆପଡ଼ା, ଭଦ୍ରକ, ସମ୍ବଲପୁର, ପୁରୀ, ନବରଙ୍ଗପୁର, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର, ମାଲକାନଗିରି, କୋରାପୁଟ, ଗଜପତି ଓ ବରଗଡ଼ ଜିଲାରେ ୩୭୪୭ କୋଟି ଟଙ୍କାର ୨୧ ପ୍ରକଳ୍ପ ନିର୍ମାଣ କରାଯାଉଛି। ଜଳ ଜୀବନ ମିଶନ (ଜେଜେଏମ୍) ପକ୍ଷରୁ ଯାଜପୁର, କୋରାପୁଟ, ଝାରସୁଗୁଡ଼ା, ନବରଗଙ୍ଗପୁର, ଦେବଗଡ଼, ରାୟଗଡ଼ା, କଟକ, ମୟୂରଭଞ୍ଜ, ବାଲେଶ୍ୱର, କଳାହାଣ୍ଡି, ସମ୍ବଲପୁର ଓ କନ୍ଧମାଳ ଜିଲାରେ ୪୦୧୨ କୋଟି ଟଙ୍କାର ୨୭ ପ୍ରକଳ୍ପ ତିଆରି ଚାଲିଛି। ଏହିସବୁ ପ୍ରକଳ୍ପଗୁଡିକର ନିର୍ମାଣ ରାଜ୍ୟ ବାହାରର ଠିକାସଂସ୍ଥା ଏନ୍‌ସିସି, ଏଲଆଣ୍ଡଟି, ଏମ୍‌ଇଆଇଏଲ୍, ଜେଏମ୍‌ସି, ଜିଭିପିଆର୍, ଜେଭି, ଭୋଲଟାସ୍, କାବେରୀ, ଆଇଏଚ୍‌ପି, ରାମ୍‌କୀ, ଜୁବେରୀ ଇତ୍ୟାଦି ଠିକାସଂସ୍ଥା କରୁଛନ୍ତି। ତେବେ ଏହି ଅଣଓଡ଼ିଆ ଠିକାସଂସ୍ଥା ସହ କେତେଜଣ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରାରେ ନିମ୍ନମାନର ଷ୍ଟିଲ ସାମଗ୍ରୀ ବ୍ୟବହାର, ଶ୍ରମିକ ସୁରକ୍ଷା, ଖାତ ଖୋଲା, ଖାତର ଗଭୀରତା ପ୍ରଭୃତିରେ ଅନିୟମିତତା ସହ ଇଏସ୍‌ଆର ସ୍ତମ୍ଭରେ ବିଭିନ୍ନ ତ୍ରୁଟି ଏବଂ ସିଧା ଭାବେ ନିର୍ମାଣ ହୋଇନାହିଁ ବୋଲି ଇଞ୍ଜିନିୟର୍ସ ଅଟରିଟି ପୂର୍ବରୁ ଯାଜପୁର ଜିଲାର ସୁକିନ୍ଦା ପ୍ରକଳ୍ପରେ ଦେଖିବାକୁ ପାଇଥିଲା। ତେଣୁ ଅଣଓଡିଆ ଠିକାସଂସ୍ଥାକୁ ଟେଣ୍ଡର ପ୍ରକ୍ରିୟାରେ ଚଞ୍ଚକତା କରି ପ୍ରାୟ ୩୫ ହଜାର କୋଟି ଟଙ୍କାର ୨୧୫ଟି ପ୍ରକଳ୍ପ ଟେକି ଦେଇ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି।



## ବଜ୍ରପାତରେ ୨୫ ଗୋରୁ ମୃତ

ନାକଟିଦେଉଳ,୩୦।୮ (ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ପାଣିମୁରା ପଞ୍ଚାୟତର ଜରେସିଂଘା ଗ୍ରାମରେ ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ଅପରାହ୍ନରେ ବଜ୍ରପାତ ହେବାରୁ ଗ୍ରାମର ୨୫ ଗୋରୁଙ୍କ ମୃତ୍ୟୁ ଘଟିଛି। ମିଳିଥିବା ଅନୁସାରେ ଅପରାହ୍ନ ପ୍ରାୟ ଅଢେଇଟା ସମୟରେ ପାଣିମୁରା ଅଞ୍ଚଳରେ ବର୍ଷା ସହ ପ୍ରବଳ ଘଡ଼ଘଡ଼ି ହୋଇଥିଲା। ତେବେ ବର୍ଷା ପୂର୍ବରୁ ପଡିଆରେ ଚରୁଥିବା ଗ୍ରାମର ଗୋରୁପଲ ଏକ ଗଛମୂଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ଆଶ୍ରୟ ନେଇଥିବା ଗୋରୁଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨୫ ଗାଈ, ବଳଦ ଓ ବାଛୁରୀଙ୍କ ମୃତ୍ୟୁ ଘଟିଛି। ଏହା ମଧ୍ୟରେ ଗ୍ରାମର ଚାଷୀ ମହେନ୍ଦ୍ର ମଲ୍ଲିକଙ୍କ ୭, ଗଦାଧର ନାଏକଙ୍କ ୭, ଗୟାଧର ଦେହୁରୀଙ୍କ ୨ଟି ଓ ସନ୍ତୋଷ ନାଏକଙ୍କ ୯ଟି ଗୋରୁ ମୃତ୍ୟୁବରଣ କରିଛନ୍ତି। ବଜ୍ରପାତରେ ଏକ ସମୟରେ ଏତେ ସଂଖ୍ୟକ ଗୋରୁ ମୃତ୍ୟୁବରଣ କରିବା ଅଞ୍ଚଳରେ ପ୍ରଥମ ଘଟଣା ବୋଲି ସ୍ଥାନୀୟ ବୟୋଜ୍ୟେଷ୍ଠ ବ୍ୟକ୍ତି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନାକଟିଦେଉଳ ତହସିଲଦାର ସୁକାନ୍ତ କୁମାର ନାଏକ କହନ୍ତି, ବଜ୍ରପାତରେ ଜରେସିଂଘା ଗ୍ରାମରେ ଗାଈବଳଦ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିଲା ପରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାରୀ ନିୟମାନୁସାରେ କ୍ଷତିପୂରଣ ଯୋଗାଇ ଦିଆଯିବ।

## ଲରମ୍ଭା କଲେଜର ପ୍ରତିଷ୍ଠା ସମାରୋହ




ପ୍ରତିଷ୍ଠା ସମାରୋହରେ କଲେଜ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରୁଛନ୍ତି ।

ଅତାବିରା,୩୦।୮ (ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ଭା କଲେଜର ପ୍ରତିଷ୍ଠା ଦିବସ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମଲୋଚନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ସମ୍ବଲପୁରର ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି, ସମ୍ବଲପୁର ମହିଳା କଲେଜର ପ୍ରଫେସର ଅଖିଳ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ଭୋଇ, ଅଧ୍ୟାପିକା ଡଃ ଅମୃତା ସାମନ୍ତ ମଞ୍ଚାସୀନ ଥିଲେ। ଏହି ଅବସରରେ ଶ୍ରୀକୃଷ୍ଣ ଏବଂ କଲେଜ ପ୍ରତିଷ୍ଠାତା ସ୍ୱର୍ଗତ ବ୍ରଜମୋହନ ପଣ୍ଡାଙ୍କ ପ୍ରତିଛବିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟଅତିଥି, ମୁଖ୍ୟବକ୍ତା ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ପାଇଁ ସ୍ୱର୍ଗତ ବ୍ରଜମୋହନ ପଣ୍ଡାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତାବିରା ବ୍ଲକ ଅଧ୍ୟକ୍ଷା ରୀତା ସାହୁ, ପୂର୍ବତନ ଅଧ୍ୟକ୍ଷ ନେପାଳ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ହରିପ୍ରସାଦ ଦାଶ, ଅଶୋକ କୁମାର ସାହୁ, ଡଃ ନରେନ୍ଦ୍ର କୁମାର ବେହେରା, ଧନେଶ୍ୱର ମେହେର, ପ୍ରାଧ୍ୟାପକ ଗୋରାଚାନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଗୁରୁଦେବ କୁଶଳ ଧନ୍ୟବାଦ ଅର୍ପଣ କରିଥିଲେ। କଲେଜ ଛାତ୍ରୀମାନେ ପ୍ରାରମ୍ଭିକ ଏବଂ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ ।

## ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

**ମାନସିକ ପୂର୍ଣ୍ଣ ପାଇଁ ଛତିଶଗଡ଼ରୁ ଆସିଥିଲେ ସୁନ୍ଦରଗଡ଼**

ବାଲିଶଙ୍କରା,୩୦।୮ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଘୋଘର ଗ୍ରାମରେ ସୋମବାର ସକାଳେ ହାତୀ ଆକ୍ରମଣରେ ବିଲେଇ ବାଈ(୪୫) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଛତିଶଗଡ଼ ସରଗୁଜା ଜିଲା ସୀତାପୁର ଥାନା ବିଷ୍ଣୁପୁର ଗ୍ରାମରେ। ମାନସିକ ପୂର୍ଣ୍ଣ ପାଇଁ ଛତିଶଗଡ଼ରୁ ସୁନ୍ଦରଗଡ଼ ଆସି ଫେରୁଥିବାବେଳେ ଏହି ଘଟଣା ଘଟିଛି। ଖବରପାଇ ବନ ବିଭାଗ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ବିଷ୍ଣୁପୁର ଗ୍ରାମରୁ ନଅଜଣ ଶ୍ରଦ୍ଧାଳୁ ମାନସିକ ପୂର୍ଣ୍ଣ ପାଇଁ ଚାଲିଚାଲି ସୁନ୍ଦରଗଡ଼ ଜଗନ୍ନାଥ ମନ୍ଦିର ଏବଂ ସମଲେଶ୍ୱରୀ ମନ୍ଦିରକୁ ଆସିଥିଲେ। ଦର୍ଶନ ସାରି ନିଜ ଗାଁକୁ ଫେରିବା ସମୟରେ ଘୋଘର ଗ୍ରାମ ନିକଟରେ ସନ୍ଧ୍ୟା ହୋଇଯାଇଥିଲା। ତେଣୁ ସେଠାରେ ଥିବା କେନ୍ଦୁପତ୍ର ଫଡ଼ି ଘରେ ରାତିଯାପନ କରିଥିଲେ। ଭୋର ୫ଟାରେ ବିଲେଇ ବାଈ ଶୌଚ ହେବା ପାଇଁ ଯାଇଥିବାବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ।

## ଭଡ଼ା ବୃଦ୍ଧି ଦାବିରେ ତାତିଲେ ଟ୍ରକ୍ ମାଲିକ ସଂଘ

**୫ଘଣ୍ଟା କାଳ ସିଡବ୍ଲୁସି ଅଚଳ କଲେ**

ବଲାଙ୍ଗୀର ଅଫିସ, ୩୦।୮

ବଲାଙ୍ଗୀରର ମାଧିଆପାଲିସ୍ଥିତ ସେଣ୍ଟ୍ରାଲ ୱେରହାଉସିଂ କର୍ପୋରେଶନ୍ (ସିଡବ୍ଲୁସି)ଠାରେ ଟ୍ରକ୍ ମାଲିକ ସଂଘ ପକ୍ଷରୁ ବକେୟା ଭଡା ପଇଠ ଓ ଭଡାବୃଦ୍ଧି ଦାବିରେ ଦୀର୍ଘ ୫ଘଣ୍ଟା ଧରି ଆନ୍ଦୋଳନ କରାଯାଇଥିଲା। ଟ୍ରକ୍ ମାଲିକ ସଂଘ ସଭାପତି ବୀରେନ୍ ମିଶ୍ର ଓ ସମ୍ପାଦକ ଅଶ୍ୱିନୀ ପଟ୍ଟନାୟକଙ୍କ ନେତୃତ୍ୱରେ ସିଡବ୍ଲୁସି ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ସିଡବ୍ଲୁସିରୁ ରେଲୱେ ଷ୍ଟେଶନ୍‌କୁ ଚାଉଳ ଯୋଗାଣକୁ ସେମାନେ ବନ୍ଦ କରିଦେଇଥିଲେ। ବକେୟା ଭଡା ସହ ଡିଜେଲର ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁଁ ସମପରିମାଣରେ ଭଡାବୃଦ୍ଧି ଦାବି କରିଥିଲେ। ସିଡବ୍ଲୁସି ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଟ୍ରକ୍ ଚଳାଚଳରେ ଅସୁବିଧା ସମ୍ମୁଖୀନ ହେଉଥିବା ଅଭିଯୋଗ କରାଯାଇଥିଲା। ଦାବିପୂରଣ ନହେଲେ ସିଡବ୍ଲୁସିକୁ ଚାଉଳ ଯୋଗାଣ କରିଦିଆଯିବ ନାହିଁ ବୋଲି ଚେତାବନୀ ଦିଆଯାଇଥିଲା। ପରେ ଠିକାଦାରଙ୍କ ସହ ବର୍ଦ୍ଧିତ ମୂଲ୍ୟକୁ ନେଇ ଲିଖିତ ରାଜିନାମା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଜମିପଟ୍ଟା, ୟୁଜିସି ୧୨ (ବି) ସ୍ୱୀକୃତି ନେଇ ଆଲୋଚନା

**ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ**

ବଲାଙ୍ଗୀର ଅଫିସ, ୩୦।୮

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଜମିପଟ୍ଟା ଓ ୟୁଜିସି ଅଧିନିୟମ ୧୯୫୬ ଧାରା ୧୨ (ବି) ସର୍ତ୍ତବଳୀ ପୂରଣ ଦିଗରେ ପୁରାତନ ଛାତ୍ର ସଙ୍ଗଠନର ଏକ ପ୍ରତିନିଧି ମଣ୍ଡଳୀ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ପାଟଣାଗଡ ରାଜଖମାରଠାରେ ଆଲୋଚନା କରିଥିଲେ। ପୁରାତନ ଛାତ୍ର ସଙ୍ଗଠନର ଅସୀମ ପଟ୍ଟନାୟକ, ଜିଲା ଓକିଲ ସଂଘ ସଭାପତି ପ୍ରବୀଣ କୁମାର ମିଶ୍ର ଓ ଆଡଭୋକେଟ୍ ଭବାନୀ ଶଙ୍କର ଶତପଥୀ ଆଲୋଚନାରେ ଭାଗ ନେଇଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ୟୁଜିସି ୨ ଏଫ୍ ସ୍ୱୀକୃତି ପାଇଁ କେନ୍ଦ୍ର ଉଚ୍ଚଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖି ଅବଗତ କରିଥିବାରୁ ଏମ୍‌ପି ସିଂଦେଓଙ୍କୁ କୃତଜ୍ଞତା ଜଣାଇଥିଲେ। ବିଶ୍ୱବିଦ୍ୟାଳୟକୁ ଉତ୍କର୍ଷ ଶିକ୍ଷାନୁଷ୍ଠାନ କରି ଗଢ଼ି ତୋଳିବାରେ ୟୁଜିସି ଅଧିନିୟମ ଧାର ୧୨ (ବି) ସର୍ତ୍ତାବଳୀ ପୂରଣ ହେବା ଜରୁରୀ। ଏହା ନହେଲେ ଏହି ଶିକ୍ଷାନୁଷ୍ଠାନ ଏକ ସାଇନ୍‌ବୋର୍ଡ ଶିକ୍ଷାନୁଷ୍ଠାନରେ ପରିଣତ ହୋଇଯିବ। ୧୨ (ବି) ସର୍ତ୍ତାବଳୀ ପୂରଣ ପାଇଁ ଶିକ୍ଷାନୁଷ୍ଠାନ ନାଁରେ ଆବଶ୍ୟକ ଜମିପଟ୍ଟା, ଶିକ୍ଷକ ଓ ଅଣଶିକ୍ଷକ ଷ୍ଟାଫ୍ ସହ ଭିତ୍ତିଭୂମି ବିକାଶ ଜରୁରୀ। ଏଭଳି ପରିସ୍ଥିତିରେ ଏହି ଶିକ୍ଷାନୁଷ୍ଠାନ ନାଁରେ ଇଞ୍ଚେ ଜମିର ଜମିପଟ୍ଟା ବା ଆରଓଆର ନାହିଁ। ଏହି ଶିକ୍ଷାନୁଷ୍ଠାନ ପାଇଁ ଅତିକମ୍‌ରେ ୧୫୦ ଏକର ଜମି ବ୍ୟବସ୍ଥା କରିବାକୁ ହେବ। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ପୂର୍ବତନ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ୨୪୮ ଏକର ଜମି ଦେଇଥିବା କୁହାଯାଉଥିଲେ ମଧ ଏସଂକ୍ରାନ୍ତୀୟ ଦାନପତ୍ର ବା ସରକାରୀ କାଗଜ ମିଳୁନାହିଁ। ଏଭଳି ସମୟରେ ଏମ୍‌ପି ଓ ପୂର୍ବତନ ମନ୍ତ୍ରୀ ଆବଶ୍ୟକ ସହଯୋଗ କରିବାକୁ ପ୍ରତିନିଧି ମଣ୍ଡଳୀ ସଦସ୍ୟ ଅନୁରୋଧ କରିଥିଲେ। ଏ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜିଲାପାଳ ଚଞ୍ଚଳ ରାଣାଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ।

# ଓଡ଼ିଆ ଶିଳ୍ପୀ ସୃଷ୍ଟି କରିଥିଲା କଳିଙ୍ଗ ମନ୍ଦିର ସ୍ଥାପତ୍ୟ

**ଐତିହ୍ୟର ଓଡ଼ିଶା**

ଡ. ସୁରେନ୍ଦ୍ର କୁମାର ମିଶ୍ର

କ'ଣ ସେ ଆଶ୍ରମ। ସେ ଆଶ୍ରମଗୁଡ଼ିକର ରହସ୍ୟକୁ କ'ଣ ବା ଭେଦିବେ ବାହାରିଆ ପଣ୍ଡିତେ! କ'ଣ ସେ ମଠ? କ'ଣ ସେ ବଟବୃକ୍ଷ? ଯାହାକୁ ଓଡ଼ିଶାର ଗାଁ ଗାଁରେ ପୂଜା କରାଯାଏ। ରହସ୍ୟ ସେମାନେ ବୁଝିବେ କାହୁଁ। ପୋଥିରୁ ମିଳୁଛି ଅର୍କକ୍ଷେତ୍ରରେ ଅର୍କବଟର ରହସ୍ୟ। ସେଥିପାଇଁ ଆମ ପରମ୍ପରାରେ ବଟ ଉପାସନାକୁ ଯୋଗୀମାନେ ଅଣଆଡ଼ିଆ କରିପାରି ନ ଥିଲେ। ଆମର ଯୋଗ, ତପସ୍ୟା ଓ ଉପାସନାର ବଟବୃକ୍ଷ ହେଉଛି ବିଶ୍ୱାସର ସ୍ମାରକୀ। ଏ ମାଟିରେ ହଜାର ବର୍ଷ ପୂର୍ବରୁ ଶ୍ରୀକ୍ଷେତ୍ରରେ ସପ୍ତବଟ ପରମ୍ପରା ପରି କୋଣାଦିତ୍ୟରେ ପଞ୍ଚବଟ ପରମ୍ପରା ରହିଆସିଛି। ଅର୍କବଟ ଓ ସାଧୁବଟ ହେଉଛି ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ବେଳର ମୂକସାକ୍ଷୀ। ଶ୍ରୀକ୍ଷେତ୍ରରେ 'କାଉଁରୀବଟ' ମହାବାତ୍ୟାରେ ଧ୍ୱଂସ ହୋଇଯିବା ପରି ଅର୍କବଟ ଦିନେ ସତିଆନାସିଆ ଚକ୍ରବାତରେ ଉପୁଡ଼ିଗଲା। ପୋଥି ଜାଣିବା ଲୋକେ ଦିନେ ଏହି ବଟ ତଳେ ମନ୍ତ୍ରସିଦ୍ଧି କରୁଥିଲେ।

ଯୋଗୀମାନଙ୍କର ଆଶ୍ରୟ ଆସ୍ଥାନକୁ ନେଇ ଏ ମାଟିରେ ଦିନେ ଚଳଚଞ୍ଚଳ ହୋଇ ଉଠିଥିଲା ଯୋଗୀତୋଟା। ଯୋଗୀତୋଟାର ସ୍ମାରକୀ ଯୋଗୀତୋଟା ବଟକୁ ଘଞ୍ଚ ଜଙ୍ଗଲ ମଧ୍ୟରେ ଚିହ୍ନିତ କରି ଏକଜୁଟ ହେଉଥିଲେ ସାଧୁସନ୍ଥ ଓ ବାବାଜିମାନେ। ଏ ମାଟି ତୀର୍ଥ ଭାବରେ ବିକାଶ ଲାଭ କଲାବେଳକୁ ଏକ ସମୀକରଣ ଉପାସନାର ପୀଠ ଥିଲା। ତୀର୍ଥରେ ଦେବଦେବ ମହାଦେବ ତୀର୍ଥସ୍ନାନ କଲାପରେ ସଭିଏଁ ତୀର୍ଥସ୍ନାନ ଫଳ ପାଇଥା'ନ୍ତି। ସେତିକିବେଳୁ ଶ୍ରୀବଟେଶ୍ୱର ମହାଦେବଙ୍କ ଉପାସନାକୁ ନେଇ ଗଢ଼ି ଉଠିଥିଲା ଶ୍ରୀବଟ। ବୁଦ୍ଧିଆବାବା ଥିଲେ ଦୈବୀ ସାଧକ। ତାଙ୍କର ଚାରଣ ଭୂମି ଥିଲା ମୈତ୍ରେୟବନ (କୋଣାର୍କ)ର କାକଟେଇଙ୍କଠାରୁ ବ୍ରହ୍ମବନ (ବ୍ରହ୍ମଗିରି)ର ଦେବୀ ହରଚଣ୍ଡୀଙ୍କ ପୀଠ ପର୍ଯ୍ୟନ୍ତ। ଯେ

**ସାତଟି ପ୍ରାଚୀନ ସାମ୍ରାଜ୍ୟକୁ ନେଇ ଏବର ଓଡ଼ିଶା**



ଗୋରଡ଼ିସ୍ଥିତ ସାଧୁବଟର ମାଆ(ସିଦ୍ଧେଶ୍ୱରୀ)। (ଫଟୋ: ଜ୍ୟୋତିରାଜ ମହାନ୍ତି)

ଭୂମିରେ ତାଙ୍କର ସ୍ମାରକୀ 'ବୁଦ୍ଧିଆବଟ' ଥିବାବେଳେ ବ୍ରହ୍ମଗିରିରେ ତାଙ୍କ ଆଶ୍ରମ ଦାଢ଼ରେ ଗଢ଼ିଉଠିଛି ବୁଦ୍ଧିଆବର ଗାଁ। ଏବେ ବି ମୁଣ୍ଡଟେକି ଠିଆ ହୋଇଛି ବ୍ରହ୍ମଗିରି ରାସ୍ତାରେ ବୁଦ୍ଧିଆବର।

ବୁଦ୍ଧିଆ ବାବା ଶ୍ରୀବଟର ପ୍ରଥମ ଉପାସକ ନ ଥିଲେ। ଶେଷ ଉପାସକ ବୋଲି ଆମେ କହିପାରିବା। ଜୀବନସାରା ସେ ବଟବୃକ୍ଷ ରୋପଣକୁ ଜୀବନର ବ୍ରତ କରିଥିଲେ। ମାଘ ସପ୍ତମୀରେ ଶ୍ରୀମହାଦେବଙ୍କ ସ୍ନାନ ପରେ ସାଧୁ-ସନ୍ଥ- ବାବାଜିମାନେ ସ୍ନାନ କରୁଥିଲେ। ଠିକ୍ କୁମ୍ଭମେଳାରେ 'ସାହି ସ୍ନାନ' ପରି। କାଇଁ ସେ ପରମ୍ପରା! ହଜେଇ ଦେଇଛେ ଆମେ!

ଶ୍ରୀପଦ୍ମକେଶର ମନ୍ଦିରର ବିଶ୍ୱକର୍ମାମାନେ ରହୁଥିଲେ ଚାରୋଟି ସ୍ଥାନରେ। ତିନୋଟି ସ୍ଥାନରେ ଯେ ଜାତିର ଐତିହ୍ୟ ପୁରୁଷ ବିଶ୍ୱକର୍ମାମାନେ ଗଢ଼ି ତୋଳିଥିଲେ ସ୍ମାରକୀ ମନ୍ଦିର। ଚଉରାଶି ଗ୍ରାମରେ ଆଗରୁ ମନ୍ଦିର ଥିଲା, ସେଠାରେ ଶିଳ୍ପୀମାନେ ରହୁଥିବାରୁ ଚାରୋଟି ସ୍ଥାନ ଥିଲା ଏ ମାଟିର ଐତିହ୍ୟର ତୀର୍ଥ। ମାଆଙ୍କର ବିନା ଶରଣାଗତିରେ ଶକ୍ତିର ବିକାଶ ଅସମ୍ଭବ। ବିନା ବିକଶିତ ଶକ୍ତିର ଶ୍ରଦ୍ଧା ଓ ସ୍ପର୍ଦ୍ଧାର ସ୍ପନ୍ଦନରେ ଓଡ଼ିଆ ପୁଅ ବିଶ୍ୱକୁ ଚମକେଇ ଦେଇପାରି ନ ଥା'ନ୍ତା। ଶକ୍ତି ଦେଉଥିବା ମାଆଙ୍କ ମନ୍ଦିର ୩ଟି ସ୍ଥାନରେ ହିଁ ଗଢ଼ି ତୋଳିଥିଲେ ସେମାନେ। ମୁଣ୍ଡିଆଟିଏ ମାରି ଶରଣାଗତ ହୋଇ ନିହାଣ ମୁଗୁରରେ ସେମାନେ ଲେଖୁଥିଲେ ଲାବଣ୍ୟମୟୀ କବିତା। ରହୁଥିବା ସ୍ଥାନରେ ନିର୍ମାଣ କରିଥିବା ମନ୍ଦିରଗୁଡ଼ିକ ଥିଲା ଅଙ୍କ କଷିବା ପୂର୍ବର ରଫ୍‌ଖାତା। ଅନୁଭୂତି ସାଉଁଟିଥିଲେ ଗଜପତିଙ୍କ ଅନିର୍ବାଣ ଆକାଙ୍କ୍ଷାକୁ ଅଙ୍ଗୀକାର କରିବା ପାଇଁ। ଅନୁରାଗର ଅଙ୍କୁରଟିଏ ଉଙ୍କି ମାରି ନ ଥିଲେ କ'ଣ ସମ୍ଭବ ହୋଇଥା'ନ୍ତା ବିଶ୍ୱର ଆଶ୍ଚର୍ଯ୍ୟମୟ ମାନଶାଳା। ଅଭିଳାଷର ଉର୍ମି ଭିତରେ ଦିଶିଲା କେତେଜଣଙ୍କୁ ଅତନ୍ଦ୍ର ଅନ୍ଧକାର। ବିଶ୍ୱକର୍ମାଙ୍କ ଦୁଃଖକୁ ଦେଖିଲା ପରି ବାହୁନେଇ ହେଲେ। ହେଜିଲେ ନାହିଁ ଯେ ଦୁଃଖ, କଷ୍ଟ ବାଧିଲାପଣରେ କ'ଣ ଶିଳ୍ପୀଟିଏ ଭେଟି ଦେଇପାରିବ ଲାଳିତ୍ୟର ଭାଷା କହୁଥିବା ଲାବଣ୍ୟବତୀମାନଙ୍କୁ।

ବାସ୍ତବରେ କ'ଣ ହଠାତ୍ ଓଡ଼ିଶାର ଶିଳ୍ପୀମାନେ କମନୀୟ ମନ୍ଦିର ତୋଳି ଦେଇଥିଲେ। ଶହ ଶହ ବର୍ଷର ବିକାଶ ପ୍ରକ୍ରିୟା ରହସ୍ୟ ଏହା ପଛରେ ଅଛି। ଓଡ୍ର ହେଉ କି କଳିଙ୍ଗ, ଉତ୍କଳ ହେଉ କି କୋଶଳ, ସବୁ ସାମ୍ରାଜ୍ୟର କୁଶଳୀ ଶିଳ୍ପୀ ଥିଲେ। କଳିଙ୍ଗ ସାମ୍ରାଜ୍ୟ ବିଶାଳ ରୂପରେଖ ନେଇ ଭାରତରେ ଯେତେବେଳେ ଉଭା ହୋଇଥିଲା, ତା' ମଧ୍ୟରେ ଆଉ ୬ଟି ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ଥିଲେ। କଳିଙ୍ଗକୁ ମିଶାଇ ସାତଟି ସାମ୍ରାଜ୍ୟକୁ ନେଇ ଏବର ଓଡ଼ିଶା। କଳିଙ୍ଗ, ଓଡ୍ର, କୋଶଳ, ଉତ୍କଳ, ତୋଷାଳୀ, କଙ୍ଗୋଦ ଓ ମହାକାନ୍ତାର (କଳାହାଣ୍ଡି ସାମ୍ରାଜ୍ୟ)। ସବୁ ସାମ୍ରାଜ୍ୟର ଶିଳ୍ପୀଙ୍କୁ ମିଶାଇ କେବେ କଳିଙ୍ଗ ଶୈଳୀ ଓ କଳିଙ୍ଗ ଶିଳ୍ପୀ ଚର୍ଚ୍ଚିତ ହୋଇଛି ତ କେବେ ଉତ୍କଳ, କେବେ କୋଶଳ ତ ଆଉ କେବେ ଓଡ୍ର। ଇତିହାସରେ ସେହିପରି ବର୍ଣ୍ଣନା ଆମକୁ ମିଳେ। କର୍ଣ୍ଣାଟକର ବଲାରୀ ଜିଲାର ଅମୃତେଶ୍ୱର ଶିବ ମନ୍ଦିରରେ ଥିବା ମୁଖ୍ୟମଣ୍ଡପର ଖମ୍ବ ଅଭିଲେଖରେ କଳିଙ୍ଗ ଶୈଳୀ କଥା ଉଲ୍ଲେଖ ଅଛି। ଏହା ଗୋଟିଏ ଉଦାହରଣ ମାତ୍ର। ସେଥିପାଇଁ ଶ୍ରୀ ଦୁର୍ଗା ଚରଣ ପଣ୍ଡା ନିଜ ଲିଖିତ 'କଳିଙ୍ଗର ମନ୍ଦିର ସ୍ଥାପତ୍ୟ' ପୁସ୍ତକରେ (ପ୍ରକାଶକ- ଆର୍ଟ ସେଣ୍ଟର, ଭୁବନେଶ୍ୱର, ପ୍ରକାଶ କାଳ-୨୦୦୦ ମସିହା) ଲେଖିଛନ୍ତି XXX ଓଡ୍ର ବା କଳିଙ୍ଗ ଦେଶରେ ଏହି ସ୍ଥାପତ୍ୟ କଳାର ସୃଷ୍ଟି ଓ କ୍ରମବିକାଶର ଏକ ନିଜସ୍ୱ ଧାରା ରହିଛି XXX। ବାସ୍ତବରେ ଆମର ମନ୍ଦିର ଶୈଳୀ ସ୍ୱତନ୍ତ୍ର।

ସୌନ୍ଦର୍ଯ୍ୟ

# ତ୍ୱଚା ଲାଗି ରସୁଣ

ରସୁଣ କେବଳ ଖାଦ୍ୟର ସ୍ୱାଦ ବଢ଼ାଇ ନ ଥାଏ ବରଂ ଏଥିରେ ଭରି ରହିଛି ଅନେକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଉପାଦାନ। ଜାଣନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ...



- ଦୁଇ କୋଳା ରସୁଣକୁ ଛେଚି ରସ ବାହାର କରି ସମ ପରିମାଣରେ ହ୍ୱାଇଟ୍ ଭିନେଗାର ମିଶାଇ ଭଲଭାବେ ଗୋଳାଇ ଦିଅନ୍ତୁ। ତୁଳା ସାହାଯ୍ୟରେ ଉକ୍ତ ମିଶ୍ରଣକୁ ବାରମ୍ବାର ନେଇ ବ୍ରଣ ହୋଇଥିବା ସ୍ଥାନରେ ଲଗାନ୍ତୁ। ଏଥିରେ ଭରି ରହିଥିବା ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିଫଙ୍ଗାଲ, ଆଣ୍ଟିବାୟୋଟିକ୍, ଆଣ୍ଟିସେପ୍ଟିକ୍ ଏବଂ ଜର୍ମିସାଇଡ୍ ତତ୍ତ୍ୱ ଖୁବ୍‌ଶୀଘ୍ର ବ୍ରଣ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ।
- ଦାଗ ଥିଲେ ମୁହଁର ସୌନ୍ଦର୍ଯ୍ୟ ଏବଂ ଆକର୍ଷଣ କମିଯାଏ। ତେଣୁ ଏହି ସମସ୍ୟା ଘରୋଇ ଉପାୟରେ ଦୂରକରିବା ଲାଗି ଅଳ୍ପ ପାଣିରେ ୩-୪ଟି ରସୁଣ କୋଳା ଛେଚି ପକାନ୍ତୁ ଏବଂ ଭଲ ଭାବେ ଫୁଟାଇ ଦିଅନ୍ତୁ। ଏହାକୁ କାଢି ପେଷ୍ଟ ପ୍ରସ୍ତୁତ କରି ଦାଗ ଥିବା ସ୍ଥାନରେ ଲଗାଇ କିଛି ସମୟ ରଖିବା ପରେ ଧୋଇ ଦିଅନ୍ତୁ। କିଛିଦିନ ଏପରି କଲେ ଦାଗ ଧୀରେ ଧୀରେ ଲିଭିଯିବ।
- କେଶ ଝଡ଼ିବା ବର୍ତ୍ତମାନ ଅନେକଙ୍କ ଲାଗି ଏକ ପ୍ରମୁଖ ସମସ୍ୟା। ଯଦି ଆପଣ ବି ଏହି ସମସ୍ୟା ଦେଇ ଗତି କରୁଛନ୍ତି ତେବେ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ। ପ୍ରତିଦିନ କେଶରେ ରସୁଣ ତେଲ ମସାଜ କରି କିଛି ସମୟ କେଶକୁ ଘୋଡ଼ାଇ ରଖନ୍ତୁ। ଭଲ ଭାବେ ତେଲ ଭେଦିଯିବା ପରେ ଧୋଇ ଦିଅନ୍ତୁ। ପ୍ରତିଦିନ ଏପରି କଲେ ଖୁବ୍ କମ୍ ଦିନ ଭିତରେ ଆପଣ ଫରକ ଜାଣିପାରିବେ।
- ନଡ଼ିଆ କିମ୍ବା ଅନ୍ୟ କୌଣସି ତେଲରେ ୩-୪ କୋଳା ରସୁଣ ପକାଇ ଫୁଟାଇ ଦିଅନ୍ତୁ। ଏହାକୁ ଷ୍ଟ୍ରେଚ୍ ମାର୍କ ଉପରେ ଧୀରେ ଧୀରେ ମସାଜ କରନ୍ତୁ। ଏହାଦ୍ୱାରା ରସୁଣରେ ଥିବା ସଲଫର ଶରୀରରେ ଥିବା ଭିଟାମିନ୍-ବି ସହିତ ମିଶି ତ୍ୱଚାର ଇଲାଷ୍ଟିସିଟି ବଢ଼ାଇଥାଏ। ପ୍ରତିଦିନ ଏହାକୁ ଲଗାଇଲେ ଆପଣ କିଛି ସପ୍ତାହ ମଧ୍ୟରେ ଷ୍ଟ୍ରେଚ୍ ମାର୍କ ଦୂର ହେଉଥିବା ଅନୁଭବ କରିବେ।
- ୨-୩ କୋଳା ରସୁଣକୁ ଭଲ ଭାବେ ଛେଚି କିମ୍ବା ବାଟି ଫେସ୍‌ପ୍ୟାକ୍‌ରେ ମିଶାଇ ମୁହଁରେ ଲଗାନ୍ତୁ। କିଛି ସମୟ ରଖିବା ପରେ ମୁହଁ ଧୋଇ ଦିଅନ୍ତୁ। ପ୍ରତିଦିନ ଏପରି କଲେ ଏଥିରେ ଥିବା ସଲଫର୍ କୋଲାଜେନ୍ ପ୍ରସ୍ତୁତ କରି ପ୍ରିମ୍ୟାଚୋର ଏଜିଂ ସମସ୍ୟା ଦୂର କରିଥାଏ।



# ଶିଶୁ ପାଇଁ ନ୍ୟୁମୋକୋକାଲ ଟିକା

ଶିଶୁଟିଏ ଖାଲି ମାତାପିତାଙ୍କର ନୁହେଁ, ରାଷ୍ଟ୍ର ପାଇଁ ବି ଅମୂଲ୍ୟ ସମ୍ପଦ। ତା'ର ହସରେ ସଭିଙ୍କୁ ଦିଏ ଆନନ୍ଦ ଆଉ ତା' ରୁଗ୍‌ଣତା ପାଲଟେ ପରିବାରରେ ଚିନ୍ତାର କାରଣ।

ଆମ ଦେଶରେ ପାଞ୍ଚବର୍ଷରୁ କମ୍ ବୟସର ଶିଶୁମାନଙ୍କ ରୁଗ୍‌ଣତା ଓ ମୃତ୍ୟୁର ପ୍ରଧାନ କାରଣ ହେଉଛି ନିମୋନିଆ ରୋଗ। ଏହି ବୟସର ଶିଶୁ ମୃତ୍ୟୁହାର ପ୍ରତି ହଜାରରେ ୨୮ ଜଣ। ଦୁଃଖର ବିଷୟ ଯେ, ଏହି ମୃତ୍ୟୁ ମଧ୍ୟରୁ ୮ଟିର କାରଣ ହେଉଛି ନିମୋନିଆ। ସାମଗ୍ରିକ ଭାବରେ ଆକଳନ କଲେ ଆମ ଦେଶରେ ପ୍ରତିବର୍ଷ ୮ ଲକ୍ଷ ଅର୍ଥାତ୍ ଦିନକୁ ହାରାହାରି ୨୨୦୦ ନିରୀହ ଶିଶୁ ମୃତ୍ୟୁବରଣ କରିଥାନ୍ତି। ତେବେ ନ୍ୟୁମୋକୋକାଲ ଟିକା ଦ୍ୱାରା ଏହି ଶିଶୁ ମୃତ୍ୟୁ ହାର କମାଯାଇପାରେ।

ନିମୋନିଆ ରୋଗ ନବଜାତ ଶିଶୁଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସଭିଙ୍କୁ ହୋଇପାରେ। ଷ୍ଟ୍ରେପ୍ଟୋକେକସ୍ ନିମୋନି, ହେମୋଫାଇଲସ୍‌ଇନ୍‌ଫ୍ଲୁଏଞ୍ଜିଟାଇପ୍(ବି) ଜୀବାଣୁ ଏହାର ମୁଖ୍ୟ କାରଣ। ଏହା ବ୍ୟତୀତ ଅନ୍ୟ ଭୂତାଣୁ(ଭାଇରସ୍), ପାରାସାଇଟ୍ ଓ ଫଙ୍ଗସ୍ ଦ୍ୱାରା ମଧ୍ୟ ଏହି ରୋଗ ହୋଇଥାଏ। ଏମାନଙ୍କ ମଧ୍ୟରୁ ନ୍ୟୁମୋକୋକସ୍‌ର ପ୍ରାଦୁର୍ଭାବ ସର୍ବାଧିକ। ସୁଖର ବିଷୟ ଏହିକି ଯେ, ଏହି ମାରାତ୍ମକ ରୋଗ ପ୍ରତିରୋଧ ପାଇଁ ପ୍ରତିଷେଧକ ଟିକା ନ୍ୟୁମୋକୋକାଲ ଭ୍ୟାକ୍ସିନ୍ ଉପଲବ୍ଧ ଅଛି। ଯାହାକୁ ଆମ ଦେଶ ସମେତ ଅନେକ ଦେଶ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ କରିସାରିଛନ୍ତି। ଆମ ଦେଶରେ ବିହାର, ହୀମାଚଳ ପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ହରିୟାଣା ଆଦି ରାଜ୍ୟରେ ଏହି ଟିକା ସରକାରୀ ସ୍ତରରେ ଲାଗୁ କରାଯାଇଛି।

**ଏହି ଟିକାର ପ୍ରକାର:** ଏହି ଟିକା ମୁଖ୍ୟତଃ ୩ ପ୍ରକାରର ରହିଛି। ଯଥା- PCV-10, PCV- 13 ଏବଂ PPSV- 23।

PCV-10, PCV- 13: ଏହି ଟିକା ଦ୍ୱୟ ନ୍ୟୁମୋକୋକାଲ୍ ଜୀବାଣୁର ଯଥାକ୍ରମେ ୧୩ଟି ସିରୋଟାଇପ୍ ଓ ୧୦ଟି ସିରୋଟାଇପ୍ ଦ୍ୱାରା ହେଉଥିବା ନିମୋନିଆରୁ ସୁରକ୍ଷା ଦେଇଥାଏ। ଶିଶୁର ବୟସ ୬ ସପ୍ତାହ ହୋଇ ଗଲେ ଏହି ଭ୍ୟାକ୍ସିନ୍‌ର ତିନୋଟି ଡୋଜ୍ ଇଞ୍ଜେକ୍ସନ ଯଥାକ୍ରମେ ୬, ୧୦ ଏବଂ ୧୪ ସପ୍ତାହରେ ଦିଆଯାଏ। ଏହାର ବୁଷ୍ଟର ଡୋଜ୍ ଶିଶୁକୁ ୧୫ରୁ ୧୮ ମାସରେ ଦିଆଯାଏ। କୌଣସି କାରଣରୁ ଏହି ସମୟରେ ଟିକା ନ ନେଇପାରିଲେ ଛଅ ମାସର ଶିଶୁକୁ ଏକ ମାସ ଅନ୍ତରରେ ୩ ଥର ଏବଂ ଏକ ବର୍ଷ ପରେ ବୁଷ୍ଟର ଡୋଜ୍ ଦେଇପାରିବେ। ଛଅମାସରୁ ଏକ ବର୍ଷ ପର୍ଯ୍ୟନ୍ତ ଶିଶୁକୁ ଏକ ମାସ ଅନ୍ତରରେ ଦୁଇଟି ଟିକା ଏବଂ ଏକ ବର୍ଷ ପରେ ବୁଷ୍ଟର ଟିକା ଦେଇପାରିବେ।

ଏକ ବର୍ଷରୁ ଊର୍ଦ୍ଧ୍ୱ ଶିଶୁଙ୍କୁ PCV-10 ଦୁଇଟି ଡୋଜ୍ ୫ ବର୍ଷ ବୟସ ଯାଏ କିମ୍ବା PCV-13 ଦୁଇଟି ଡୋଜ୍(୧-୨ ବର୍ଷ) ଏବଂ ଆଉ ଗୋଟିଏ ଡୋଜ୍ (୨-୫ ବର୍ଷ ) ମଧ୍ୟରେ ଦିଆଯାଏ । PCV-13 ଭ୍ୟାକ୍ସିନ୍ ୫୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଲାଗି ମଧ୍ୟ ଉପକାରୀ।



PPSV-23: ଏହି ଟିକାଟି ଦୁଇ ବର୍ଷରୁ ଊର୍ଦ୍ଧ୍ୱ ଓ ବିପଦସଙ୍କୁଳ ପରିସ୍ଥିତିରେ ଥିବା ଯଥା- ହୃଦ୍‌ରୋଗୀ, ସିକିଲ୍‌ସେଲ୍ ଆନେମିଆ, ନେଫ୍ରୋଟିକ୍ ସିଣ୍ଡ୍ରୋମ ରୋଗ ଥିବା ଅଥବା କକ୍ଲିଆ ଇମ୍ପ୍ଲାଣ୍ଟ, ସ୍ପ୍ଲେନେକ୍ଟୋମୀ ହୋଇଥିବା ଶିଶୁ କିମ୍ବା ବ୍ୟକ୍ତିଙ୍କୁ ଦିଆଯାଏ।

ନ୍ୟୁମୋକୋକାଲ୍ ଟିକା ବ୍ୟବହାର ଦ୍ୱାରା ଶିଶୁର କର୍ଣ୍ଣପାଚିକା ଓ ମସ୍ତିଷ୍କ ପ୍ରଦାହ ରୋଗ ହୋଇ ନ ଥାଏ। ତେଣୁ ଅଭିଭାବକମାନେ ଶିଶୁ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଯଥା ସମୟରେ ଶିଶୁଙ୍କୁ ଏହି ଟିକାକରଣ କରାଇନେବା ଆବଶ୍ୟକ। ଏହା ଦ୍ୱାରା ବିଶ୍ୱରେ ୫ ବର୍ଷରୁ କମ୍ ଶିଶୁ ମୃତ୍ୟୁ ହାର ଅନେକାଂଶରେ କମିଯାଇପାରିବ।

**- ଡା. ମୃତ୍ୟୁଞ୍ଜୟ ଦାସ**
ଶିଶୁରୋଗ ବିଶେଷଜ୍ଞ



# ତୁମେ, ମୁଁ ଆଉ ମୋବାଇଲ୍ ଫୋନ୍





ବର୍ତ୍ତମାନ ଅନେକଙ୍କଠାରେ ମୋବାଇଲ୍ ଫୋନ୍ କ୍ରେଜ୍ ଏତେ ଅଧିକ ଯେ, ପରିବାର ସଦସ୍ୟ ଏକାଠି ଥିଲେ ସୁଦ୍ଧା କାହାକୁ କାହା ପାଇଁ ଯେମିତି ସମୟ ଅଣ୍ଟୁନି ବିଶେଷ କରି ପରସ୍ପରକୁ ଯଥେଷ୍ଟ ସମୟ ଦେବା ଏବଂ ସୁଖ ଦୁଃଖରେ ସମଭାଗୀ ହେବା ଭଳି ଉତ୍ତମ ଦାମ୍ପତ୍ୟ ଜୀବନର ନିୟମ ବି ଏହି ଆଳରେ ବଦଳି ଗଲାଣି। ଆଉ ଏହା ହିଁ ଅନେକ ଦମ୍ପତିଙ୍କ ମଧ୍ୟରେ ମନାନ୍ତର, ମତାନ୍ତର ସହ କେବେ କେବେ ବିଚ୍ଛେଦର ବି ସାଜୁଛି କାରଣ...

ବର୍ତ୍ତମାନ ମୋବାଇଲ୍ ଫୋନ୍‌ର ବ୍ୟବହାର କେବଳ କଥାବାର୍ତ୍ତାରେ ସୀମିତ ନାହିଁ। ଦେଶ ବିଦେଶର ଖବର ଜାଣିବାଠାରୁ ଆରମ୍ଭ କରି ବ୍ୟାଙ୍କିଙ୍ଗ୍, ଶପିଂ ପାଠ ପଢ଼ା, ୟୁଟ୍ୟୁବ୍‌ରୁ ଅନେକ ଜିନିଷ ଶିଖିବା, ସୋସିଆଲ୍ ସାଇଟ୍‌ରେ ସଭିଙ୍କ ସହ ଯୋଗାଯୋଗରେ ରହିବା ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶ କାମ ଏଥିରେ ଖୁବ୍ ସହଜରେ ହୋଇପାରୁଛି। ହେଲେ ମୋବାଇଲ୍ ଫୋନ୍‌ର ଅତ୍ୟଧିକ ବ୍ୟବହାର ଯୋଗୁ ଦମ୍ପତି ପରସ୍ପରକୁ ସମୟ ଦେବା ବଦଳରେ ଏହାକୁ ବ୍ୟବହାର କରିବାରେ ଅଧିକ ସମୟ ଅତିବାହିତ କରୁଛନ୍ତି ; ଯାହା କି କେବେ କେବେ ଅଜାଣତରେ ବୈବାହିକ ସମ୍ପର୍କରେ ଦୂରତା ବଢ଼ାଇବାର କାରଣ ସାଜୁଛି....

**ମନାନ୍ତର, ମତାନ୍ତର ବଢୁଛି**

ମୋବାଇଲ୍ ଫୋନ୍ ବ୍ୟବହାର କରିବା ଅନେକଙ୍କ ଲାଗି ବର୍ତ୍ତମାନ ଏକ ନିଶାରେ ପରିଣତ ହୋଇସାରିଛି। ପ୍ରତିକ୍ଷଣ ମୋବାଇଲ୍‌ରେ କିଛି ନା କିଛି ବ୍ୟବହାର ମିଳିଯାଉଛି। ଯେଉଁଥିଲାଗି ବେଡ୍‌ରୁମ୍‌ଠାରୁ ବାଥ୍‌ରୁମ୍ ପର୍ଯ୍ୟନ୍ତ ସବୁ ସମୟରେ ହାତରୁ ଅଲଗା ହେଉନାହିଁ ମୋବାଇଲ୍। ତେଣୁ ଏକାଠି ଥାଇ ସୁଦ୍ଧା ଜୀବନସାଥୀ ସହ ବିତାଇବାକୁ ସମୟ ଅଣ୍ଟୁନି। ଆଉ ଏହି କାରଣରୁ ଅନେକ ସମୟରେ ଉଭୟଙ୍କ ମନାନ୍ତର, ମତାନ୍ତର ଏବଂ କଳହ ସୃଷ୍ଟି ହେଉଛି। ତେଣୁ ସୋସିଆଲ୍ ସାଇଟ୍ ନିଶା ବର୍ତ୍ତମାନ ସୁଖମୟ ଦାମ୍ପତ୍ୟ ଜୀବନର ଶତ୍ରୁ ସାଜି ଆବିର୍ଭାବ ହୋଇଛି।



**ବଢ଼ାଉଛି ଦ୍ୱନ୍ଦ୍ୱ:** ବର୍ତ୍ତମାନ ସମୟରେ ଅଧିକାଂଶ ବିଶେଷ କରି ମହିଳାମାନେ ଫୋନ୍‌ରେ ବିଶେଷ କରି ସୋସିଆଲ୍ ନେଟ୍‌ଓ୍ୱର୍କ ସାଇଟ୍‌ରେ ସର୍ବଦା ଅପ୍‌ଡେଟ୍ ରହୁଛନ୍ତି। ନୂଆ ପୋଷ୍ଟ କରିବା, ଚାଟିଂ କରିବା, ଅଧିକ ଲାଇକ୍ କମେଣ୍ଟସ୍ ପାଇବା ଲାଗି ଏଥିରେ ଘଣ୍ଟା ଘଣ୍ଟା ଧରି ସମୟ ବିତାଉଥିବାର ଦେଖିବାକୁ ମିଳୁଛି। ଯାହାଫଳରେ କର୍ମମୟ ଜୀବନରୁ ମିଳୁଥିବା ଅବସର ସମୟ ପରିବାରକୁ ଦେବା ପରିବର୍ତ୍ତେ ଏଥିରେ ଚାଲିଯାଉଛି। ଆଉ ଏଥିରେ ସ୍ୱାମୀଙ୍କ ପ୍ରତିବାଦକୁ ସେମାନେ ନ ସହିପାରି ଯୁକ୍ତି ତର୍କ ଏବଂ ଦାମ୍ପତ୍ୟ ଜୀବନରେ ଦ୍ୱନ୍ଦ୍ୱର କାରଣ ସାଜୁଛି।

**ସାଜୁଛି ସନ୍ଦେହର କାରଣ**

ପତ୍ନୀପତିଙ୍କ ସମ୍ପର୍କକୁ ଯୋଡି ରଖିବା ଲାଗି ସବୁଠୁ ଅଧିକ ଆବଶ୍ୟକ ବିଶ୍ୱାସ। ହେଲେ ଏବେ ମୋବାଇଲ୍ ଫୋନ୍‌ର ଦୀର୍ଘ ସମୟ ବ୍ୟବହାର ଏହି ବିଶ୍ୱାସକୁ ସନ୍ଦେହରେ ରୂପାନ୍ତରିତ କରିବାରେ ବଳିଷ୍ଠ ଭୂମିକା ଗ୍ରହଣ କରିଛି। ବିଶେଷ କରି ଫେସ୍‌ବୁକ୍, ହ୍ୱାଟ୍ସ ଆପ୍ ଭଳି ସାଇଟ୍‌ଗୁଡ଼ିକରେ ଦୀର୍ଘ ସମୟ ଚାଟ୍ କରିବା, ହାତରୁ କ୍ଷଣେ ହେଁ ମୋବାଇଲ୍ ଅଲଗା ନ କରିବା, ଘରେ ମଧ୍ୟ ମୋବାଇଲ୍‌କୁ ପାସୱାର୍ଡ ପ୍ରୋଟେକ୍ଟେଡ୍ କରି ରଖିବା ଏବଂ ସର୍ବୋପରି ଏସବୁ ଲାଗି ଜୀବନସାଥିଙ୍କୁ ସମୟ କମ ଦେବା ଆଦି କାରଣ ଅନେକଙ୍କ ମନରେ ସନ୍ଦେହ ଉପୁଯାଉଛି। ଫଳରେ ପରସ୍ପର ମଧ୍ୟରେ ଅଶାନ୍ତି ସୃଷ୍ଟି ହେଉଛି।

**ବଢ଼ାଉଛି ଈର୍ଷା :** ସୋସିଆଲ୍ ସାଇଟ୍ ଗୁଡ଼ିକରେ ପତ୍ନୀପତିଙ୍କ ଏକାଠି ଫଟୋ ଦେବାକୁ କେତେଜଣ ପସନ୍ଦ କରୁଥିବା ବେଳେ ଆଉ କେତେଜଣ କେବଳ ନିଜର ଭଳିକି ଭଳି ପୋଜ୍ ଏବଂ ଗେଟ୍‌ଅପ୍‌ରେ ଫଟୋ, ଭିଡିଓ ଆଦି ଅପ୍‌ଲୋଡ୍ କରିଥାନ୍ତି। ଆମେରିକାରେ ହୋଇଥିବା ଏକ ସର୍ଭେ ରିପୋର୍ଟ ମୁତାବକ କେବଳ ନିଜର ଫଟୋ ଦେଉଥିବା ଅନେକଙ୍କ ଜୀବନସାଥୀଙ୍କ ମନରେ ନା କେବଳ ସନ୍ଦେହ ଉପୁଜିଥାଏ ବରଂ ସେମାନେ ଏଥିରେ ଆସୁଥିବା କମେଣ୍ଟ କିମ୍ବା ଜୀବନସାଥୀ ଅନ୍ୟମାନଙ୍କ ଫଟୋରେ ଦେଉଥିବା ପ୍ରଶଂସାମୂଳକ କମେଣ୍ଟରେ ଈର୍ଷା ପରାୟଣ ହୋଇଥାନ୍ତି। ଏହା ମଧ୍ୟ କେତେକାଂଶରେ ଝଗଡ଼ାର କାରଣ ସାଜିଥାଏ।

**ହେଉଛି ବିବାହ ବିଚ୍ଛେଦ**

ନିଜ ବୈବାହିକ ଜୀବନ ସୁଖମୟ କରିବାକୁ କିଏ ବା ନ ଚାହେଁ। ଆଉ ଏଥିପାଇଁ ଜୀବନସାଥୀ ପ୍ରତି ସ୍ନେହ, ଶ୍ରଦ୍ଧା, ସମ୍ମାନ ରହିବା ଯେତିକି ଆବଶ୍ୟକ ପରସ୍ପରକୁ ଯଥେଷ୍ଟ ସମୟ ଦେବା ମଧ୍ୟ ସେତିକି ଜରୁରୀ। ହେଲେ ବର୍ତ୍ତମାନ ଦୁହିଁଙ୍କ ଏହି ସୁଖ ସମୟରେ ଭାଗ ବସେଇବାରେ ଲାଗିଛି ବିଭିନ୍ନ ମୋବାଇଲ୍ ଫୋନ୍ ଆଉ ସୃଷ୍ଟି କରୁଛି ଅନେକ ଦାମ୍ପତ୍ୟ ଜୀବନରେ ଅଶାନ୍ତି ଏବଂ କେବେ କେବେ ସାଜୁଛି ବିଚ୍ଛେଦର କାରଣ। ବିଶେଷ କରି ଫେସ୍‌ବୁକ୍‌ର ବହୁଳ ବ୍ୟବହାର ଯୋଗୁ ଅଧିକ ବିବାହ ବିଚ୍ଛେଦ ହେଉଥିବାର ଦେଖିବାକୁ ମିଳୁଛି ବୋଲି ଆମେରିକାନ ଏକାଡେମୀ ଅଫ୍ ମାଟ୍ରିମୋନିଆଲ ଲୟର୍ସ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି। ବିବାହ ପରେ ମ୍ୟାରେଟାଲ ଷ୍ଟାଟସ୍‌ରେ ଅନ୍‌ମ୍ୟାରେଡ୍ ଲେଖିବା, ପରସ୍ପରଠାରୁ ପାସ୍‌ୱାର୍ଡ ଗୋପନ ରଖିବା, ଜୀବନସାଥୀଙ୍କୁ ସମୟ ଦେବା ପରିବର୍ତ୍ତେ ଅଧିକ ସମୟ ଚାଟିଂ କରିବା ଆଦି ଭଳି ବିଭିନ୍ନ କାରଣରୁ ସନ୍ଦେହ ଏବଂ ପରିଶେଷରେ ବିଚ୍ଛେଦ ହେଉଥିବା ଜଣାପଡିଛି। ତେବେ ପ୍ରତି ୭ଟି ବିଚ୍ଛେଦ ମଧ୍ୟରୁ ଗୋଟିଏ ଏହି କାରଣରୁ ହେଉଥିବା ଜଣାପଡ଼ିଛି।



**ମନେ ରଖନ୍ତୁ...** ଏକ ସୁଖମୟ ଦାମ୍ପତ୍ୟ ଜୀବନ ଚାହୁଁଥିଲେ ପରସ୍ପରକୁ ଏବଂ ପରିବାରକୁ ସମୟ ଦିଅନ୍ତୁ। ମୋବାଇଲ୍ ବ୍ୟବହାର କରିବା କୌଣସି ଖରାପ କାର୍ଯ୍ୟ ନୁହେଁ ହେଲେ ଏହାର ନିର୍ଦ୍ଦିଷ୍ଟ ସମୟ ସୀମା ରଖନ୍ତୁ। ଏହାକୁ ବ୍ୟବହାର କରିବା ଆଳରେ ଯେପରି ପରିବାରକୁ ଅବହେଳା ନ କରି ବସନ୍ତି ସେଥିପ୍ରତି ସର୍ବଦା ସଜାଗ ରୁହନ୍ତୁ। ପତିପତ୍ନୀ ଉଭୟ ନିଜର ଫୋନକୁ ସିକ୍ରେଟ୍ ପାସ୍‌ୱାର୍ଡ ଦେଇ ରଖିବା କିମ୍ବା ପରସ୍ପରକୁ ଲୁଚେଇବା ଭଳି ଭୁଲ ଆଦୌ କରନ୍ତୁ ନାହିଁ। ଏକାଠି ସମୟ ବିତେଇବା ବେଳେ ଅତ୍ୟାବଶ୍ୟକ ନ ଥିଲେ ମୋବାଇଲ୍‌ଠୁ ଦୂରେଇ ରୁହନ୍ତୁ। ମୋବାଇଲ୍ ବ୍ୟବହାରକୁ ନେଇ ନିଜ ପାର୍ଟନର ମନରେ ସନ୍ଦେହ ଉପୁଜିବା ଭଳି କାର୍ଯ୍ୟ ଆଦୌ କରନ୍ତୁ ନାହିଁ।

ଖାଦ୍ୟରୁଚି

# ଜେଲି କୁକିଜ୍

**ଆବଶ୍ୟକ ସାମଗ୍ରୀ:** ୨.୫ କପ୍ ମଇଦା, ୨୫୦ ଗ୍ରାମ୍ ବଟର, ୧/୪ କପ୍ ଚିନି, ଗୋଟିଏ ଅଣ୍ଡା, ୮୫ ଗ୍ରାମର ଗୋଟିଏ ଲେଖାଏଁ ଲାଇମ୍, ରାସ୍ପବେରୀ, ଅରେଞ୍ଜ ଫ୍ଲେଭରଯୁକ୍ତ ଜେଲି କ୍ରିଷ୍ଟାଲ ପ୍ୟାକେଟ୍, ୧/୪ ଗରମ ପାଣି।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବଟର ଏବଂ ଚିନିକୁ ଭଲ ଭାବେ ଗ୍ରାଇଣ୍ଡ କରି କ୍ରିମ୍ ପ୍ରସ୍ତୁତ କରନ୍ତୁ। ସେଥିରେ ଅଣ୍ଡା ମିଶାଇ ପୁନର୍ବାର ଗୋଳାନ୍ତୁ। ଭଲ ଭାବେ ମିଶିଯିବା ପରେ ମଇଦା ପକାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ ଏବଂ ଧ୍ୟାନ ଦିଅନ୍ତୁ ଯେପରି ମଇଦା ଗୁଳା ରହି ନ ଯାଏ। ଏହାକୁ ତିନି ଭାଗ କରିଦିଅନ୍ତୁ। ବର୍ତ୍ତମାନ ତିନୋଟି ପାତ୍ରରେ ଅଲଗା ଅଲଗା କରି ଜେଲି କ୍ରିଷ୍ଟାଲ୍ ରଖନ୍ତୁ ଏବଂ ପ୍ରତିଟି ପାତ୍ରରେ ଏକ ଟେବୁଲ୍‌ସ୍ପୁନ୍ ଗରମ ପାଣି ପକାଇ ଚାମଚ ସାହାଯ୍ୟରେ ଗୋଳାଇ ଦିଅନ୍ତୁ। ଏଥିରେ ପୂର୍ବରୁ ଭାଗ କରି ରଖିଥିବା କୁକିଜ୍ ମିକ୍ସ ପେଷ୍ଟ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ତିନୋଟି ଅଲଗା ଫ୍ଲେଭରର କୁକିଜ୍ ମିକ୍ସକୁ ଏହାକୁ ଅଲଗା ଅଲଗା ପ୍ଲାଷ୍ଟିକ୍ ର୍ୟାପ୍ ସିଟ୍‌ରେ ରଖି ୩୦ ମିନିଟ୍ ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖିଦିଅନ୍ତୁ। ବର୍ତ୍ତମାନ ଓଭନ୍‌କୁ ୧୮୦° ସେଲ୍‌ସିୟସ୍‌ରେ ପ୍ରିହିଟ୍ କରନ୍ତୁ। ତିନୋଟି ବଡ଼ ବେକିଂ ଟ୍ରେ ଉପରେ ବେକିଂ ପେପର ପକାନ୍ତୁ। ଫ୍ରିଜ୍‌ରୁ ପ୍ୟାକେଟ୍‌ଗୁଡ଼ିକୁ କାଢ଼ନ୍ତୁ। ଏହାକୁ ଛୋଟ ଛୋଟ ଗୁଳା କରି ହାତରେ ଚାପି ବରା ଆକୃତିର କରନ୍ତୁ ଏବଂ ଟ୍ରେରେ ରଖନ୍ତୁ। ସମସ୍ତ ଗୁଳା ଏଭଳି ରଖି ଦେବା ପରେ ୧୨ ମିନିଟ୍ ପର୍ଯ୍ୟନ୍ତ ମାଇକ୍ରୋୱେଭ୍‌ରେ ରଖନ୍ତୁ। ଏହାର ରଙ୍ଗ ସାମାନ୍ୟ ବ୍ରାଉନ୍ ହୋଇଗଲେ ୫ ମିନିଟ୍ କୁଲ୍ କରନ୍ତୁ। ଟ୍ରେଗୁଡ଼ିକୁ ବାହାରକୁ ଆଣି କେକ୍‌କୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଟେଷ୍ଟି ଜେଲି କୁକିଜ୍। ଏହାକୁ ସଭିଙ୍କୁ ଖୁଆଇବାର ମଜା ନିଅନ୍ତୁ।



**ବସ୍ ଟର୍ମିନାଲ ସମସ୍ୟା ଉପରେ ଆଲୋଚନା**

**ବଲାଙ୍ଗୀର ଅଫିସ :** ବଲାଙ୍ଗୀରଠାରେ ନିର୍ମାଣାଧୀନ ବସ୍ ଟର୍ମିନାଲ ଶୀଘ୍ର କାର୍ଯ୍ୟକାରୀ କରିବା ଏବଂ ବସ୍ ଚଳାଚଳ ସମ୍ପର୍କିତ ସମସ୍ୟା ଉପରେ ଘରୋଇ ବସ ମାଲିକ ସଂଘ କର୍ମକର୍ତ୍ତା ଓ ଯୁବନେତା ଅର୍କେଶ ନାରାୟଣ ସିଂହଦେଓଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ପୂର୍ବରୁ ୯ ଦଫା ଦାବି ନେଇ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ସହ ଯୁବନେତା ସିଂହଦେଓ ଓ ଘରୋଇ ବସ ମାଲିକ ସଂଘ କର୍ମକର୍ତ୍ତା ଭୁବନେଶ୍ୱର ଯାଇ ଆଲୋଚନା କରିଥିଲେ। ଏହି ଆଲୋଚନା ପରେ କାମ କେତେ ଅଗ୍ରଗତି ହୋଇଛି ଆଲୋଚନା ହୋଇଥିଲା। ଆଲୋଚନାରେ ଘରୋଇ ବସମାଲିକ ସଂଘ ସମ୍ପାଦକ ପ୍ରଦ୍ୟୁତ୍ ମିଶ୍ର, ଉପସଭାପତି ସୌମେନ୍ଦ୍ର ପରିଚ୍ଛା, କୋଷାଧ୍ୟକ୍ଷ ଶିବଶଙ୍କର ପଟେଲ, ଭବାନୀ ପଟେଲ, ସଞ୍ଜୀବ ମହାନ୍ତି, ବୁଲୁ ବେହେରା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ବାଉଁଶୁଣୀ, ୩୦।୮ (ଡି.ଏନ୍.ଏ.):** ୫୭ନଂ ଜାତୀୟ ରାଜପଥ ଜହ୍ନାପଙ୍କ ନିକଟରେ ରବିବାର ଅପରାହ୍ନ ପ୍ରାୟ ୪ଟାରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଗୁରୁତର ଆହତ ହୋଇଥିବା ସୁବାସ ବେହେରାଙ୍କୁ ଆମ୍ବୁଲାନ୍ସ ଯୋଗେ ବୁର୍ଲା ନେଉଥିବାବେଳେ ବାଟରେ ମୃତ୍ୟୁ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ପଦ୍ମନପୁର ଗ୍ରାମ ପଞ୍ଚାୟତ ଗୋଛାପଡା ଗ୍ରାମର ସୁବାସ ବେହେରା (୩୦) ଏକ ବାଇକ୍ ଯୋଗେ ବୌଦ୍ଧରୁ ନିଜ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଆଉ ଏକ ବାଇକ ସହ ଜହ୍ନାପଙ୍କ ଫାଣ୍ଡି ଆଗରେ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠାଇଥିଲେ। ଅନ୍ୟ ବାଇକ୍ ଆରୋହୀ ଘଟଣାସ୍ଥଳରୁ ଫେରାର୍ ମାରିଥିଲେ। ସୁବାସଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ପଠାଯାଇଥିଲା। ୧୦୮ ଆମ୍ବୁଲାନସ ଯୋଗେ ତାଙ୍କୁ ବୁର୍ଲା ନିଆଯାଉଥିବା ବେଳେ ସମ୍ବଲପୁର ନିକଟରେ ମୃତ୍ୟୁବରଣ କରିଥିଲେ।

### ଆର୍‌ଟିଆଇରେ ଦିଆଯାଉନି ତଥ୍ୟ

**ଲାଠୋର, ୩୦।୮ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ କର୍ତ୍ତୃପକ୍ଷ ସରକାରୀ ଆଇନକୁ ଉଲ୍ଲଂଘନ କରି ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ତଥ୍ୟ ପ୍ରଦାନ କରୁନାହାନ୍ତି। ଏହିଭଳି ଅଭିଯୋଗ କରିଛନ୍ତି ଜଣେ ସୂଚନା ଅଧିକାର କର୍ମୀ। ସୂଚନା ନ ପାଇବା ପରେ ସମ୍ପୃକ୍ତ କର୍ମୀ ବିଡିଓଙ୍କ ନିକଟରେ ଫେରାଦ ହୋଇଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷରେ କେଉଁ ଗ୍ରାମରେ ଶ୍ରମିକମାନେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ମାଟିକାମ କରିଛନ୍ତି ତା'ର ସମ୍ପୂର୍ଣ୍ଣ ବିବରଣୀ ସହିତ ଶ୍ରମିକମାନେ କାମ କରିଥିବା ସ୍ଥାନର ଫଟୋ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ମଗାଯାଇଥିଲା। ଏଥିସହିତ ଟଙ୍କପାଣି ପଞ୍ଚାୟତର ପ୍ରତ୍ୟେକ ଗ୍ରାମରୁ ଅଣକୁଶଳୀ ଶ୍ରମିକମାନଙ୍କ ଦ୍ୱାରା ଦିଆଯାଇଥିବା ଡିମାଣ୍ଡ ଫର୍ମ, ମଷ୍ଟରରୋଲ, ସେମାନଙ୍କୁ ବାଡ଼ି ପିଛା କେତେ ଟଙ୍କା ମଜୁରି ପ୍ରଦାନ କରାଯାଇଛି ତା'ର ସମ୍ପୂର୍ଣ୍ଣ ତଥ୍ୟ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯାଇଥିଲା। ସରକାରୀ ନିୟମ ଅନୁଯାୟୀ ଆବେଦନକାରୀଙ୍କୁ ୩୦ଦିନ ମଧ୍ୟରେ ତଥ୍ୟ ଦେବା କଥା। ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ ସମୟ ସୀମା ଭିତରେ ତଥ୍ୟ ପ୍ରଦାନ ନ କରିବାରୁ ଖପ୍ରାଖୋଲ ବିଡିଓଙ୍କୁ ୩୦ ଜୁଲାଇ ୨୦୨୧ରେ ଆବେଦନକାରୀ ପ୍ରଥମ ଅପିଲ କରିଥିଲେ। ହେଲେ ଅଦ୍ୟାବଧି ତାଙ୍କୁ ତଥ୍ୟ ପ୍ରଦାନ କରାଯାଇନାହିଁ।

### ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଉଦ୍‌ଘାଟିତ

**ଦେଓଗାଁ, ୩୦।୮ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ଛକରେ ସୋମବାର ମିଲ୍କି ମୁ'ର ୨ହଜାର ଲିଟର କ୍ଷମତା ସମ୍ପନ୍ନ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜେନେରାଲ ମ୍ୟାନେଜର ଅତନୁ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଦୁଗ୍ଧ ଶୀତଳୀକରଣ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରାଣୀଧନ ଚିକିତ୍ସକ ଡା.ରମେଶ ଯାଦବ, ବୈଷୟିକ ମୁଖ୍ୟ ସୁଶାନ୍ତ ଶତପଥୀ, ପ୍ରୋକ୍ୟୁରମେଣ୍ଟ ଅଧିକାରୀ ପ୍ରଭାତ ମହାନ୍ତି, ଆଶିଷ ସାହୁ, ସତ୍ୟବ୍ରତ ନାଏକ, ଧର୍ମେନ୍ଦ୍ର ପଟେଲ ପ୍ରମୁଖ ଯୋଗଦେଇଥିଲେ। ଆଗକୁ ଦୁଗ୍ଧଚାଷୀଙ୍କୁ ଗୋପାଳନ ଓ ରକ୍ଷଣାବେକ୍ଷଣ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଜିଏମ ଅତନୁ ପ୍ରହରାଜ କହିଥିଲେ।

### କୋସଲ ସେନାର କର୍ମୀ ସମ୍ମିଳନୀ

**ଲୋଇସିଂହା, ୩୦।୮ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାଲେଭଟାଠାରେ ଯୁବନେତା ଆକାଶ ମିଶ୍ରଙ୍କ ଆହ୍ୱାନରେ କୋସଲ ସେନାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆନନ୍ଦ ସାହୁ ସଭା କାର୍ଯ୍ୟକୁ ସଂଯୋଜନା କରିଥିଲେ। ବୈଠକରେ ଆଗାମୀ ପଞ୍ଚାୟତ ନିର୍ବାଚନ ଉପରେ ଆଲୋଚନା ହୋଇଥିଲା। ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଚଳିତ ବର୍ଷ ଚାଷୀ ଭୟାବହ ମରୁଡିର ସମ୍ମୁଖୀନ ହେବାକୁ ଯାଉଛି। ହେଲେ ସୁଦ୍ଧା କୃଷି ବିଭାଗ ଓ ଜିଲା ପ୍ରଶାସନର ଏ ନେଇ ଉଦାସୀନତାକୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପ୍ରଶାସନିକ ଅବହେଳାକୁ ନେଇ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି।

# ଅଧିକ ଚାଷୀ କରିନାହାନ୍ତି ଫସଲ ବୀମା

**ସୁବର୍ଣ୍ଣପୁର ଜିଲା**
- ଆସନ୍ନ ମରୁଡ଼ି ପରିସ୍ଥିତି
- ମରୁଡ଼ି ହେଲେ ମିଳିବନି ବୀମା ସହାୟତା

**ଅମରପାଲି, ୩୦।୮ (ଡି.ଏନ.ଏ.)**


ଚାଷ ନ ହୋଇ ଜମି ପଡ଼ିଆ ପଡ଼ିଛି।

ସୁବର୍ଣ୍ଣପୁର ଜିଲାରେ ଆବଶ୍ୟକଠାରୁ କମ୍ ବର୍ଷା ଯୋଗୁ ଚାଷକାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଯେଉଁଠାରେ ବି ଚାଷ ହୋଇଥିଲା ସେଥିରୁ ଅଧିକାଂଶ ଜମିରେ ରୁଆ ବେହୁଡ଼ା ହୋଇନାହିଁ। ଡୁଙ୍ଗୁରିପାଲି ଓ ବିନିକା ବ୍ଲକରେ ହୀରାକୁଦ ଡ୍ୟାମ୍‌ରୁ, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର କିଛି ଜମିକୁ ହରିହର ଯୋର ମଧ୍ୟମ ଜଳସେଚନ ପ୍ରକଳ୍ପରୁ ଜଳସେଚନ ହୋଇଥାଏ। ମାତ୍ର ହରିହର ଯୋର ପ୍ରକଳ୍ପରେ ଆବଶ୍ୟକ ପାଣି ନ ଥିବାରୁ ଠିକ୍‌ରେ ଜଳସେଚନ ହୋଇପାରୁ ନାହିଁ। ଜିଲାର ଅନେକ ଚାଷୀ ଜଳକର ଦେଉଥିଲେ ମଧ୍ୟ କେନାଲ ପୁନରୁଦ୍ଧାର ହେଉ ନ ଥିବାରୁ ଚାଷ ପାଇଁ ପାଣି ପାଇ ପାରୁନାହାନ୍ତି। ଡୁଙ୍ଗୁରିପାଲି ଓ ବିନିକା ବ୍ଲକର ଯେଉଁ ଅଞ୍ଚଳରେ ଜଳସେଚନ ସୁବିଧା ନାହିଁ ସେଠାରେ ମଧ୍ୟ ଭଲ ଚାଷ ହୋଇନାହିଁ। ଉଲୁଣ୍ଡା ଅଞ୍ଚଳର କେତେକ ଚାଷୀ ହତାଶ ହୋଇ ଚାଷଜମିରେ ଗୋରୁ ଛାଡିଦେଲେଣି। ଚାଷୀଙ୍କ ପାଇଁ ଫସଲ ବୀମା ଯୋଜନାର ବ୍ୟବସ୍ଥା ଥିଲେ ମଧ୍ୟ ଜିଲାର ଅଧାରୁ ଅଧିକ ଚାଷୀ ବୀମା କରିନାହାନ୍ତି। ତେଣୁ ମରୁଡ଼ି ହେଲେ ସେମାନେ ବୀମା ସହାୟତା ପାଇପାରିବେ ନାହିଁ। ଫସଲ ବୀମା ଅବଧି ଶେଷ ସମୟ ଜୁଲାଇ ୩୦ଥିଲା। ଚାଷ ଉଠିଆ କରିବାରେ ବ୍ୟସ୍ତ ଅନେକ ଚାଷୀ ଧାର୍ଯ୍ୟ ସମୟ ମଧ୍ୟରେ ଫସଲ ବୀମା କରିନାହାନ୍ତି।

ମିଳିଥିବା ସୂଚନା ଅନୁସାରେ ଜିଲାରେ ସମୁଦାୟ ୫୬ହଜାର ୮ଜଣ ଚାଷୀ ଫସଲ ବୀମା କରିଛନ୍ତି। ସେମାନଙ୍କ ମଧ୍ୟରୁ ୪୭ହଜାର ୫୫୦ ଋଣୀଚାଷୀ ବୀମା କରିଥିବା ବେଳେ ମାତ୍ର ୮ହଜାର ୪୫୮ଜଣ ଅଣଋଣୀ ଚାଷୀ ଫସଲ ବୀମା କରିଛନ୍ତି। ତରଭା ବ୍ଲକରେ ସର୍ବାଧିକ ୧୯ହଜାର ୪୭୦ ଚାଷୀ ଏବଂ ଡୁଙ୍ଗୁରିପାଲି ବ୍ଲକରେ ସର୍ବନିମ୍ନ ୧୪୬୧ ଚାଷୀ ବୀମା କରିଛନ୍ତି। ସୋନପୁର ବ୍ଲକରେ ୧୧ହଜାର ୯୨୬ ଜଣ ଋଣୀଚାଷୀ ଓ ୧ହଜାର ୪୪୩ ଜଣ ଅଣଋଣୀ ଚାଷୀ ଫସଲ ବୀମା କରିଛନ୍ତି। ତରଭା ବ୍ଲକରେ ୧୫ହଜାର ୮୮୧ଜଣ ଋଣୀ ଓ ୩ହଜାର ୫୮୯ ଅଣଋଣୀ ଚାଷୀ, ବୀରମହାରାଜପୁର ବ୍ଲକରେ ୯ହଜାର ୩୮୬ ଋଣୀ ଓ ୨ହଜାର ୨୬୫ ଅଣଋଣୀ ଚାଷୀ, ଉଲୁଣ୍ଡା ବ୍ଲକରେ ୮ହଜାର ୭୦୫ଜଣ ଋଣୀ ଓ ୧୧୨୬ ଜଣ ଅଣଋଣୀ ଚାଷୀ, ବିନିକା ବ୍ଲକରେ ୯ହଜାର ୩୮୬ ଋଣୀ ଓ ମାତ୍ର ୨୪ଜଣ ଅଣଋଣୀ ଚାଷୀ ଏବଂ ଡୁଙ୍ଗୁରିପାଲି ବ୍ଲକରେ ୧୪୫୦ଜଣ ଋଣୀ ଓ ମାତ୍ର ୧୧ଜଣ ଅଣଋଣୀ ଚାଷୀ ଫସଲ ବୀମା କରିଥିବା ସୂଚନା ମିଳିଛି। ଅଧାରୁ ଅଧିକ ଚାଷୀ ବୀମା କରି ନ ଥିବାରୁ ମରୁଡ଼ି ହେଲେ ଫସଲ ବୀମାରୁ ବଞ୍ଚିତ ହେବା ଏକପ୍ରକାର ସ୍ପଷ୍ଟ ହୋଇଯାଇଛି।

# ୨ ଲୁଟେରା ଗିରଫ, ବାଇକ୍ ଜବତ

**ବରଗଡ଼ ଅଫିସ୍, ୩୦।୮**

ବରଗଡ଼ ଜିଲା ବିଜେପୁର ଥାନା ଜାଲପାଲି ଗ୍ରୀଡ୍ ନିକଟରେ ହୋଇଥିବା ଲୁଟ୍‌ପାଟ୍ ଘଟଣାର ୨ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରପାଲି ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୯ ନିବାସୀ ନକୁଳ ନାଏକ(୨୬) ଏବଂ ଅଶ୍ୱିନୀ ବରିହା(୨୦)। ସେମାନଙ୍କ ପାଖରୁ ଲୁଟ୍‌ରେ ବ୍ୟବହୃତ ଏକ ଆପାଚି ବାଇକ୍ (ନଂ.ଓଡ଼ି୧୭ଟି/୫୮୦୬) ଜବତ ହୋଇଛି। ଏ ନେଇ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (ନଂ.୧୫୫/୨୧) ରୁଜୁ ହୋଇଛି। ପ୍ରକାଶ ଯେ, ରବିବାର ବିଜେପୁର ଥାନା ବୁଡ଼ାପାଲି ଗ୍ରାମର ଧନପତି ବଗର୍ତ୍ତି ଏବଂ ୱେଲ୍ଡିଂ ମେକାନିକ୍ ରମେଶ ପଟେଲ ଗ୍ରୀଲ୍ ରଡ୍ ଏବଂ ଏଙ୍ଗେଲ ପତି କିଣିବାକୁ ଏକ ବାଇକ୍ ଯୋଗେ ବରପାଲି ଯାଉଥିଲେ। ବାଟରେ ବର୍ଷା ହେଉଥିବାବେଳେ ଗିରଫ ଅଭିଯୁକ୍ତ ଦ୍ୱୟ ପଛପଟୁ ବାଇକ୍ ଯୋଗେ ଆସି ଧନପତି, ରମେଶ ବସିଥିବା ବାଇକ୍‌କୁ ଧକ୍କା ଦେଇଥିଲେ। ଉଭୟେ ତଳେ ପଡ଼ିଯିବା ପରେ ଅଭିଯୁକ୍ତମାନେ ଧନପତିଙ୍କ ପକେଟ୍‌ରେ ଥିବା ୩୦ହଜାର ଟଙ୍କା ଲୁଟି ନେବାକୁ ଉଦ୍ୟମ କରିଥିଲେ। ମାତ୍ର ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଦୌଡ଼ି ଆସିବାରୁ ଅଭିଯୁକ୍ତମାନେ ସେଠାରୁ ଖସି ପଳାଇଥିଲେ।


ଗିରଫ ଅଭିଯୁକ୍ତ, ଜବତ ବାଇକ୍‌କୁ ପୋଲିସ ହାଜର କରିଛି।

# ବରଗଡ଼ରେ କିଷାନ ରଥର ଶୁଭାରମ୍ଭ


ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କିଶାନ ରଥ ଶୁଭାରମ୍ଭ କରାଯାଉଛି।

**ବରଗଡ଼ ଅଫିସ୍, ୩୦।୮**

ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର କିଷାନ ରଥର ଶୁଭାରମ୍ଭ ହୋଇଯାଇଛି। ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତଥା ଆରଏମ୍‌ସି ଅଧ୍ୟକ୍ଷ ମିର୍ଦ୍ଧା ଟପ୍ପୋ ଯୋଗଦେଇ କିଶାନ ରଥର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପନିବନ୍ଧକ ସଦାକର କୁମ୍ଭାର, ମାର୍କେଟ ସୁପରଭାଇଜର ବିଜୟ ରାଉତ, ଇ-ନାମ ନୋଡ଼ାଲ ଅଫିସର ଗିରିଧାରୀ ମହାକୁର, ମଣ୍ଡି ଆନାଲିସିଷ୍ଟ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ପ୍ରକାଶ ଯେ, କିଶାନ ମୋବାଇଲ ଆପ୍ କୃଷି ଓ ଉଦ୍ୟାନ କୃଷି ଉତ୍ପାଦ ପରିବହନ ସେବା ପ୍ରଦାନକାରୀଙ୍କ ସନ୍ଧାନ ଓ ଯୋଗାଯୋଗ କରିବାକୁ ସମଗ୍ର ଭାରତବର୍ଷରେ କୃଷକ, ଏଫ୍‌ପିଓ ଏବଂ ବ୍ୟବସାୟୀମାନଙ୍କ ସୁବିଧା ଉଦ୍ଦେଶ୍ୟରେ କିଶାନ ରଥରେ ପଞ୍ଜୀକରଣ ବ୍ୟବସ୍ଥା ରହିଛି। ଫଳରେ କିଶାନ ରଥ ଚାଷୀ, ବ୍ୟବସାୟୀ, ଚାଷୀ ଉତ୍ପାଦକ ସଙ୍ଗଠନ ଓ ପରିବହନକାରୀ ସେବାସଂସ୍ଥାକୁ ଏହାର ପଦ୍ଧତି, ପ୍ରକ୍ରିୟା ଓ ସୁବିଧା ସୁଯୋଗ ଉପରେ ଅବଗତ କରାଇବା ଉଦ୍ଦେଶ୍ୟରେ ପ୍ରଚାର କରିବ।

# ଜାତୀୟ ରାଜପଥ ଗର୍ତ୍ତରେ ପଥରଗୁଣ୍ଡ ଭର୍ତ୍ତିକଲା ବିଭାଗ

**ବାଉଁଶୁଣୀ ୩୦।୮ (ଡି.ଏନ୍.ଏ.)**

ଖୋର୍ଦ୍ଧା - ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ବୌଦ୍ଧ ଜିଲା ଅଞ୍ଚଳରେ ହୋଇଥିବା କାମ ଅତି ନିମ୍ନମାନର ବୋଲି ଅଭିଯୋଗ ହେଉଛି। ଫଳରେ ବିଭିନ୍ନ ସ୍ଥାନରେ ରାସ୍ତା ଖାଲଖମାରେ ପରିଣତ ହୋଇଛି। କିଛି ଦିନ ତଳେ ନବନିର୍ମିତ ଗୁଦୁଗୁଦା ପୋଲ ନିକଟରେ ପୋଲ ସଂଲଗ୍ନ ରାସ୍ତା ଧୋଇ ନେଇଥିବା ଦେଖିବାକୁ ମିଳିଥିଲା। ରବିବାର ବହିରା ଓ ଗଜରାଜପୁର୍ ମଧ୍ୟରେ ରାସ୍ତା ମଝିରେ ଏକ ବିରାଟ ଗର୍ତ୍ତ ଦେଖିବାକୁ ମିଳିଥିଲା। ରାସ୍ତା ଅନେକ ସ୍ଥାନରେ ଦବିଯାଉଥିବା ଦେଖିବାକୁ ମିଳୁଛି। ରାସ୍ତା ମଝିରେ ବିରାଟ ଗର୍ତ୍ତ ହୋଇଥିବା ଫଟୋ ବିଭିନ୍ନ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ପରେ ବିଭାଗୀୟ କର୍ତ୍ତୃପକ୍ଷ ରାତିରେ ସେ ସ୍ଥାନରେ ପଥରଗୁଣ୍ଡ ଭର୍ତ୍ତି କରିଥିବା ଦେଖିବାକୁ ମିଳିଥିଲା। ଜାତୀୟ ରାଜପଥ ନିର୍ମାଣରେ ବୌଦ୍ଧ ଜିଲା ଅଞ୍ଚଳରେ ନିମ୍ନମାନର କାର୍ଯ୍ୟ ହୋଇଥିବା ହେତୁ ସବୁବେଳେ ବିଭିନ୍ନ ସମସ୍ୟା ଦେଖାଦେଉଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ତଦନ୍ତ କରାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଉଛି।

# ନାଟ୍‌ର ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ

**ସୋନପୁର, ୩୦।୮ (ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ଅନୁଷ୍ଠାନ ନାଟ୍‌ର ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଟଳ ଜୀବନ ନାମରେ ଏକ ଦେୟମୁକ୍ତ ଅମ୍ଳଜାନ କନ୍‌ସେନ୍‌ଟ୍ରେଟର ସେବା ଲୋକାର୍ପଣ କରାଯାଇଥିଲା। ଏଥିରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ରାୟପୁରର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ଅଜିତ ମେହେର ଓ ତାଙ୍କର ପିତା ବୀରମଣି ମେହେର ଯୋଗଦେଇ ଅଟଳ ଜୀବନର ଲୋକାର୍ପଣ କରି ଏହା ସ୍ୱର୍ଗତ ନାଟ୍ୟକାର ଅଟଳବିହାରୀ ପଣ୍ଡାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ନାଟ୍‌ର ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ୍ମଶ୍ରୀ ଡ. ସାଧୁ ମେହେର ଫୋନ୍ ମାଧ୍ୟମରେ ସମସ୍ତ ସଭ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଦେୟମୁକ୍ତ ଅମ୍ଳଜାନ ସେବା ସୋନପୁର ସହରରେ କାର୍ଯ୍ୟକାରୀ ହେବ ବୋଲି ସୂଚନା ଦିଆଯାଇଛି। ସାଂସ୍କୃତିକ ସମ୍ପାଦକ ଅବିନାଶ ହୋତା ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ବନମାଳୀ ପଣ୍ଡା, ସାହିତ୍ୟ ସମ୍ପାଦକ ନରେନ୍ଦ୍ର ଭୋଇ, ସମାଜସେବା ସମ୍ପାଦକ ସଞ୍ଜୟ ପଣ୍ଡା, ସୁଜିତ ପୂଜାହାରୀ ମଞ୍ଚାସୀନ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦେବାଶିଷ ପଟ୍ଟନାୟକ ପରିଚାଳନା କରିଥିଲେ। ଏଥିରେ ସଙ୍ଗୀତ ନିର୍ଦ୍ଦେଶକ ବିକାଶ ମିଶ୍ର, ଅଭିନେତ୍ରୀ ରେଖା ପ୍ରଧାନ, ଅଧ୍ୟାପିକା ସ୍ନିଗ୍ଧା ଦାଶ, ଅଶୋକ ପଟ୍ଟନାୟକ ଉପସ୍ଥିତ ରହି କୁନି କଳାକାରଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସମ୍ବିଧାନ ମୁତାବକ ରାଷ୍ଟ୍ରୀୟ ନାଟ ସମ୍ମାନରେ ସମ୍ମାନିତ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଓ ନିର୍ଦ୍ଦେଶକ ପଦ୍ମଶ୍ରୀ ଡ. ସାଧୁ ମେହେର ଅନୁଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଥିବା ବେଳେ ଅନ୍ୟ ସବୁ ପଦ ପାଇଁ ନିର୍ବାଚନ ହୋଇଥିଲା। ଏଥିରେ ପ୍ରଦ୍ୟୁମ୍ନ ସାହୁ କାର୍ଯ୍ୟକାରୀ ସଭାପତି, ଶୈଳେନ୍ଦ୍ର ବଡ଼ିଆ ଉପସଭାପତି, ବନମାଳୀ ପଣ୍ଡା ସାଧାରଣ ସମ୍ପାଦକ, ନରେନ୍ଦ୍ର ଭୋଇ ସାହିତ୍ୟ ସମ୍ପାଦକ, ଅବିନାଶ ହୋତା ସଂସ୍କୃତି ସମ୍ପାଦକ, ସଞ୍ଜୟ ପଣ୍ଡା ସମାଜସେବା ସମ୍ପାଦକ, ଜ୍ୟୋତି ବିକାଶ ମିଶ୍ର କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ଓ ସଂସ୍କୃତି କୋର୍ କମିଟି ଗଠିତ ହୋଇଥିଲା।

# ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ

**ଜୁନାଗଡ, ୩୦।୮ (ଡି.ଏନ.ଏ.)**


ଉଦ୍‌ଯାପନୀ ଦିବସରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥିବୃନ୍ଦ।

କଳାହାଣ୍ଡି ଜିଲା ଜୁନାଗଡସ୍ଥିତ ବିଜୁପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ଜାତୀୟ ଖେଳ ଦିବସ ଉପଲକ୍ଷେ ୨ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ବିଭାଗ ୧୩ ବର୍ଗରେ ନୟନ ସୁନାନୀ ବିଜେତା ହୋଇଥିବା ବେଳେ ସ୍ୱସ୍ତିକ ପଣ୍ଡା ଉପବିଜେତା ହୋଇଥିଲେ। ବିଭାଗ ୧୭ ବର୍ଗରେ ଅର୍ପିତ ପଣ୍ଡା ଓ ଆୟୁଷ୍ମାନ ମୁନି ବିଜେତା ହୋଇଥିଲେ। ସୌମିନ ଅଭିଷେକ ଓ ପିୟୁଷ ମିଶ୍ର ଉପବିଜେତା ହୋଇଥିଲେ। ବାଳିକା ବିଭାଗରେ ଚୁମକି ରଥ ବିଜେତା ହୋଇଥିଲେ। ରଶ୍ମିତା ଶବର ଉପବିଜେତା ହୋଇଥିଲେ। ପୁରୁଷ ବିଭାଗରେ ବିବେକାନନ୍ଦ ନାୟକ ଓ ଶ୍ରୀତମ ସାହୁ ବିଜେତା ହୋଇଥିଲେ। ରମେଶ ଜୈନ ଓ ସୌରଭ ସାହାଣୀ ଉପବିଜେତା ହୋଇଥିଲେ। ୪୦ବର୍ଗ ଭେଟରାନ ବିଭାଗରେ ସମୀର କୁମାର ସାହୁ ଓ ରମେଶ ଜୈନ ବିଜେତା ହୋଇଥିଲେ। ନରେଶ ସାହୁ ଓ ମାନସ ସୁନାନୀ ଉପବିଜେତା ହୋଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ସୁବାଶିଷ ନାୟକ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ଦେବେନ୍ଦ୍ର କୁମାର ବିଶି, ଓଏସବିଏ ଯୁଗ୍ମସମ୍ପାଦକ ସନ୍ଦୀପ କୁମାର ମିଶ୍ର, ଓକିଲ ସଂଘ ସଭାପତି ଦିପେନ କୁମାର ସାହୁ, ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ସଭାପତି ପ୍ରଦୀପ ଦାସ, ଓସିଏ ପେନାଲ ଅମ୍ପାୟରା ଅଶୋକ କୁମାର ସାହାଣୀ, ଆଇନ ଉପଦେଷ୍ଟା ମଦନ ମୋହନ ସାହୁ, ପୂର୍ବତନ ଏନଏସି ଅଧ୍ୟକ୍ଷ ମହେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜୁନାଗଡ ବ୍ୟାଡମିଣ୍ଟନ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ସରୋଜ କୁମାର ମଣ୍ଡା ମଞ୍ଚ ପରିଚାଳନା କରିଥିଲେ। ନିତିଶ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଜୁନାଗଡ ସଭାପତି ସମୀର ସାହୁ, କାର୍ଯ୍ୟକାରୀ ସଭାପତି ସରୋଜ ପଣ୍ଡା, ସମ୍ପାଦକ ନରେଶ ସୁନାନୀ, ଉପସଭାପତି ଉମେଶ ଜୈନ, ରଜନୀକାନ୍ତ ଦାଶ, ଯୁଗ୍ମ ସମ୍ପାଦକ ରାକେଶ ବେମାଲ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ୭ ପଞ୍ଚାୟତରେ ନାହାନ୍ତି ଗ୍ରାମସେବକ

**ବିନିକା, ୩୦।୮ (ଡି.ଏନ୍.ଏ.)**

**ବିନିକା ବ୍ଲକ**
- ତାଲିମ, ପ୍ରଶିକ୍ଷଣରୁ ବଞ୍ଚିତ ହେଉଛନ୍ତି ଚାଷୀ

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ୭ଟି ପଞ୍ଚାୟତରେ ଦୀର୍ଘଦିନ ହେଲା ଗ୍ରାମ ସେବକ ପଦବୀ ଖାଲି ପଡିଛି। ଏଥିଯୋଗୁ ସମ୍ପୃକ୍ତ ପଞ୍ଚାୟତର ଚାଷୀମାନେ କୃଷିଭିତ୍ତିକ ଜ୍ଞାନକୌଶଳ ତାଲିମ ଏବଂ ପ୍ରଶିକ୍ଷଣ ପାଇବାରୁ ବଞ୍ଚିତ ରହିଛନ୍ତି। କୃଷିପ୍ରଧାନ ବିନିକା ବ୍ଲକର ବାବୁପାଲି, ବାଙ୍କିଗିର୍ଡି, ଶଙ୍କରା, ଚରଦା, ସିଲାଟି, ମେଘଲା, କୁଇବାହାଲ ଆଦି ପଞ୍ଚାୟତ ସର୍ବାଧିକ ଧାନ ଅମଳ କରୁଥିବା ଅଞ୍ଚଳଭାବେ ଜଣା। ଅଧିକାଂଶ ଲୋକେ ଚାଷ ଉପରେ ନିର୍ଭର କରିଥାନ୍ତି। ହେଲେ ଏସବୁ ପଞ୍ଚାୟତରେ ଦୀର୍ଘଦିନ ହେଲା ଗ୍ରାମସେବକ ପଦବୀ ଖାଲି ପଡିବା ଯୋଗୁ ଜ୍ଞାନକୌଶଳ, ତାଲିମ ଏବଂ ଚାଷ ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇ ପାରୁ ନ ଥିବା ଚାଷୀମାନେ କହିଛନ୍ତି। ପରିସ୍ଥିତି ଏହିପରି ଲାଗି ରହିଲେ ଏହି ଅଞ୍ଚଳର ଚାଷ ଓ ଚାଷୀ କ୍ଷତିଗ୍ରସ୍ତ ହେବା ନିଶ୍ଚିତ। ଏନେଇ ବିନିକା କୃଷି ଅଧିକାରୀ ତରୁଣ ବେହେରାଙ୍କୁ ପଚାରିବାରୁ ଅଞ୍ଚଳର ଚାଷୀଙ୍କୁ ଧାନଫସଲ କରିବା ପାଇଁ ପ୍ରୋତ୍ସାହିତ କରି ଆସୁଛୁ। ବିଭିନ୍ନ ସମୟରେ କୃଷିଭିତ୍ତିକ ତାଲିମ ଦିଆଯାଉଛି। କୃଷି ଓ କୃଷକଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ଚାଷୀଙ୍କ ନିକଟକୁ ପହଞ୍ଚାଇବା ଉଦ୍ୟମ କରାଯାଉଛି ବୋଲି କହିଛନ୍ତି। ତେବେ ଖାଲି ପଡିଥିବା ପଦବୀଗୁଡିକ ତୁରନ୍ତ ପୂରଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

# ବଣମଇଁଷି ଆକ୍ରମଣରେ ମହିଳା ଗୁରୁତର

**ବେଲପଡ଼ା, ୩୦।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବନ ବିଭାଗ ରେଞ୍ଜ ଅନ୍ତର୍ଗତ ବେଲପଡ଼ା ବ୍ଲକ ସରମୁହାଣ ଗାଁରେ ବଣମଇଁଷି ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ଭାନୁମତୀ ଧରୁଆ (୪୦)ଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ ସୋମବାର ଅପରାହ୍ନ ପ୍ରାୟ ୧ଟା ସମୟରେ ଏକ ବଣମଇଁଷି ସରମୁହାଣ ଗାଁରେ ପଶିଥିଲା। ଏହି ସମୟରେ ନିଜ ବାଡିପଟେ ଥିବା ଭାନୁମତୀଙ୍କୁ ହଠାତ୍ ଆକ୍ରମଣ କରିଥିଲା। ତାଙ୍କ ଚିତ୍କାର ଶୁଣି ଗାଁ ଲୋକେ ଘଟଣାସ୍ଥଳକୁ ଚାଲି ଆସିବାରେ ବଣମଇଁଷି ସେଠାରୁ ଦୌଡି ପଳାଇଥିଲା। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ବେଲପଡା ବ୍ଲକରେ ପ୍ରଥମ ଥର ବଣମଇଁଷି ଦେଖାଦେଇଥିବାରୁ ଭୟର ବାତାବରଣ ଦେଖାଦେଇଛି। ବଣମଇଁଷି ସରମୁହାଣ ନିକଟ କାନୁଟ ନର୍ସରି ଭିତରକୁ ପଶିଯାଇଥିବା ଲୋକେ କହିଛନ୍ତି।


ଆକ୍ରମଣରେ ଆହତ ଭାନୁମତୀ ଧରୁଆ।

ଖବର ପାଇ ବନ ବିଭାଗ କର୍ମଚାରୀ ସରମୁହାଣ ଗ୍ରାମରେ ପହଞ୍ଚିଛନ୍ତି। ବଣମଇଁଷିକୁ ଠାବ କରି ଘଉଡ଼ାଇବାର ପ୍ରୟାସ କରାଯାଉଛି ବୋଲି କଣ୍ଟାବାଞ୍ଜି ରେଞ୍ଜର ଶ୍ରଦ୍ଧାଦେବ ବନମାଳୀ କହିଛନ୍ତି।

# ବାଦିମୁଣ୍ଡା: ଜବରଦଖଲ କରି ଧାନଚାଷ

**ଲୋଇସିଂହା, ୩୦।୮ (ଡି.ଏନ.ଏ.)**

**ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ**

ପ୍ରଶାସନିକ ଅବହେଳାରୁ ବଲାଙ୍ଗୀର ଜିଲା ଆଗଲପୁର ଓ ଲୋଇସିଂହା ତହସିଲ ଅଞ୍ଚଳରେ ବିଭିନ୍ନ କିସମର ଜମି ଜବରଦଖଲ ହେଉଛି। ଆଗଲପୁର ବ୍ଲକ ବେନ୍ଦ୍ରା ପଞ୍ଚାୟତ ସଦର ଗାଁସ୍ଥିତ ବାଞ୍ଜିମୁଣ୍ଡା ସରକାରୀ ପୋଖରୀକୁ ଜବରଦଖଲ କରି ଧାନ ଚାଷ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ବନ୍ଧ ଲିଜ୍‌ଧାରୀ ବେନ୍ଦ୍ରା ଗ୍ରାମର ତରଣୀ ନାଏକ ଉପଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ସପ୍ତାହକ ମଧ୍ୟରେ ରିପୋର୍ଟ ଦେବାକୁ ଆଗଲପୁର ତହସିଲଦାରଙ୍କୁ ଗତ ୧୨ ତାରିଖଠାରୁ ନିର୍ଦ୍ଦେଶ ଦେଇ ସାରିଛନ୍ତି। ହେଲେ ତହସିଲ ପକ୍ଷରୁ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ରାଜସ୍ୱ ବିଭାଗ ଅବହେଳାରୁ ସରକାରୀ ପୋଖରୀ ସଙ୍କୁଚିତ ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବାଞ୍ଜିମୁଣ୍ଡା ପୋଖରୀକୁ ପଞ୍ଚାୟତ ପକ୍ଷରୁ ମାଛଚାଷ ପାଇଁ ବେନ୍ଦ୍ରାର ତରଣୀ ନାଏକ ୨୦୨୦ରୁ ୨୩ ତିନିବର୍ଷ ବର୍ଷ ପାଇଁ ଲିଜ୍ ନେଇଛନ୍ତି। ହେଲେ ସେହି ଗ୍ରାମର ଜଣେ ବ୍ୟକ୍ତି ପୋଖରୀର ପ୍ରାୟ ୮୦ଡେସିମିଲ ଜମିକୁ ଜବରଦଖଲ କରି ଗତବର୍ଷଠାରୁ ଧାନ ଚାଷ କରିଆସୁଛନ୍ତି। ଏହାକୁ ନେଇ ଲିଜଧାରୀ ପଞ୍ଚାୟତ ନିକଟରେ ଅଭିଯୋଗ ହେଲା ପରେ ୨୨ଜାନୁୟାରୀ ୨୦୨୧ରେ ବେନ୍ଦ୍ରା ଆରଆଇ ତଦନ୍ତ କରିଥିଲେ। ସେତେବେଳେ ସରକାରୀ ଦଖଲ ପାଇଁ କାହାରିକୁ ଅନୁମତି ଦିଆଯାଇ ନ ଥିବା ତହସିଲାଦାରଙ୍କୁ ଆରଆଇ ଜଣାଇଥିଲେ। ଚଳିତ ବର୍ଷ ବର୍ଷାଭାବ ଯୋଗୁ ଉକ୍ତ ପୋଖରୀ ଶୁଖିଲା ପଡିଛି। ପାଣି ନ ଥିବାରୁ ଲିଜଧାରୀ ମାଛ ଚାଷ କରି ପାରିନାହାନ୍ତି। ଏହାର ସୁଯୋଗ ନେଇ ସମ୍ପୃକ୍ତ ବ୍ୟକ୍ତି ଧାନ ଚାଷ କରିଛନ୍ତି। ଏହାକୁ ପ୍ରତିବାଦ କରି ଲିଜଧାରୀ ନାଏକ ଗତ ୮ ତାରିଖରେ ଉପଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଏ ସମ୍ପର୍କରେ ତହସିଲଦାର ସୁଚିତା ପୁଷ୍ପା ଓ ବେନ୍ଦ୍ରା ଆରଆଇ ଶ୍ରୀପତି ଧରୁଆଙ୍କୁ ଯୋଗାଯୋଗ କରାଯାଇଥିଲା। ରିଙ୍ଗ ହେଉଥିଲେ ବି ଉଭୟେ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।


ଜବରଦଖଲ କରି ବାଦିମୁଣ୍ଡାରେ କରାଯାଇଥିବା ଧାନଚାଷ।

**୫୧ ହଜାର କୋଟି ଟଙ୍କାର ଟିକସ ରିଫଣ୍ଡ**

ଆୟକର ବିଭାଗ ୫୧,୫୩୧ କୋଟି ଟଙ୍କାର ଟିକସ ରିଫଣ୍ଡ ଜାରି କରିଥିବା କହିଛି। ପ୍ରାୟ ୨୩ ଲକ୍ଷ ଟିକସଦାତାଙ୍କୁ ଏହି ରିଫଣ୍ଡ ଜାରି କରାଯାଇଛି। ଏପ୍ରିଲ ମାସରୁ ଅଗଷ୍ଟ ୨୩ ମଧ୍ୟରେ ଏହା ପ୍ରଦାନ କରାଯାଇଛି। ଗତ ବର୍ଷ ଅଗଷ୍ଟ ସୁଦ୍ଧା ଆୟକର ବିଭାଗ ୨୫.୫ ଲକ୍ଷ ଟିକସଦାତାଙ୍କୁ ୯୯,୮୩୫ କୋଟି ଟଙ୍କାର ରିଫଣ୍ଡ ଜାରି କରିଥିଲେ। ସରକାରଙ୍କ ପକ୍ଷରୁ କୌଣସି ତୁଳନାତ୍ମକ ଡାଟା ଜାରି କରାଯାଇନାହିଁ। ମାତ୍ର ଟିକସ ଫାଇଲିଂ ପୋର୍ଟାଲରେ ସମସ୍ୟା ଯୋଗୁ ପେମେଣ୍ଟ ମାନ୍ଦା ରହିଥିବା ଜଣେ ଅଧିକାରୀ କହିଛନ୍ତି।

## ଫୋନ୍‌ପେକୁ ପ୍ରତ୍ୟକ୍ଷ ବୀମା ବ୍ରୋକର ଲାଇସେନ୍ସ

**ନୂଆଦିଲ୍ଲୀ,୩୦।୮:** ଡିଜିଟାଲ ପେମେଣ୍ଟ କମ୍ପାନୀ ଫୋନ୍‌ପେକୁ ପ୍ରତ୍ୟକ୍ଷ ବୀମା ବ୍ରୋକର ଲାଇସେନ୍ସ ପ୍ରଦାନ କରାଯାଇଛି। ଭାରତୀୟ ବୀମା ନିୟାମକ ଏବଂ ଉନ୍ନତୀକରଣ କର୍ତ୍ତୃପକ୍ଷ(ଆଇଆର୍‌ଡିଏଆଇ) କମ୍ପାନୀକୁ ଏହି ଲାଇସେନ୍ସ ଦେଇଥିବା ଜଣାପଡିଛି। ବର୍ତ୍ତମାନ ଫୋନ୍‌ପେ ଭାରତର ସବୁ ବୀମା କମ୍ପାନୀଙ୍କ ଇନ୍‌ସ୍ୟୁରାନ୍ସ ପ୍ରଡକ୍ଟ ବିତରଣ କରିବାକୁ ସକ୍ଷମ ହେବ। ସେହିଭଳି ବୀମା କ୍ଷେତ୍ରରେ ଫୋନ୍‌ପେ ଏହାର ୟୁଜରଙ୍କୁ ପର୍ସନାଲାଇଜ ପ୍ରଡକ୍ଟ ମଧ୍ୟ ପ୍ରଦାନ କରିପାରିବ। ଭାରତୀୟ ଉପଭୋକ୍ତାଙ୍କ ଲାଗି ବୀମା ପ୍ରଡକ୍ଟର ବିସ୍ତୃତ ପୋର୍ଟଫୋଲିଓ ମଧ୍ୟ ଏହି କମ୍ପାନୀ ଜାରି କରିପାରିବ। ୨୦୨୦ରେ ଏହି କମ୍ପାନୀ କର୍ପୋରେଟ ଏଜେଣ୍ଟ ଭାବେ ବୀମା କ୍ଷେତ୍ରରେ ପ୍ରବେଶ କରିଥିଲା। ଜେନେରାଲ ଇନ୍‌ସ୍ୟୁରାନ୍ସ, ଟର୍ମ ଇନ୍‌ସ୍ୟୁରାନ୍ସ, ହେଲ୍‌ଥ ଇନ୍‌ସ୍ୟୁରାନ୍ସ ଅଫର ଏହା ଲଞ୍ଚ କରିଛି। ଏହା ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହେବ ବୋଲି କମ୍ପାନୀର ଉପସଭାପତି ଗୁଞ୍ଜନ ଘାଇ କହିଛନ୍ତି।

# ଲୁଚାଛପାରେ ଚାଲିଛି ଚାଇନା ଆପ୍

**ନୂଆଦିଲ୍ଲୀ,୩୦।୮**

ଦେଶର ସାର୍ବଭୌମତ୍ୱ, ନିରାପତ୍ତା ଏବଂ ସଂହତି ଭଳି ପ୍ରସଙ୍ଗକୁ ବିଚାରକରି ଭାରତ ସରକାର ଚାଇନାର ୨୬୭ ମୋବାଇଲ ଆପ୍ଲିକେଶନଗୁଡିକୁ ବିରୋଧରେ କଟକଣା ଲଗାଇଥିଲେ। ଆଲିବାବା, ବାଇଟଡାନ୍ସ ଏବଂ ସାଓମି ଭଳି କମ୍ପାନୀଗୁଡିକର ଲୋକପ୍ରିୟ ମୋବାଇଲ ଆପ୍‌ଗୁଡିକ ଉପରେ ସରକାର ନିଷେଧାଦେଶ ଜାରି କରିବା ସହ ଏଗୁଡିକ ଭାରତରେ କାରବାର କରିପାରିବେ ନାହିଁ କଡ଼ାକଡ଼ି ଭାବେ କହିଥିଲେ। ଭାରତର ନିର୍ଦ୍ଦେଶକୁ ବର୍ତ୍ତମାନ କିଛି ଚାଇନା ଆପ୍ କମ୍ପାନୀ ବେଖାତିର କରିବା ସହ ପୁଣି ଥରେ କାରବାର ବଢାଉଥିବା ଦେଖାଯାଇଛି। ଚାଇନା କମ୍ପାନୀଗୁଡିକ ସେମାନଙ୍କ ଉପସ୍ଥିତିକୁ ଲୁଚାଇବା ସହ ସେମାନଙ୍କ ଆପ୍ଲିକେଶନକୁ ନୂଆ କମ୍ପାନୀ ନାମରେ ପଞ୍ଜୀକରଣ କରୁଛନ୍ତି। ସେହିଭଳି ଆପ୍ଲିକେଶନଗୁଡିକର ମାଲିକାନା ବିଷୟରେ ମଧ୍ୟ ସର୍ବସାଧାରଣଙ୍କ ଲାଗି ବିଶେଷ କିଛି ସୂଚନା ଦିଆଯାଉନାହିଁ।

ଭାରତର ଏକ ପ୍ରମୁଖ ଗଣମାଧ୍ୟମ ସଂସ୍ଥା ଦ୍ୱାରା ହୋଇଥିବା ତଦନ୍ତ ମୁତାବକ, ଭାରତରେ ପ୍ରଚଳିତ ପ୍ରମୁଖ ୬୦ ମୋବାଇଲ ଆପ୍ଲିକେଶନ ମଧ୍ୟରେ ୮ ଚାଇନା ଆପ୍ ରହିଛି। ମାସିକ



- ନୂଆ ଅବତାରରେ ଭାରତରେ କାରବାର ବଢ଼ାଉଛନ୍ତି
- ବଜାରରେ ୬ ଚାଇନା ଆପ୍
- ଗଳାବାଟକୁ ମାଧ୍ୟମ କରିଛନ୍ତି

ଏହି ଆପ୍‌ଗୁଡିକୁ ୨୧ କୋଟି ଲୋକ ବ୍ୟବହାର କରୁଛନ୍ତି। ୨୦୨୦ ଜୁଲାଇରେ ସମାନ ଆପ୍ଲିକେଶନକୁ ୯୬ ନିୟୁତ ଲୋକ ବ୍ୟବହାର କରୁଥିଲେ। ଚାଇନା ଆପ୍ ବ୍ୟାନ ପରେ ଏହି ଆପ୍‌ଗୁଡିକ ୧୧୫ ନିୟୁତ ନୂଆ ୟୁଜର ଯୋଡିବାକୁ ସକ୍ଷମ ହୋଇଛନ୍ତି। ରିପୋର୍ଟ ମୁତାବକ, ବର୍ତ୍ତମାନ ନୂଆ ଅବତାରରେ ଚାଇନା ଆପ୍‌ଗୁଡିକ ଭାରତରେ ପ୍ରବେଶ କରୁଛନ୍ତି। ଫଳରେ ଏହା ସରକାରଙ୍କ ନଜରକୁ ଆସିପାରୁନାହିଁ। ଏମାନେ ଭାରତରେ ପୁଣି ଥରେ କାରବାର ବଢାଉଥିବା ଜଣାପଡିଛି। କମ୍ପାନୀଗୁଡିକ ସେମାନଙ୍କ ଚାଇନା ଲିଙ୍କ୍‌କୁ ଲୁଚାଉଛନ୍ତି। ନୂଆ ଆପ୍ଲିକେଶନଗୁଡିକ ମିଡିଆ ଏବଂ ଏଣ୍ଟରଟେନମେଣ୍ଟ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଏହି କ୍ଷେତ୍ରରେ ଅଧିକ ଗ୍ରାହକ ରହୁଥିବାରୁ କମ୍ପାନୀଗୁଡିକ ଏହି କ୍ଷେତ୍ରକୁ ଟାର୍ଗେଟ କରୁଛନ୍ତି।

ବର୍ତ୍ତମାନ ଦ୍ରୁତ ଅଭିବୃଦ୍ଧି କରୁଥିବା ଆପ୍‌ଗୁଡିକ ମଧ୍ୟରେ ପ୍ଲେଇଟ୍, ମସ୍ତ ମ୍ୟୁଜିକ ଷ୍ଟାଟସ, ନଏଜ, ମିଭି, ରେସୋ, ଟିକି, ଶେୟାର ମି, ଜିଲି ଭଳି ଆପ୍ ରହିଛନ୍ତି। ଏହି ପ୍ରସଙ୍ଗରେ ସରକାରଙ୍କ ଜଣେ ଅଧିକାରୀଙ୍କ ମତାମତ ଲୋଡ଼ାଯିବାରୁ ସେ କହିଛନ୍ତି ଯେ, ନିରାପତ୍ତା ଏଜେନ୍ସିଗୁଡିକର ରିପୋର୍ଟ ଆଧାରରେ କୌଣସି ଆପ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଚାଇନା ଆପ୍ କେଉଁ ପ୍ରକାର ୟୁଜର ଡାଟା ସଂଗ୍ରହ କରୁଛନ୍ତି ସେ ଦିଗରେ ସରକାର ନଜର ରଖିବା ଆବଶ୍ୟକ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ୮ ଚାଇନା ଆପ୍ ମଧ୍ୟରୁ ୬ଟି ଆପ୍‌ଗୁଡିକ ୟୁଜରଙ୍କ ଡିଭାଇସରେ ଥିବା ଆଇଟମ୍‌କୁ ରିଡ୍ କରିପାରୁଛନ୍ତି। ସେହିଭଳି ୟୁଜରଙ୍କ ଭିଡିଓ, ଫଟୋ ଏବଂ ମାଇକ୍ରୋଫୋନ ଆକସେସ୍ କରିବା ସହ ୟୁଜରଙ୍କ ଲୋକେସନକୁ ମଧ୍ୟ ଟ୍ରାକ କରୁଥିବା ଦେଖାଯାଉଛି। ଗୁଗଲ ପ୍ଲେ ଷ୍ଟୋରରେ ଚାଇନା ଆପ୍‌ଗୁଡିକ ଚତୁରତା ଦେଖାଇ ନିଜକୁ ସ୍ଥାନିତ କରୁଛନ୍ତି। କମ୍ପାନୀଗୁଡିକ ସିଧାସଳଖ ଏହାକୁ ସୁଚୀଭୁକ୍ତ କରାଉ ନାହାନ୍ତି। ସେହିଭଳି କମ୍ପାନୀ ନାମକୁ ଏମିତି ଦର୍ଶାଯାଉଛି ଯାହା ଦ୍ୱାରା ମାଲିକଙ୍କୁ ଚିହ୍ନିବା କଷ୍ଟକର। କମ୍ପାନିଗୁଡିକର କର୍ପୋରେଟ ୱେବସାଇଟରେ ପାର୍ଟନରଶିପ, ମାଲିକାନା ଢାଞ୍ଚା ଭଳି ପ୍ରସଙ୍ଗକୁ ତର୍ଜମା କଲେ ପ୍ରକୃତ କଥା ସାମ୍ନାକୁ ଆସୁଛି। ବର୍ତ୍ତମାନ ଏମିତି ମଧ୍ୟ ଅନେକ ନୂଆ ଆପ୍ ଚାଲୁଛି ଯାହାର ମାଲିକ ଗତ ବର୍ଷ ବ୍ୟାନ ହୋଇଥିବା ମାଲିକ ସମାନ। ଲିଙ୍କଡ ଇନ୍ ଡାଟା ମୁତାବକ, ବ୍ୟାନ ହୋଇଥିବା ଆପ୍‌ରୁ କର୍ମଚାରୀଙ୍କୁ ନୂଆ ଆପ୍ କମ୍ପାନୀକୁ ସ୍ଥାନୀତ ହୋଇଛନ୍ତି। ଟିକଟକର ପୂର୍ବତନ ମୁଖ୍ୟ ରେସୋ ନାମକ କମ୍ପାନୀର ମୁଖ୍ୟ ଭାବେ ଅବସ୍ଥାପିତ ହୋଇଛନ୍ତି।

## ମେରୀ କମ୍‌ଙ୍କୁ କାଇଗର ଦେଲା ରେନୋ




**ନୂଆଦିଲ୍ଲୀ,୩୦।୮**

ଭାରତ ବଜାରରେ ରେନୋ ଇଣ୍ଡିଆ ତା'ର ୧୦ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଛି। ଏହି ଅବସରରେ ଭାରତୀୟ କ୍ରୀଡାବିତ୍ ତଥା ୬ଥରର ବିଶ୍ୱ ବିଜେତା ମହିଳା ବକ୍ସର ମେରୀ କମ୍‌ଙ୍କୁ କମ୍ପାନୀ ଏକ ନୂଆ ଗାଡି ଦେଇ ସମ୍ମାନିତ କରିଛି। କମ୍ପାନୀର ବାର୍ଷିକ ଉତ୍ସବ ଏବଂ ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ଚଳିତ ଟୋକିଓ ଅଲିମ୍ପିକର ଜାତୀୟ ପତାକାଧାରୀ ଏମ୍‌ସି ମେରୀ କମ୍‌ଙ୍କୁ କମ୍ପାନୀ ପକ୍ଷରୁ ଏକ ନୂତନ ରେନଲ୍ଟ କାଇଗର ଗାଡି ପ୍ରଦାନ ସହ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ତଥା କଣ୍ଟ୍ରି ସିଇଓ ଭେଙ୍କଟରାମ ମାମାଲିପେଲ ମେରୀ କମ୍‌ଙ୍କୁ ଗାଡି ଚାବି ହସ୍ତାନ୍ତର ସହ ଉପଢୌକନ ଦେଇ ସମ୍ମାନିତ କରିଛନ୍ତି।

## ୧୦୦ ଟଙ୍କା ଆୟରେ ସରକାର ନେଉଛନ୍ତି ୩୫ ଟଙ୍କା:ମିତ୍ତଲ

**ନୂଆଦିଲ୍ଲୀ,୩୦।୮**

ଟେଲିକମ୍ କମ୍ପାନୀର ପ୍ରତି ୧୦୦ ଟଙ୍କା ଆୟରେ ସରକାର ୩୫ ଟଙ୍କା ଟିକସ ଭାବେ ନେଉଥିବା ଏୟାରଟେଲର ଅଧ୍ୟକ୍ଷ ସୁନୀଲ ଭାରତୀ ମିତ୍ତଲ କହିଛନ୍ତି। ଟେଲିକମ୍ କମ୍ପାନୀ ଗୁଡିକ ବର୍ତ୍ତମାନ ସମସ୍ୟାରେ ରହିଥିବାବେଳେ ସେ ଏଭଳି ମତ ଦେଇଥିବା ଦେଖାଦେଇଛି। ଏହାକୁ ଦେଖିଲେ ଆଗକୁ ଏୟାରଟେଲ ଏହାର ଟାରିଫ ବଢ଼ାଇପାରେ। ମିତ୍ତଲ ଏ ସମ୍ପର୍କରେ ରବିବାର ଆଭାସ ଦେଇଛନ୍ତି। ସେ କହିଛନ୍ତି, କମ୍ପାନୀ ଟାରିଫ ବଢ଼ାଇବା ଲାଗି କୁଣ୍ଠାବୋଧ କରିବ ନାହିଁ। କମ୍ପାନୀ ରାଇଟ୍ସ ଇସ୍ୟୁ ଜାରି କରିବା ସହ ୨୧ ହଜାର କୋଟି ଟଙ୍କାର ପୁଞ୍ଜି ଉଠାଇବା ଲାଗି ଯୋଜନା ରଖିଛି। କମ୍ପାନୀର ବୋର୍ଡ ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ଏହା ବର୍ତ୍ତମାନ ସାରା ଦେଶରେ ୫ଜି ସେବା ଉପଲବ୍ଧ କରାଇବା ଲାଗି ପ୍ରକ୍ରିୟା ହାତକୁ ନେଇଛି। ଏହା ପୂର୍ବରୁ କମ୍ପାନୀ ନିଜର ବାଲାନ୍ସ ସିଟ୍‌କୁ ମଜଭୁତ କରିବାକୁ ଚାହୁଁଛି।


ସୁନୀଲ ଭାରତୀ ମିତ୍ତଲ

କମ୍ପାନୀ ଉପରେ ୧.୬ ଲକ୍ଷ କୋଟି ଟଙ୍କାର ଋଣ ଭାର ରହିଛି। ଏହା ୪୩.୧୨ କୋଟି ଗ୍ରାହକଙ୍କୁ ସେବା ଯୋଗାଇଦେଉଛି। ଆସନ୍ତା ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଏହା ୫ଜି ଆଣିବାକୁ ପ୍ରସ୍ତୁତି କରୁଛି। ସ୍ପେକ୍ଟ୍ରମ ନିଲାମରେ ସରକାର କିଛିଟା ଆଶ୍ୱସ୍ତି ପ୍ରଦାନ କରିବା ନେଇ ଆଶା ରହିଛି ବୋଲି ମିତ୍ତଲ କହିଛନ୍ତି। ଋଣ ଭାର ଯୋଗୁ ଉଭୟ ନିବେଶକ ଏବଂ କମ୍ପାନୀ ବର୍ତ୍ତମାନ ଚିନ୍ତାରେ ରହିଛନ୍ତି। ସରକାର ଟିକସ ଏବଂ ଅନ୍ୟ ଚାର୍ଜ କମାଇବାର ଆବଶ୍ୟକତା ରହିଛି ବୋଲି ସେ ମତ ରଖିଛନ୍ତି। ଏହି କମ୍ପାନୀ ଆଡଜଷ୍ଟେଟ ଗ୍ରସ୍ ରେଭେନ୍ୟୁ (ଏଜିଆର୍) ବକେୟା ଅର୍ଥ ମଧ୍ୟ ଅଦ୍ୟାବଧି ୧୮,୦୦୪ କୋଟି ଟଙ୍କା ପ୍ରଦାନ କରିଛି।

## ସେପ୍ଟେମ୍ବରରେ ୧୨ ଦିନ ବ୍ୟାଙ୍କ ବନ୍ଦ

**ନୂଆଦିଲ୍ଲୀ,୩୦।୮**

ସେପ୍ଟେମ୍ବରରେ ଲୋକଙ୍କୁ ୧୨ ଦିନ ବ୍ୟାଙ୍କ ସେବା ଉପଲବ୍ଧ ହେବ ନାହିଁ। ଏହି ମାସରେ ୨ ଶନିବାର ୪ ରବିବାର ପଡୁଛି। ଏହି ଦିନଗୁଡିକରେ ବ୍ୟାଙ୍କ ଛୁଟି ରହିବ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜାରି କରାଯାଇଥିବା ଛୁଟି ତାଲିକା ମୁତାବକ, ସେପ୍ଟେମ୍ବରରେ ମୋଟ ୭ ଦିନ ବ୍ୟାଙ୍କ ଛୁଟି ପଡୁଛି। ଏହା ବାଦ୍ ୬ ସାପ୍ତାହିକ ଛୁଟି ମଧ୍ୟ ମିଳିବ। ଏହା ସତ୍ତ୍ୱେ ମୋଟ ୧୨ ଦିନ ବ୍ୟାଙ୍କ ଛୁଟି ରହିବ। କାରଣ ଗୋଟିଏ ସପ୍ତାହାନ୍ତ ଛୁଟିଦିନରେ ପଡୁଛି। ତେବେ ଭାରତର ସବୁ ପ୍ରାନ୍ତରେ ସମାନ ଛୁଟି ରହି ନ ପାରେ। କିଛି କିଛି ରାଜ୍ୟରେ ବିଶେଷ ଛୁଟି ଯୋଗୁ ମୋଟ ୧୨ ଦିନ ବ୍ୟାଙ୍କ ସେବା ମିଳିବ ନାହିଁ। ଓଡ଼ିଶାରେ ଏହି ସମୟରେ ୭ ଦିନ ବ୍ୟାଙ୍କ ସେବା ଉପଲବ୍ଧ ରହିବ ନାହିଁ। ୪ଟି ରବିବାର, ୨ଟି ଶନିବାର ଏବଂ ଗଣେଶ ପୂଜାରେ ଓଡ଼ିଶାରେ ବ୍ୟାଙ୍କ ବନ୍ଦ ରହିବ। ସେହିଭଳି ଦେଶର ଅନ୍ୟ ପ୍ରାନ୍ତଗୁଡିକରେ ଛୁଟି ଭିନ୍ନ ରହିଛି।

## ନିବେଶକଙ୍କ ସମ୍ପତ୍ତି ୫.୭୬ ଲକ୍ଷ କୋଟି ବୃଦ୍ଧି

**ନୂଆଦିଲ୍ଲୀ,୩୦।୮:** ଭାରତୀୟ ପୁଞ୍ଜିବଜାରରେ ବୃଦ୍ଧି ଧାରା ଅବିରତ ରହିଛି। ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସୂଚକାଙ୍କ ୭୫୦ରୁ ଊର୍ଦ୍ଧ୍ୱ ବଢ଼ିଥିବା ଜଣାପଡିଛି। ପୁଞ୍ଜି ବଜାରରେ ଅଟୋମୋବାଇଲ ଏବଂ ମେଟାଲ୍ ଷ୍ଟକ୍ କାରବାର ବେଶ୍ ଉନ୍ନତ ରହିଛି। ସେନ୍‌ସେକ୍ସ ୫୬,୯୫୮ ପଏଣ୍ଟ ଛୁଇଁବା ପରେ କାରବାର ଶେଷ ବେଳକୁ ୭୬୫ ପଏଣ୍ଟ (୧.୩୫%) ଊର୍ଦ୍ଧ୍ୱରେ ରହି ୫୬,୮୯୦ ପଏଣ୍ଟରେ ବନ୍ଦ ହୋଇଛି। ଫଳରେ ନିବେଶକଙ୍କ ସମ୍ପତ୍ତି ପ୍ରାୟ




୫.୭୬ ଲକ୍ଷ କୋଟି ଟଙ୍କା ବଢିଛି। ବିଏସ୍‌ଇ ସୂଚୀଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ୨୪୭.୩୪ ଲକ୍ଷ କୋଟି ଟଙ୍କା ଛୁଇଁଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ନିଫ୍ଟି) କାରବାର

**୭୬୫ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ**

୨୨୬ ପଏଣ୍ଟ ବା ୧.୩୫% ଉଚ୍ଚରେ ରହି ନୂଆ ରେକର୍ଡ ସ୍ତର ୧୬,୯୩୧ ପଏଣ୍ଟ ସ୍ତର ଛୁଇଁଛି। ଭାରତୀ ଏୟାରଟେଲ, ଆକ୍ସିସ ବ୍ୟାଙ୍କ, ଟାଟା ଷ୍ଟିଲ, ଟାଇଟାନ, ବଜାଜ ଫାଇନାନ୍ସ ଏବଂ ମାରୁତି ଭଳି କମ୍ପାନୀଗୁଡିକର ସେନ୍‌ସେକ୍ସରେ ଭଲ କାରବାର କରିଥିବା ଜଣାପଡିଛି।

**ଫୁରସତ୍**

## ୧୯ ବର୍ଷ ଧରି ଥାନାରେ ଶ୍ରୀକୃଷ୍ଣ

**କାନପୁର:** ପୁରାଣରେ ଉଲ୍ଲେଖ କରାଯାଇଛି ଦ୍ୱାପର ଯୁଗରେ ପ୍ରଭୁ ଶ୍ରୀକୃଷ୍ଣ ବନ୍ଦୀଶାଳରେ ଜନ୍ମଗ୍ରହଣ କରିଥିଲେ। ତେବେ କଳିଯୁଗରେ ଆଇନର ଚକ୍ରବ୍ୟୁହରେ ପଡ଼ି ଶ୍ରୀକୃଷ୍ଣଙ୍କ ପ୍ରତିମା ଗତ ୧୯ ବର୍ଷ ଧରି ସ୍ଥାନୀୟ ଦେହାତ ଥାନାରେ ପଡ଼ିରହିଛି। ଶିବଲି ଅଞ୍ଚଳରେ ଥିବା ରାଧାକୃଷ୍ଣ ମନ୍ଦିରରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ସହିତ ମାତା ରାଧା ବିରାଜମାନ କରୁଥିଲେ। ଅଷ୍ଟଧାତୁରେ ନିର୍ମିତ ରାଧାକୃଷ୍ଣଙ୍କ ଏହି ପ୍ରତିମା ମାଟି ତଳୁ ଖୋଦନ ସମୟ ମିଳିଥିବା ଲୋକେ



କୁହନ୍ତି। ଜଣେ ବ୍ୟକ୍ତି ତାହାକୁ ଚୋରି କରିଥିଲେ। ପ୍ରତିମା ଜବତ ହେବା ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କୋର୍ଟରେ ଶୁଣାଣି ଜାରି ରହିଛି। ଫଳରେ ପ୍ରତିମାକୁ ଥାନାରେ ରଖାଯାଇଛି।

# ମାଟିରେ ପୋତି ସଂସ୍କାର କରନ୍ତି ହିନ୍ଦୁ

**ପାଟନା:** ସାରା ଦେଶରେ ହିନ୍ଦୁ ସମ୍ପ୍ରଦାୟର ଲୋକେ ମୃତଦେହକୁ ପୋଡ଼ି ସଂସ୍କାର କରିଥାନ୍ତି। କିନ୍ତୁ ଏମିତି ଏକ ଗାଁ ଅଛି, ଯେଉଁଠି ମୃତଦେହକୁ ମାଟି ତଳେ ପୋତି ସଂସ୍କାର କରନ୍ତି ହିନ୍ଦୁ ସମ୍ପ୍ରଦାୟ ଲୋକେ। ଏଭଳି ଏକ ଭିନ୍ନତା ଥିବା ଗାଁ ହେଉଛି ବିହାରର ଭୁଲେଟନ୍ ବିଗହା।

ବିହାରର ଔରଙ୍ଗାବାଦରେ ଥିବା ସଂସା ପଞ୍ଚାୟତର ଏକ ଗାଁ ହେଉଛି ଭୁଲେଟନ୍ ବିଗହା। ଏଠାରେ ରହୁଥିବା ସମସ୍ତ ହିନ୍ଦୁ ପରିବାରରେ ଅନ୍ତିମ ସଂସ୍କାର ପରମ୍ପରା ସମ୍ପୂର୍ଣ୍ଣ ଅଲଗା। ଏମାନଙ୍କ ପରିବାରରେ କେହି ମରିବା ପରେ ମୃତଦେହକୁ ପୋଡ଼ିବା ବଦଳରେ ମାଟି ତଳେ ପୋତି ଦିଆଯାଏ। ଆର୍ଥିକ ସ୍ୱଚ୍ଛଳ ଥିବା ପରିବାର ଲୋକେ ମାଟି ତଳେ ମୃତଦେହକୁ ପୋତିବା ପାଇଁ କବର ମଧ୍ୟ ତିଆରି କରନ୍ତି। ଗାଁର ହିନ୍ଦୁ ଲୋକେ ନିଜକୁ ନଟ ସମ୍ପ୍ରଦାୟର ବୋଲି କୁହନ୍ତି ଏବଂ ଅନୁସୂଚିତ ଜାତି ବର୍ଗରେ ସେମାନଙ୍କୁ



ତାଲିକାଭୁକ୍ତ କରାଯାଇଛି। ମୃତଦେହକୁ ପୋତିବା ପରମ୍ପରା ସେମାନଙ୍କର କାହିଁ କେଉଁ କାଳରୁ ରହିଛି ବୋଲି ନାଗା ସମ୍ପ୍ରଦାୟର ଲୋକେ କୁହନ୍ତି। ଅନ୍ୟ ସମସ୍ତ ହିନ୍ଦୁ ଉତ୍ସବ ହୋଲି, ଦଶହରା ଆଦିକୁ ଏମାନେ ବେଶ୍ ଧୁମ୍‌ଧାମରେ ପାଳନ କରନ୍ତି। ଏହି ସମ୍ପ୍ରଦାୟରେ ଆଉ ଏକ ଅଜବ ପରମ୍ପରା ରହିଛି। ଏହି ସମ୍ପ୍ରଦାୟରେ ବିବାହ ସମୟରେ ବରପକ୍ଷ ତରଫରୁ କନ୍ୟାପକ୍ଷଙ୍କୁ ଅର୍ଥ ଦେବାକୁ ପଡ଼ିଥାଏ। ନାଗା ସମ୍ପ୍ରଦାୟ ଲୋକଙ୍କ କହିବା ଅନୁସାରେ ସେମାନେ ବିବାହ ପୂର୍ବରୁ କନ୍ୟାର ପ୍ରଥମେ ତିଳକ ଉତ୍ସବ କରିଥାନ୍ତି। ଆଉ ଏହି ତିଳକ ନିମନ୍ତେ ବରପକ୍ଷଙ୍କୁ ନିଜ ସକ୍ଷମ ଅନୁସାରେ ୧୦ ହଜାରରୁ ୨୦ ହଜାର କିମ୍ବା ତା'ଠାରୁ ଅଧିକ ଅର୍ଥ ଦେବାକୁ ପଡ଼ିଥାଏ। ସେମାନଙ୍କ ସମ୍ପ୍ରଦାୟରେ ବାଲ୍ୟ ବିବାହ ପ୍ରଥାକୁ ଆଦୌ ସ୍ୱୀକୃତି ଦିଆଯାଏ ନାହିଁ। ସବୁଠାରୁ ଭିନ୍ନ କଥା ହେଉଛି କି ଏମାନେ ବିବାହ ସମୟରେ ବ୍ରାହ୍ମଣଙ୍କୁ ଆଦୌ ଡାକି ନ ଥାନ୍ତି। କିନ୍ତୁ ହଳଦୀ ଲଗାଇବା, ବରଯାତ୍ରୀ ଧରି ଶୋଭାଯାତ୍ରାରେ ଆସିବା ଆଦି ପରମ୍ପରା ରହିଥାଏ। ଏମାନେ ସାଧାରଣତଃ ଗରିବ ଶ୍ରେଣୀର ଏବଂ ଖେଳନା ବିକ୍ରି କରି ଜୀବିକା ଅର୍ଜନ କରିଥାନ୍ତି। ଏଥିପାଇଁ ଏମାନଙ୍କୁ ଯାଯାବର ଜୀବନଯାପନ କରିବାକୁ ବି ପଡ଼ିଥାଏ। ଏମାନେ ଅର୍ଥାଭାବ କାରଣରୁ ମୃତଦେହକୁ ମାଟିରେ ପୋତି ଦେଇଥାନ୍ତି ବୋଲି ଅନୁମାନ କରାଯାଏ।

## ୧୦ ସପ୍ତାହରେ ନେଲେଣି ୫ ଡୋଜ୍ ଟିକା

**ବ୍ରାସିଲିଆ:** କରୋନା ଟିକାର ଦୁଇଟି ଡୋଜ ସୁରକ୍ଷା ପାଇଁ ଉପଯୁକ୍ତ। କିନ୍ତୁ ଜଣେ ବ୍ୟକ୍ତି ଏ ପର୍ଯ୍ୟନ୍ତ ୫ଟି ଡୋଜ ନେଇସାରିଲେଣି। ଏହି ଖବର ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ଏକ ରିପୋର୍ଟ ଅନୁଯାୟୀ, ବ୍ରାଜିଲର ରିଓଡିଜେନେରିଓରେ ରହୁଥିବା ଜଣେ ବ୍ୟକ୍ତି ୧୦ ସପ୍ତାହ ମଧ୍ୟରେ ୫ଟି କରୋନା ଟିକା ନେଇଛନ୍ତି। ଯେତେବେଳେ ପ୍ରଶାସନ ଏହି ଖବର ବିଷୟରେ ସୂଚନା ପାଇଲା, ଏହାର ତଦନ୍ତ ଆରମ୍ଭ ହୋଇଥିଲା। ଏହି ବ୍ୟକ୍ତି ଜାଣିଶୁଣି କରୋନା ଟିକାର ଅନେକ ଡୋଜ ନେଇଥିବା ଜଣାପଡ଼ିଛି। ଆଶ୍ଚର୍ଯ୍ୟର କଥା ହେଉଛି ଟିକାର ୫ ଡୋଜ ନେବା ସତ୍ତ୍ୱେ ଏହି ବ୍ୟକ୍ତି ସୁସ୍ଥ ଅଛନ୍ତି। କରୋନାର ପ୍ରଥମ ଲହର ଏବଂ ଦ୍ୱିତୀୟ ଲହରରେ ଏହା ଦେଖିବାକୁ ମିଳିଥିଲା ଯେ, ବ୍ରାଜିଲ କରୋନା ଦ୍ୱାରା ଅନେକ ଅସୁବିଧାରେ ପଡ଼ିଥିଲା। ଏବେ ଏଠାରେ ଟିକାର ଅଭାବ ବି ପରିଲକ୍ଷିତ ହୋଇଛି।

## ମୀରାଙ୍କ ସ୍କିନ୍ ପାଇଁ ଚିନ୍ତିତ ଶାହିଦ

**ମୁମ୍ବାଇ:** ବଲିଉଡ ଅଭିନେତା ଶାହିଦ କପୁର ଏବଂ ତାଙ୍କ ସ୍ତ୍ରୀ ମୀରା ରାଜପୁତ ପ୍ରାୟତଃ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ମୀରା ଶାହିଦଙ୍କ ସହ ଏକ ବ୍ୟକ୍ତିଗତ ଚାଟର ସ୍କ୍ରିନଶଟ ପ୍ରଶଂସକଙ୍କ ସହ ଶେୟାର କରିଛନ୍ତି। ସୋସିଆଲ ମିଡିଆରେ ଏହି ସ୍କ୍ରିନଶଟ ଭାଇରାଲ ହେବାରେ ଲାଗିଛି। ଶାହିଦ ମୀରାଙ୍କ ସହ ଇନଷ୍ଟାଗ୍ରାମ ରିଲ ଶେୟାର କରିଥିଲେ। ଏଥିରେ ଶାହିଦ୍ ମୀରାଙ୍କୁ ହେଲ୍‌ଥ ଟିପ୍ସ ଦେଉଥିବା ଦେଖାଯାଇଛି। ଏହା ପରେ ମୀରା ଇନଷ୍ଟାଗ୍ରାମ ଷ୍ଟାଟସରେ ସ୍କ୍ରିନସଟ ଶେୟାର କରି କ୍ୟାପସନ ଲେଖିଥିଲେ, ଦେଖନ୍ତୁ ସ୍କିନ କେୟାର ପାଇଁ କିଏ ଅଧିକ ଆଗ୍ରହୀ। ମୀରା ଏବଂ ଶାହିଦ ୨୦୧୫ ମସିହାରେ ବିବାହ କରିଥିଲେ। ଉଭୟଙ୍କର ଦୁଇଟି ସନ୍ତାନ ଅଛନ୍ତି। ବିବାହର ବର୍ଷେ ପରେ ବଡ ଝିଅ ମିଶା ଜନ୍ମଗ୍ରହଣ କରିଥିଲେ। ପରେ ୨୦୧୮ରେ ପୁଅ ଜୈନଙ୍କୁ ଜନ୍ମ ଦେଇଥିଲେ ଏହି ଦମ୍ପତି।


ଶାହିଦ କପୁର

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଭାରତର ନଂ.1 Tower Company
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ 999/-
ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
8004625362
9450762304

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476
9953557897

BIJAY FINANCE
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସୈତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ଅର୍ଚ୍ଚନା ପଣ୍ଡା
ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୦୭.୦୭.୧୯୭୪
ତିରୋଧାନ: ୨୦.୦୮.୨୦୨୧
ତାହୁଁ ତାହୁଁ ବାରଦିନ ବିତିଗଲା। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଆମମାନଙ୍କ ପାଇଁ ସଦାସର୍ବଦା ଚିରସ୍ମରଣୀୟ ହୋଇ ରହିବ। ତୁମେ ଯେଉଁଠି ବି ଥାଅ, ଭଲରେ ଖୁସିରେ ଥାଅ, ତମର ସ୍ଥାନ ଅପୂରଣୀୟ ଅଟେ। ତୁମର ସେହି ହସ ହସ କଥା ଏବେ ବି ମନେପଡ଼େ। ସମସ୍ତେ ତମକୁ ଝୁରି ହେଉଛନ୍ତି।
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୭୦୯୫୦

ପ୍ରଥମ ଶ୍ରାଦ୍ଧବାର୍ଷିକୀ

୰ସଂପଦ ନାୟକ
ଗ୍ରାମ: କେନ୍ଦୁମୁଣ୍ଡି, ଆଗଲପୁର, ବଲାଙ୍ଗୀର
ଆବିର୍ଭାବ: ୦୩।୦୯।୧୯୫୮
ତିରୋଧାନ: ୩୧।୦୮।୨୦୨୦
ଆପଣ ଛାଡ଼ି ଚାଲିଯିବାର ବର୍ଷଟିଏ ବିତିଗଲା। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ସଦା ସର୍ବଦା ମନେ ରହିବ। ପ୍ରଥମ ଶ୍ରାଦ୍ଧ ଦିବସରେ ବିନମ୍ର ଶ୍ରଦ୍ଧା ସୁମନ ଅର୍ପଣ କରୁଛୁ।
ଶୋକସନ୍ତପ୍ତ: ନାୟକ ପରିବାରବର୍ଗ
ଧ-୨୧୫୦୩

ଦ୍ୱାଦଶାହ ପୁଣ୍ୟତିଥି ଉପଲକ୍ଷେ

୰ନୃସିଂହ ଚରଣ ପଣ୍ଡା
ବକ୍ତାରପୁର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ଆବିର୍ଭାବ - ୧୫.୦୭.୧୯୨୮
ତିରୋଧାନ - ୨୦.୦୮.୨୦୨୧
ଆଜି ଆପଣଙ୍କ ଦ୍ୱାଦଶାହ ଅବସରରେ ଆପଣଙ୍କ ପୁଣ୍ୟାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ସହ ଆପଣଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛୁ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ବନ୍ଧୁବର୍ଗ
ଧ-୨୧୪୯୭

# ପ୍ରଥମ ସ୍ୱର୍ଣ୍ଣ ଜିତିଲେ ଅବନୀ

**ଟୋକିଓ,୩୦।୮**

ଟୋକିଓ ପାରାଲିମ୍ପିକ୍ସରେ ଭାରତ ପାଇଁ ସୋମବାର ବେଶ୍ ଶୁଭଙ୍କର ସାବ୍ୟସ୍ତ ହୋଇଛି। ଭାରତ ଗୋଟିଏ ଦିନରେ ୨ ସ୍ୱର୍ଣ୍ଣ, ୨ ରୌପ୍ୟ, ୧ ବ୍ରୋଞ୍ଜ ପଦକ ସହ ମୋଟ ୫ଟି ପଦକ ହାସଲ କରିଛି। ମହିଳା ଶୁଟର ଅବନୀ ଲେଖରା ଭାରତ ପାଇଁ ପାରାଲିମ୍ପିକର ଏହି ସଂସ୍କରଣରେ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଇତିହାସ ରଚିଛନ୍ତି। ସେ ଆର୍-୨ ମହିଳା ୧୦ ମିଟର ଏୟାର ରାଇଫଲ ଷ୍ଟାଣ୍ଡିଂ ଏସ୍ଏଚ୍ଆଇ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ହାସଲ କରି ଦେଶ ପାଇଁ ଗୌରବ ଆଣିଦେଇଛନ୍ତି। ପାରାଲିମ୍ପିକ ପଦାର୍ପଣରେ ସେ ଏହି ଐତିହାସିକ ସଫଳତା ଅର୍ଜନ କରିଛନ୍ତି।

ଜୟପୁରର ୧୯ ବର୍ଷୀୟା ଲେଖରା

**ଟୋକିଓ ପାରାଲିମ୍ପିକ୍ସ**

୨୦୧୨ରେ ଏକ କାର୍ ଦୁର୍ଘଟଣାରେ ସ୍ପାଇନାଲ କର୍ଡ ଇଞ୍ଜୁରିର ଶିକାର ହୋଇଥିଲେ। ମେରୁଦଣ୍ଡରେ ଆଘାତ ପାଇବା ପରେ ସେ ଦୁର୍ଭାଗ୍ୟବଶତଃ ଦିବ୍ୟାଙ୍ଗ ବନିଯାଇଥିଲେ। ୨୪୯.୬ ପଏଣ୍ଟ ସ୍କୋର କରି ସେ ବିଶ୍ୱରେକର୍ଡର ସମକକ୍ଷ ହେବା ସହ ନୂଆ ପାରାଲିମ୍ପିକ ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତି। ସେ ଚତୁର୍ଥ ଭାରତୀୟ ଆଥ୍ଲେଟ ଭାବେ ପାରାଲିମ୍ପିକରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୂର୍ବରୁ ୧୯୭୨ରେ ସନ୍ତରଣକାରୀ ମୁରଲିକାନ୍ତ ପେଟକର, ଜାଭେଲିନ ଥ୍ରୋୟର ଦେବେନ୍ଦ୍ର ଝାଝାରିଆ ୨୦୦୪ ଓ ୨୦୧୬ରେ ଓ ୨୦୧୬ରେ ମାରିୟାପ୍ପାନ ଥାଙ୍ଗାଭେଲୁ ପାରାଲିମ୍ପିକରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ସ୍ୱର୍ଣ୍ଣ ପଦକ ଜିତିବା ପରେ ଲେଖରା ଖୁସିରେ ଆତ୍ମହରା ହୋଇଛନ୍ତି। ଏହି ଆନନ୍ଦକୁ ଭାଷାରେ ବର୍ଣ୍ଣନା କରିପାରିବି ନାହିଁ ବୋଲି ସେ କହିଛନ୍ତି। ଶୁଟିଂ ଇଭେଣ୍ଟରେ ପ୍ରଥମ ସ୍ୱର୍ଣ୍ଣ ଜିତିଥିବାରୁ ଏହି ଖୁସି ନିଶ୍ଚିତ ଭାବେ ଅଲଗା ଅନୁଭବ ଆଣିଦେଇଛି। ଆଗକୁ ଭାରତ ଆହୁରି ପଦକ ହାସଲ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଯୋଜନା ଅନୁଯାୟୀ ପ୍ରଦର୍ଶନ କରିବା ସହ ସଫଳ ହୋଇଛି ବୋଲି ସେ କହିଛନ୍ତି। ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ଲେଖରା ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ତେବେ ମାର୍ଚ୍ଚରେ ଅଲ୍ ଆଇନ୍‌ରେ ଅନୁଷ୍ଠିତ ପାରା-ଶୁଟିଂ ବିଶ୍ୱକପ୍‌ରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ବିଶ୍ୱ ର୍ୟାଙ୍କିଙ୍ଗ୍‌ର ପଞ୍ଚମ ସ୍ଥାନରେ ଥିବା ଲେଖରା ତାଙ୍କର ପ୍ରଥମ ପାରାଲିମ୍ପିକରେ ଅଂଶଗ୍ରହଣ କରିଥିଲେ।

ଲେଖରା ୨୦୧୬ ରିଓ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଚାଇନାର କୁଇପିଂ ଝାଙ୍ଗ୍‌ଙ୍କୁ ପଛରେ ପକାଇଥିଲେ। ଝାଙ୍ଗ୍ ୨୪୮.୯ ପଏଣ୍ଟ ସ୍କୋର କରିବା ସହ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ବିଶ୍ୱର ୧ ନମ୍ବର ଶୁଟର ତଥା ବିଶ୍ୱ ଚାମ୍ପିୟନ ୟୁକ୍ରେନର ଇରିନା ସେଟନିକ ୨୨୭.୫ ସ୍କୋର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅନ୍ୟପଟେ ଆର-୧ ପୁରୁଷ ୧୦ମି. ଏୟାର ରାଇଫଲ ଷ୍ଟାଣ୍ଡିଂ ଏସ୍ଏଚ୍ଆଇ ଇଭେଣ୍ଟରେ ଭାରତର ମହାବୀର ସ୍ୱରୂପ ଉନହାଲକର ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ପିତାଙ୍କ ଦ୍ୱାରା ଉତ୍ସାହିତ ହୋଇ ସେ କ୍ରୀଡ଼ାରେ ପ୍ରବେଶ କରିଥିଲେ। ସେ ପ୍ରଥମେ ଆର୍ଚେରୀ ଓ ଶୁଟିଂରେ ପ୍ରୟାସ ଆରମ୍ଭ କରିଥିଲେ। ତେବେ ସେ ଶୁଟିଂକୁ ଅଧିକ ଭଲ ପାଇଥିଲେ ଓ ୨୦୦୮ ବେଜିଂ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରାଙ୍କ ବହି ପଢି ତାଙ୍କଠାରୁ ପ୍ରେରଣା ପାଇ ଶୁଟିଂରେ ନିଜର ଭାଗ୍ୟ ପରୀକ୍ଷା କରିଥିଲେ। ୨୦୧୫ରେ ଜୟପୁରର ଜଗତପୁରା ସ୍ପୋର୍ଟ୍ସ କମ୍ପ୍ଲେକ୍ସରୁ ସେ ଶୁଟିଂ ଆରମ୍ଭ କରିଥିଲେ। ରାଜସ୍ଥାନରେ ଜଣେ ଆସିଷ୍ଟାଣ୍ଟ କନ୍‌ଜରଭେଟର ଅଫ୍ ଫରେଷ୍ଟ ଭାବେ ଚାକିରି କରୁଥିବା ଲେଖରା ୟୁଏଇର ଅଲ୍ ଆଇନରେ ୨୦୧୭ରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଭାରତ ପାଇଁ ପଦାର୍ପଣ କରିଥିଲେ। ପ୍ରତିଭାକୁ ଦୃଷ୍ଟିରେ ରଖି ତାଙ୍କୁ ଟପ୍ସରେ ସାମିଲ କରାଯାଇଥିଲା। ସେ ଏପର୍ଯ୍ୟନ୍ତ ୧୨ଟି ଅନ୍ତର୍ଜାତୀୟ ଇଭେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ସ୍ୱର୍ଣ୍ଣ ଜିତିବା ପରେ ସବୁଆଡୁ ତାଙ୍କୁ ଅଭିନନ୍ଦନର ଶୁଅ ଛୁଟିଛି। ପାରାଲିମ୍ପିକ୍ସରେ ସେ ୧୦ ମି. ଏୟାର ରାଇଫଲ ପ୍ରୋନ୍ ଏସ୍ଏଚ୍ଆଇ, ମହିଳା ୫୦ ମି. ରାଇଫଲ ୩ ପୋଜିଶନ୍ସ ଏସ୍ଏଚ୍ଆଇ ଓ ମିକ୍ସଡ ୫୦ ମି. ରାଇଫଲ ପ୍ରୋନ୍ ଇଭେଣ୍ଟରେ ମଧ୍ୟ ଭାଗ ନେବେ।


ପ୍ରତିଯୋଗିତାରେ ଭାଗ ନେବା ଅବସରରେ ଅବନୀ ଲେଖରା।

# ଜାଭେଲିନ ଥ୍ରୋରେ ସୁମିତଙ୍କ ବିଶ୍ୱ ରେକର୍ଡ

**ଟୋକିଓ,୩୦।୮**

ପାରାଲିମ୍ପିକ୍ସ ପଦାର୍ପଣରେ ଭାରତୀୟ ଜାଭେଲିନ ଥ୍ରୋୟର ସୁମିତ ଆଣ୍ଟିଲ କମାଲ କରିଛନ୍ତି। ସେ ବିଶ୍ୱରେକର୍ଡ ସ୍ଥାପନ କରିବା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହ ଟୋକିଓ ପାରାଲିମ୍ପିକ୍ସରେ ଭାରତ ମୋଟ ଉପରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରି ଶ୍ରେଷ୍ଠ ପ୍ରଦର୍ଶନ କରିଛି। ସେ ଏଫ୍ ୬୪ ବର୍ଗରେ ନିଜର ପୂର୍ବ ରେକର୍ଡକୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି। ସେ ଏହି ଇଭେଣ୍ଟର ଫାଇନାଲରେ ୬୮.୫୫ ମିଟର ଜାଭେଲିନ ଥ୍ରୋ କରି ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ଇତିହାସ ସୃଷ୍ଟି କରିଛନ୍ତି।

ହରିୟାଣାର ସୋନେପତର ୨୩ ବର୍ଷୀୟ ସୁମିତ ବହୁ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ମାତ୍ର ୬ ବର୍ଷ ତଳେ ୨୦୧୫ରେ ସେ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୋଟିଏ ଗୋଡ ହରାଇଥିଲେ। ତେବେ ସେ କେବେ ହାର୍ ମାନି ନ ଥିଲେ ଓ ପ୍ରତିକୂଳ ପରିସ୍ଥିତିର କଡ଼ା ମୁକାବିଲା କରିଥିଲେ। ସେ ପୂର୍ବର ବିଶ୍ୱ ରେକର୍ଡ ୬୨.୮୮ ମିଟରକୁ ପଛରେ ପକାଇବାକୁ ସକ୍ଷମ ହୋଇଥିଲେ। ତାଙ୍କର ଅନ୍ତିମ ଥ୍ରୋ ଫାଉଲ ଥିଲା। ତେବେ ଏହାପୂର୍ବରୁ ସେ ୬୬.୯୫, ୬୮.୦୮, ୬୫.୨୭, ୬୬.୭୧ , ୬୮.୫୫ ଜାଭେଲିନ ଥ୍ରୋ କରିଥିଲେ।

ଅଷ୍ଟ୍ରେଲିଆର ମିକାଲ ବୁରିଆନ (୬୬.୨୯ ମିଟର) ଓ ଶ୍ରୀଲଙ୍କାର ଦୁଲାନ କୋଡିଥୁୱାକୁ (୬୫.୬୧ ମିଟର) ଯଥାକ୍ରମେ ଏହି ଇଭେଣ୍ଟରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଯେଉଁ ଆଥଲେଟମାନଙ୍କର ଗୋଡରେ ଅକ୍ଷମତା ଥିବ ସେମାନେ ଏହି ଏଫ୍‌୬୪ ବର୍ଗରେ ଅଂଶଗ୍ରହଣ କରଥାନ୍ତି। ଦିଲ୍ଲୀର ରାମଜାସ କଲେଜର ଛାତ୍ର ସୁମିତ ଦୁର୍ଘଟଣା ପୂର୍ବରୁ ଜଣେ ରେସଲର ଥିଲେ। ଦୁର୍ଘଟଣାରେ ସେ ଆଣ୍ଠୁ ତଳକୁ ତାଙ୍କ ଗୋଡ ହରାଇଥିଲେ। ତାଙ୍କ ଗାଁର ଜଣେ ପାରା ଆଥଲେଟ ତାଙ୍କୁ କ୍ରୀଡ଼ାରେ ସାମିଲ କରିଥିଲେ। ତାଙ୍କ ବାପା ଭାରତୀୟ ସେନାରେ ଜଣେ ଜେଡବ୍ଲ୍ୟୁଓ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ସେ ମଧ୍ୟ ପୂର୍ବରୁ ନୀରଜ ଚୋପ୍ରାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଗତ ମାର୍ଚ୍ଚ ୫ ତାରିଖରେ ପଟିଆଲାରେ ଅନୁଷ୍ଠିତ ଏବଲ ବଡିଡ ଇଣ୍ଡିଆନ ଗ୍ରାଁପ୍ରି ସିରିଜ ୩ରେ ସେ ୬୬.୪୩ ମିଟର ଜାଭେଲିନ ଥ୍ରୋ କରି ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଏହାପୂର୍ବରୁ ସେ ଦୁବାଇରେ ଅନୁଷ୍ଠିତ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ଏଫ୍‌୬୪ ବର୍ଗରେ ରୌପ୍ୟ ପଦକ ହାସଲ କରିଥିଲେ। ସ୍ୱର୍ଣ୍ଣିମ ସଫଳତା ହାସଲ କରି ସେ ଖୁସିରେ ଆତ୍ମହରା ହୋଇଛନ୍ତି ବୋଲି କହିଛନ୍ତି। ଆଗକୁ ଆହୁରି ଭଲ ପ୍ରଦର୍ଶନ କରିବି ବୋଲି ସେ ଆଶା ପ୍ରକାଶ କରିଛନ୍ତି। ପଦକ ଜିତିବା ପରେ ତାଙ୍କୁ ସବୁଆଡୁ ପ୍ରଶଂସା ଓ ଅଭିନନ୍ଦନର ଶୁଅ ଛୁଟିଛି।



ସୁମିତ ଆଣ୍ଟିଲ

# ବ୍ରୋଞ୍ଜ ହରାଇଲେ ଡିସ୍କସ୍ ଥ୍ରୋୟର ବିନୋଦ

**ଟୋକିଓ, ୩୦।୮ (ପି.ଟି.)**

ପାରାଲିମ୍ପିକ୍ସରେ ଭାରତୀୟ ଡିସ୍କସ୍ ଥ୍ରୋୟର ବିନୋଦ କୁମାର ସୋମବାର ତାଙ୍କ ଏଫ-୫୨ କାଟେଗୋରି ବ୍ରୋଞ୍ଜ ପଦକ ହରାଇଛନ୍ତି। ଡିବିଲିଟି କ୍ଲାସିଫିକେଶନ ଆସେସମେଣ୍ଟ ପରେ ପ୍ରତିଯୋଗିତା କମିଟି ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲା। ବିଏସ୍ଏଫ୍‌ରେ କାର୍ଯ୍ୟରତ ଏହି ୪୧ ବର୍ଷୀୟ ପାରା ଆଥଲେଟଙ୍କ ପିତା ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ପ୍ରାଣ ହରାଇଥିଲେ। ରବିବାର ଶ୍ରେଷ୍ଠ ଥ୍ରୋ ୧୯.୯୧ ମିଟର ସହ ପୋଲାଣ୍ଡର ପିଓଟର କୋସୱିଜ (୨୦.୦୨ମିଟର) ଓ କ୍ରୋଏସିଆର ଭେଲିମିର ସାଣ୍ଡୋର (୧୯.୯୮ମିଟର)ଙ୍କ ପଛକୁ ତୃତୀୟ ସ୍ଥାନରେ ରହିଥିଲେ। କିନ୍ତୁ ଏହି ଫଳାଫଳକୁ କେତେକ ପ୍ରତିଯୋଗୀ ଚ୍ୟାଲେଞ୍ଜ କରିଥିଲେ। ବିନୋଦ କୁମାର ପୁରୁଷ ଏଫ୍‌୫୨ ଡିସ୍କସ୍ ପଦକ ପାଇଁ ଅଯୋଗ୍ୟ ବିବେଚିତ ହେବା ପରେ ତାଙ୍କ ଫଳାଫଳକୁ ରଦ୍ଦ କରାଯାଇଛି।

# ଡିସ୍କସ୍‌ରେ ଯୋଗେଶଙ୍କୁ ରୌପ୍ୟ

**ଟୋକିଓ,୩୦।୮**

ସୋମବାର ଟୋକିଓ ପାରାଲିମ୍ପିକ୍ସରେ ଡିସ୍କସ୍ ଥ୍ରୋୟର ଯୋଗେଶ କାଥୁନିଆ ଭାରତ ପାଇଁ ଦ୍ୱିତୀୟ ରୌପ୍ୟ ପଦକ ଜିତିଛନ୍ତି। ପୁରୁଷ ଏଫ୍‌୫୬ ଇଭେଣ୍ଟରେ ସେ ଦ୍ୱିତୀୟ ସ୍ଥାନରେ ରହିବା ସହ ଏହି ସଫଳତା ହାସଲ କରିଛନ୍ତି।

ନୂଆଦିଲ୍ଲୀର କିରୋରିମାଲ କଲେଜରେ ବିକମ୍‌ରେ ଗ୍ରାଜୁଏଶନ କରିଥିବା ୨୪ ବର୍ଷୀୟ ଯୋଗେଶ ଷଷ୍ଠ ତଥା ଶେଷ ପ୍ରୟାସରେ ୪୪.୩୮ ମିଟର ଡିସ୍କସ୍ ଫିଙ୍ଗି ରୌପ୍ୟ ପଦକ ଜିତିଛନ୍ତି। ରବିବାର ଭାରତ ହାଇଜମ୍ପରେ ରୌପ୍ୟ ଓ ଡିସ୍କସ୍ ଥ୍ରୋରେ ବ୍ରୋଞ୍ଜ ପଦକ ଜିତିଥିଲା। ମାତ୍ର ୮ ବର୍ଷ ବୟସରେ ସେ ଦିବ୍ୟାଙ୍ଗ ହୋଇଯାଇଥିଲେ। ଏକ ପାରାଲିଟିକ୍ ଆଟାକ୍‌ରେ ତାଙ୍କର ବିଭିନ୍ନ ଅଙ୍ଗରେ ଅକ୍ଷମତା ଆସିଥିଲା। ଜଣେ ଆର୍ମିମ୍ୟାନଙ୍କ ପୁଅ ଭାବେ ଅବଶ୍ୟ ତାଙ୍କୁ ପାରା ସ୍ପୋର୍ଟ୍ସରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିଥିଲା।

ଏହି ଇଭେଣ୍ଟରେ ଗତଥରର ଚାମ୍ପିୟନ ବ୍ରାଜିଲର କ୍ଲାଉଡିନେ ପତିସ୍ତା ଡୋସ ସାଣ୍ଟୋସ ୪୫.୫୯ ମିଟର ଡିସ୍କସ୍ ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବିଶ୍ୱ ଚାମ୍ପିୟନ କ୍ଲାଉଡିନେ ବିଶ୍ୱରେକର୍ଡର ମଧ୍ୟ ଅଧିକାରୀ ରହିଛନ୍ତି। ଅନ୍ୟପଟେ କ୍ୟୁବାର ଲିଓନାର୍ଡୋ ଡିଆଜ ଅଲଡାନା ୪୩. ୩୬ ମିଟର ଡିସ୍କସ ଫିଙ୍ଗି ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ପୂର୍ବରୁ ଯୋଗେଶ ଦୁବାଇରେ ଅନୁଷ୍ଠିତ ୨୦୧୯ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ୪୨.୫୧ ମିଟର ସହ ବ୍ରୋଞ୍ଜ ପଦକ ହାସଲ କରି ଟୋକିଓ ପାରାଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ବର୍ଲିନରେ ୨୦୧୮ରେ ଅନୁଷ୍ଠିତ ପାରା-ଆଥଲେଟିକ୍ସ ଗ୍ରାଁପ୍ରିରେ ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ଇଭେଣ୍ଟରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ ଓ ଏଫ୍‌୩୬ ବର୍ଗରେ ବିଶ୍ୱରେକର୍ଡ ସୃଷ୍ଟି କରିଥିଲେ।



ଯୋଗେଶ କାଥୁନିଆ

# ଝାଝାରିଆଙ୍କୁ ରୌପ୍ୟ, ଗୁର୍ଜରଙ୍କୁ ବ୍ରୋଞ୍ଜ

**ଟୋକିଓ,୩୦।୮**

ପୂର୍ବରୁ ୨ଥର ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅଭିଜ୍ଞ ଜାଭେଲିନ ଥ୍ରୋୟର ଦେବେନ୍ଦ୍ର ଝାଝାରିଆ ଏଥର ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିସହ ସେ ପାରାଲିମ୍ପିକ୍ସରେ ମୋଟ ତୃତୀୟ ପଦକ ଜିତିଛନ୍ତି। ସେହିପରି ଅନ୍ୟତମ ଭାରତୀୟ ଜାଭେଲିନ ଥ୍ରୋୟର ସୁନ୍ଦର ସିଂ ଗୁର୍ଜର ଝାଝାରିଆଙ୍କ ପଛକୁ ରହି ବ୍ରୋଞ୍ଜ ପଦକ ଜିତିଛନ୍ତି।

ଉଭୟ ପୁରୁଷ ଜାଭେଲିନ୍ ଥ୍ରୋ ଏଫ୍‌୪୬ ଫାଇନାଲରେ ଦମ୍‌ଦାର ପ୍ରଦର୍ଶନ କରି ପଦକ ହାସଲ କରିଛନ୍ତି। ଯେଉଁ ଆଥଲେଟମାନଙ୍କ ବାହୁରେ ଅକ୍ଷମତା, ମାଂସପେଶୀରେ ଦୁର୍ବଳତା ଥାଏ ସେମାନଙ୍କୁ ଏଫ୍‌୪୬ ବର୍ଗରେ ସାମିଲ କରାଯାଇଥାଏ। ୪୦ ବର୍ଷୀୟ ଝାଝାରିଆ ପୂର୍ବରୁ ୨୦୦୪ ଓ ୨୦୧୬ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରି ଭାରତର ଶ୍ରେଷ୍ଠ ପାରାଲିମ୍ପିଆନ ବିବେଚିତ ହୋଇଆସୁଛନ୍ତି। ସେ ବ୍ୟକ୍ତିଗତ ଶ୍ରେଷ୍ଠ ୬୪. ୩୫ ମିଟର ଜାଭେଲିନ୍ ଫିଙ୍ଗ୍ ରୌପ୍ୟ ଜିତିଛନ୍ତି। ମାତ୍ର ୮ ବର୍ଷରେ ଝାଝାରିଆ ଏକ ଗଛ ଚଢୁଥିବା ବେଳେ ଏକ ଇଲେକ୍ଟ୍ରିକ ତାର ଛୁଇଁ ଥିଲେ। ଫଳରେ ସେ ବାମ ହାତ ହରାଇଥିଲେ। ତାଙ୍କୁ ପଛରେ ପକାଇ ଶ୍ରୀଲଙ୍କାର ଦୀନେଶ ପ୍ରିୟନ ହେରାଥ ମୁଡିୟାନସେଲାଗେ (୬୭.୭୯) ବିଶ୍ୱ ରେକର୍ଡ ସୃଷ୍ଟି କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପ୍ରୟାସ କରିଥିଲି। ତେବେ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇଥିବାରୁ ଅବସୋସ ନାହିଁ ବୋଲି ସେ କହିଛନ୍ତି।

ସେହିପରି ୨୫ ବର୍ଷୀୟ ଗୁର୍ଜର ୬୪.୦୧ ମିଟର ଜାଭେଲିନ ଫିଙ୍ଗି ତୃତୀୟ ସ୍ଥାନରେ ରହିବା ସହ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ୨୦୧୮ରେ ଜଣେ ବନ୍ଧୁଙ୍କ ଘରେ ମେଟାଲ ଶିଟ୍ ତାଙ୍କ ଉପରେ ଖସିପଡିବା ପରେ ସେ ବାମହାତ ହରାଇଥିଲେ। ରାଜସ୍ଥାନର କାରୁଆଲି ଗ୍ରାମରେ ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିବା ଗୁର୍ଜର ୨୦୧୭ ଓ ୨୦୧୯ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ଏବେ ଜୟପୁରର ସବାଇ ମାନସିଂ ଷ୍ଟାଡିୟମରେ ଟ୍ରେନିଂ ନେଉଛନ୍ତି। ଏକ ସିଲେକ୍ସନ ଟ୍ରାଏଲ ପରେ ତାଙ୍କୁ ଜୟପୁରର ସ୍ପୋର୍ଟ୍ସ ହଷ୍ଟେଲରେ ଭର୍ତ୍ତି କରାଯାଇଥିଲା। ପାଠପଢା ଅପେକ୍ଷା କ୍ରୀଡ଼ାକୁ ନେଇ ସେ ବେଶ୍ ଉତ୍ସାହିତ ଥିଲେ। ତେବେ ଦୁର୍ଘଟଣା ଯୋଗୁ ସେ ଦିବ୍ୟାଙ୍ଗ ହୋଇଯାଇଥିଲେ। ଫଳରେ ସେ ପାରା ସ୍ପୋର୍ଟ୍ସରେ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ବିଳମ୍ବରେ ରିପୋର୍ଟିଂ କରିବା କାରଣରୁ ସେ ଡିସ୍କ୍ୱାଲିଫାଏ ହୋଇଥିଲେ।



ବାମରୁ ସୁନ୍ଦର ସିଂ ଗୁର୍ଜର, ଶ୍ରୀଲଙ୍କାର ଓ ଦୀନେଶ ପ୍ରିୟନ ହେରାଥ ଓ ଦେବେନ୍ଦ୍ର ଝାଝାରିଆ।

# ଚୋଙ୍ଗଥାମ, ବିଶାଲ ଜିତିଲେ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୩୦।୮ (ପି.ଟି.)**

ଦୁବାଇରେ ଚାଲିଥିବା ଏସିଆନ ୟୁଥ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତୀୟ ବକ୍ସରମାନେ ସେମାନଙ୍କ ପ୍ରାଧାନ୍ୟ ଅବ୍ୟାହତ ରଖିଛନ୍ତି। ଭାରତର ୱାର୍ଲ୍ଡ ୟୁଥ୍ ବ୍ରୋଞ୍ଜ ପଦକ ବିଜେତା ବିଶ୍ୱାମିତ୍ର ଚୋଙ୍ଗଥାମ (୫୧କେଜି) ଓ ବିଶାଲ (୮୦କେଜି) ସୋମବାର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନ୍ୟ ୩ ପୁରୁଷ ଭାରତୀୟ ବକ୍ସର ରୌପ୍ୟ ଜିତିଛନ୍ତି। ଚୋଙ୍ଗଥାମ ୪-୧ରେ ଉଜ୍ବେକିସ୍ତାନର କୁଜିବୋଏଭଙ୍କୁ ହରାଇ ଦେଇଛନ୍ତି। କିରଗିଜସ୍ତାନର ଆକମାତୋଭ ସାନ୍‌ଝାରଙ୍କ ବିପକ୍ଷ ଫାଇନାଲରେ ବିଶାଲ ୫-୦ରେ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ବିଶ୍ୱନାଥ ସୁରେଶ (୪୮କେଜି), ବଂଶଜ (୬୩.୫କେଜି) ଓ ଜୟଦୀପ ରାୱତ (୭୧କେଜି) ରୌପ୍ୟ ପଦକ ଲାଭ କରିଛନ୍ତି। ସୁରେଶ ୟୁଥ ୱାର୍ଲ୍ଡ ଚାମ୍ପିୟନ କାଜାଖସ୍ତାନର ସାନ୍‌ଜାର ତାସ୍‌କେନ୍‌ବେଙ୍କଠାରୁ ୦-୫ରେ ପରାଜିତ ହୋଇଥିଲେ। ବଂଶଜ ମଧ୍ୟ ସମାନ ବ୍ୟବଧାନରେ କାଜାଖସ୍ତାନର ୟେରନୁର ସୁପୁନବେଙ୍କ ଠାରୁ ହାରିଯାଇଥିଲେ।


ବିଶ୍ୱାମିତ୍ର ଚୋଙ୍ଗଥାମ

# ବିଶିଷ୍ଟ କ୍ରିକେଟ କୋଚ୍ ପରଞ୍ଜପେଙ୍କ ଦେହାନ୍ତ



**ମୁମ୍ବାଇ, ୩୦।୮ (ପି.ଟି.):** ମୁମ୍ବାଇର ବିଶିଷ୍ଟ କ୍ରିକେଟ କୋଚ୍ ବାସୁଦେଓ ପରଞ୍ଜପେଙ୍କର ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ତାଙ୍କ ପୁଅ ଯତୀନ ଜଣେ ପୂର୍ବତନ ଭାରତ କ୍ରିକେଟର ଓ ଜାତୀୟ ଚୟନକର୍ତ୍ତା। ତାଙ୍କ ବିୟୋଗରେ ମୁମ୍ବାଇ କ୍ରିକେଟ ଆସୋସିଏଶନ ତରଫରୁ ଶୋକ ପ୍ରକାଶ କରାଯାଇଛି। ପୂର୍ବତନ ଭାରତ ଅଧିନାୟକ ସୁନିଲ ଗାଭାସ୍କର ଓ ଏମ୍ଏନ୍ଏସ ନେତା ରାଜ ଥାକ୍‌ରେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ପରଞ୍ଜପେ ୬ ଦଶନ୍ଧି ଧରି ଭାରତୀୟ କ୍ରିକେଟ ବିଶେଷ କରି ମୁମ୍ବାଇ କ୍ରିକେଟ ସହ ସମ୍ପୃକ୍ତ ଥିଲେ। କ୍ରିକେଟର କୋଚ୍, ସିଲେକ୍ଟର, ମେଣ୍ଟର ସମେତ ଉପଦେଷ୍ଟା ଭାବେ ତାଙ୍କର ଯଥେଷ୍ଟ ପାରଦର୍ଶିତା ରହିଥିଲା। ଗାଭାସ୍କର 'ସନି' ନାମରେ ପରିଚିତ ହେବା ପଛରେ ତାଙ୍କର ଭୂମିକା ରହିଥିଲା। ପରଞ୍ଜପେ ୨୯ଟି ପ୍ରଥମ ଶ୍ରେଣୀ କ୍ରିକେଟ ଖେଳି ଦୁଇ ଶତକ ସହ ୭୮୫ ରନ କରିଥିଲେ।

# ଷ୍ଟୁଆର୍ଟ ବିନ୍ନିଙ୍କ ଅବସର ଘୋଷଣା

**ନୂଆଦିଲ୍ଲୀ, ୩୦।୮ (ପି.ଟି.)**

ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟ୍‌ରେ ଶ୍ରେଷ୍ଠ ବୋଲିଂ ଫିଗର ରେକର୍ଡ ରଖିଥିବା ଭାରତ ଅଲରାଉଣ୍ଡର ଷ୍ଟୁଆର୍ଟ ବିନ୍ନି ସୋମବାର ପ୍ରଥମ ଶ୍ରେଣୀ ଓ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ୩୭ବର୍ଷୀୟ ବିନ୍ନି କର୍ନାଟକ ରାଜ୍ୟରୁ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ଭାରତ ତରଫରୁ ୬ଟି ଟେଷ୍ଟ ୧୪ ଅନ୍ତର୍ଜାତୀୟ ଦିନିକିଆ ଓ ୩ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଷ୍ଟୁଆର୍ଟଙ୍କ ପିତା ରୋଜର ମଧ୍ୟ ଜଣେ ପୂର୍ବତନ ଭାରତୀୟ କ୍ରିକେଟର ଥିଲେ। ଷ୍ଟୁଆର୍ଟ ଅଧିକ ଅନ୍ତର୍ଜାତୀୟ ରନ ସଂଗ୍ରହ କରିପାରି ନାହାନ୍ତି। କିନ୍ତୁ ୨୦୧୪ ଜୁନ୍‌ରେ ଢାକାରେ ବାଂଲାଦେଶ ବିପକ୍ଷ ଏକ ଅନ୍ତର୍ଜାତୀୟ ଦିନିକିଆରେ ସେ ମାତ୍ର ୪ ରନ ବିନିମୟରେ ୬ ଉଇକେଟ ଅକ୍ତିଆର ସହ ଏକ ବିରଳ ରେକର୍ଡର ଅଧିକାରୀ ହୋଇଥିଲେ। ଅନ୍ତର୍ଜାତୀୟ ଦିନିକିଆରେ ଏପର୍ଯ୍ୟନ୍ତ ଏହା ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ବିବେଚନା କରାଯାଉଛି। ସେ ଅନିଲ କୁମ୍ବଲେଙ୍କ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ୧୯୯୩ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ କୁମ୍ବଲେ ୧୨ ରନ ବିନିମୟରେ ୬ ଉଇକେଟ ହାସଲ କରିଥିଲେ। ଅଲରାଉଣ୍ଡର ଷ୍ଟୁଆର୍ଟ ୨୦୧୪ ଜୁଲାଇରେ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ଦ୍ୱିତୀୟ ଇନିଂସରେ ସେ ୭୮ରନ ସ୍କୋର କରିଥିଲେ। ସେ ଖେଳିଥିବା ୬ଟି ଟେଷ୍ଟ ମ୍ୟାଚରେ ଏହା ହେଉଛି ତାଙ୍କର ଏକମାତ୍ର ଅର୍ଦ୍ଧ ଶତକ। ଫ୍ଲୋରିଡାଠାରେ ୱେଷ୍ଟଇଣ୍ଡିଜ ବିପକ୍ଷ ଏକ ଟି୨୦ ଗେମ୍‌ରେ ସେ ଗୋଟିଏ ଓଭରରେ ୩୧ ରନ ଦେଇଥିଲେ। ଇଭିନ ଲିୱିସ ତାଙ୍କ ବଲ୍‌ରେ ୫ ଛକା ଲଗାଇଥିଲେ। ଏହି ବ୍ୟୟବହୁଳ ବୋଲିଂ ସହ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଅନ୍ତ ଘଟିଥିଲା। ବିସ୍ଫୋରକ ବ୍ୟାଟିଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଆବିର୍ଭାବ ଯୋଗୁ ଷ୍ଟୁଆର୍ଟଙ୍କ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ ଆଶା ତୁଟି ଯାଇଥିଲା। ସେ ଗୋଟିଏ ସିଜନ ନର୍ଥ ଇଷ୍ଟରୁ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଛନ୍ତି।



# ଓଡ଼ିଶା ସିନିୟର ମହିଳା କ୍ରିକେଟ ଦଳ ଘୋଷିତ

**ଭୁବନେଶ୍ୱର, ୩୦।୮(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ମହିଳା ସିଲେକ୍ସନ କମିଟି ୨୦୨୧-୨୨ ବର୍ଷ ବିସିସିଆଇ ଦ୍ୱାରା ପରିଚାଳିତ ଆଗାମୀ ଟୁର୍ନାମେଣ୍ଟ ପାଇଁ ରାଜ୍ୟ ସିନିୟର ମହିଳା ଦଳ ଘୋଷଣା କରାଯାଇଛି। ଏହି ଟୁର୍ନାମେଣ୍ଟ ଅକ୍ଟୋବର ମାସରେ ହେବ। ସେହିପରି ସେପ୍ଟେମ୍ବରରେ ହେବାକୁଥିବା ବିସିସିଆଇ ଟୁର୍ନାମେଣ୍ଟ ପାଇଁ ୧୯ ବର୍ଷରୁ କମ୍ ମହିଳା ଦଳ ଘୋଷଣା କରାଯାଇଛି।

**ଓଡ଼ିଶା ସିନିୟର ମହିଳା ଦଳ:** ମଧୁସ୍ମିତା ବେହେରା (ଅଧିନାୟିକା), ମାଧୁରୀ ମେହେଟା (ଉପଅଧିନାୟିକା) ସରିତା ମେହେର, ସୁନୀତା ମୁର୍ମୁ, ପ୍ରଜ୍ଞାପରିମିତା ମହାନ୍ତି, ରୋସନାରା ପରବିନ୍, ଲୁଇସା ଦାସ, ରଶ୍ମିତା ଚିନ୍ନାରା, ସୁଜାତା ମଲିକ, ବନଲତା ମଲିକ, କାଜଲ ଜେନା, ପ୍ରିୟଙ୍କା ସାହୁ, ସୁଶ୍ରୀ ଦିବ୍ୟଦର୍ଶିନୀ, ରାଜଶ୍ରୀ ସ୍ୱାଇଁ, ସୋନାଲି ହେମ୍ବ୍ରମ, ଶିଲ୍ପା ସ୍ୱାଇଁ (ଉଇକେଟକିପର), ରମେଶ୍ୱରୀ ନାୟକ ଓ ତରନା ପ୍ରଧାନ।

**୧୯ବର୍ଷରୁ କମ୍ ଓଡ଼ିଶା ମହିଳା ଦଳ:**

ଶୁଭ୍ରା ଏନ. ସ୍ୱାଇଁ (ଅଧିନାୟିକା), ଜି.ଏମ୍. ଅଳକାନନ୍ଦା (ଉପଅଧିନାୟିକା), ଜୟସି ନାୟକ (ଉଇକେଟକିପର), ରୋଶନି ଭାଗାର୍ଟି, ପୂଜାରାଣୀ ଦାସ, ସୁଚିସ୍ମିତା ପଣ୍ଡା, ଅଙ୍କିତା ଗିରି, ଭବାନୀ ଧଣ୍ଡ, ଏସ୍. ବି. ଲରେନ୍ସ, ସୂର୍ଯ୍ୟାସନନ୍ଦା ସ୍ୱାଇଁ, ମାଳତୀ ମୁର୍ମୁ, ଦୀପ୍ତି ଭେଙ୍ଗ୍ରା (ଉଇକେଟକିପର), ତନୱିରାନ୍‌ଝା, ତନ୍ମୟୀ ବେହେରା, ଅଲିପ୍ସା ବିଶ୍ୱାଳ, ପୂଜା ଯାଦବ, ଜ୍ୟୋତି କେ. ପ୍ରସାଦ, ରାନୀ ପ୍ରସାଦ, ସୋନି ପ୍ରସାଦ ଓ ମେଘନା ପାଢ଼ୀ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୩୧/୨୦୨୧ Sambalpur, Tuesday, August 31/ 2021

## ଅକ୍ଟୋବରରୁ ଘରୋଇ ହକି ସିଜନ

**ନୂଆଦିଲ୍ଲୀ, ୩୦।୮ (ପି.ଟି.):** ବହୁ ପ୍ରତୀକ୍ଷିତ ଘରୋଇ ହକି ସିଜନ ଚଳିତବର୍ଷ ଅକ୍ଟୋବରରୁ ଆରମ୍ଭ ହେବ। କୋଭିଡ୍ ଯୋଗୁ ୭ ମାସ ବ୍ୟବଧାନରେ ଭୋପାଳଠାରେ ପ୍ରଥମ ପୁରୁଷ ସବ୍‌ଜୁନିୟର ନ୍ୟାଶନାଲ ଏକାଡେମୀ ଚାମ୍ପିୟନଶିପ୍ ହେବ। ଘରୋଇ ଇଭେଣ୍ଟର ଆୟୋଜନ ବେଳେ ସମ୍ପୃକ୍ତ ରାଜ୍ୟ ସରକାର ଓ ହକି ଇଣ୍ଡିଆର ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ଭାବେ ମାନି ଚଳିବାକୁ ହେବ। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମସ୍ତ କୋଭିଡ୍ ପ୍ରୋଟୋକଲକୁ ଆୟୋଜକ ରାଜ୍ୟ ଏବଂ ଅଂଶଗ୍ରହଣକାରୀ ଦଳଗୁଡ଼ିକ ଅନୁପାଳନ ପାଇଁ ହକି ଇଣ୍ଡିଆ ନିର୍ଦ୍ଦେଶ ଦେଇଛି। ଉଦ୍‌ଘାଟନୀ ସବ୍‌ଜୁନିୟର ପୁରୁଷ ନ୍ୟାଶନାଲ ଏକାଡେମୀ ଚାମ୍ପିୟନଶିପ୍ ଅକ୍ଟୋବର ୪ରୁ ୧୩ ପର୍ଯ୍ୟନ୍ତ ହେବ। ଏହାପରେ ପ୍ରଥମ ହକି ଇଣ୍ଡିଆ ଜୁନିୟର ପୁରୁଷ ଏକାଡେମୀ ନ୍ୟାଶନାଲ ଚାମ୍ପିୟନଶିପ୍ ଭୋପାଳଠାରେ ଅକ୍ଟୋବର ୧୮ରୁ ୨୭ ପର୍ଯ୍ୟନ୍ତ ହେବ। ସେହିପରି ଉଦ୍‌ଘାଟନୀ ହକି ଇଣ୍ଡିଆ ଜୁନିୟର ମହିଳା ଆନ୍ତଃ ବିଭାଗୀୟ ଜାତୀୟ ଚାମ୍ପିୟନଶିପ୍ ମଧ୍ୟ ଅକ୍ଟୋବରରେ କରିବା ଲାଗି ସ୍ଥିର ହୋଇଛି। ୧୧ତମ ହକି ଇଣ୍ଡିଆ ମହିଳା ଜୁନିୟର ଜାତୀୟ ଚାମ୍ପିୟନଶିପ୍ ଅକ୍ଟୋବରରେ ଝାଡ଼ଖଣ୍ଡର ସିମ୍‌ଡେଗାଠାରେ ଖେଳାଯିବ। ୧୧ତମ ହକି ଇଣ୍ଡିଆ ଜୁନିୟର ପୁରୁଷ ନ୍ୟାଶନାଲ ଚାମ୍ପିୟନଶିପ୍ ଅକ୍ଟୋବରରେ ତେଲଙ୍ଗାନାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଜାତୀୟ ସିନିୟର ମହିଳା ଚାମ୍ପିୟନଶିପ୍ ଉତ୍ତରପ୍ରଦେଶର ଝାନ୍‌ସୀଠାରେ ଅକ୍ଟୋବରରେ ଖେଳାଯିବ। ତେବେ ହକି ଇଣ୍ଡିଆ ଶେଷ ତିନୋଟି ଇଭେଣ୍ଟ ପାଇଁ ତାରିଖ ଧାର୍ଯ୍ୟ କରି ନାହିଁ।

# ଇକୋର୍ସା, କଟକ ଏ, ଓଡ଼ିଶା ବ୍ଲୁ, ରେଡ୍ ବିଜୟୀ


ଜୟନ୍ତ ବେହେରା


ବିପ୍ଲବ ସାମନ୍ତରାୟ


ଦେବବ୍ରତ ପ୍ରଧାନ


ନୀଲୁ ପ୍ରଧାନ


ଶେଖର ମାଝି


ସର୍ବେଶ୍ୱର ମହାନ୍ତି

**ଭୁବନେଶ୍ୱର,୩୦।୮ (ସ୍ପୋର୍ଟସ୍ ବ୍ୟୁରୋ)** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା କଳାହାଣ୍ଡି କପ୍ ଟି୨୦ ଫର୍ମାଟ୍‌ରେ ସୋମବାର ଅନୁଷ୍ଠିତ ମ୍ୟାଚଗୁଡିକରେ ଇକୋର୍ସା, କଟକ ଏ, ଓଡ଼ିଶା ବ୍ଲୁ, ଗ୍ରୀନ, ରେଡ, ଭାଓଲେଟ ବିଜୟ ହାସଲ କରିଛନ୍ତି। ଏସ୍‌ସିବି ମେଡିକାଲ ଗ୍ରାଉଣ୍ଡରେ ଇକୋର୍ସା ୩ ଉଇକେଟରେ ସୁନ୍ଦରଗଡକୁ ହରାଇଛି। ଟସ୍ ଜିତି ସୁନ୍ଦରଗଡ ପ୍ରଥମେ ବ୍ୟାଟିଂ କରି ୧୯.୫ ଓଭରରେ ୧୦୬ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ତରଫରୁ ୱାଲଟର ଟପ୍ପୋ ୧୫, ଆଶିଷ ପରିଜା ୧୫ ରନ ସଂଗ୍ରହ କରିଥିବା ବେଳେ ବୋଲିଂରେ ଇକୋର୍ସା ତରଫରୁ ଜୟନ୍ତ ବେହେରା ସର୍ବାଧିକ ୪ ଉଇକେଟ ହାସଲ କରିଥିଲେ। ଜବାବରେ ଇକୋର୍ସା ୧୯.୩ ଓଭରରେ ୭ ଉଇକେଟ ହରାଇ ୧୦୭ ରନ ସଂଗ୍ରହ କରି ବିଜୟୀ ହୋଇଛି। ଦଳ ତରଫରୁ ଅଙ୍କିତ ଯାଦବ ୩୦, ପ୍ରଶାନ୍ତ ସାହୁ ୩୦ ରନ ସଂଗ୍ରହ କରିଥିଲେ।

**ଖୋର୍ଦ୍ଧା ୩୩ ରନରେ ହାରିଲା**

ସନସାଇନ ଗ୍ରାଉଣ୍ଡରେ ଓଡ଼ିଶା ବ୍ଲୁ ୩୩ ରନରେ ଖୋର୍ଦ୍ଧାକୁ ହରାଇଛି। ଟସ୍ ହାରି ବ୍ଲୁ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ ହରାଇ ୧୫୦ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସୁକେଶ ହିରୋ ୪୪, ଆକାଶ ଚନ୍ଦ୍ର ନାୟକ ୩୨ ରନ କରିଥିବା ବେଳେ ଖୋର୍ଦ୍ଧାର ସୁମିତ ମହାରଣା ୩ ଉଇକେଟ ନେଇଥିଲେ। ଜବାବରେ ଖୋର୍ଦ୍ଧା ୧୭.୪ ଓଭରରେ

**କଳାହାଣ୍ଡି କପ୍ ସୁପରଲିଗ୍**

୧୧୭ ରନକରି ଅଲ୍‌ଆଉଟ ହୋଇଥିଲା। ଦଳର ଜ୍ୟୋତି ରଞ୍ଜନ ବେହେରା ସର୍ବାଧିକ ୪୧, ସିଦ୍ଧାନ୍ତ ଜେନା ୩୦ ରନକରିଥିବା ବେଳେ ବ୍ଲୁ ତରଫରୁ ନିଲୁ ପ୍ରଧାନ ୩ ଉଇକେଟ ନେଇଥିଲେ।

**ଡିଏଲ୍‌ଏସ୍‌ରେ ଗ୍ରୀନ ବିଜୟୀ**

ନିମପୁର ଗ୍ରାଉଣ୍ଡରେ ଓଡ଼ିଶା ଗ୍ରୀନ ୩୭ ରନରେ ୟେଲୋକୁ ହରାଇଛି। ଟସ୍ ହାରି ଗ୍ରୀନ ପ୍ରଥମେ ବ୍ୟାଟିଂ କରି ୧୭ ଓଭରରେ ୪ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ଦଳର ପ୍ରତୀକ ଦାସ ୪୪, ଅଂଶୁମାନ ରଥ ୩୭ରନ କରିଥିବା ବେଳେ ୟେଲୋର ସଞ୍ଜୟ ପାତ୍ର ୩ ଉଇକେଟ ନେଇଥିଲେ। ଜବାବରେ ୟେଲୋ ୧୭ ଓଭରରେ ୯ ଉଇକେଟ ହରାଇ ୮୭ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଦଳର ରାକେଶ ଗୋଛାୟତ ୨୮ ରନ କରିଥିବା ବେଳେ ଗ୍ରୀନର ପ୍ରୟାସ ସିଂ ଓ ଦେବବ୍ରତ ପ୍ରଧାନ ୩ଟି ଲେଖାଏ ଉଇକେଟ ନେଇଥିଲେ।

**ଝାରସୁଗୁଡା ୭ ଉଇକେଟରେ ପରାସ୍ତ**

ରେଭେନ୍ସା ଗ୍ରାଉଣ୍ଡରେ ଝାରସୁଗୁଡା ୭ ଉଇକେଟରେ କଟକ ଏ'ଠାରୁ ପରାସ୍ତ ହୋଇଛି। ଟସ୍ ଜିତି ଝାରସୁଗୁଡା ୧୬.୩ ଓଭରରେ ୮୩ ରନ କରି ଅଲ୍‌ଆଉଟ ହୋଇଥିଲା। ଜବାବରେ କଟକ ଏ ୧୬.୧ ଓଭରରେ ୩ ଉଇକେଟ ହରାଇ ୮୪ ରନକରି ବିଜୟୀ ହୋଇଥିଲା। କଟକର ଅଭିଷେକ ରାଉତ ୨୭, ରାମଚନ୍ଦ୍ର ବେହେରା ଅପରାଜିତ ୨୬ ରନ କରିଥିବା ବେଳେ କଟକର ବିପ୍ଳବ ସାମନ୍ତରାୟ ସର୍ବାଧିକ ୪, ଜାବଲା ମହାପାତ୍ର ୩ ଉଇକେଟ ନେଇଥିଲେ।

**ଶେଖରଙ୍କୁ ୫ ଉଇକେଟ**

ରେଭେନ୍ସା ଗ୍ରାଉଣ୍ଡ-୨ରେ ରାଉରକେଲା ୬ ଉଇକେଟରେ ଓଡ଼ିଶା ରେଡଠାରୁ ହାରିଛି। ଟସ ଜିତି ରାଉରକେଲା ପ୍ରଥମେ ବ୍ୟାଟିଂ କରି ୧୯.୫ ଓଭରରେ ୧୧୮ ରନକରି ଅଲଆଉଟ ହୋଇଥିଲା। ଦଳର ସ୍ୱସ୍ତିକ ସାମଲ ୪୨ ରନକରିଥିବା ବେଳେ ରେଡ୍‌ର ଶେଖର ମାଝି ସର୍ବାଧିକ ୫ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ରେଡ୍ ୧୮.୨ ଓଭରରେ ୪ ଉଇକେଟ ହରାଇ ୧୨୦ ରନକରି ବିଜୟୀ ହୋଇଛି। ଅନୁରାଗ ଷଡ଼ଙ୍ଗୀ ୪୫, କାର୍ତ୍ତିକ ବିଶ୍ୱାଳ ୩୩ ରନ ସଂଗ୍ରହ କରିଥିଲେ।

**ପିଙ୍କ୍ ୬ ଉଇକେଟରେ ହାରିଲା**

ବିଡ଼ାନାସୀ ଗ୍ରାଉଣ୍ଡରେ ଓଡ଼ିଶା ଭାଓଲେଟ ୬ ଉଇକେଟରେ ପିଙ୍କ୍‌କୁ ହରାଇଛି। ଟସ୍ ଜିତି ପିଙ୍କ୍ ୪ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ବିଶ୍ୱଭୂଷଣ ବିହାରୀ ଅପରାଜିତ ୪୭, ଶୁଭମ ଶତ୍ରୁଜିତ ୪୪ ରନ କରିଥିବା ବେଳେ ଭାଓଲେଟର ସର୍ବେଶ୍ୱର ମହାନ୍ତି ୪ ଉଇକେଟ ନେଇଥିଲେ। ଜବାବରେ ଭାଓଲେଟ୍ ୧୯.୧ ଓଭରରେ ୪ ଉଇକେଟ ହରାଇ ୧୫୪ ରନ କରି ବିଜୟୀ ହୋଇଥିଲା। ଦଳର ମାରୋଜୁ ପ୍ରଶାନ୍ତ ୪୭, ଆଦିତ୍ୟ ରାଉତ ୪୦, ଶାନ୍ତନୁ ମିଶ୍ର ୨୯ ରନ ସଂଗ୍ରହ କରିଥିଲେ।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସ୍ୱଚ୍ଛ ଭାରତ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା

**ସମ୍ବଲପୁର,(ବ୍ୟୁରୋ):** ସ୍ୱଚ୍ଛ ଭାରତ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ମୁଦିପଡା ଲେବର କଲୋନୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସରସ୍ୱତୀ ସେଠ ପ୍ରଥମ, ନିଖିଳ ନାଗ ଦ୍ୱିତୀୟ ଓ କୁନାଲ କ୍ଷେତି ଏବଂ କ୍ଷିତିଶ ମହାକୁଡ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆୟୋଜକ ନୟନ ଅନୁଷ୍ଠାନ ସଭାନେତ୍ରୀ ସଂଗୀତା ବେହେରାଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଉପସଭାନେତ୍ରୀ ସୌଦାମିନୀ ବେହେରା ସୂଚନା ଓ ସମ୍ପାଦିକା ଲକ୍ଷ୍ମୀ କୁମ୍ଭାର ପ୍ରତିଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଜମନକିରା, ୩୦।୮ (ଡି.ଏନ୍.ଏ.):** ଜମନକିରା ଥାନା କୁରେଇବାହାଲ ଗାଁ ନିକଟ ୫୩ ନଂ. ରାଜପଥରେ ସୋମବାର ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦୁଝର ଜିଲା ତେଲକୋଇ ଥାନା ସିରିଆବାହାଲ ଗାଁର ମନୋରଞ୍ଜନ ନାୟକ (୨୨)। ପୋଲିସ ସୂଚନା ଅନୁଯାୟୀ ଭୋର ୫ଟା ସମୟରେ ମନୋରଞ୍ଜନ ଚାଲି ଚାଲି ଯାଉଥିବା ସମୟରେ କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନା ପଠାଇବା ସହ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ପୋଲିସ କହିଛି।

### ଆକ୍ରମଣ କରି ଲୁଟ୍

**ସମ୍ବଲପୁର,୩୦।୮ (ବ୍ୟୁରୋ):** ଯୁଯୁମୁରା ଥାନା ରାମବଡମାଲ ଗ୍ରାମ ନିକଟରେ କମଳ କୁମାର ମଣ୍ଡଳ (୨୬)ଙ୍କୁ ଆକ୍ରମଣ କରି ଦୁର୍ବୃତ୍ତମାନେ ୭ ହଜାର ଟଙ୍କା ସହ ମୋବାଇଲ ଫୋନ ଲୁଟି ନେଇଥିବା ଅଭିଯୋଗ ହୋଇଛି। କମଳ ଏବେ ବୁର୍ଲା ଭିମ୍‌ସାରରେ ଚିକିତ୍ସିତ ହେଉଛନ୍ତି। ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ କହିଛନ୍ତି, କମଳ ରାସ୍ତା କାମ କରୁଥିବା ଠିକା କମ୍ପାନୀର ପକ୍‌ଲିନ ଅପରେଟର ଭାବେ କାମ କରୁଛନ୍ତି। ସେ ରବିବାର ରାତିରେ ପକଲିନ ଓ ଅନ୍ୟ ମେଶିନ ଥିବା ସ୍ଥାନରେ ଶୋଇଥିଲେ। ଏହି ସମୟରେ ଯୁଯୁମୁରା ଅଞ୍ଚଳର ୫ରୁ ୬ ଜଣ ଦୁର୍ବୃତ୍ତ ପହଞ୍ଚି ମାରଣାସ୍ତ୍ର ଦେଖାଇ ଟଙ୍କା ମାଗିଥିଲେ। ବିରୋଧ କରିବାରୁ ସେମାନେ ଆକ୍ରମଣ କରି ଟଙ୍କା ଓ ମୋବାଇଲ ଫୋନ ନେଇଯାଇଥିଲେ। ଠିକା ସଂସ୍ଥାର କର୍ମଚାରୀ ଆସି ପୋଲିସକୁ ଜଣାଇବା ସହ ବୁର୍ଲା ମେଡିକାଲ ନେଇ ଚିକିତ୍ସା କରିଥିଲେ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ।

### ଜିଲା ଭାଜପା କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

**ଝାରସୁଗୁଡ଼ା ଅଫିସ,୩୦।୮:** ଝାରସୁଗୁଡ଼ା ଜିଲାରେ ଭାଜପାର ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। ସେହି ଅନୁଯାୟୀ ଜିଲା ସଦର ମହକୁମାର ରାଜ୍ୟ ରାଜପଥ ପାର୍ଶ୍ୱ ପଣ୍ଡରୀପଥର ନିକଟରେ ସୋମବାର ଜିଲା କାର୍ଯ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବରଗଡ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ଜିଲା ସଭାପତି ମଙ୍ଗଳ ସାହୁ, ଛଗନ ମୁଣ୍ଡା, ବିମଳେନ୍ଦୁ ଭୋଳ, ମହେଶ୍ୱର ନାୟକ, ନେତାଜୀ ପଟ୍ଟନାୟକ, ଦୀନେଶ ଜୈନ, ଦୀନେଶ ଉପାଧ୍ୟାୟ, ପ୍ରମୋଦ ସେନାପତି ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଜାତୀୟ କ୍ରୀଡ଼ା ଦିବସ

**ଝାରସୁଗୁଡ଼ା ଅଫିସ, ୩୦।୮:** ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ତରଫରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଭାରତୀୟ ହକି କିମ୍ବଦନ୍ତୀ ତଥା ହକି ଯାଦୁଗର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକ ଶାରୀରିକ ଓ ମାନସିକ ସନ୍ତୁଳନ ରକ୍ଷା ଲାଗି ଖେଳ କସରତ କରିବା ଜରୁରୀ ବୋଲି କହିଥିଲେ। କ୍ରୀଡ଼ାବିତ ଶିକ୍ଷକ ରାହାସ ବିହାରୀ ଦାଶ ଜାତୀୟ କ୍ରୀଡ଼ା ଦିବସ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ସୁବାସ ଚନ୍ଦ୍ର ମିଶ୍ର, ଏମ.ଭି.ଏଲ.ଏନ. ରାଓ, ପଞ୍ଚାନନ ପଟେଲ, ଅଲେଖ ବିହାରୀ ସାହୁ, ଅକ୍ଷୟ କୁମାର ପାଣି, ମମିତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱାତ୍ମା ବିଦ୍ୟାମନ୍ଦିର ପ୍ରତିଷ୍ଠା ଦିବସ

**ସମ୍ବଲପୁର,୩୦।୮ (ବ୍ୟୁରୋ):** ସମ୍ବଲପୁର ଝାଡୁଆପଡାଠାରେ ବିଶ୍ୱାତ୍ମା ବିଦ୍ୟାମନ୍ଦିରର ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱତନ୍ତ୍ର ଜନ୍ମାଷ୍ଟମୀ ପୂଜା ହୋଇଥିଲା। ସଭାପତି ପରମେଶ୍ୱର ଦାଶଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ବଲାଙ୍ଗୀର ବିଶ୍ୱାତ୍ମା ଚେତନା ପରିଷଦର ସାଧାରଣ ସମ୍ପାଦକ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ, ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର ଅତିଥି ଭାବେ ଯୋଗ ଦେଇ ଏହି ବିଦ୍ୟାମନ୍ଦିରକୁ ଏକ ଆଦର୍ଶ ଅନୁଷ୍ଠାନ ରୂପେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟା ଡ.ଶ୍ରୀଲତା ମିଶ୍ର, ଦେବଯାନୀ ମିଶ୍ର, ଡା. ସୁଚେତାରାଣୀ ମହାପାତ୍ର, ଭାରପ୍ରାପ୍ତ ଅଧକ୍ଷା ରଞ୍ଜିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରି ହୋଇଗଲା ଜବତ ସାର

- କାଠଗଡ଼ାରେ କୃଷି ବିଭାଗ, ମାର୍କଫେଡ୍, ଡିଲର
- ଯାହା ପାଖରୁ ଜବତ ତାକୁ ପୁଣି ଜିମା
- ଥାନାରେ ମାମଲା, ଦୁର୍ବୃତ୍ତ ଫେରାର

**ସମ୍ବଲପୁର/ରେଢ଼ାଖୋଲ, ୩୦।୮ (ବ୍ୟୁରୋ/ଡି.ଏନ.ଏ.)**

ସମ୍ବଲପୁର ଜିଲା ଚାରମାଲ ଥାନା ରାଶିବେଡା ଗ୍ରାମରେ ଅଗଷ୍ଟ ୨୮ରେ କୃଷି ବିଭାଗ ଚଢାଉ କରି ୫୬୦ ବସ୍ତା ୟୁରିଆ ସାର ଜବତ କରିଥିଲା। ଗ୍ରାମର କ୍ଷମାସାଗର ସ୍ୱାଇଁ ନିର୍ମାଣ କରିଥିବା ଗୋଦାମ ଗୃହରୁ ଏହି ସାର ଜବତ ହୋଇଥିଲା। କ୍ଷମାସାଗର ଫେରାର ଥିବାବେଳେ ତାଙ୍କ ବାପା ତ୍ରିଲୋଚନ ସ୍ୱାଇଁଙ୍କୁ କୃଷି ବିଭାଗ ଜବତ ସାର ଜିମା ଦେଇଥିଲା। କୃଷି ବିଭାଗର ଖାମଖିଆଲି ମନୋଭାବ ଯୋଗୁ ଜବତ ସାର ଗୋଦାମରୁ ଚୋରି ହୋଇଯାଇଛି। କୃଷି ବିଭାଗ ଅଧିକାରୀ ଡିଲେଶ୍ୱର ସାହୁ ରବିବାର ଏ ନେଇ ଚାରମାଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ଫେରାର ଥିବାବେଳେ ସେମାନଙ୍କୁ ଗିରଫ ପାଇଁ ଉଦ୍ୟମ ହେଉଥିବା ପୋଲିସ କହିଛି।

ୟୁରିଆ ସାର କଳାବଜାର ଘଟଣାରେ କୃଷି ବିଭାଗ ସହିତ ମାର୍କଫେଡ ସଂସ୍ଥାର ଅଧିକାରୀ ଓ ଅନିମା ସିଡ୍‌ସ ନାମକ ଡିଲର କାଠଗଡାକୁ ଆସିଯାଇଛନ୍ତି। କୃଷି ବିଭାଗ ଏତେ ପରିମାଣ ସାର ଜବତ କଲା ପରେ ମାମଲାକୁ ହାଲୁକା ଭାବେ ନେଇଥିଲା। ଯାହାଠାରୁ ଜବତ ହୋଇଥିଲା ସେହି ପରିବାରକୁ ସାର ରଖିବା ଦାୟିତ୍ୱ ଦେଇଥିଲା। ଜବତ ପରେ ନିୟମ ଅନୁସାରେ ନିକଟସ୍ଥ ଡିଲରଙ୍କୁ ଦେବା କଥା ବୋଲି ସ୍ଥାନୀୟ ଚାଷୀ କହିଛନ୍ତି। କୃଷି ଅଧିକାରୀଙ୍କୁ ମାଜିଷ୍ଟ୍ରେଟ କ୍ଷମତା ଦିଆଯାଇଛି। ହେଲେ ନିଜ ପକ୍ଷରୁ ଏକ ତାଲା ମାରିଦେଇ ଚୁପ ବସିଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ରାତିରେ ଟ୍ରକ୍ ଓ ପିକଅପ୍ ଲଗାଇ ଚୋରି କରିନେଇଥିବା କୁହାଯାଉଛି। ସାର ବଣ୍ଟନ ମାର୍କଫେଡ ମାଧ୍ୟମରେ ହୋଇଥାଏ। ରେକ୍ ପଏଣ୍ଟରୁ ସାର ଲୋଡ୍ ହୋଇ ଡିଲର କିମ୍ବା ସମବାୟ ସମିତି ପାଖକୁ ଯିବା ପର୍ଯ୍ୟନ୍ତ ଯାଞ୍ଚ କରିବା ପାଇଁ ଦାୟିତ୍ୱ ରହିଛି। ହେଲେ ଏହା ନ ହେବାରୁ ଜୁଲାଇ ୧୩ରେ ସାର ଯାଇ ରାଶିବେଡା ଗ୍ରାମରେ ଅନ୍‌ଲୋଡ ହୋଇଥିଲା। ଏହିଦିନ ରାଶିବେଡା ଗ୍ରାମ ଗୋଦାମରେ ୨ଟି ଟ୍ରକ୍‌ରେ ସାର ଖାଲି ହୋଇଥିଲା। ଅନିମା ସିଡ୍‌ସ ନାମକ ଡିଲରଙ୍କ ପାଖରୁ ଟ୍ରକ୍ ନଂ. ଓଡି୧୪ଆର-୧୦୫୦ରେ ୨୭.୯ ମେଟ୍ରିକ ଟନ୍ ଅର୍ଥାତ୍ ୬୨୦ ବସ୍ତା ଓ ଓଡି୧୪ଆର-୨୦୫୦ନଂ. ଟ୍ରକ୍‌ରେ ୨୭.୯ ମେଟ୍ରିକ ଟନ୍ ଅର୍ଥାତ୍ ୬୨୦ ବସ୍ତା ସାର ଅନୁଗୋଳ ମାର୍କଫେଡକୁ ଯାଇଥିବା ଦର୍ଶାଯାଇଛି। ଅନିମା ସିଡ୍‌ସରୁ ସାର ଆଣିଥିବା ନେଇ ତ୍ରିଲୋଚନ କୃଷି ବିଭାଗକୁ କହିବା ସହ ଏକ କାଗଜ ଦେଖାଇଥିଲେ। କୃଷି ବିଭାଗ ଉକ୍ତ କାଗଜ ଜବତ କରିଥିବାରୁ ଡିଲର ସନ୍ଦେହ ଘେରକୁ ଆସୁଥିବା ଚର୍ଚ୍ଚା ହେଉଛି। ସମସ୍ତେ କିଭଳି ମିଳିମିଶି ସାର କଳାବଜାର କରୁଛନ୍ତି ଏହା ତାହାର ଏକ ଉଦାହରଣ ବୋଲି ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଆଶୋକ ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ରେଢାଖୋଲ ଜିଲା କୃଷି ଅଧିକାରୀ ଦିଲୀପ ନାଏକ କହିଛନ୍ତି, ଜବତ ହେବା ପରେ ସରକାରୀ ହୋଇଯାଇଥାଏ। ସରକାରୀ ସମ୍ପତ୍ତି ଚୋରି ଅଭିଯୋଗରେ ଜିମା ନେଇଥିବା ତ୍ରିଲୋଚନ ଓ କ୍ଷମାସାଗରଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଛି। ଛୁଟି ପଡିଥିବାରୁ ବିଭାଗୀୟ ତଦନ୍ତରେ ବିଳମ୍ବ ହୋଇଛି। ସାର କେଉଁଠୁ ଆସିଲା, କିଏ ଦେଇଥିଲା ସେ ନେଇ ବିଭାଗୀୟ ତଦନ୍ତ ହୋଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଝାରସୁଗୁଡ଼ା ଜିଲାରେ ସେରୋ ସର୍ଭେ



ରାମପୁର କେନ୍ଦ୍ରରେ ଲୋକଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଉଛି।

**ଝାରସୁଗୁଡ଼ା ଅଫିସ,୩୦।୮**

## ୫ଦିନରେ ସଂଗ୍ରହ ହେବ ୫ଶହ ରକ୍ତ ନମୁନା

କୋଭିଡ୍ ତୃତୀୟ ଲହରକୁ ଦୃଷ୍ଟିରେ ରଖି ରିଜିଓନାଲ୍ ମେଡିକାଲ୍ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି) ଭୁବନେଶ୍ୱର ତରଫରୁ ରାଜ୍ୟର କେତେକ ଜିଲାରେ ସେରୋ ସର୍ଭେ ଆରମ୍ଭ ହୋଇଛି। ସୋମବାର ଝାରସୁଗୁଡା ଜିଲାରେ ଏହି ସର୍ଭେ କରାଯାଇଛି। ଆର୍‌ଏମ୍‌ଆର୍‌ସିର ଏକ ୫ଜଣିଆ ଟିମ୍ ୨ଭାଗରେ ବିଭକ୍ତ ହୋଇ ସର୍ଭେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଜିଲାରେ ସମୁଦାୟ ୧୦ଟି ରକ୍ତ ନମୁନା ସଂଗ୍ରହ କେନ୍ଦ୍ର ଖୋଲାଯିବ। ଏଥିମଧ୍ୟରେ ଝାରସୁଗୁଡା ବ୍ଲକ୍ ରାମପୁର ଓ କୋଇଲଗା ଗ୍ରାମ, ଝାରସୁଗୁଡା ସଦର ବ୍ଲକ୍‌ର ୯ନଂ ଓ ୧୪ନଂ ୱାର୍ଡ, ଲଖନପୁର ବ୍ଲକ୍‌ର ଉବୁଡା, ସାଗରପାଲି ଓ ପିପିଲିମାଲ ଗ୍ରାମ, କୋଲାବିରା ବ୍ଲକ୍ ସିରିଆପାଲି, କୁନ୍ଦସିଂହା, ଲଇକେରା ବ୍ଲକ୍ ମୟୂରଡିମା ଗ୍ରାମ ରହିଛି। ପ୍ରତି କେନ୍ଦ୍ରରୁ ସମୁଦାୟ ୪୦ନମୁନା ସଂଗ୍ରହ କରାଯିବ। ଏଥିମଧ୍ୟରେ ୬ରୁ ୯ବର୍ଷ ବୟସ୍କ ୪ଜଣ ଶିଶୁ, ୧୦ରୁ ୧୭ବର୍ଷ ବୟସ୍କ ୮ଜଣ, ୧୮ରୁ ଊର୍ଦ୍ଧ୍ୱ ବୟସ୍କ ୨୮ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯିବ। ଏହା ସହିତ ୧ଶହ ଜଣ ଆଗଧାଡିର କରୋନା ଯୋଦ୍ଧାଙ୍କ ରକ୍ତ ନମୁନା ସଂଗ୍ରହ କରାଯିବ। ଏଥିମଧ୍ୟରେ ସ୍ୱାସ୍ଥ୍ୟକର୍ମୀ, ସଫେଇ କର୍ମଚାରୀ, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ରହିଛନ୍ତି। ଟିକା ନେଇଥିବା ଓ ନ ନେଇଥିବା, କୋଭିଡ୍‌ରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିବା ଲୋକଙ୍କ ନିକଟରୁ ରକ୍ତ ନମୁନା ସଂଗ୍ରହ କରାଯିବ। ପ୍ରଥମ ଦିନରେ ଝାରସୁଗୁଡ଼ା ବ୍ଲକ୍‌ର ରାମପୁର ଓ କୋଇଲଗା ଗ୍ରାମରେ ୨ଟି ରକ୍ତ ନମୁନା ସଂଗ୍ରହ କେନ୍ଦ୍ର ଆରମ୍ଭ ହୋଇଥିଲା ବୋଲି ଜିଲା ଅତିରିକ୍ତ ଚିକିତ୍ସକ ଡା. ଡୋଲାମଣି ପଟେଲ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଜିଲାରେ ୫ଦିନ ଧରି ଚାଲିବ।

# ଫସଲବୀମା ପାଇଁ ଚାଷୀ ଏକାଠି



ଯୁଯୁମୁରା ଆର୍‌ଏମ୍‌ସି ପ୍ରାଙ୍ଗଣରେ ଚାଷୀମାନଙ୍କ ବୈଠକ।

**ସମ୍ବଲପୁର,୩୦।୮ (ବ୍ୟୁରୋ)**

ଯୁଯୁମୁରା ବ୍ଲକ ବେହେରେନବସା କଲ୍ୟାଣ ମଣ୍ଡପରେ ୪ ପଞ୍ଚାୟତର ଚାଷୀ ସୋମବାର ଏକାଠି ହୋଇଛନ୍ତି। ୨୦୨୦ ମସିହା ଖରିଫ ସମୟରେ ପ୍ରଧାନମନ୍ତ୍ରୀ ଫସଲବୀମା ନ ମିଳିବା ପ୍ରସଙ୍ଗରେ ସେମାନେ ଆଲୋଚନା କରିଛନ୍ତି। ସେମାନେ ଦର୍ଶାଇଥିଲେ, ଆର୍ଥିକ ବର୍ଷ ୨୦୨୦-୨୧ରେ ପ୍ରଧାନମନ୍ତ୍ରୀ ଫସଲବୀମା ଟଙ୍କା ଏ ପର୍ଯ୍ୟନ୍ତ ମିଳିନାହିଁ। ଯୁଯୁମୁରା ବ୍ଲକର ଅନ୍ୟ ପଞ୍ଚାୟତରେ ବୀମା ଟଙ୍କା ମିଳିଥିବାବେଳେ କୟାକୁଦ, ଲିପିଣ୍ଡା, ଗଡଲୁଇସିଂ, କେଶାପାଲି ପଞ୍ଚାୟତର ଚାଷୀମାନେ ପାଇ ନାହାନ୍ତି। ରାଜସ୍ୱ ବିଭାଗ, ପରିସଂଖ୍ୟାନ ବିଭାଗ ମିଳିତ ଭାବେ ସର୍ଭେ କରି ରିପୋର୍ଟ ପ୍ରଦାନ କରିଥିଲେ। ହେଲେ ଟଙ୍କା ଦେବା ସମୟରେ ଚଞ୍ଚକତା କରି ଦିଆଯାଇ ନ ଥିଲା। କୃଷି ବିଭାଗ, ପ୍ରଶାସନ, ବୀମା କମ୍ପାନୀ ପାଖରେ ଅଭିଯୋଗ କଲେ ମଧ ଶୁଣୁ ନାହାନ୍ତି। ଶେଷଥର ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କର ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀଙ୍କୁ ଅନୁରୋଧ କରାଯିବ। ସମାଧାନ ନ ହେଲେ ଆନ୍ଦୋଳନ କରିବେ ବୋଲି ସ୍ଥିର ହୋଇଥିଲା। ନିରଞ୍ଜନ ସାହୁ, ନବୀନ ବିଶ୍ୱାଳ, ରମା ବେହେରା, ଅଶୋକ ଭୋଇ, ବିଶ୍ୱାମିତ୍ର ବିଶ୍ୱାଳ, ପ୍ରଫୁଲ୍ଲ ରଣା, ଦସରଥ ପ୍ରଧାନ, ସଞ୍ଜୀବ ବିଶ୍ୱାଳ, କିଶୋର ପ୍ରଧାନଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ଟିକାକରଣ ଶିବିର ଉଦ୍‌ଘାଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ଝାରସୁଗୁଡ଼ା ଅଫିସ,୩୦।୮:** ଝାରସୁଗୁଡା ଆଜାଦ୍ ହିନ୍ଦ୍ କ୍ଲବ୍ ତରଫରୁ ସ୍ଥାନୀୟ ଝଣ୍ଡାଛକସ୍ଥିତ ଗୁଜୁରାଟି ପ୍ରାଥମିକ ସ୍କୁଲ୍ ଓ ଏଇତ ଜୀବନ ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ ସରବାହାଲ ଏମ୍‌ଇ ସ୍କୁଲ୍ ପରିସରରେ ସୋମବାର ଟିକାକରଣ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ପ୍ରଥମ ଓ ଦ୍ୱିତୀୟ ଡୋଜ୍‌ପାଇଁ ୨ଶହ ଟିକା ବ୍ୟବସ୍ଥା କରାଯାଇଥିଲା। ଲୋକେ ଶାନ୍ତିଶୃଙ୍ଖଳା ସହିତ ଟିକା ଗ୍ରହଣ କରିଥିଲେ। ମନ୍ତ୍ରୀ ଦାସ କହିଥିଲେ, ଆମେ ସ୍ୱେଚ୍ଛାକୃତ ଭାବେ ସହଯୋଗର ହାତ ବଢାଇଲେ କରୋନାକୁ ହରାଇପାରିବା। ଏଥିପାଇଁ ସେ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କୁ ଆଗେଇ ଆସିବା ପାଇଁ ଆହ୍ୱାନ କରିଥିଲେ। ଏଥିରେ ଆଜାଦ୍ ହିନ୍ଦ୍ କ୍ଲବ୍ କର୍ମକର୍ତ୍ତାଙ୍କ ମଧ୍ୟରେ ମହତାବ ଖାନ, ସୋଏବ ରଜବି, ମହମ୍ମଦ ଓସିମ୍, ମହମ୍ମଦ ଅଲିମ୍, ରାକେଶ ଶ୍ରୀବାସ,ରାହୁଲ ବଣିକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଏଇତ ଜୀବନ ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ ସୁଜାତା ମିଶ୍ର, ସଞ୍ଜନା ସାହୁ, କବିତା ପଣ୍ଡା, ମିନର୍ଭା ପଣ୍ଡା, ଗୀତାଞ୍ଜଳି ଗୋରପୁଷ୍ପା ପଣ୍ଡା, ବନ୍ଦନା ପଟେଲ ପ୍ରମୁଖ ସହଯୋଗ କରିଥିଲେ।

MCL
ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ କ୍ରୟ ସମ୍ପାଦନ କରାଯାଏ।"
R-5069

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଲେ ବିଧାୟକ

## ଦୂରଦର୍ଶନ କେନ୍ଦ୍ର ଉଠିଯିବା ପ୍ରସଙ୍ଗ

**ସମ୍ବଲପୁର,୩୦।୮ (ବ୍ୟୁରୋ)**

ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର ଉଠିଯିବାକୁ ନେଇ ଜିଲା ସମେତ ପଶ୍ଚିମ ଓଡ଼ିଶାରେ ଅସନ୍ତୋଷ ଦେଖାଦେଇଛି। ରବିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭାଜପାର ଏକ ପ୍ରତିନିଧି ଦଳ ଭେଟି ଏ ସମ୍ପର୍କରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିମଧରେ ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ ଓ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ଜିଲା ପ୍ରଭାରୀ ଟଙ୍କଧର ତ୍ରିପାଠୀ ରହିଥିଲେ। ସେମାନେ ଦର୍ଶାଇଥିଲେ, ୧୯୭୮ ମସିହାରେ ଏହି କେନ୍ଦ୍ର ଆରମ୍ଭ ହୋଇଥିଲା। ରାଜ୍ୟରେ ପ୍ରଥମ ଓ ଦେଶରେ ଅଷ୍ଟମ କେନ୍ଦ୍ର ଅଟେ। ପ୍ରାୟ ୪୦ବର୍ଷ ଧରି ଏହି କେନ୍ଦ୍ର ମନୋରଞ୍ଜନ, ସଂସ୍କୃତି, ପରମ୍ପରା ଉପରେ ସୂଚନା ଦେଇଆସୁଥିଲା। କିନ୍ତୁ କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରିଦିଆଯାଇଛି। ନିଷ୍ପତ୍ତି ପ୍ରତ୍ୟାହାର ନେଇ ଆନ୍ଦୋଳନ ଜାରି ରହିଛି। ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସହ କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଉ ବୋଲି ଦାବି କରିଛନ୍ତି।



କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବା ଅବସରରେ ଦୁଇ ବିଧାୟକ ଓ ଜିଲା ପ୍ରଭାରୀ।

## ଯାଦବ ସମାଜର ଜନ୍ମାଷ୍ଟମୀ

**ସମ୍ବଲପୁର,୩୦।୮ (ବ୍ୟୁରୋ):** ସମ୍ବଲପୁର ଜିଲା ଯାଦବ ସମାଜ ପକ୍ଷରୁ ସୋମବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ସହରସ୍ଥିତ ବିଭିନ୍ନ ରାଧାକୃଷ୍ଣ ମନ୍ଦିରରେ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ସାମୂହିକ ଦୀପ ଦାନ କରାଯାଇଥିଲା। ସଂଘ ସଭାପତି ଭୋଳାଶଙ୍କର ମହନ୍ତମ ପରିଚାଳନା ଓ ଉପସଭାପତି ରାମଚନ୍ଦ୍ର ପୋଢ ସଂଯୋଜନା କରଥିଲେ।

ODISHA COOPERATIVE TASAR & SILK FEDERATION LTD. (SERIFED)
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in
No.VI-28(09)/Serifed/2021-22/744 Dt.27.08.2021

CORRIGENDUM NOTICE

Corrigendum to Bid Identification No :-
VI-28(09)/SERIFED/2021-22/813/Dt.13.07.2021

Online Tender for the work **"Construction, Interior and Exterior Decoration of Multistoried Mega Showroom of Boyanika"** at Bargarh could not be available in e-procurement portal due to some technical reasons. The tender will be available in e-portal from **06.09.2021** upto **5.00 PM** on **29.09.2021** and will be opened at **11.30 AM** on **30.09.2021**.

Sd/-
MANAGING DIRECTOR

OFFICE OF THE DISTRICT MANAGER
ODISHA STATE CIVIL SUPPLIES CORPORATION LTD. (OSCSC)
PURI DISTRICT
Phone : 06752-222228, District Web site : www.puri.nic.in

Tender No. 2658 Date : 27.08.2021

District Manager, Odisha State Civil Supplies Corporation Ltd., Puri (District) invites re-tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of (i) Level-I Transport Contractor for transportation of foodgrains from FSD, FCI to RRCs. |
| 2 | Availability of bid document in the portal | From **02.09.2021** (Date) |
| 3 | Last Date / Time for receipt of bids in the portal | Dt.**09.09.2021** up to **04.00 PM** |
| 4 | Date/Time of Opening of Technical bid | Dt.**13.09.2021** at **11.30 AM** |
| 5 | Name and address of Officer Inviting Tender | **District Manager**, OSCSC Ltd., Puri District |

Tender Documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/-
District Manager,
O.S.C.S.C. Ltd., Puri

# ବାଲିଶଯ୍ୟା ନିଲାମକୁ ଅଞ୍ଚଳବାସୀଙ୍କ ବିରୋଧ

## ବାତିଲ ନ ହେଲେ ଆନ୍ଦୋଳନ ଚେତାବନୀ

**ଝାରସୁଗୁଡ଼ା ଅଫିସ,୩୦।୮**

ଝାରସୁଗୁଡ଼ା ଜିଲା ଲଖନପୁର ତହସିଲ ଅନ୍ତର୍ଗତ ଭିଖମପାଲି ଗ୍ରାମ ନିକଟରେ ଥିବା କେଲୋ ନଦୀ ବାଲିଶଯ୍ୟା ନିଲାମକୁ ଅଞ୍ଚଳବାସୀ ବିରୋଧ କରିଆସୁଛନ୍ତି। ଏହି ଅବସରରେ ଭିଖମପାଲି ପଞ୍ଚାୟତ ରାଜୀବ ଭବନରେ ସୋମବାର ରବିରତ୍ନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭିଖମପାଲି, ଅତାବିରା, ପଞ୍ଚଗାଁ, ମଚିଦା ଓ କତରବଗା ପଞ୍ଚାୟତର ଜନପ୍ରତିନିଧି ଓ ସଚେତନ ନାଗରିକ ଯୋଗଦେଇଥିଲେ। ଏଥିମଧ୍ୟରେ ଭିଖମପାଲି ସରପଞ୍ଚ କୃଷ୍ଣ କାଲୋ, ସମିତିସଭ୍ୟ ସୁନ୍ଦରଲାଲ ସେଠ୍, କତରବଗା ସରପଞ୍ଚ ରୋହିତ ଧୁରୁଆ, ମଚିଦା ସରପଞ୍ଚ ଜିତେନ୍ ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ।

ରାଜସ୍ୱ ବିଭାଗ ତରଫରୁ ଏହି ବାଲିଶଯ୍ୟାକୁ ଶ୍ରୀ ବାଲାଜୀ ଇଞ୍ଜିକନ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ନିଲାମ ପ୍ରଦାନ କରାଯାଇଛି। ଏ ନେଇ ଝାରସୁଗୁଡା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ପରିବେଶ ମଞ୍ଜୁରୀ ପାଇଁ ମଙ୍ଗଳବାର ଛୁଇଁପାଲି ଗ୍ରାମରେ ଜନଶୁଣାଣି ରଖାଯାଇଛି। ଏ ସମ୍ପର୍କରେ ରାଜସ୍ୱ ବିଭାଗ ତରଫରୁ ଭିଖମପାଲି ପଞ୍ଚାୟତକୁ ୨ଦିନ ପୂର୍ବରୁ ନୋଟିସ୍ ମାଧ୍ୟମରେ ସୂଚନା ଦିଆଯାଇଛି। ଏହା ଜାଣିବା ପରେ ସ୍ଥାନୀୟ ଲୋକେ ବାଲିଶଯ୍ୟା ନିଲାମକୁ ବିରୋଧ କରିଛନ୍ତି। ମଙ୍ଗଳବାର ହେବାକୁ ଥିବା ପରିବେଶ ମଞ୍ଜୁରୀ ଜନଶୁଣାଣିକୁ କଡା ବିରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ନଦୀଶଯ୍ୟାରୁ ଲୋକେ ବାଲି ଆଣି ନିଜର ଘରଦ୍ୱାର ନିର୍ମାଣ କରିଥାନ୍ତି। ଏହାକୁ ନିଲାମ ଦିଆଗଲେ ଲୋକେ ନିଜ ବ୍ୟବହାର ପାଇଁ ବାଲି ଆଣିପାରିବେ ନାହିଁ। ଏଥିପାଇଁ ସେମାନଙ୍କୁ ମହାନଦୀ ଓ ପଡୋଶୀ ଛତିଶଗଡ ରାଜ୍ୟ ଉପରେ ନିର୍ଭର କରିବା ସହିତ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡିବ। ଏଠାରେ ବାଲି ଉତ୍ତୋଳନ ପାଇଁ ଅହରହ ମେଶିନ ଓ ହାଇୱା ବ୍ୟବହାର ହେଲେ ଶବ୍ଦ ଓ ବାୟୁ ପ୍ରଦୂଷଣ ହେବ। ହାଇୱା ଯୋଗେ ବାହାରକୁ ବାଲି ପରିବହନ ହେଲେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିବ। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେରଖି ଏହି ନିଲାମକୁ ରାଜସ୍ୱ ବିଭାଗ ବାତିଲ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ସେମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।



ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଞ୍ଚଳବାସୀ।

କଟକ ମହାନଗର ନିଗମ
ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୧ ପାଳନ
ଅବସରରେ ନଗରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
No.C-845:-

କଟକ ସହରର ସଚେତନ ନାଗରିକମାନଙ୍କୁ ନିବେଦନ

- ଯଦି ଆପଣଙ୍କ ନିକଟରେ କିମ୍ବା ଆଖପାଖ ସ୍ଥାନରେ କୌଣସି ବ୍ୟକ୍ତି ଜ୍ୱର, କାଶ କିମ୍ବା ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି, ତେବେ ତୁରନ୍ତ କଟକ ମହାନଗର ନିଗମ ନିୟନ୍ତ୍ରଣ କକ୍ଷ ଫୋନ୍ ନଂ.- ୭୦୭୭୭୭୫୫୫୫ରେ ଯୋଗାଯୋଗ କରନ୍ତୁ।
- ଏଡିସ୍ ମଶା ଦ୍ୱାରା ଡେଙ୍ଗୁ ରୋଗ ସଂକ୍ରମିତ ହୋଇଥାଏ। ଏହି ମଶା ଦିନବେଳା କାମୁଡେ। ଜ୍ୱର ସହିତ ହାଡ଼ ଓ ଗଣ୍ଠି ବିନ୍ଧାହୁଏ ଓ କେତେକଙ୍କ ଶରୀରରେ ଲାଲ୍ ହୋଇ ଫଳିଯାଏ। ଏପରି ଲକ୍ଷଣ ଦେଖାଗଲେ ନିକଟରେ ଥିବା ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କୁ ପରାମର୍ଶ କରନ୍ତୁ। ଏଡିସ୍ ମଶା ବଂଶ ବୃଦ୍ଧି ହେବାର ମୁଖ୍ୟ ସ୍ଥାନ ଘର ସମ୍ମୁଖରେ ପଡିଥିବା ମାଠିଆ, କଟା ପଇଡ଼ ଏବଂ ଟାୟାର ରଖାଯାଇଥିବା ସ୍ଥାନରେ ବର୍ଷାପାଣି ଜମିରହିବା ଦ୍ୱାରା ଏହି ମଶା ବଂଶର ବୃଦ୍ଧି ହୋଇଥାଏ। ତେଣୁ ଏହି ସବୁ ସ୍ଥାନରେ ପାଣି ଜମିବାକୁ ଦିଅନ୍ତୁ ନାହିଁ।
- କଟକ ମହାଗର ନିଗମ କଟକ ସହରର ସଚେତନ ନାଗରିକମାନଙ୍କର ସକ୍ରିୟ ସହଯୋଗ ନେଇ ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତା ମାଧ୍ୟମରେ ଏକ ବିକାଶମୁଖୀ ବୃହତ୍ତର କଟକ ନିର୍ମାଣ କରିବା ପାଇଁ ସଂକଳ୍ପବଦ୍ଧ। ଏଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ଜନସାଧାରଣଙ୍କର ସହଯୋଗ ଏକାନ୍ତ କାମ୍ୟ।
- ନିଗମର ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନ ପରିସର ପରିଷ୍କାର ରଖିବା ସହ ରାସ୍ତା କଡ଼ରେ କିମ୍ବା ଖାଲି ଜାଗାରେ କୌଣସି ବର୍ଜ୍ୟବସ୍ତୁ ପକାନ୍ତୁ ନାହିଁ ଏବଂ ଏଥିପାଇଁ ପାଖରେ ଥିବା ଡଷ୍ଟବିନ୍ କିମ୍ବା ମଇଳା ପଡ଼ିବା ସ୍ଥାନ ବ୍ୟବହାର କରି ସ୍ୱାସ୍ଥ୍ୟ, ପରିମଳ ଓ ପରିବେଶ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରନ୍ତୁ।
- ନିଗମ ଦ୍ୱାରା ସହର ମଧ୍ୟରେ ପଲିଥିନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଥିବା ଦୃଷ୍ଟିରୁ, ଏହାର ବିକଳ୍ପକୁ ବ୍ୟବହାର କରିବା ପାଇଁ ବଦ୍ଧପରିକର ହୋଇ, ପଲିଥିନ୍‌କୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବା ନିମନ୍ତେ ସମସ୍ତ ସହଯୋଗ ପ୍ରଦାନ କରନ୍ତୁ।

ଶ୍ରୀମତୀ ଅନନ୍ୟା ଦାସ, ଭା.ପ୍ର.ସେ
ଆୟୁକ୍ତ

ଶ୍ରୀଯୁକ୍ତ ଅନିଲ କୁମାର ସାମଲ, ଭା.ପ୍ର.ସେ
ପ୍ରଶାସକ

OIPR-13031/11/0024/2122

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୩୧ ଅଗଷ୍ଟ ,୨୦୨୧

## ବଳିଦାନ ଦିବସ ପାଳିତ

ଦେବଗଡ଼, (ଡି.ଏନ.ଏ.): ଜନ୍ମାଷ୍ଟମୀ ଅବସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଧର୍ମ ଜାଗରଣ ବିଭାଗ ଆନୁକୂଲ୍ୟରେ ସ୍ୱାମୀ ଲକ୍ଷଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ତଥା ଧର୍ମରକ୍ଷା ଦିବସ ପାଳନ କରାଯାଇଥିଲା। ସ୍ୱାମୀଜୀଙ୍କୁ ପୁଷ୍ପ ଅର୍ପଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବକ୍ତା ଭାବରେ ପୂର୍ବତନ ପ୍ରଚାରକ ସନ୍ତୋଷ କୁମାର କର ସ୍ୱାମୀଙ୍କ ସହିତ ସେ କରିଥିବା କାମର ଅନୁଭୂତି ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଭାବରେ କଳା +୨ କଲେଜର ଅଧାପକ ସୁକାନ୍ତ କୁମାର ସାହୁ ହିନ୍ଦୁଧର୍ମ ରକ୍ଷା ପାଇଁ ବଳିଦାନ ଦେଇଥିବା ଅନ୍ୟ ସାଧୁ ସନ୍ଥଙ୍କ ବିଷୟରେ ଆଲୋକପାତ କରିଥିଲେ। ସଭାକୁ ରାଜୁ କୁମାର ଦାସ ସଂଯୋଜନା କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ସଂଘ ପରିବାର ଉପସ୍ଥିତ ଥିଲେ।



# ମରୁଡ଼ି ପରିସ୍ଥିତି ଦେଖି ଉଦ୍‌ବେଗ

## ସାଂସଦ, ବିଧାୟକ, ଭାଜପା ପ୍ରତିନିଧି ମଣ୍ଡଳୀଙ୍କ ମରୁଡ଼ି ଅଞ୍ଚଳ ଗସ୍ତ

ସୁନ୍ଦରଗଡ଼, ୩୦।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଭାଜପା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ନେତୃତ୍ୱରେ ସୋମବାର ସୁନ୍ଦରଗଡ଼ ସାଂସଦ ତଥା ସଂସଦୀୟ ପ୍ରତିରକ୍ଷା କମିଟିର ଅଧ୍ୟକ୍ଷ ଜୁଏଲ ଓରାମ, ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ ପ୍ରମୁଖ ଜିଲାର ମରୁଡ଼ି ଅଞ୍ଚଳଗସ୍ତ କରିଥିଲେ। ଚଳିତବର୍ଷ ସ୍ୱଳ୍ପ ମୌସୁମୀ ବର୍ଷା ହେବା ଯୋଗୁ ଉପୁଜିଥିବା ଉତ୍କଟ ମରୁଡ଼ି ସମସ୍ୟାର ସରଜମିନ ଅନୁଧ୍ୟାନ କରିଥିଲେ। ହେମଗିର ବ୍ଲକ କେନ୍ଦୁଡ଼ିହି ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଡ଼ିହି, ବାଦିହଲ, ଡୁଙ୍ଗରିଡ଼ିହି, ଗର୍ଜନଜୋର ପଞ୍ଚାୟତ ଅନ୍ତର୍ଗତ ଗର୍ଜନଜୋର, କୁଅଁରକେଲା, ନୂଆଡ଼ିହି, ଲେଫ୍ରିପଡ଼ା ବ୍ଲକ ଝୁରିମାଲ ପଞ୍ଚାୟତ ଅନ୍ତର୍ଗତ ଝୁରିମାଲ ଏବଂ ଟାଙ୍ଗରପାଲି ବ୍ଲକ ତସଲାଡ଼ିହି ପଞ୍ଚାୟତ ଅନ୍ତର୍ଗତ ବେଲକିଡ଼ିହି ଆଦି ଗ୍ରାମକୁ ଯାଇ ମରୁଡି ପରିସ୍ଥିତି ଅନୁଧ୍ୟାନ କରିବା ସହ ଚାଷୀଙ୍କର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସମସ୍ତ ଗ୍ରାମର କୃଷକମାନେ ମରୁଡ଼ି ଅଞ୍ଚଳ ଘୋଷଣା କରିବା ପାଇଁ ସାଂସଦ ଓ ବିଧାୟକଙ୍କୁ ସ୍ମାରକପତ୍ର ଦେଇ ମରୁଡ଼ି ଘୋଷଣା ପାଇଁ ଦାବି କରିଥିଲେ। ଅଞ୍ଚଳରେ ମରୁଡ଼ି ଓ କୃଷକଙ୍କର ସମସ୍ତ ସମସ୍ୟାକୁ ନେଇ ସାଂସଦ, ବିଧାୟକ ଓ ଜିଲା ଭାଜପା ପ୍ରତିନିଧି ମଣ୍ଡଳୀ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ମରୁଡ଼ି ଘୋଷଣା କରିବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତ ସମୟରେ ଜାତୀୟ ପରିଷଦ ସଭ୍ୟ ପ୍ରେମସାଗର ଓରାମ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବଟକିଶୋର ମିଶ୍ର, ଅଜୟ ପଟେଲ, ଜିଲା ସାଧାରଣ ସମ୍ପାଦକ ଯଶବନ୍ତ ନାଏକ, ସୁଖଲାଲ ମୁଣ୍ଡା, ଜିଲା ଉପସଭାପତି ବିଶିକେଶନ ସା, କୃଷକ ମୋର୍ଚ୍ଚାର ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ସୁରେଶ ପଟେଲ, କଳାକୃଷ୍ଣ ଓରାମ,ସରୋଜ ପାଣିଗ୍ରାହୀ, ମଣ୍ଡଳ ସଭାପତି ସଞ୍ଜୟ ଦାସ, ସୁନିଲ ପଟେଲ, ଦୁବରାଜ ନାଏକ, ଉଦିତ ଖରସେଲ, ଭେଷଜ ରଥ, ରାଜକୁମାର ନାଏକ, ଦିନେଶ କର, ସଞ୍ଜିବ ସିଂ, ସିମେଶ୍ୱର ଲରିଆ, ବିମଲ ପଟେଲ, ଅସୀମ ପଟେଲ, ରାଜା କାକ, ଅଶୋକ ପଟେଲ, ମାନସ ସାହୁ, ସଦାନନ୍ଦ ବାଗ, ବ୍ରଜେନ୍ଦ୍ର ପ୍ରଧାନ, ପରକ୍ଷିତ ସାହୁ, ମହିଳା ନେତ୍ରୀ ଶାନ୍ତି ସରାଫ, ଅଞ୍ଜନା ପଟେଲ, ସଞ୍ଜୁଲତା ନାଏକ, ଭାରତୀ ରାଉତ, ରୁବି ପଟେଲ ସମେତ ସ୍ଥାନୀୟ ବହୁ ଭାଜପା ନେତୃମଣ୍ଡଳୀ ଓ କାର୍ଯ୍ୟକର୍ତ୍ତା ପ୍ରମୁଖ ସାମିଲ ଥିଲେ।


ସୁନ୍ଦରଗଡ଼ ସାଂସଦ, ବିଧାୟକ ଓ ଭାଜପା ପ୍ରତିନିଧିମଣ୍ଡଳୀ ଚାଷ ଜମି ବୁଲିଦେଖୁଛନ୍ତି।

## ସଂକ୍ଷେପରେ

### ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡିଜିପି ଡିସ୍କ ପାଇଲେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ



କୁଆଁରମୁଣ୍ଡା,୩୦।୮(ଡି.ଏନ.ଏ): ଉଲ୍ଲେଖନୀୟ ପୋଲିସ ସେବା ପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ସୁନ୍ଦରଗଡ଼, ରାଉରକେଲା, ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର ଓ ବରଗଡ଼ ପୋଲିସ ଜିଲାର ୪୪ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ରବିବାର ରାଉରକେଲା ସିଭିକ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ 'ଡିଜିପି ଡିସ୍କ' ପୁରସ୍କାର ପ୍ରଦାନ କରିଥିଲେ। ସେଥିମଧ୍ୟରୁ ୨୦୨୦-୨୧ ବର୍ଷ ପାଇଁ ସୁନ୍ଦରଗଡ଼ ପୋଲିସ ଜିଲାରୁ ଉଲ୍ଲେଖନୀୟ ପୋଲିସ ସେବା ପାଇଁ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମଙ୍କୁ ଡିଜିପି ଅଭୟ 'ଡିଜିପି ଡିସ୍କ' ପୁରସ୍କାର ପ୍ରଦାନ କରିଛନ୍ତି। ଏଥିପାଇଁ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥଙ୍କ ସମେତ ବୀରମିତ୍ରପୁର ଏସଡିପିଓ ମାନସରଞ୍ଜନ ପ୍ରଧାନ, ବୀରମିତ୍ରପୁର ଆଇଆଇସି ଶୁଚିସ୍ମିତା ଦାସ ଓ ଅନ୍ୟମାନେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଓରାମଙ୍କୁ ଏହି ଅବସରରେ ଅଭିନନ୍ଦନ ଜଣାଇଛନ୍ତି।

### ମିଶନ ଏମ୍ସ ସୁନ୍ଦରଗଡ ଟିମ୍ ଏମ୍‌ପିଙ୍କୁ ଦେଲେ ଦାବିପତ୍ର



ସୁନ୍ଦରଗଡ଼, ୩୦।୮(ଡି.ଏନ୍.ଏ.)-ସୋମବାର ସନ୍ଧ୍ୟାରେ ସୁନ୍ଦରଗଡ ସାଂସଦ ଜୁଏଲ ଓରାମଙ୍କୁ ମିଶନ ଏମ୍ସ ସୁନ୍ଦରଗଡ ଟିମ୍ ଚେୟାରମ୍ୟାନ ଡାକ୍ତର ଦିଲ୍ଲୀପ ମିଶ୍ରଙ୍କ ନେତୃତ୍ୱରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟର ଦ୍ୱିତୀୟ ଏମ୍ସ ସୁନ୍ଦରଗଡ ଠାରେ ସ୍ଥାପିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଠାରେ ସାଂସଦ ଜୁଏଲ ଓରାମଙ୍କ ସମର୍ଥନ ଓ ସହଯୋଗ କାମନା କରିଥିଲେ ଏହି ଟିମ୍ । ସାଂସଦ ଓରାମ କମିଟିର ସଦସ୍ୟମାନଙ୍କ ସହିତ ଏକ ରୁଦ୍ଧଦ୍ୱାର ବୈଠକ କରି ସେ କେବେ ସୁନ୍ଦରଗଡ ଠାରେ ଏମ୍ସ ସ୍ଥାପନ ପାଇଁ ବିରୋଧ କରିନାହାନ୍ତି ବରଂ ସୁନ୍ଦରଗଡ଼ଠାରେ ଏମ୍ସ ସ୍ଥାପନ ହେଲେ ସବୁଠାରୁ ଖୁସି ହେବେ କହିଛନ୍ତି। ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀର ଜନସାଧାରଣ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ନାଗରିକ କମିଟିର ସଭାପତି ଅଶୋକ କୁମାର ଦାଶ, ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ପୂର୍ବତନ ତଳସରା ବିଧାୟକ ପ୍ରଫୁଲ୍ଲ କୁମାର ମାଝି, ପୂର୍ବତନ ନଗରପାଳ ରାଜକିଶୋର ଷଡଙ୍ଗୀ, ବିଜେଡି ନେତା ହରଯେନ୍ଦ୍ର ସିଂ, କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଭବାନୀ ପ୍ରସଦ ମାଝି, ସମାଜସେବୀ ସୁରୁ ମିଶ୍ର, ସନ୍ତୋଷ ଅମାତ, ଏସଡିଏଫ ଆବାହକ ଦିଲ୍ଲୀପ ପଟେଲ, ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ ଅଂଶ ଗ୍ରହଣ କରିଥିଲେ।

# ଜିଲା କ୍ରୀଡା ସଂସଦ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ

ସୁନ୍ଦରଗଡ଼,୩୦।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦରେ ମହାନ ହକି କିମ୍ବଦନ୍ତୀ ମେଜର୍ ଧ୍ୟାନଚାନ୍ଦଙ୍କ ଜନ୍ମଦିବସ ତଥା ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ପ୍ରତିବର୍ଷ ଏହି ଦିନକୁ ସୁନ୍ଦରଗଡ଼ କ୍ରୀଡ଼ାପ୍ରେମୀ ଅତ୍ୟନ୍ତ ଉତ୍ସାହ ସହକାରେ ପାଳନ କରିଥାନ୍ତି। ସମଗ୍ର ଦେଶରେ ସୁନ୍ଦରଗଡ଼ ଜିଲା ତାର କ୍ରୀଡ଼ା ପରାକାଷ୍ଠା ପ୍ରଦର୍ଶନ ପାଇଁ ସାଉଁଟି ଆଣିଛି ଅନେକ ଗୌରବ। ଚଳିତ ବର୍ଷ ଅନୁଷ୍ଠିତ ଅଲିମ୍ପିକ କ୍ରୀଡ଼ାରେ ଜିଲାର ଚାରି ଜଣ ହକି ଖେଳାଳି ଭାଗନେଇ ବୃଦ୍ଧି କରିଛନ୍ତି ଜିଲାର ସମ୍ମାନ। ପୁରୁଷ ହକିରେ ଭାରତ ବହୁ ଦଶନ୍ଧି ପରେ ପଦକ ଜିତିଥିବାରୁ ଏହା ତାଙ୍କ ଜନ୍ମଦିନରେ ଉପହାର ବୋଲି ଆୟୋଜିତ ସଭାରେ ମତପ୍ରକାଶ ପାଇଛି। ପ୍ରକାଶ ଯୋଗ୍ୟ ଯେ ଏହି ହକି କିମ୍ବଦନ୍ତୀ ୧୯୫୯ ମସିହାରେ ଗୋଟିଏ ଦିନ ରାତ୍ରୀଯାପନ କରିଥିଲେ ଏହି ହକିର ଗଡ " ସୁନ୍ଦରଗଡ଼" ରେ । ରବିବାର ଅନୁଷ୍ଠିତ ଏହି ଉତ୍ସବରେ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ସଭାପତିତ୍ୱ କରିଥିଲେ। ସର୍ବପ୍ରଥମେ ମେଜର୍ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଦୀପ ପ୍ରଜ୍ୱଳନ କରାଯାଇଥିଲା। ସାଧାରଣ ସଂପାଦକ ପ୍ରଭାତ କୁମାର ଭୋଳ ହକି ପ୍ରତି ଧ୍ୟାନ ଚାନ୍ଦଙ୍କ ଅବଦାନକୁ ମନେ ପକାଇ ସେ ଆମ ପାଇଁ ଚିର ନମସ୍ୟ ହୋଇ ରହିବେ ବୋଲି ମତପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ସଂସଦର ସହ ସଂପାଦକ ଜୟଦେବ ପାତ୍ର, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, ସଦସ୍ୟ ଅଶିନୀ ଭୋଳ,ବିମଳ ବୋଷ, ପ୍ରଶାନ୍ତ ପଟେଲ,ଶିଶିର ପଟେଲ,ପ୍ରସାଦ ନାଏକ,ସୁରଜ ଭାଇଁଶାଲ, ବୀରମିତ୍ର କାଲୋ, ନିତ୍ୟ କୁମାର ବଳଙ୍କ ସହିତ କ୍ରୀଡ଼ାପ୍ରେମୀ ରାଜେନ୍ଦ୍ର ପଣ୍ଡା, ମୀନକେତନ ପୂଜାରୀ, ସମାପ୍ତେନ୍ଦୁ ମେହେର, ରାଜା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଂସଦ ସଦସ୍ୟ ବିଶ୍ୱରଂଜନ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ଶୌଚାଳୟ ସଫା କରିବାକୁ ଆସି ଟ୍ରକ୍ ଭାଙ୍ଗିଲା କରୋନା ପରୀକ୍ଷା କେନ୍ଦ୍ର



ଟ୍ରକ୍ ଧକ୍କାରେ କରୋନା ପରୀକ୍ଷାକେନ୍ଦ୍ର ଭାଙ୍ଗିଯାଇଛି ।

କୁତ୍ରା, ୩୦।୮ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଶୌଚାଳୟ ସଫା କରିବାକୁ ଆସିଥିବା ଏକ ଟ୍ରକ କରୋନା ପରୀକ୍ଷା କେନ୍ଦ୍ର ଭାଙ୍ଗିଦେଇଛି। ଘଟଣାରୁ ପ୍ରକାଶ, ସୋମବାର କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଥିବା ଶୌଚାଳୟ ସେପ୍‌ଟି ଟାଙ୍କି ସଫା କରିବା ପାଇଁ ଏକ ଟ୍ରକ ଏପି ୦୫ ଡବ୍ଲୁ ୧୨୫୨ ଆସିଥିଲା। ତେବେ ଗାଡି ଚାଳକ ଗାଡିକୁ ପଛକୁ ନେଉଥିବା ବେଳେ ପଛପଟେ ଥିବା କରୋନା ପରୀକ୍ଷା କେନ୍ଦ୍ର ଗୃହକୁ ଧକ୍କା ଦେଇଥିଲା ଫଳରେ ଘରର କାନ୍ଥ ସମେତ କବାଟ ଭାଙ୍ଗିଯିବା ସହ ଘରଭିତରେ ଥିବା ଜିନିଷ ପତ୍ର ଭାଙ୍ଗିଯାଇଛି। ଚାଳକଙ୍କ ବେପରୁଆ ଗାଡିଚାଳନା ଯୋଗୁ ଏଭଳି ଅଭାବନୀୟ ଘଟଣା ଘଟିଛି। ଜନ୍ମାଷ୍ଟମୀ ପାଇଁ କରୋନା ପରୀକ୍ଷା ବନ୍ଦ ଥିବାରୁ ପରୀକ୍ଷା କେନ୍ଦ୍ର ବନ୍ଦ ଥିଲା। ତେଣୁ କେହି ନ ଥିବାରୁ ଏକ ବଡ଼ ଦୁର୍ଘଟଣା ହେବାରୁ ବର୍ତ୍ତିଯାଇଛି। ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ଉକ୍ତ ଗାଡି ମାଲିକଙ୍କୁ ଡକାଇ ଏହାର କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। ଗାଡି ମାଲିକ କ୍ଷତିପୂରଣ ଦେବା ପାଇଁ ରାଜି ହୋଇଥିବା ଜଣାପଡ଼ିଛି।

# ଫୁଟବଲ ଟୁର୍ନାମେଣ୍ଟ: ଡୁଡ଼ାଲଗା ଚାମ୍ପିୟନ


ପ୍ରତିଭା ଚୟନ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

ବଡ଼ଗାଁ, ୩୦।୮(ଡି.ଏନ୍.ଏ.):

ସୁନ୍ଦରଗଡ଼ ଜିଲା ବଡ଼ଗାଁ ମିନିଷ୍ଟାଡ଼ିୟମଠାରେ ଜିଲା କ୍ରୀଡ଼ା ସଂଘ ଓ ଜୟ ହିନ୍ଦ କ୍ଲବ ସହଯୋଗରେ ପ୍ରତିଭା ଚୟନ ପାଇଁ ୨୫ରୁ ଆରମ୍ଭ ହୋଇଥିବା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ବ୍ଲକ ଅଞ୍ଚଳର ୪୨ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଡୁଡ଼ାଲଗା ଟିମ୍ ୧-୦ ଗୋଲରେ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବଡ଼ଗାଁ ଥାନା ଆଇଆଇସି ବୀରକିଶୋର ମଲ୍ଲିକ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୭ହଜାର ଟଙ୍କା ଓ ଟ୍ରଫି, ରନର୍ସ ଟିମ୍‌କୁ ୫ହଜାର ଟଙ୍କା ଟ୍ରଫି ପ୍ରଦାନ କରିଥିଲେ। ଡ଼ିଲେଶ୍ୱର କିଷାନ, ଛତ୍ରପତି କିଷାନ, ବଲ୍ଲଭ ଭୋଇ, ରବୀନ୍ଦ୍ର ଲୁଗୁନ୍ ଖେଳ ପରିଚାଳନା କରିଥିଲେ। ଝଣ୍ଟୁ ମଇଲ, କରନ ହାଁସଦା, ବିଜୟ, ରଞ୍ଜିତ, ଗୌରାଙ୍ଗ, ସମ୍ପିତ, ନାରାୟଣ, ଅଶୋକ, ଗଙ୍ଗା, ଦେବାଶୀଷ ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

# ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ

ଲହୁଣୀପଡା,୩୦।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଗୋପନା ପଞ୍ଚାୟତ ଅନ୍ତର୍ଗତ ହାତୀକୁଚା ଗ୍ରାମରେ ସୋମବାର ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସର୍ବପ୍ରଥମେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଫଟୋ ଚିତ୍ରରେ ଧୂପଦୀପ, ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପୂଜାର୍ଚ୍ଚନା ପରେ ଗ୍ରାମର ଶ୍ରଦ୍ଧାଳୁମାନେ ନାମ ସଂକୀର୍ତ୍ତନ କରିଥିଲେ। ତାପରେ ଏକ ଧର୍ମସଭା ହୋଇଥିଲା। ଏହି ଅବସରରେ ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ କର୍ମକର୍ତ୍ତା ଶାନ୍ତନୁ କୁସୁମ ଯୋଗଦେଇ ୧୯୬୪ ମସିହା ପବିତ୍ର ଜନ୍ମାଷ୍ଟମୀ ତିଥିରେ ବମ୍ବେର ସାନ୍ଦୀପନି ଆଶ୍ରମରେ ବିଶ୍ୱହିନ୍ଦୁ ପରିଷଦ ପ୍ରତିଷ୍ଠା ହୋଇଥିବାର ଉଦେଶ୍ୟ ଓ ଆଭିମୁଖ୍ୟ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଭାଗ କାର୍ଯ୍ୟକର୍ତ୍ତା ରାଜେନ୍ଦ୍ର ମହାନ୍ତ, ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ଚୁଡାମଣୀ ମହାନ୍ତ, ଜିଲା ସଭାପତି ହୃଦୟ କୁମାର ମହାନ୍ତ ପ୍ରମୁଖ ମଞ୍ଚାସୀନ ରହି ଶ୍ରୀକୃଷ୍ଣଙ୍କ ଜନ୍ମଚରିତ୍ର ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସୁରେନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୈଳାଶ ଚନ୍ଦ୍ର ମହାନ୍ତ, ଦୀନବନ୍ଧୁ ମହାନ୍ତ, ରାମପାଣି ମହାନ୍ତ, ଜ୍ଞାନେନ୍ଦ୍ର ମହାନ୍ତ, ଲବ ମହାନ୍ତ, ପୁଷ୍ପଲତା ମହାନ୍ତ, ରୁକ୍ମଣୀ ମହାନ୍ତ, ସଂଘମିତ୍ରା ମହାନ୍ତ, ଲବଣି ମହାନ୍ତ, ଯଶୋଦା କିଷାନ, ଚାଇନ ମହାନ୍ତ ଅଂଶଗ୍ରହଣ କରିଥିଲେ।

# ଜିଲା କ୍ରୀଡ଼ା ପ୍ରକଳ୍ପଠାରେ ଜାତୀୟ କ୍ରୀଡା ଦିବସ

ସୁନ୍ଦରଗଡ,୩୦।୮(ଡି.ଏନ.ଏ.)

ସ୍ଥାନୀୟ ଭବାନୀପୁର ଜିଲା କ୍ରୀଡା ପ୍ରକଳ୍ପଠାରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ହକି କିମ୍ବଦନ୍ତୀ ପୁରୁଷ ମେଜର ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ସଭାରେ ଜିଲା ହକି ସଂଘର ସଭାପତି ଭିକ୍ଟର କୁଜୁର ମୁଖ୍ୟ ଅତିଥି ଏବଂ ରାଜେଶ୍ୱର ଟପୋ, ସାଇ କ୍ରୀଡା ଛାତ୍ରାବାସର ଅଧିକାରୀ ତଥା ମୁଖ୍ୟ ହକି ପ୍ରଶିକ୍ଷକ ଆବ୍ରାହାମ କିସ ପଟ୍ଟା, ରାଜ୍ୟ କ୍ରୀଡା ଛାତ୍ରାବାସର ବରିଷ୍ଠ ହକି ପ୍ରଶିକ୍ଷକ ତେଜ କୁମାର ଖେସ, ପିକେ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ଧ୍ୟାନଚାନ୍ଦଙ୍କ ଜୀବନୀ ଉପରେ ଆଲୋକ ପାତ କରିଥିଲେ। ଜିଲା କ୍ରୀଡା ଅଧିକାରୀ ମିଲଟନ ବିଲୁଙ୍ଗ ସଭା ସଞ୍ଚାଳନ କରି ଥିଲେ।ଏହି ଅବସରରେ ସାଇ ହଷ୍ଟେଲ ବାଳିକା ବିଭାଗ ପକ୍ଷରୁ ଏକ ହକି ଖେଳ ଅନୁଷ୍ଠିତ ହୋଇଥିଲା ।

# ମାସେ ଭିତରେ ନିଷ୍ପତ୍ତି ନିଅ: ହାଇକୋର୍ଟ

## ଶିକ୍ଷକଙ୍କ କାର୍ଯ୍ୟକାଳ ସମ୍ପର୍କିତ ବିବାଦ

କଟକ ଅଫିସ,୩୦।୮:

ସମ୍ବଲପୁର ଶିକ୍ଷା ସର୍କଲରେ ଶିକ୍ଷକଙ୍କ କାର୍ଯ୍ୟକାଳ ସମ୍ପର୍କିତ ବିବାଦ ମାମଲାର ଶୁଣାଣି ହାଇକୋର୍ଟରେ ହୋଇଛି। ଆବେଦନକାରୀଙ୍କ ନିଯୁକ୍ତି ବର୍ଷକୁ ୨୦୧୧ ବଦଳରେ ୧୯୯୯ ଗ୍ରହଣ କରିବା ପ୍ରସଙ୍ଗରେ ଏକ ମାସ ଭିତରେ ନିଷ୍ପତ୍ତି ଗ୍ରହଣ କରିବାପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଓ ସମ୍ବଲପୁର ଜିଲା ଶିକ୍ଷା ଅଧିକାରୀଙ୍କୁ ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବା ବେଳେ ସୁଦାମ ତଣ୍ଡିଙ୍କ ପ୍ରସଙ୍ଗକୁ ବିଚାରକୁ ନିଆଯିବ ବୋଲି ହାଇକୋର୍ଟ କହିଛନ୍ତି। ଖଣ୍ଡପୀଠ ପରମେଶ୍ୱର ବାରିକ ଓ ଅନ୍ୟ ୯ଜଣଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜିତ କୁମାର ସାମଲ ମାମଲା ପରିଚାଳନା କରୁଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ,ସମ୍ବଲପୁର ଶିକ୍ଷା ସର୍କଲରେ ୧୯୯୬ରୁ ୧୯୯୯ ମଧ୍ୟରେ ପ୍ରାଥମିକ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଜାଲିଆତି ନେଇ ଅଭିଯୋଗ ହୋଇଥିଲା। ସମ୍ବଲପୁର ସର୍କଲରେ ୧୧୬୫ଟି ପ୍ରାଥମିକ ଶିକ୍ଷକ ପଦ ଥିବାବେଳେ ଚଞ୍ଚକତା କରି ତତ୍କାଳୀନ ସ୍କୁଲ ଇନ୍ସପେକ୍ଟର ୧୮୭୧ଜଣଙ୍କୁ ନିଯୁକ୍ତି ଦେଇଥିଲେ। ୧୯୯୬ ଅଗଷ୍ଟ ୧୬ରୁ ୧୯୯୯ ମେ ୧୮ ମଧ୍ୟରେ ଏପରି ବେଆଇନ ନିଯୁକ୍ତି ପ୍ରଦାନ କରାଯାଇଥିବା ବେଳେ ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲ(ସ୍ୟାଟ୍) ଏ ସଂପର୍କିତ ମାମଲାର ଶୁଣାଣି କରି ଏକ ଉଚ୍ଚସ୍ତରୀୟ କମିଟି ତଦନ୍ତ ଲାଗି ଗଠନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨୦୦୦ ମାର୍ଚ୍ଚ ୩ରେ ସ୍ୟାଟ୍ ପ୍ରଦାନ କରିଥିବା ନିର୍ଦ୍ଦେଶ ଆଧାରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମ୍ବଲପୁର ସର୍କଲରେ ପ୍ରାଥମିକ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ହୋଇଥିବା ଅନିୟମିତତାର ତଦନ୍ତ ପାଇଁ କମିଟି ଗଠନ କରିଥିଲା। ବିଭାଗର ଅତିରିକ୍ତ ସଚିବ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନେଇ ଗଠିତ କମିଟି ୨୦୦୨ ମାର୍ଚ୍ଚ ୬ରେ ରିପୋର୍ଟ ପ୍ରଦାନ କରିଥିଲା। ଏହି ରିପୋର୍ଟରେ ସମ୍ବଲପୁର ଶିକ୍ଷା ସର୍କଲର ନିର୍ଦ୍ଦିଷ୍ଟ ସ୍କୁଲ ଇନ୍ସପେକ୍ଟରଙ୍କ କାର୍ଯ୍ୟକାଳ ସମୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଉଲ୍ଲେଖ ରହିଥିଲା। ଏଭଳି ନିଯୁକ୍ତି ଜାଲିଆତି ପ୍ରସଙ୍ଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କମିଟି ସୁପାରିଶ କରିଥିଲା। ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନ ଥିବା ବ୍ୟକ୍ତି ଜାଲିଆତି କରି ସମ୍ବଲପୁର ସର୍କଲରେ ପ୍ରାଥମିକ ଶିକ୍ଷକ ଚାକିରୀ ପାଇଥିବା ବେଳେ ସରକାରଙ୍କ ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଇଥିବା ଘଟଣା ସ୍ପଷ୍ଟ ହୋଇଥିଲା। ଜାଲିଆତି ଅଭିଯୋଗ ପରେ ଶିକ୍ଷକଙ୍କୁ ଚାକିରିରୁ ଅନ୍ତର କରାଯାଇଥିଲା। ଏହାପରେ ସରକାରଙ୍କ ନିଷ୍ପତ୍ତିବିରୋଧରେ ଚାକିରି ହରାଇଥିବା ଶିକ୍ଷକମାନେ ସ୍ୟାଟ୍ ଓ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତରେ ମାମଲାର ରାୟ ଶିକ୍ଷକଙ୍କ ସପକ୍ଷରେ ଯିବା ପରେ ୨୦୧୧ରେ ଏହି ଶିକ୍ଷକଙ୍କୁ ଚାକିରିରେ ପୁନଃ ଅବସ୍ଥାପିତ କରାଯାଇଥିଲା। କିନ୍ତୁ ଚାକିରି ନିୟମିତ କରାଯିବା ବେଳେ ପୁଣି ବିବାଦ ଦେଖାଦେଇଛି। ସରକାର ଏହି ଶିକ୍ଷକଙ୍କ କାର୍ଯ୍ୟକାଳକୁ ୨୦୧୧ରୁ ଗ୍ରହଣ କରୁଛନ୍ତି। ଏହା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ଦର୍ଶାଇ ୧୦ ଜଣ ଶିକ୍ଷକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# କଳାକାର ସମାବେଶ, ସଚେତନତା କାର୍ଯ୍ୟକ୍ରମ

ସାଂସଦ, ବିଧାୟକ, ଭାଜପା ପ୍ରତିନିଧି ମଣ୍ଡଳୀଙ୍କ ମରୁଡ଼ି ଅଞ୍ଚଳ ଗସ୍ତ

ଲହୁଣୀପଡ଼ା,୩୦।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଗ୍ରାମ ସଭା ଗୃହଠାରେ ରବିବାର କଳାକାର ସମାବେଶ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଆକାଶବାଣୀ ଲୋକ କଳା ନିର୍ଦ୍ଦେଶକ ରମେଶ ସୁନା, ସମ୍ମାନିତ ଅତିଥି ଭାବେ ସଂକୀର୍ତ୍ତନ ଗୁରୁ ରଜନୀକାନ୍ତ ଆଚାର୍ଯ୍ୟ ଯୋଗ ଦେଇଥିଲେ। ବଣାଇର ବିଶିଷ୍ଟ କଳାକାର ତଥା ବଣାଇଁ ବ୍ଲକ ଉପ ସଭାପତି ଖଗେଶ୍ୱର ବାରିକ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ କଳାକାର ସୁକଦେବ ପଲାଇ ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଭା ପ୍ରାରମ୍ଭରେ କେ.ବଲାଙ୍ଗ ଓ ଉଲକୁଣ୍ଡେଇ ଗ୍ରାମର କୀର୍ତ୍ତନ ଦଳ ଯୋଗଦେଇ ବାଦ୍ୟ ନୃତ୍ୟ ତାଳେ ତାଳେ ଅତିଥିଙ୍କୁ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ। ରାଜ୍ୟର ୩୦ ଜିଲାରେ ପୁଣି ଥରେ ଗଡିବ କୋଭିଡ ସଚେତନତା ରଥ। ସେଥିପାଇଁ ସଂସ୍କୃତି ବିଭାଗ ଓ ୟୁନିସେଫ ତରଫରୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।


ସଂକୀର୍ତ୍ତନ କରି ଅତିଥିମାନଙ୍କୁ କଳାକାରମାନେ ପାଛୋଟି ନେଉଛନ୍ତି ।

ଉକ୍ତ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ନେଇଥିବା ବରିଷ୍ଠ କଳାକାରମାନେ ସେ ସମ୍ପର୍କରେ ଗ୍ରାମାଞ୍ଚଳ କଳାକାରଙ୍କୁ ସଚେତନ କରାଇବା ଓ ନିଜ ଅଞ୍ଚଳରେ କୋଭିଡ ରଥକୁ ପରିକ୍ରମା କରାଇବା ସହିତ ବିଭିନ୍ନ ଜନହିତକର ବାର୍ତ୍ତା କେମିତି ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେ ସମ୍ପର୍କରେ ବିସ୍ତୃତ ଭାବରେ ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ଉପସ୍ଥିତ କଳାକାରଙ୍କୁ ସୂଚନା ଦେଇଥିଲେ। ସଭା ଶେଷରେ କୋଇଡା ବ୍ଲକ ଉପସଭାପତି ଗଣତନ୍ତ୍ର ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମ ସୁନ୍ଦରମଣି ଦାସଙ୍କ ନେତୃତ୍ୱରେ ହୋଇଥିଲା। ଶ୍ରୀମନ୍ତ ମହାକୂଳ, ହୃଦାନନ୍ଦ ବେହେରା, ଶଶିରେଖା ମାହାନ୍ତ, ଗୀତାଞ୍ଜଳି ମାହାନ୍ତ, ନମିତା ମାହାନ୍ତ, ମିନା ଦେହୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।